ଧରିତ୍ରୀ DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯/୨୦୨୩ (୨୦ ପୃଷ୍ଠା) Bhubaneswar, Tuesday, December 19/2023 Page 20 ₹ 7.00
୫୦ଶ ଭାଗ ୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 26 ମୂଲ୍ୟ₹୭/-

DSPL-467

5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

"ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଏ ସେଥିପ୍ରତି ମୁଁ ଦୃଷ୍ଟି ରଖିଛି।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖାଦ୍ୟ ସୁରକ୍ଷାର ଭରସା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ
ମାଗଣା ଚାଉଳ ବଣ୍ଟନର ଅବଧିକୁ
ଆଗାମୀ ୫ ବର୍ଷ ପାଇଁ ସମ୍ପ୍ରସାରଣ



✓ ପ୍ରତ୍ୟେକ ହିତାଧିକାରୀଙ୍କୁ, ପ୍ରତି ମାସ, ମାଗଣାରେ ୫ କିଲୋଗ୍ରାମ ଚାଉଳ ଯୋଗାଣ

✓ ସମୁଦାୟ ୧୨୫୦ କୋଟି ଟଙ୍କାର ବ୍ୟୟବରାଦ

OIPR-07001/13/0008/2324







ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## ସଂକ୍ଷେପରେ

### ବାଇଡେନ୍‌ଙ୍କ କାର୍‌କେଡ୍‌କୁ ଧକ୍କାଦେଲା କାର୍

ୱାଶିଂଟନ,୧୮।୧୨: ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍‌କେଡ୍‌ର ଏକ ଏସ୍‌ୟୁଭିକୁ ରବିବାର ରାତିରେ ଡେଲାୱେରେର ୱିଲ୍‌ମିଙ୍ଗଟନ୍‌ଠାରେ ଏକ କାର୍ ଧକ୍କା ଦେଇଛି। ବାଇଡେନ୍ ଓ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ସେମାନଙ୍କ ନିର୍ବାଚନ ପ୍ରଚାର ମୁଖ୍ୟାଳୟରୁ ବାହାରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବାରୁ ସେମାନଙ୍କର କିଛି କ୍ଷତି ହୋଇନାହିଁ। ହ୍ୱାଇଟ୍ ହାଉସ୍ ପ୍ରେସ୍ ରିପୋର୍ଟ ଅନୁଯାୟୀ ଡାଉନ୍‌ଟାଉନ୍ ୱିଲ୍‌ମିଙ୍ଗଟନ୍‌ରେ ଥିବା ବାଇଡେନ୍-ହାରିସ ୨୦୨୪ ହେଡ୍‌କ୍ୱାର୍ଟର୍ସକୁ ବାଇଡେନ୍ ଯାଇଥିଲେ। ସେଠାରେ ସେ ତାଙ୍କ ନିର୍ବାଚନ ଟିମ୍‌ର ଅନ୍ୟ ସଦସ୍ୟମାନଙ୍କ ସହ ଭୋଜନ କରିଥିଲେ। ଏହି ସମୟରେ ବର୍ଷା ହୋଇଥିଲା। ବାଇଡେନ୍ ପ୍ରଚାର ଅଫିସରୁ ବାହାରି ଏସ୍‌ୟୁଭି ପାଖକୁ ଯାଉଥିବାବେଳେ ୟୁଏସ୍ ସିକ୍ରେଟ୍ ସର୍ଭିସ୍ ଯାନକୁ ଅନ୍ୟ ଏକ କାର୍ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ସିକ୍ରେଟ୍ ସର୍ଭିସ୍ କର୍ମଚାରୀମାନେ କାର୍‌କୁ ଘେରିଯାଇ ଡ୍ରାଇଭରଙ୍କୁ ଧରିନେଇଥିଲେ। ଏହି ସମୟରେ ଶବ୍ଦ ଶୁଣି ବାଇଡେନ୍ ଆଶ୍ଚର୍ଯ୍ୟ ହୋଇ ଗାଡ଼ିକୁ ଚାହିଁରହିଥିଲାବେଳେ ଜିଲ୍ ତାଙ୍କ ଗାଡ଼ିରେ ବସିସାରିଥିଲେ।

### ଦାଉଦ୍ ମୃତ୍ୟୁ ଖବର ମିଛ



ନୂଆଦିଲ୍ଲୀ,୧୮।୧୨

ଭାରତର ମୋଷ୍ଟୱାଣ୍ଟେଡ୍ ପଳାତକ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମଙ୍କର ମୃତ୍ୟୁ ଘଟିଥିବା ଖବର ବିଭିନ୍ନ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବାବେଳେ ତାହା ଠିକ୍ ନୁହେଁ ବୋଲି କେତେକ ଫ୍ୟାକ୍ଟ ଚେକର୍ ସ୍ପଷ୍ଟ କରିଛନ୍ତି। ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ଅନଓ୍ୱର ଉଲ୍ ହକ୍ କକରଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ଦାଉଦ୍ ମୃତ୍ୟୁ ଖବର ଆସିଥିବା ଦର୍ଶାଇ କେତେଜଣ ଉକ୍ତ ସ୍କ୍ରିନ୍ ସଟ୍‌କୁ ପୋଷ୍ଟ କରିଥିଲେ। ତେବେ ଉକ୍ତ ଆକାଉଣ୍ଟ ଫେକ୍ ବୋଲି ପରେ ଜଣାପଡ଼ିଥିଲା। ଦାଉଦ ଜୀବିତ ଓ ସୁସ୍ଥ ଥିବା ତାଙ୍କ ଘନିଷ୍ଠ ସହଯୋଗୀ ଛୋଟା ସକିଲ ଗଣମାଧ୍ୟମକୁ ଜଣାଇଛନ୍ତି। ଦାଉଦଙ୍କୁ ବିଷ ଦିଆଯାଇଥିବାରୁ ଗୁରୁତର ଅବସ୍ଥାରେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଖବର ଆସିଥିଲା। ତେବେ ଏସବୁ ଗୁଜବ ବୋଲି ନିର୍ଭରଯୋଗ୍ୟ ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି।

### ହସ୍ପିଟାଲରେ ନିଆଁ: ୨ ମୃତ

ଲକ୍ଷ୍ନୌ,୧୮।୧୨

ଲକ୍ଷ୍ନୌର ଏକ ସରକାରୀ ହସ୍ପିଟାଲର ଅସ୍ତ୍ରୋପଚାର ପ୍ରକୋଷ୍ଠରେ ସୋମବାର ନିଆଁ ଲାଗି ଜଣେ ମହିଳା ଓ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ସଞ୍ଜୟ ଗାନ୍ଧୀ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକଲ ସାଇନ୍ସେସ୍ ହସ୍ପିଟାଲରେ ଏହି ଅଗ୍ନି ଦୁର୍ଘଟଣା ଘଟିଛି। ମହିଳା ଜଣକ ଅସ୍ତ୍ରୋପଚାର ପାଇଁ ଯାଇଥିଲେ। ସେହିପରି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପାଇଁ ଆସିଥିବା ଶିଶୁର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି।




ପାର୍ଲାମେଣ୍ଟ ସୁରକ୍ଷା ଉପରେ ଆଲୋଚନା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ସୋମବାର ସଂସଦ ଭବନ ପ୍ରବେଶପଥରେ ନିଲମ୍ବିତ ଏମ୍‌ପିମାନଙ୍କ ସହ ଶିବସେନା(ୟୁବିଟି) ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ ଧାରଣାରେ ବସିଛନ୍ତି।

# ମୋବାଇଲ ନେଟ୍‌ୱର୍କକୁ ଅକ୍ତିଆର କରିପାରିବ କେନ୍ଦ୍ର

### ଲୋକ ସଭାରେ ଟେଲିକମ୍ୟୁନିକେଶନ୍ସ ବିଲ୍ ଆଗତ

ନୂଆଦିଲ୍ଲୀ,୧୮।୧୨

ଜନସାଧାରଣଙ୍କ ନିରାପତ୍ତା କିମ୍ବା ଜରୁରୀ ସ୍ଥିତିରେ କେନ୍ଦ୍ର ସରକାର ଯେକୌଣସି ଟେଲି ଯୋଗାଯୋଗ ନେଟ୍‌ୱର୍କକୁ ସାମୟିକ ଭାବେ ନିଜ ଅକ୍ତିଆରକୁ ନେଇପାରିବେ। କେନ୍ଦ୍ର ଆଣିଥିବା ପ୍ରସ୍ତାବିତ ଟେଲିକମ୍ୟୁନିକେଶନ ଆଇନରେ ଏଭଳି ବ୍ୟବସ୍ଥା ରହିଛି। ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୃହରେ ଉତ୍ତର ରଖନ୍ତୁ ବୋଲି ବିରୋଧୀ ସଦସ୍ୟମାନେ ଦାବି ଜାରି ରଖିଥିବାବେଳେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର



ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଲୋକ ସଭାରେ ଟେଲିକମ୍ୟୁନିକେଶନ୍ସ ବିଲ୍,୨୦୨୩ ଉପସ୍ଥାପନ କରିଛନ୍ତି। ଜରୁରୀ ସ୍ଥିତି ଉପୁଜିଲେ କିମ୍ବା ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯଦି କେନ୍ଦ୍ର କିମ୍ବା ରାଜ୍ୟ ସରକାର ଅଥବା ଉଭୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଅଧିକୃତ କୌଣସି ଅଧିକାରୀ ଅନୁଭବ କରନ୍ତି ଯେ, ମୋବାଇଲ ନେଟ୍‌ୱର୍କକୁ ସାମୟିକ ଭାବେ ଅକ୍ତିଆର କରିବାକୁ ହେବ, ତେବେ ସେମାନେ ବିଜ୍ଞପ୍ତି ଦେଇ ତାହା କରିପାରିବେ। ସେହିପରି ଜାତୀୟ ସୁରକ୍ଷା କାରଣରୁ ପ୍ରସାରଣ ନିଷିଦ୍ଧ ହୋଇ ନ ଥିଲେ ସ୍ୱୀକୃତିପ୍ରାପ୍ତ ଖବରଦାତାଙ୍କ ବାର୍ତ୍ତାକୁ ଅବରୋଧ କରାଯିବ ନାହିଁ। ଚିଠା ବିଲ୍‌ର ଧାରା (କ) ଏବଂ ଉପଧାରା(୨)ରେ ସେମାନଙ୍କ ପ୍ରସାରଣକୁ ନିଷିଦ୍ଧ କରାଯାଇ ନ ଥିଲେ ଭାରତରେ ପ୍ରକାଶିତ ହେବାକୁ ଥିବା ପ୍ରେସ୍ ବାର୍ତ୍ତା, କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଖବରଦାତାଙ୍କ ବାର୍ତ୍ତାକୁ ଅଟକାଯିବ ନାହିଁ। ଜନସୁରକ୍ଷା ଦୃଷ୍ଟିରୁ ସରକାର ଯେକୌଣସି ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବାର୍ତ୍ତାକୁ ସିଧାସଳଖ ଅବରୋଧ କରିପାରିବେ। ସେହିପରି ଟେଲି ଯୋଗାଯୋଗ ନେଟ୍‌ୱର୍କକୁ ସ୍ଥଗିତ ରଖିବା କ୍ଷମତା ସରକାରଙ୍କୁ ଦିଆଯାଇଛି।

ବିଲ୍‌ରେ ଉଲ୍ଲେଖ ରହିଛି ଯେ, ଭାରତର ସାର୍ବଭୌମତ୍ୱ ଓ ସଂହତି ଦୃଷ୍ଟିରୁ, ରାଷ୍ଟ୍ରର ପ୍ରତିରକ୍ଷା ଓ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଯେକୌଣସି ବ୍ୟକ୍ତି ବା ବ୍ୟକ୍ତିସମୂହଙ୍କ ମଧ୍ୟରେ ବାର୍ତ୍ତା ଯେକୌଣସି ଟେଲି ଯୋଗାଯୋଗ ଉପକରଣରୁ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ କୌଣସି ଟେଲିକମ୍ୟୁନିକେଶନ ସେବା ବା ନେଟ୍‌ୱର୍କ ଦ୍ୱାରା ପ୍ରସାରଣ ହେବାକୁ ଆସିଥିଲେ ବା ହୋଇଥିଲେ କିମ୍ବା ନେଟ୍‌ୱର୍କ ଏହାକୁ ଗ୍ରହଣ କରିଥିଲେ ତାହାକୁ ପ୍ରସାରଣ କରାଯିବ ନାହିଁ କିମ୍ବା ଅଟକ ରଖାଯିବ ଅଥବା ଗୋଇନ୍ଦା ଅଧିକାରୀଙ୍କୁ ଅବଗତ କରାଯିବ। ବାର୍ତ୍ତାକୁ ବେଆଇନ ଭାବେ ଅବରୋଧ କରାଗଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡ ବ୍ୟବସ୍ଥା ରହିଛି। ଚିଠା ଆଇନରେ ଟେଲିକମ୍ ବିବାଦ ସମାଧାନ ଓ ଆପିଲେଟ୍ ଟ୍ରିବ୍ୟୁନାଲର ବ୍ୟବସ୍ଥା ମଧ୍ୟ ରହିଛି।

## ୮ ଆଇଏସ୍ ଆତଙ୍କବାଦୀ ଗିରଫ

ବେଙ୍ଗାଲୁରୁ,୧୮।୧୨

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କର୍ଣ୍ଣାଟକର ବଲାରିରୁ ଆଇଏସ୍ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କର ଆଇଇଡି ବିସ୍ଫୋରଣ ଯୋଜନାକୁ ପଣ୍ଡ କରିଦେଇଛି। କର୍ଣ୍ଣାଟକର ବଲାରି, ବେଙ୍ଗାଲୁରୁ ସମେତ ମହାରାଷ୍ଟ୍ରର ମୁମ୍ବାଇ, ପୁଣେ ଏବଂ ଦିଲ୍ଲୀ ଓ ଝାଡ଼ଖଣ୍ଡର ବୋକାରୋର ୧୯ଟି ସ୍ଥାନରେ ସୋମବାର ସକାଳେ ଏନ୍‌ଆଇଏ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସଲ୍‌ଫର, ପୋଟାସିୟମ ନାଇଟ୍ରେଟ୍, ଗନ୍‌ପାଉଡ଼ର, ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରଣ କରାଯିବାକୁ ଥିବା ପ୍ରସ୍ତାବିତ ସ୍ଥାନ ସମ୍ପର୍କିତ କାଗଜାତ

### ବିସ୍ଫୋରଣ ଯୋଜନା ପଣ୍ଡ

ମିଳିଛି। ଏଥିସହିତ ଧାରୁଆ ଅସ୍ତ୍ର, ନଗଦ ଅର୍ଥ ଏବଂ ଡିଜିଟାଲ ଉପକରଣ ମଧ୍ୟ ଆତଙ୍କବାଦୀମାନଙ୍କଠାରୁ ଜବତ ହୋଇଛି। ବଲାରି ମଡ୍ୟୁଲ୍‌ର ନେତା କୁହାଯାଉଥିବା ମିନାଜ ଓରଫ ମହମ୍ମଦ ସୁଲେମାନ ମଧ୍ୟ ଗିରଫ ହୋଇଛନ୍ତି। ସେମାନେ ପରସ୍ପର ସହ ଯୋଗାଯୋଗ ପାଇଁ ଆଇଏମ୍ ଆପ୍ ବ୍ୟବହାର କରୁଥିଲେ। ଚଢ଼ାଉରେ କର୍ଣ୍ଣାଟକର ବଲାରି ଏବଂ ବେଙ୍ଗାଲୁରୁ ପୋଲିସ ସାମିଲ ଥିଲେ। ସେମାନେ କଲେଜ ଛାତ୍ରଙ୍କୁ ଟାର୍ଗେଟ କରି ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟ ପାଇଁ ନିଯୁକ୍ତି ଦେଉଥିଲେ ବୋଲି ଜଣାପଡ଼ିଛି।

## ଜ୍ଞାନବାପି ସର୍ଭେ ରିପୋର୍ଟ କୋର୍ଟରେ ଦାଖଲ



ନୂଆଦିଲ୍ଲୀ,୧୮।୧୨

ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସୋମବାର ଅପରାହ୍ନରେ ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନସମ୍ମତ ସର୍ଭେ ରିପୋର୍ଟ ଜଉମୁଦ ଲଫାପାରେ ଉତ୍ତରପ୍ରଦେଶର ବାରାଣସୀ ଜିଲା ଜଜ୍ କୋର୍ଟରେ ଦାଖଲ କରିଛି। ତେବେ ଏହି ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରାଯିବ କି ନାହିଁ କିମ୍ବା ପିଟିଶନ ଦାଖଲ କରିଥିବା ହିନ୍ଦୁ ପକ୍ଷ ଅଥବା ମୁସଲମାନ ପକ୍ଷ ମଧ୍ୟରେ ଶେୟାର କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଗୁରୁବାର ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହିନ୍ଦୁ ପକ୍ଷ ଜଉମୁଦା ଲଫାପାରେ ରିପୋର୍ଟକୁ ବିରୋଧ କରିଥିବାବେଳେ ମୁସଲମାନ ପକ୍ଷ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ବିରୋଧ କରିଆସୁଛି। ସପ୍ତଦଶ ଶତାବ୍ଦୀର ଏହି ମସ୍‌ଜିଦ ଏକ ହିନ୍ଦୁ ମନ୍ଦିର ଉପରେ ନିର୍ମାଣ ହୋଇଥିବା ହିନ୍ଦୁ ପକ୍ଷ ଦାବି କରୁଥିବାରୁ ଏହାର ସର୍ଭେ ଆବଶ୍ୟକ ପଡ଼ିଥିଲା। ସୁପ୍ରିମକୋର୍ଟଙ୍କ ଦ୍ୱାରା ସିଲ୍ ହୋଇଥିବା ଅଞ୍ଚଳକୁ ବାଦ୍ ଦେଇ ମସ୍‌ଜିଦ ପରିସରର ଅବଶିଷ୍ଟ ଅଞ୍ଚଳର ସର୍ଭେ ଲାଗି ବାରାଣସୀ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଭାରତରେ ଚାଲିବନି ଚାଳକବିହୀନ କାର୍

ନୂଆଦିଲ୍ଲୀ,୧୮।୧୨

ଭାରତରେ ଚାଳକବିହୀନ କାର୍ ଚଳାଚଳ ପାଇଁ କଦାପି ଅନୁମତି ଦିଆଯିବ ନାହିଁ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ତାଙ୍କର ପ୍ରଥମ ଯୁକ୍ତି ହେଲା ଚାଳକବିହୀନ କାର୍ ଚଳାଚଳ ପାଇଁ ଅନୁମତି ଦେଲେ ଦେଶରେ ହଜାର ହଜାର ଡ୍ରାଇଭର ଚାକିରି ହରାଇବେ। ଡ୍ରାଇଭରଲେସ୍ କାର୍ ଚଳାଚଳ ପାଇଁ ଲମ୍ବା ରାସ୍ତା ଆବଶ୍ୟକ। ଭାରତରେ ନିରାପଦ ଓ ପ୍ରଯୁକ୍ତି ଦୃଷ୍ଟିରୁ ଅତ୍ୟାଧୁନିକ ଯାନ ନିର୍ମାଣ ଆରମ୍ଭ ହୋଇଗଲାଣି। ଗ୍ରାହକ ଏବେ ଶସ୍ତା ବଦଳରେ ନିରାପଦ ଏବଂ ଆକାଂକ୍ଷିତ ଉତ୍ପାଦ ଚାହୁଁଥିବା ପରିବହନ ମନ୍ତ୍ରୀ କହିଛନ୍ତି।



ସୂଚନାଯୋଗ୍ୟ, ଭାରତୀୟ ଗାଡ଼ି ବଜାରର ଦ୍ରୁତ ବୃଦ୍ଧିକୁ ନଜରରେ ରଖି ଆମେରିକାର ବିଦ୍ୟୁତ୍‌ଚାଳିତ କାର୍ ନିର୍ମାତା କମ୍ପାନୀ ଟେସ୍‌ଲା ଏଠାରେ ପ୍ରବେଶ ପାଇଁ ଉଦ୍ୟମ ଚଳାଇଛି। ତେବେ ଗାଡ଼ି ଆମଦାନି ଉପରୁ ଶୁଳ୍କ ରିହାତି ଲାଗି କମ୍ପାନୀ ଦାବି କରୁଛି। ଗଡ଼କରୀ ଟେସ୍‌ଲାକୁ ସ୍ୱାଗତ କରିଥିଲେ ମଧ୍ୟ ଏହା ଚାଇନାରୁ କାର୍ ଆମଦାନି ନ କରି ଭାରତରେ ନିର୍ମାଣ କରିବାକୁ ସର୍ତ୍ତ ରଖିଛନ୍ତି।

# ଷ୍ଟେଶନ ଜଳାର୍ଣ୍ଣବ: ଫସିଛନ୍ତି ୫୦୦ ଯାତ୍ରୀ

ଚେନ୍ନାଇ,୧୮।୧୨

ତାମିଲନାଡୁରେ ରବିବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାରୁ ଶ୍ରୀବୈକୁଣ୍ଠମ୍ ରେଳଷ୍ଟେଶନ ପାଣିରେ ବୁଡ଼ିଯାଇଛି। ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ୫୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସେଠାରେ ଫସିରହିଛନ୍ତି। ମାଟି ଅତଡ଼ା ଖସି ରେଳ ଟ୍ରାକ୍ ଭାସିଯାଇଛି। ଚାରିଆଡ଼େ ପାଣି ଯୋଗୁ ଷ୍ଟେଶନକୁ ଗାଡ଼ି ଯାଇପାରୁ ନାହିଁ। ତେଣୁ ରେଳଲାଇନ୍ ମରାମତି କାମ ହୋଇପାରୁ ନ ଥିବା କର୍ତ୍ତୃପକ୍ଷ କହିଛନ୍ତି। ଏନ୍‌ଡିଆର୍‌ଏଫ୍ ଟିମ୍ ଷ୍ଟେଶନରେ ପହଞ୍ଚିବାକୁ ଚେଷ୍ଟା କରୁଥିବାବେଳେ ଆକାଶମାର୍ଗରୁ ଖାଦ୍ୟ ପୁଡ଼ିଆ ପକାଇବାକୁ ଉଦ୍ୟମ ହେଉଛି।



ପ୍ରବଳ ବର୍ଷାରେ ଶ୍ରୀବୈକୁଣ୍ଠମ୍ ରେଳଷ୍ଟେଶନ ପାଣିରେ ବୁଡ଼ିଯାଇଛି।

କେତେକ ଅଞ୍ଚଳରୁ ବର୍ଷା ଛାଡ଼ିଥିଲେ ମଧ୍ୟ ଡ୍ୟାମ୍‌ରୁ ବଳକା ଜଳ ପ୍ରବାହ ଜାରି ରହିଥିବାରୁ ଖାଲୁଆ ଅଞ୍ଚଳଗୁଡ଼ିକ ବୁଡ଼ିରହିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ମଙ୍ଗଳବାରକୁ ସମୟ ମାଗିଛନ୍ତି। କନ୍ୟାକୁମାରୀ, ଥୁଥୁକୁଡ଼ି, ଟେଙ୍କାସି ଏବଂ ତିରୁନେଲ୍‌ଭେଲିରେ ଅତି ପ୍ରବଳ ବର୍ଷା ହୋଇଛି। ଟୁଟିକୋରିନ୍‌ର କୟାଲପଟ୍ଟିନମ୍‌ରେ ୨୪ ଘଣ୍ଟା ମଧ୍ୟରେ ୯୫ ସେଣ୍ଟିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି।୪ଜିଲାରୁ୭,୦୦୦ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

## ଆଡଭାନୀ, ଜୋଷୀଙ୍କୁ ଅଯୋଧ୍ୟା ଆସିବା ମନା

### ରାମମନ୍ଦିର ଉଦ୍‌ଘାଟନ

ଅଯୋଧ୍ୟା,୧୮।୧୨

ଆସନ୍ତା ମାସ ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ହେଲେ ରାମମନ୍ଦିର ଆନ୍ଦୋଳନର ନେତୃତ୍ୱ ନେଇଥିବା ବର୍ଷୀୟାନ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଜୋଷୀଙ୍କୁ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଲାଗି କୁହାଯାଇଛି। ଆଡଭାନୀଙ୍କୁ ୯୬ ବର୍ଷ ହୋଇଥିବାବେଳେ ଆସନ୍ତା ମାସରେ



ଲାଲ୍‌କୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ

ଜୋଷୀଙ୍କୁ ୯୦ ହେବ। ବୟସାଧିକ୍ୟ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ସେମାନଙ୍କୁ ଅଯୋଧ୍ୟା ନ ଆସିବା ପାଇଁ ନିବେଦନ କରାଯାଇଥିବା ରାମମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ୍ ରାୟ ଗଣମାଧ୍ୟମକୁ କହିଛନ୍ତି। ଜାନୁୟାରୀ ୨୨ରେ ଭଗବାନ ରାମଙ୍କ ଅଭିଷେକ ସମାରୋହ ପାଇଁ ପୂରା ଦମ୍‌ରେ ପ୍ରସ୍ତୁତି ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ। ଜାନୁୟାରୀ ୧୫ରେ ପ୍ରସ୍ତୁତି ଶେଷ ହେବ ପରେ ୧୬ ତାରିଖରୁ ପ୍ରାଣପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଚମ୍ପତ କହିଛନ୍ତି। ତେବେ ଉତ୍ସବକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କୁ ଆମନ୍ତ୍ରଣ କରାଯିବ। ୨,୨୦୦ ଅତିଥିଙ୍କୁ ଆମନ୍ତ୍ରଣ କରାଯାଇଛି।

## କେଜ୍‌ରିୱାଲଙ୍କୁ ଇଡି ସମନ

ନୂଆଦିଲ୍ଲୀ,୧୮।୧୨

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଜେରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ତାଙ୍କୁ ଗୁରୁବାର ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମୁଖ୍ୟଙ୍କୁ ଏହା ଦ୍ୱିତୀୟ ସମନ। ଗତ ନଭେମ୍ବର ୨ରେ ଇଡି କେଜ୍‌ରିୱାଲଙ୍କୁ ସମନ କରିଥିଲେ ମଧ୍ୟ ସେ ହାଜର ନ ହୋଇ ମଧ୍ୟପ୍ରଦେଶରେ ଦଳ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ସମନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କେଜ୍‌ରିୱାଲ୍ କହିଛନ୍ତି।

## ଆବଡେଲ୍ ଅଲ୍-ସିସି ଇଜିପ୍ଟ ରାଷ୍ଟ୍ରପତି ନିର୍ବାଚିତ

କାଇରୋ,୧୮।୧୨

ଇଜିପ୍ଟ ରାଷ୍ଟ୍ରପତି ଆବଡେଲ୍ ଫତାହ ଅଲ୍-ସିସି ତୃତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଆରବ ଜଗତର ଏହି ସବୁଠୁ ଜନବହୁଳ ରାଷ୍ଟ୍ରରେ ତାଙ୍କୁ ୮୯.୬ ପ୍ରତିଶତ ଭୋଟ ମିଳିଛି। ଗତ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଇଜିପ୍ଟରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତୃତୀୟ ଥର ନିର୍ବାଚିତ ହୋଇଥିବାରୁ ୬୯ ବର୍ଷୀୟ ଅଲ୍-ସିସି ରାଷ୍ଟ୍ରପତି ପଦବୀରେ ଆଉ ୬ ବର୍ଷ ରହିବେ। ଇଜିପ୍ଟ ସମ୍ବିଧାନ ଅନୁଯାୟୀ ଜଣେ ରାଷ୍ଟ୍ରପତି ସର୍ବାଧିକ ୩ ଥର କ୍ଷମତାରେ ରହିପାରିବେ। ମୁଦ୍ରା ମୂଲ୍ୟ



ଆବଡେଲ୍ ଫତାହ ଅଲ୍-ସିସି

ହ୍ରାସ, ଆକାଶଛୁଆଁ ଦରଦାମ୍ ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ଏବଂ ପଡୋଶୀ ଗାଜାରେ ଯୁଦ୍ଧ ଯୋଗୁ ଆଞ୍ଚଳିକ ଉତ୍ତେଜନା ସତ୍ତ୍ୱେ ଅଲ୍-ସିସି ବିଜୟୀ ହୋଇଛନ୍ତି।



ଶ୍ରୀକୃଷ୍ଣ ଜନ୍ମଭୂମି ମାମଲାରେ ହାଜର ହେବା ଲାଗି ସୋମବାର ପୂଜକ ଏବଂ ଆଇନଜୀବୀ ଭଗବାନ କୃଷ୍ଣଙ୍କ ମୂର୍ତ୍ତି ଧରି ପ୍ରୟାଗରାଜସ୍ଥିତ ଆଲ୍ଲାହାବାଦ ହାଇକୋର୍ଟରେ ପହଞ୍ଚିଛନ୍ତି।

### ବଢୁଛି କୋଭିଡ୍ ସଂକ୍ରମଣ

# ଆଡ୍‌ଭାଇଜରି ଜାରିକଲା କେନ୍ଦ୍ର

### ଇନ୍‌ଫ୍ଲୁଏଞ୍ଜା ଭଳି ରୋଗର ରିପୋର୍ଟ କରିବାକୁ ରାଜ୍ୟକୁ ପରାମର୍ଶ

ନୂଆଦିଲ୍ଲୀ,୧୮।୧୨

କୋଭିଡ୍‌ର ଜେଏନ୍.୧ ସବ୍‌ଭାରିଆଣ୍ଟ ଚିହ୍ନଟ ପରେ ଦେଶରେ ସଂକ୍ରମଣ ବଢ଼ିଚାଲିଥିବାରୁ ଇନ୍‌ଫ୍ଲୁଏଞ୍ଜା ଭଳି ରୋଗ ଉପରେ ନଜର ରଖିବା ସହ ରିପୋର୍ଟ କରିବା ପାଇଁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ସୋମବାର ପରାମର୍ଶ ଦେଇଛନ୍ତି। କୋଭିଡ୍-୧୯ ଭୂତାଣୁ କ୍ରମାଗତ ଭାବେ ସଂକ୍ରମିତ ହେଉଛି ଓ ଏହାର ମହାମାରୀ ଗୁଣ ଭାରତୀୟ ଜଳବାୟୁ ସହ ଖାପ୍ ଖାଇଗଲାଣି। ଏଥିସହିତ ଅନ୍ୟାନ୍ୟ ସାଧାରଣ ଭୂତାଣୁ ସଂକ୍ରମଣ ମଧ୍ୟ ଲାଗିରହିଛି। ତେଣୁ କୋଭିଡ୍ ସ୍ଥିତି ଉପରେ ଜିଲା ସ୍ତରରୁ ଆମକୁ କ୍ରମାଗତ ନଜର ରଖିବାକୁ ହେବ, ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି। ଦେଶରେ କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି। ଏବେ ସକ୍ରିୟ ମାମଲା ସଂଖ୍ୟା ୧,୮୨୮ ଅଛି। ତେବେ କେରଳରେ ଜେଏନ୍.୧ ସବ୍‌ଭାରିଆଣ୍ଟ ଠାବ ସହ ଜଣକର ମୃତ୍ୟୁ ଘଟିଥିବାରୁ ଚିନ୍ତା ବଢ଼ିଯାଇଛି। ତେବେ କେବଳ ସବ୍ ଭାରିଆଣ୍ଟ କାରଣରୁ ନୁହେଁ ବରଂ ବିଭିନ୍ନ ସ୍ୱାସ୍ଥ୍ୟଗତ ସ୍ଥିତି ଯୋଗୁ ସଂକ୍ରମିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଆଇଏନ୍‌ଏସ୍‌ଏସିଓଜିର ମୁଖ୍ୟ ଡ. ଏନ୍.କେ. ଆରୋରା କହିଛନ୍ତି।

### କର୍ଣ୍ଣାଟକରେ ବୟସ୍କଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ

ମଡ଼ିକେରୀ,୧୮।୧୨

ପଡୋଶୀ କେରଳରେ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ ଚିହ୍ନଟ ହେବା ପରେ ସଂକ୍ରମଣ ବଢୁଥିବାରୁ କର୍ଣ୍ଣାଟକ ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଫେସ୍ ମାସ୍କକୁ ବାଧ୍ୟତାମୂଳକ କରିଛନ୍ତି। ବୟସ୍କ ତଥା ବହୁବିଧ ରୋଗ ଥିଲେ କିମ୍ବା କାଶ, କଫ ତଥା ଜ୍ୱର ଆଦି ଲକ୍ଷଣ ଥିଲେ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଲକ୍ଷଣ ଥିବା ଏବଂ ସନ୍ଦିଗ୍ଧ ମାମଲାଗୁଡ଼ିକର ପରୀକ୍ଷାକୁ ବଢ଼ାଇ ଦିଆଯିବା ସହ କେରଳ ସୀମାନ୍ତ ଜିଲାଗୁଡ଼ିକରେ ସର୍ଭିଲାନ୍ସକୁ



କଡ଼ାକଡ଼ି କରାଯାଇଛି। ସରକାର ସ୍ଥିତି ଉପରେ କଡ଼ା ନଜର ରଖିଥିବାରୁ ଏବେ ଯାତାୟାତ ଓ ସମାବେଶ ଉପରେ କଟକଣା ଲଗାଯିବା ଆବଶ୍ୟକ ନାହିଁ ବୋଲି କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁରାଓ କହିଛନ୍ତି।

ଧରିତ୍ରୀ 50 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯/୨୦୨୩ Bhubaneswar, Tuesday, December 19/2023



**ଆଜିର ମନ୍ତବ୍ୟ**

ପାର୍ଲାମେଣ୍ଟରୁ ବିରୋଧୀ ଏମ୍‌ପିମାନଙ୍କୁ ନିଲମ୍ବନ କରି ନରେନ୍ଦ୍ର ମୋଦି ସରକାର ଗଣତାନ୍ତ୍ରିକ ନିୟମାବଳୀକୁ ଡଷ୍ଟବିନ୍‌ରେ ଫିଙ୍ଗିଦେଇଛନ୍ତି। ଏବେ ବିନା ବିରୋଧରେ ସରକାର ଗୁରୁତ୍ୱପୂର୍ଣ୍ଣ ଆଇନକୁ ହଟାଇଦେବେ।

– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା'ର ଉପବାସ,**
**ତୋର ପୁଷମାସ।**

ଉପବାସ କଲେ କାଷ୍ଠା ରହିବାକୁ ପଡ଼େ ଓ ଖାଇବା ପିଇବା କମ୍ କରାଯାଏ। ଖାଇବା ପିଇବା ବିନା ଜଣଙ୍କର ଅବସ୍ଥା ବେହାଲ ତ ଆଉ କିଏ ଖାଇ ପିଇ ବେଶ୍ ଆରାମ ହିଁ ଆରାମ। ଅବସ୍ଥାର ତାରତମ୍ୟ ପ୍ରତି ଉପଲକ୍ଷ୍ୟ। ଜଣଙ୍କର ମନ୍ଦ ଘଟିଲା ବେଳେ ଆଉ ଜଣଙ୍କର ଭଲ ବା ଫାଇଦା ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତିନି ଥେଣ୍ଟିଆ କାକୁଡ଼ି ବାଡ଼ି**
**ଶିଆଳ ଖାଏ ମୋଡ଼ିମାଡ଼ି।**

ସାଧାରଣତଃ କେତେକ ବିଷୟକୁ ନେଇ ଲୋକମାନଙ୍କ ମଧ୍ୟରେ କିଛି କିଛି ଭିନ୍ନ ମତ ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ସେଭଳି କୌଣସି ଏକ ପ୍ରସଙ୍ଗରେ ମତ ଭିନ୍ନ ଭିନ୍ନ ହେଲେ ବାହାର ଲୋକ ବା ଅତି ଚାଲାକ ଲୋକ ଏଥିରୁ ଫାଇଦା ହାସଲ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଧାମନଗର ଖାନ୍‌ୱା ଜଳ ଯୋଗାଣ ପାଇଁ ୨ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୨(ଅନିଲ ଦାସ)

ଧାମନଗରରେ ଥିବା ମୁସଲମାନ ସମ୍ପ୍ରଦାୟର ପ୍ରସିଦ୍ଧ ଧାର୍ମିକ ସ୍ଥଳ ଖାନ୍‌ୱାରେ ଏକ ପାଣିଟାଙ୍କି ସହିତ ଜଳ ଯୋଗାଣର ସୁବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଧାମନଗର ଗସ୍ତ ଅବସରରେ ଖାନ୍‌ୱାର ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ଏ ବିଷୟରେ ଅନୁରୋଧ କରିଥିଲେ। ପାଣ୍ଡିଆନ ଏହି ଅନୁରୋଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସେମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପାଣିଟାଙ୍କି ଓ ଜଳ ଯୋଗାଣ ସୁବିଧା ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି।

ସୂଚନାଯୋଗ୍ୟ ଯେ ପୀରବାବା ହୁଜୁର ମୁଜାହିଦ ଏ ମିଲାତଙ୍କ ଅନୁଗାମୀମାନେ ପ୍ରତିଦିନ ବହୁ ସଂଖ୍ୟାରେ ଖାନ୍‌ୱାକୁ ଆସିଥାନ୍ତି। ପୀରବାବା ହୁଜୁର ମୁଜାହିଦଙ୍କ ଉର୍ସ ଉତ୍ସବ ସମୟରେ ଏଠାରେ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥାଏ। ସେଠାରେ ଜଳ ଯୋଗାଣରେ ଉନ୍ନତି ହେବା ଦ୍ୱାରା ଛାତ୍ରୀଛାତ୍ର, ତୀର୍ଥଯାତ୍ରୀ, ଉର୍ସ ମୁଜାହିଦ ଏ ମିଲାତ କମିଟିର ସଦସ୍ୟମାନଙ୍କ ସମେତ ୨ ଲକ୍ଷ ଭକ୍ତ ଉପକୃତ ହେବେ। ଏହି ଘୋଷଣା ପରେ ଧାମନଗର ଅଞ୍ଚଳର ମୁସଲମାନ ଭଉଣୀଭାଇମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସଡ଼କ ଦୁର୍ଘଟଣାରେ ୮ ମୃତ

ପୁଣେ,୧୮।୧୨

ମହାରାଷ୍ଟ୍ର ପୁଣେ ଜିଲାର କଲ୍ୟାଣ-ନାସିକ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ରାତିରେ ଜୁନ୍ନାର ତାଲୁକ ଅନ୍ତର୍ଗତ ଉକ୍ତ ରାଜପଥରେ ଏକ ପିକ୍‌ଅପ୍ ଭ୍ୟାନ୍ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅଟୋରିକ୍ସାରେ ଥିବା ୩ ଏବଂ ପିକ୍‌ଅପ୍‌ରେ ଥିବା ୫ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

# ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ: ପାଣ୍ଡିଆନ

## ଫେବୃୟାରୀରେ କେନ୍ଦ୍ରାପଡ଼ା ଜିଲାରେ ଗଡ଼ିବ ଲକ୍ଷ୍ମୀ ବସ୍

ଭୁବନେଶ୍ୱର (ଅନିଲ ଦାସ)/ କେନ୍ଦ୍ରପଡ଼ା (ଜଗନ୍ନାଥ ଧଳ),୧୮।୧୨

ଯେଉଁମାନେ ପ୍ରକୃତରେ ଶୋଇଛନ୍ତି, ତାଙ୍କୁ ନିଦରୁ ଉଠାଇ ହେବ। କିନ୍ତୁ ଯେଉଁମାନେ ଚେଇଁ ଶୋଇଛନ୍ତି ସେମାନଙ୍କ ପାଇଁ କିଛି କରିହେବ ନାହିଁ। ରାଜ୍ୟର ବିକାଶ ବିରୋଧୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଏମିତି ତେରଚ୍ଛା ବାଣ ମାରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସୋମବାର ଶ୍ରୀବଳଦେବଜୀଉ ମନ୍ଦିର ନିକଟରେ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ପାଣ୍ଡିଆନ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ଆନ୍ତର୍ଜାତିକ ସମ୍ମାନ ମିଳିବା ରୂପାନ୍ତରଣର ଉଦାହରଣ ବୋଲି ସେ କହିଛନ୍ତି। ତେବେ ଏଭଳି ରୂପାନ୍ତରଣ କିଛି ଲୋକଙ୍କୁ ଦେଖାଯାଉନାହିଁ। ଘରେ ଯେମିତି କିଛି ଛୁଆ ଶୋଇବାର ଅଭିନୟ କରିଥାଆନ୍ତି ଆଉ ଯେତେ ଉଠାଇଲେ ଉଠନ୍ତି ନାହିଁ, ଏମାନେ ମଧ୍ୟ ସେମିତି ଉଠି ନ ଥାନ୍ତି। ସେମାନଙ୍କୁ ସେମିତି ଶୋଇବାକୁ ଦିଆଯାଉ। ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଅହରହ ପ୍ରୟାସ କରୁଛନ୍ତି ସେଥିପାଇଁ ସହଯୋଗ କରିବା ଦରକାର ବୋଲି ପାଣ୍ଡିଆନ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲା ବିଜୁବାବୁଙ୍କ କର୍ମଭୂମି ଥିଲା। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାକୁ ବହୁତ ଭଲ ପାଆନ୍ତି। ଜିଲାର କେମିତି ଉନ୍ନତି ହେବ ସେନେଇ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଛନ୍ତି। କେନ୍ଦ୍ରାପଡ଼ାରେ ବିଶ୍ୱର ସବୁଠୁ ବଡ଼ ପୁଞ୍ଜିନିବେଶ ହେବାକୁ ଯାଉଛି। ଆର୍ସେଲର ମିତ୍ତଲ ଓ ନିପ୍ପନ ଭଳି ସଂସ୍ଥା କାରଖାନା ପ୍ରତିଷ୍ଠା କରିବା ପରେ ଜିଲାର ରୂପରେଖ ବଦଳିଯିବ। ୨୦ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ଜିଲାର ସବୁ ସ୍କୁଲ ଓ କଲେଜ ଆସନ୍ତା ୨ ମାସ ସୁଦ୍ଧା ରୂପାନ୍ତରଣ ସରିବ ବୋଲି ପାଣ୍ଡିଆନ କହିଛନ୍ତି। ୨୦୦୭ରୁ ଖାଦ୍ୟ ସୁରକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ଦିଗରେ



କେନ୍ଦ୍ରାପଡ଼ାସ୍ଥିତ ବଳଦେବଜୀଉ ମନ୍ଦିର ନିକଟରେ ସୋମବାର ଆୟୋଜିତ ସମାବେଶରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ସରକାର କିଭଳି ଅହରହ ଉଦ୍ୟମ କରୁଛନ୍ତି ସେ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। କୃଷି ଉତ୍ପାଦନ ଓ ଚାଷୀଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ପ୍ରତ୍ୟେକ ସମୟରେ ନୂଆ ନୂଆ ଯୋଜନା ହାତକୁ ନେଇଛନ୍ତି। ଏବେ ଓଡ଼ିଶା ଖାଦ୍ୟ ବଳକା ରାଜ୍ୟ ହେବା ସହ ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛି। କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ସମଗ୍ର ବିଶ୍ୱ ତା'ର ସାକ୍ଷୀ ବୋଲି ପାଣ୍ଡିଆନ କହିଛନ୍ତି। ଗୋଟିଏ ସମୟରେ ଦେବାଳିଆ ସ୍ଥିତିରେ ଥିବା ରାଜ୍ୟ ସରକାର ଏବେ କିଭଳି ବଳକା ରାଜ୍ୟ ଭାବେ ନିଜକୁ ସମଗ୍ର ଦେଶରେ ପରିଚିତ କରାଇ ପ୍ରଶଂସା ସାଉଣ୍ଟିଛନ୍ତି ତାହା ସମସ୍ତେ ଜାଣନ୍ତି। ବିଦେଶରୁ ପୁଞ୍ଜି ଆଣିବା, ସିଧାସଳଖ ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ବିଏସ୍‌କେୱାଇ ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପଦକ୍ଷେପ, ସ୍କୁଲ ଓ କଲେଜ ରୂପାନ୍ତରଣ, ଐତିହ୍ୟସ୍ଥଳୀ ଓ ମନ୍ଦିରର ରୂପାନ୍ତରଣ ହେଉଛି ନୂଆ ଓଡ଼ିଶା ଗଠନ ଦିଗରେ ଗୋଟିଏ ଗୋଟିଏ ପଦକ୍ଷେପ ବୋଲି ପାଣ୍ଡିଆନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର କେନ୍ଦ୍ରାପଡ଼ା ଗସ୍ତ ବେଳେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଚାଷୀ, ମିଶନ ଶକ୍ତି ଗ୍ରୁପ୍ ସଦସ୍ୟା ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ସ୍ଥାନରେ ସାଧାରଣ ସଭାକୁ ସମ୍ବୋଧିତ କରି ରାଜ୍ୟ ବିକାଶର ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି।

ରାଜନଗରର ଦକ୍ଷିଣଡ଼ିହାଠାରୁ କେରଡ଼ାଗଡ଼ ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ କାମର ସମୀକ୍ଷା କରିଛନ୍ତି। ୫୯ କୋଟି ୮୭ ଲକ୍ଷ ବ୍ୟୟରେ ନିର୍ମାଣାଧୀନ ଏହି କାମ ପାଇଁ ଗତବର୍ଷ ଏପ୍ରିଲରେ ପାଣ୍ଡିଆନ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ବେଳେ ସ୍ଥାନୀୟ ଲୋକମାନେ ଦାବି କରିଥିଲେ। ଲୋକଙ୍କ ଦାବିର ୬୦ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କେରଡ଼ାଗଡ଼ଠାରେ ଥିବା ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ୩ କୋଟି ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ୫-ଟି ଅଧ୍ୟକ୍ଷ ଘୋଷଣା କରିଥିଲେ। ଗତ ଏପ୍ରିଲରେ ପାଣ୍ଡିଆନ କେରଡ଼ାଗଡ଼ ମନ୍ଦିର ଗସ୍ତ ବେଳେ ପୂଜକ ଓ ଭକ୍ତଙ୍କ ସହିତ ସ୍ଥାନୀୟ ଲୋକମାନେ ଏହି ମନ୍ଦିରର ଉନ୍ନତି ନିମନ୍ତେ ତାଙ୍କୁ ଅନୁରୋଧ କରିଥିଲେ।

କେରଡ଼ାଗଡ଼ ପରେ ପାଣ୍ଡିଆନ ଗୋପାଳପୁର ଛକ, ମଦନପୁର ଛକ, ପଟ୍ଟାମୁଣ୍ଡାଇ ଆଇବି ଛକ, ଗୋଗୁଆ, ତିନିମୁହାଣୀ ଓ ଇଚ୍ଛାପୁରଠାରେ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଶେଷରେ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିବା ସହ ପୂଜକ ଓ ଶ୍ରଦ୍ଧାଳୁଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଥିଲେ। ଏହି ଗସ୍ତ ବେଳେ ତାଙ୍କୁ ବିଭିନ୍ନ ସ୍ଥାନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଗସ୍ତ ସମୟରେ ସାତଭାୟା ପାଇଁ ୨୨ କୋଟି ୫୦ ଲକ୍ଷ, ବାୟାବାବା ମଠ ପାଇଁ ୪ କୋଟି ୯୫ ଲକ୍ଷ, କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୩ କୋଟି ୩ ଲକ୍ଷ, ପଞ୍ଚୁବରାହୀ ମନ୍ଦିର ପାଇଁ ୪ କୋଟି ୯୫ ଲକ୍ଷ, ପଟ୍ଟାମୁଣ୍ଡାଇ ହାୟର ସେକେଣ୍ଡାରୀ ସ୍କୁଲ ଓ କଲେଜ ପାଇଁ ୨ କୋଟି ୨୫ ଲକ୍ଷ, ରାଜନଗରରେ ଥିବା ଶ୍ରୀଜଗନ୍ନାଥ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପାଣ୍ଡିଆନ ସୂଚନା ଦେଇଥିଲେ। କେନ୍ଦ୍ରାପଡ଼ା ଜିଲାରେ ଫେବୃୟାରୀ ସୁଦ୍ଧା ଲକ୍ଷ୍ମୀ ବସ୍ ଗଡ଼ିବ ବୋଲି ସେ ସୂଚନା ଦେଇଥିଲେ। ପାଣ୍ଡିଆନଙ୍କ ଏହି ଗସ୍ତ ବେଳେ ଜିଲାର ବିଭିନ୍ନ ଜନପ୍ରତିନିଧି, ବିଧାୟକ ଓ ମନ୍ତ୍ରୀ ଉପସ୍ଥିତ ଥିଲେ।

# ରିମାଣ୍ଡରେ ଆସିବେ ସନ୍ଦିଗ୍ଧ ଆତଙ୍କବାଦୀ ବୁଖାରୀ

- ଏସ୍‌ଟିଏଫ୍‌ର ଆବେଦନ
- ଜେରା କରିପାରେ ଏନ୍‌ଆଇଏ, ଆଇବି ଟିମ୍

ଭୁବନେଶ୍ୱର,୧୮।୧୨(ସତ୍ୟଜିତ୍ ରାଉତ)

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସର ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀ ବର୍ତ୍ତମାନ ଯାଜପୁର ଜିଲାର ରଗଡ଼ି ସବ୍‌ଜେଲରେ ରହିଛନ୍ତି। ବୁଖାରୀଙ୍କୁ ରିମାଣ୍ଡରେ ଆଣି ତାଙ୍କ ବିଷୟରେ ଅଧିକ ତଥ୍ୟ ହାସଲ କରିବାକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଯୋଜନା କରିଛି। ତେଣୁ ଏସ୍‌ଟିଏଫ୍ ପକ୍ଷରୁ ସୋମବାର ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ୭ଦିନିଆ ରିମାଣ୍ଡ ଆବେଦନ କରାଯାଇଛି। ଅନୁମତି ମିଳିବା ପରେ ମଙ୍ଗଳବାର କିମ୍ବା ବୁଧବାର ବୁଖାରୀଙ୍କୁ ଏସ୍‌ଟିଏଫ୍ ଆଣି ମାରାଥନ୍ ଜେରା କରିବ। ଏହି ସମୟରେ ନ୍ୟାଶନାଲ୍ ଇନ୍‌ଭେଷ୍ଟିଗେଶନ ଏଜେନ୍‌ସି (ଏନ୍‌ଆଇଏ) ଏବଂ ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି) ଟିମ୍ ଓଡ଼ିଶା ଆସି ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍ ସମ୍ପର୍କରେ ଜେରା କରିପାରେ ବୋଲି ସୂଚନା ମିଳିଛି। ବୁଖାରୀ କେତେଜଣ ପାକିସ୍ତାନୀଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ବହୁ ସନ୍ଦେହଜନକ ଆର୍ଥିକ କାରବାର ହୋଇଛି। ଏଜେଣ୍ଟଙ୍କ ସହ ସେ ପୂର୍ବରୁ ଚାଟ୍ କରିଥିବାବେଳେ ଏବେ ଏହାର ହିଷ୍ଟ୍ରିକୁ ଡିଲିଟ୍ କରିଦେଇଛନ୍ତି। ତେଣୁ ବୁଖାରୀଙ୍କ ସହ ଚାଟ୍ କରୁଥିବା ବ୍ୟକ୍ତିମାନେ ଆଇଏସ୍‌ଆଇ ଏଜେଣ୍ଟ ବୋଲି ଏସ୍‌ଟିଏଫ୍ ସନ୍ଦେହ କରୁଛି। ରିମାଣ୍ଡବେଳେ ଏହି ଦିଗକୁ ନେଇ ଏସ୍‌ଟିଏଫ୍ ଅଧିକ ପଚରାଉଚରା କରି ତଥ୍ୟ ଯୋଗାଡ଼ କରିବାକୁ ଯୋଜନା କରିଛି।

## ଶିକ୍ଷକତା କରୁଥିବା ସ୍ତ୍ରୀ ଚାକିରିରୁ ବହିଷ୍କୃତ

ଧର୍ମଶାଳା,୧୮।୧୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତ ମିଲତନଗରରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଦ୍ୱାରା କଶ୍ମୀର ପୋଲିସର ୱାଣ୍ଟେଡ ଅଭିଯୁକ୍ତ ସୟଦ ଇଶାନ ବୁଖାରୀ(୩୭) ଗିରଫ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସେହେନାଜ ପରୱିନଙ୍କୁ ଚାକିରି ହରାଇବାକୁ ପଡ଼ିଛି। ପରୱିନ ମିଲତନଗରସ୍ଥିତ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ସ୍ୱାମୀ ବୁଖାରୀଙ୍କ ସମ୍ପର୍କ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ଆତଙ୍କବାଦୀଙ୍କ ସହ ରହିଥିବା ଜଣାପଡ଼ିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ବୁଖାରୀ ନିଜକୁ ଡାକ୍ତର ଭାବେ ପରିଚୟ ଦେଇ ପ୍ରେମଜାଲରେ ପରୱିନଙ୍କୁ ଫସାଇଥିଲେ। ଫଳରେ ପରୱିନର ଇଚ୍ଛା ବିରୋଧରେ ବୁଖାରୀଙ୍କୁ ୨୦୧୬ରେ ବିବାହ କରିଥିଲେ। ତାଙ୍କର ୬ ବର୍ଷର ଏକ ଝିଅ ରହିଛି। ତେବେ ପରୱିନଙ୍କ ଭଳି ଆହୁରି ପ୍ରାୟ ୬ଜଣ ଯୁବତୀଙ୍କୁ ବୁଖାରୀ ପ୍ରେମରେ ଫସାଇ ବିବାହ କରିଥିବା ଏସ୍‌ଟିଏଫ୍ ତଦନ୍ତରୁ ଜାଣିପାରିଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ୟା ଆସିଲେ ମଧ୍ୟ କୌଶଳରେ କାର୍ଯ୍ୟ ସାଧନ କରିପାରିବେ। ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ଚଳାଇ ନେବାକୁ ଚିନ୍ତା କରିପାରନ୍ତି। ସହକର୍ମୀଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ସାଧାରଣ କଥାକୁ ନେଇ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକିଯାଇପାରେ।

**ବୃଷ** ଦୁଶ୍ଚିନ୍ତାଜନିତ ଆଜି ଆପଣଙ୍କର ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହି ନ ପାରେ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେକରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ନିଜ ପରିସରର ବ୍ୟକ୍ତିମାନଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସରଳ ସମାଧାନ ହୋଇଯିବ। ବହୁଦିନ ଧରି ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସ୍‌ର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁଙ୍କୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ।

**କର୍କଟ** ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ପ୍ରକାର ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। ଶିଳ୍ପ, ରପ୍ତାନି, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** କାମର ଚାପ ବୃଦ୍ଧି ପାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅବିଚାର କଲେ ପଶ୍ଚାତ୍ତେ ବହୁମୂଲ୍ୟ ଦେବାକୁ ପଡ଼ିବ। ବନ୍ଧୁଙ୍କ ସାହାଯ୍ୟରେ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ କରିପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ର ସମସ୍ୟା ବିଜଡ଼ିତ ରହୁଥିବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହେବେ। ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି। ଭାବପ୍ରବଣବଶତଃ ଓଲଟା କଥା କହି ଅପଦସ୍ଥ ହେବେ।

**ତୁଳା** ଆଜି ସକାଳୁ ସକାଳୁ ପରିବାର ମଧ୍ୟରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ବଦଳି ଯାଇଥିଲେ ମଧ୍ୟ ବନ୍ଧୁଙ୍କ ପୂର୍ବର ସେହି ଅନୁରାଗ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବାର ସମ୍ଭାବନା ରହିଛି। ପାରିବାରିକ ସମସ୍ୟାର ସମାଧାନ କରିବାରେ ପଡୋଶୀଙ୍କ ଅବଦାନ ସ୍ମରଣୀୟ ରହିବ।

**ଧନୁ** ଆଜି ଆଲୋଚନାର ମଧ୍ୟଭାଗରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଅଭିଳଷିତ ଜିନିଷ ପାଇବେ। ବନ୍ଧୁଙ୍କ ପରାମର୍ଶରେ ଯୋଗଶିକ୍ଷାରେ ରୁଚିବଳିବ।

**ମକର** ଯାହା କରୁଛନ୍ତି ଭାବିଚିନ୍ତି କରିବା ଭଲ ହେବ ନଚେତ୍ ପରେ ଏଥିପାଇଁ ଅନୁତାପ କରିବାକୁ ପଡିପାରେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ହିତକର ହୋଇପାରେ।

**କୁମ୍ଭ** ପଦସ୍ଥବ୍ୟକ୍ତିଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି। ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷା କରି କାମରେ ଲଗାଇବା ଭଲ। ଆର୍ଥିକ ଅଭିବୃଦ୍ଧିଜନିତ ମାନସିକ ସ୍ଥିତି ବହୁତ ଭଲ ରହିବ। ଜମିଜମା ବ୍ୟବସାୟରେ ଉନ୍ନତି କରିବେ।

**ମୀନ** କୌଣସି ବିଷୟର ଠିକ୍ ନିର୍ଣ୍ଣୟ ନ କରି ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

ଆଜି ମାର୍ଗଶିର ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ଡିସେମ୍ବର ୧୯ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୧୯ ଗତେ, ଘ.୦୭।୦୨ ମଧ୍ୟେ, ଘ.୦୯।୦୧ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୨୫ ଗତେ, ଘ.୦୩।୪୬ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୯/୨୦୨୩ | Bhubaneswar, Tuesday, December 19/2023 | ପୃଷ୍ଠା-୧


# ଦିନକରେ ୭୮ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ବିଶୃଙ୍ଖଳିତ ଆଚରଣ ପାଇଁ ପାର୍ଲାମେଣ୍ଟର ଉଭୟ ଗୃହରୁ ସୋମବାର ୭୮ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଗତ ସପ୍ତାହରେ ପାର୍ଲାମେଣ୍ଟ ସୁରକ୍ଷାରେ ବିଭ୍ରାଟକୁ ନେଇ ବିରୋଧୀ ଏମ୍‌ପିମାନେ ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ଗୁରୁବାର ଅନୁରୂପ କାରଣରୁ ୧୪ ଏମ୍‌ପିଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। ଫଳରେ ଚଳିତ ଅଧିବେଶନରେ ମୋଟ ନିଲମ୍ବିତ ସଦସ୍ୟଙ୍କ ସଂଖ୍ୟା ୯୨ରେ ପହଞ୍ଚିଛି।

ପାର୍ଲାମେଣ୍ଟ ସୁରକ୍ଷା ତ୍ରୁଟିକୁ ନେଇ ସୋମବାର ଗୃହରେ ପ୍ଲାକାର୍ଡ ଦେଖାଇ ସ୍ଲୋଗାନ ଦେଉଥିବା ଅଧୀର ରଞ୍ଜନ ଚୌଧୁରୀ, ଟି.ଆର୍. ବାଲୁ ଏବଂ ସୌଗତ ରାୟଙ୍କ ସମେତ ୩୩ ଜଣଙ୍କୁ ଲୋକ ସଭାରୁ ନିଲମ୍ବନ କରାଯାଇଛି। ବିରୋଧୀ ସଦସ୍ୟମାନେ ଗୃହ କାର୍ଯ୍ୟ ଚଳାଇ ନ ଦେଇ ଶାହାଙ୍କ ବିବୃତି ଦାବି କରିଥିଲେ। ଡିଏମ୍‌କେର ୧୦, ତୃଣମୂଳ କଂଗ୍ରେସର ୯, କଂଗ୍ରେସର ୮ ଏବଂ ଆଇୟୁଏମ୍‌ଏଲ୍, ଜେଡିୟୁ ତଥା ଆର୍‌ଏସ୍‌ପିରୁ ଜଣେ ଲେଖାଏ ଏମ୍‌ପି ଶୀତ ଅଧିବେଶନର ଅବଶିଷ୍ଟ କାର୍ଯ୍ୟଦିବସ ପାଇଁ ନିଲମ୍ବିତ ହୋଇଥିବାବେଳେ କଂଗ୍ରେସର ଅନ୍ୟ ୩ ଏମ୍‌ପିଙ୍କୁ ସ୍ୱାଧିକାର କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ୩୩ ଜଣଙ୍କୁ ନିଲମ୍ବନ କରାଯିବା ପରେ ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଅପରାହ୍ଣ ୩ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଗୃହରେ ଅଧ୍ୟକ୍ଷତା କରୁଥିବା ଭାଜପା ଏମ୍‌ପି ରାଜେନ୍ଦ୍ର ଅଗ୍ରୱାଲ ବିଶୃଙ୍ଖଳା ସୃଷ୍ଟି କରୁଥିବା ୩୩ ବିରୋଧୀ ସଦସ୍ୟଙ୍କ ନାଁ ପଢ଼ିଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଶୀତ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବନ କରାଯିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରସ୍ତାବ ଆଣିଥିଲେ। ସେହିପରି କଂଗ୍ରେସର କେ. ଜୟକୁମାର, ବିଜୟ ବସନ୍ତ ଏବଂ ଅବଦୁଲ ଖାଲେକଙ୍କ ଆଚରଣ ଯାଞ୍ଚ ପାଇଁ ଲୋକ ସଭା ସ୍ୱାଧିକାର କମିଟିକୁ ପଠାଯାଇଥିବାରୁ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ନିଲମ୍ବନ କରିବା ପାଇଁ ମନ୍ତ୍ରୀ ଅନ୍ୟ ଏକ ପ୍ରସ୍ତାବ ଆଣିଥିଲେ।

ରାଜ୍ୟ ସଭାରେ ମଧ୍ୟ ଅନୁରୂପ କାରଣରୁ ସୋମବାର ୪୫ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ମଧ୍ୟରେ କଂଗ୍ରେସ ଏମ୍‌ପି ପ୍ରମୋଦ ତିୱାରୀ, ଜୟରାମ ରମେଶ, କେ.ସି. ବେଣୁଗୋପାଳ, ରଣଦୀପ ସିଂ ସୁର୍ଜେୱାଲା, ସମାଜବାଦୀ ପାର୍ଟି ଏମ୍‌ପି ରାମଗୋପାଳ ଯାଦବ ପ୍ରମୁଖ ରହିଛନ୍ତି। ୩୪ ଜଣଙ୍କୁ ଶୀତ ଅଧିବେଶନର ଅବଶିଷ୍ଟ କାର୍ଯ୍ୟଦିବସ ପାଇଁ ନିଲମ୍ବନ କରାଯାଇଥିବାବେଳେ ୧୧ଜଣଙ୍କୁ ସେମାନଙ୍କ ଆଚରଣ ସମ୍ପର୍କିତ ସ୍ୱାଧିକାର କମିଟି ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଗୃହକାର୍ଯ୍ୟରୁ ଦୂରେଇ ରହିବାକୁ କୁହାଯାଇଛି। ନିଲମ୍ବନ ନେଇ ଗୃହର ନେତା ପୀୟୂଷ ଗୋୟଲ ଆଣିଥିବା ପ୍ରସ୍ତାବ ଗୃହୀତ ହେବା ପରେ ସେମାନଙ୍କୁ ନିଲମ୍ବିତ କରାଯାଇଥିଲା। ସ୍ୱାଧିକାର କମିଟିକୁ ୩ ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିବାରୁ ୧୧ଏମ୍‌ପି ସେତେଦିନ ପର୍ଯ୍ୟନ୍ତ ଗୃହକାର୍ଯ୍ୟରେ ଯୋଗଦେଇପାରିବେ ନାହିଁ। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ନିଲମ୍ବନ ହେବାକୁ ଥିବା ସଦସ୍ୟମାନଙ୍କ ନାଁ ପଢ଼ିବା ପରେ ଧ୍ୱନିମତରେ ପ୍ରସ୍ତାବ ଗୃହୀତ ହୋଇଥିଲା।

୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ବର୍ଷ ପୂର୍ତ୍ତି ବେଳେ ଗତ ୧୩ତାରିଖରେ ଦୁଇଜଣ ସନ୍ଦିଗ୍ଧ ପବ୍ଲିକ୍ ଗ୍ୟାଲେରିରୁ ଲୋକ ସଭା ଚାମ୍ବର ମଧ୍ୟକୁ ଡେଇଁ ସଂସଦ ସୁରକ୍ଷାରେ ବିଭ୍ରାଟ ସୃଷ୍ଟି କରିଥିଲେ। ସେମାନେ ଗୃହ ଭିତରେ ଧୂଆଁ ବମ୍ ଫୁଟାଇବାରୁ ଆତଙ୍କ ଖେଳିଯାଇଥିଲା। ସୁରକ୍ଷାରେ ତ୍ରୁଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ନିର୍ଦ୍ଦେଶ ଦେବା ସହ ପ୍ରସଙ୍ଗକୁ ରାଜନୀତିକରଣ ନ କରିବାକୁ ସମସ୍ତ ସଦସ୍ୟଙ୍କୁ ନିବେଦନ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଜୋଷୀ ଲୋକ ସଭାରେ ଉକ୍ତ ପ୍ରସଙ୍ଗରେ ବିବୃତି ରଖିଥିଲେ। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ☞ପୃଷ୍ଠା-୧୧

## ଲୋକ ସଭା

- ଅଧୀର ରଞ୍ଜନ ଚୌଧୁରୀ
- ଗୌରଭ ଗୋଗୋଇ
- କେ. ସୁରେଶ
- ଅମର ସିଂ
- ରାଜାମୋହନ ଉନ୍ନିଥାନ
- ସୁ. ଥିରୁନାଭୁକାରସର
- କେ. ମୁରଲୀଧରନ
- ଅଣ୍ଟୋ ଆଣ୍ଟୋନି
- କଲ୍ୟାଣ ବାନାର୍ଜୀ
- ଅପରୂପା ପୋଦ୍ଦାର
- ପ୍ରସୂନ ବାନାର୍ଜୀ
- ସୌଗତ ରୟ
- ଶତାବ୍ଦୀ ରୟ
- ପ୍ରତିମା ମଣ୍ଡଳ
- କାକୋଳି ଘୋଷ ଦସ୍ତିଦାର
- ଅସିତ କୁମାର ମଲ
- ସୁନୀଲ କୁମାର ମଣ୍ଡଳ
- ଟି.ଆର୍. ବାଲୁ
- ଏ. ରାଜା
- ଦୟାନିଧି ମାରାନ
- ଟି. ସୁମଥି
- କେ. ନଭାସ କନି
- କଳାନିଧି ଭୀରାସାମି
- ସି.ଏନ୍. ଆନ୍ନାଦୁରାଇ
- ଏସ୍.ଏସ୍. ପାଲାନିମାନିକମ
- ଜି. ସେଲ୍‌ଭମ୍
- ଏସ୍. ରାମାଲିଙ୍ଗମ୍
- ଇଟି ମହମ୍ମଦ ବସିର୍
- ଏନ୍.କେ. ପ୍ରେମଚନ୍ଦ୍ରନ୍
- କୌଶଲେନ୍ଦ୍ର କୁମାର
- କେ. ଜୟକୁମାର
- ବିଜୟ ବସନ୍ତ
- ଅବ୍‌ଦୁଲ ଖାଲେକ୍

## ରାଜ୍ୟ ସଭା

- ପ୍ରମୋଦ ତିୱାରୀ
- ଜୟରାମ ରମେଶ
- ଅମି ୟାଜନିକ୍
- ନରନଭାଇ ଜେ. ରାଠୱା
- ସଏଦ ନାସିର ହୁସେନ୍
- ଶ୍ରୀମତୀ ଫୁଲୋ ଦେବୀ ନେତମ
- ଶକ୍ତିସିହ୍ନ ଗୋହିଲ
- କେ.ସି. ବେଣୁଗୋପାଳ
- ରଜନୀ ଅଶୋକରାଓ ପାଟିଲ
- ରଞ୍ଜିତ ରଞ୍ଜନ
- ଇମ୍ରାନ୍ ପ୍ରତାପଗଢ଼ି
- ରଣଦୀପ୍ ସିଂ ସୁର୍ଜେୱାଲା
- ସୁଖେନ୍ଦୁ ଶେଖର ରୟ
- ମହମ୍ମଦ ନଦିମୁଲ ହକ୍
- ଅବିର ରଞ୍ଜନ ବିଶ୍ୱାସ
- ଶାନ୍ତନୁ ସେନ୍
- ମୌସମ ନୁର୍
- ପ୍ରକାଶ ଚିକ୍ ବାରାଇକ୍
- ସାମିରୁଲ ଇସ୍‌ଲାମ
- ଏମ୍. ସନମୁଗମ୍
- ଏନ୍.ଆର୍. ଏଲାଙ୍ଗୋ
- କାନିମୋଝି
- ଏନ୍‌ଭିଏନ୍ ସୋମୁ
- ଆର୍ ଗିରିରାଜନ
- ମନୋଜ କୁମାର ଝା
- ଫୈୟାଜ ଅହମ୍ମଦ ଭି. ଶିବଦାଶନ
- ରାମନାଥ ଠାକୁର
- ଅନିଲ ପ୍ରସାଦ ହେଗ୍‌ଡେ
- ବନ୍ଦନା ଚଭନ
- ରାମଗୋପାଳ ଯାଦବ
- ଜାଭେଦ୍ ଅଲ୍ଲୀ ଖାନ୍
- ମହୁଆ ମାଜି
- ଜୋସ୍ କେ. ମାନି
- ଅଜିତ କୁମାର ଭୂୟାଁ
- ଜେ.ବି. ମାଥର ହିସାମ୍
- ଏଲ୍. ହନୁମନ୍ଥାଇ
- ନିରଜ ଡାଙ୍ଗି
- ରାଜମଣି ପଟେଲ
- କୁମାର କେତ୍‌କର
- ଜି.ସି. ଚନ୍ଦ୍ରଶେଖର
- ବିନୟ ବିଶ୍ୱମ
- ସନ୍ଦୋଷ କୁମାର ପି
- ମହମ୍ମଦ ଅବ୍‌ଦୁଲ୍ଲା
- ଜନ୍ ବ୍ରିଟସାଣ୍ଡ ଏଏ ରହିମ




ଫଟୋ: ଚମନ ଗୌତମ

ଏନ୍‌ଡିଏ ସରକାରରେ ମହିଳାଙ୍କୁ ଅସମ୍ମାନ ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ନୂଆଦିଲ୍ଲୀଠାରେ ସୋମବାର ଅଖିଳ ଭାରତୀୟ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବୁଢ଼ା ବାଘକୁ ହରାଇଲା ମହାବଳ

ବାରିପଦା,୧୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ୨ ମହାବଳ ବାଘ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିବା ଦେଖିବାକୁ ମିଳିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ଲଢ଼େଇରେ ଜିତିଥିବା ବାଘର ଫଟୋ ସୋସିଆଲ ମିଡିଆ (ଏକ୍ସ)ରେ ପୋଷ୍ଟ କରିଛନ୍ତି। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ନିଜ ଅଞ୍ଚଳ ଦଖଲ ପାଇଁ ଏହି ୨ ବାଘଙ୍କ ମଧ୍ୟରେ ଲଢ଼େଇ ହୋଇଥିବା ଶିମିଳିପାଳ କର୍ତ୍ତୃପକ୍ଷ ଅନୁମାନ କରିଛନ୍ତି।

କ୍ଷେତ୍ର ନିର୍ଦ୍ଦେଶକ ଡ. ଗୋଗିନେନିଙ୍କ ସୂଚନା ଅନୁଯାୟୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବୟସ୍କ ମହାବଳ (ଟି-୩୧) ଓ ଯୁବ ବୟସର ବାଘ (ଟି-୩୫) ମଧ୍ୟରେ ଲଢ଼େଇ ହୋଇଥିଲା। ☞ପୃଷ୍ଠା-୧୧

### ଅଞ୍ଚଳ ଦଖଲ ପାଇଁ ଲଢ଼େଇ



ଲଢ଼େଇରେ ଜିତିଥିବା ମହାବଳ।







ଆଜିର ସମ୍ପାଦକୀୟ
ଏପଟେ ମଲ ସେପଟେ ମାରିଲ


# ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରି

## ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ପୁରୀ ଶ୍ରୀମନ୍ଦିରର ନାଟମଣ୍ଡପ ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆମିକସ୍ କ୍ୟୁରି ଏନ୍. କେ. ମହାନ୍ତି ସୋମବାର ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। ନାଟମଣ୍ଡପ ବିମ୍‌ରେ ହୋଇଥିବା ଫାଟର ମରାମତି କାର୍ଯ୍ୟ ଆଗେଇ ଚାଲିଛି। ସେଠାରେ ଲାଗିଥିବା କାଠ ସିଲିଂ ଓ କାଠ ମୂର୍ତ୍ତିକୁ ବାହାର କରାଯାଇ ଶ୍ରୀମନ୍ଦିର ମ୍ୟୁଜିୟମ୍‌ରେ ରଖାଯାଇଛି। ଫାଟ ହୋଇଥିବା ବିମ୍‌ର ସୁରକ୍ଷା ନିମନ୍ତେ ସେଠାରେ ବକ୍ସ ବିମ୍ ଲାଗିବାକୁ ଥିବାବେଳେ ତାହାର ଡିଜାଇନ ଏବଂ ଆଗାମୀ କାର୍ଯ୍ୟପନ୍ଥା ଚୂଡ଼ାନ୍ତ କରିବା ନିମନ୍ତେ ଡିସେମ୍ବର ୧୯ରୁ ୨୧ ମଧ୍ୟରେ କୋର୍ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାସହ ମରାମତି ପାଇଁ ଆବଶ୍ୟକ ସାମଗ୍ରୀ କେଉଁ ସଂସ୍ଥା ଯୋଗାଇବ ତାହା ମଧ୍ୟ ବୈଠକରେ ଚୂଡ଼ାନ୍ତ ହେବ। ବିମ୍‌ର ଫାଟ ମରାମତି ପାଇଁ ଦୈନିକ ୬ ଘଣ୍ଟା କାର୍ଯ୍ୟ ☞ପୃଷ୍ଠା-୧୧




ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ଏପଟେ ମଲ ସେପଟେ ମାରିଲ

ଲିବ୍ୟା ରାଜଧାନୀ ତ୍ରିପୋଲିରୁ ୧୧୦ କି.ମି. ଦୂର ଜ୍ୱାରା ସହରରୁ ୮୬ ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଜାହାଜଟି ଭୂମଧ୍ୟସାଗରରେ ବୁଡ଼ିଯିବାରୁ ୬୧ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ମାଇଗ୍ରେଶନ (ଆଇଓଏମ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସମୁଦ୍ରପଥରେ ଦେଶାନ୍ତରର ବିପଜ୍ଜନକ ଯାତ୍ରା ଓ ମୃତ୍ୟୁର ଇତିହାସକୁ ଯଦି ଦେଖାଯାଏ ତେବେ ଏହା ଆରମ୍ଭ ହୋଇଥିଲା ଭିଏତ୍‌ନାମର ବୋଟ୍ ପିପୁଲଙ୍କଠାରୁ। ୧୯୭୫ରେ ଭିଏତ୍‌ନାମରୁ ଆମେରିକା ଓହରି ଯାଇଥିଲା। ତା'ଫଳରେ ସେଠାରେ ଯୁଦ୍ଧ ଶେଷହେଲା ଏବଂ ଉଭୟ ସୋଭିଏତ୍ ରୁଷିଆ ଓ ଚାଇନା ସମର୍ଥିତ କମ୍ୟୁନିଷ୍ଟ ଶାସକମାନେ ସମଗ୍ର ଦେଶ ଅର୍ଥାତ୍ ଉତ୍ତର ଓ ଦକ୍ଷିଣ ଭିଏତ୍‌ନାମରେ ବିଜୟ ଲାଭ କଲେ। ଏହା ଫଳରେ ଦୀର୍ଘଦିନ ଧରି ଆମେରିକାର ଯୁଦ୍ଧକୁ ସମର୍ଥନ କରିଆସୁଥିବା କମ୍ୟୁନିଷ୍ଟ ବିରୋଧୀ ଲୋକମାନେ ଭିଏତ୍‌ନାମ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଥିଲେ। ସାନବଡ଼ ଡଙ୍ଗାରେ ସେମାନେ ଜୀବନ ବଞ୍ଚାଇବା ପାଇଁ ଯେଉଁ ଉଦ୍ୟମ କରିଥିଲେ ସେଥିରେ ମଧ୍ୟ ଅନେକଙ୍କର ମୃତ୍ୟୁ ଘଟିଥିଲା। ତାହା ସମ୍ଭବତଃ ଥିଲା ପୃଥିବୀର ବଡ଼ ଧରଣର ଦେଶାନ୍ତରଣ ଏବଂ ସେମାନଙ୍କୁ 'ବୋଟ୍ ପିପୁଲ' ଆଖ୍ୟା ଦିଆଯାଇଥିଲା। ୧୯୯୫ ମଧ୍ୟରେ ପ୍ରାୟ ୯ ଲକ୍ଷ ଭିଏତ୍‌ନାମ ଶରଣାର୍ଥୀ ହଂକଂ, ଇଣ୍ଡୋନେସିଆ, ମ୍ୟାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଆଦି ଦେଶକୁ ଚାଲିଯାଇଥିଲେ। ଗୋଟିଏ ଦେଶରୁ ବିପୁଳ ସଂଖ୍ୟକ ଲୋକ ସ୍ଥାନାନ୍ତର ହେବା ଯେତିକି ଚିନ୍ତାଜନକ ଥିଲା ସେଥିରୁ ୨ରୁ ୪ ଲକ୍ଷଙ୍କର ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦାୟକ। ତେବେ ଉତ୍ତର ଆଫ୍ରିକୀୟ ଦେଶ ଲିବ୍ୟାର ଏକଚ୍ଛତ୍ରବାଦୀ ଶାସକ କର୍ନେଲ ମୁଆମାର ଗଦାଫିଙ୍କୁ ଗାଦିଚ୍ୟୁତ କରିବା ଲାଗି ୨୦୧୧ରେ ସେଠାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା ଓ ସେହି ସମୟରୁ ଲୋକେ ଅନ୍ୟ ଦେଶକୁ ପଳାୟନ ଆରମ୍ଭ କରିଥିଲେ। ନାଟୋ ସହଯୋଗରେ ବିଦ୍ରୋହୀମାନେ ଗଦାଫିଙ୍କୁ ହତ୍ୟା କରିବା ପରେ ୪ ଦଶନ୍ଧିର ଏକଚ୍ଛତ୍ରବାଦ ଶାସନର ଅବସାନ ଘଟିଥିଲା। କିନ୍ତୁ ଗଦାଫିଙ୍କ ମୃତ୍ୟୁ ପରେ ଲିବ୍ୟାରେ ଅରାଜକତା ସୃଷ୍ଟି ହୋଇଗଲା। ଏଥିଯୋଗୁ ରାଜନୈତିକ ସ୍ଥିରତା ଆସିପାରୁନାହିଁ କି ଦେଶାନ୍ତରଣ ବନ୍ଦ ହୋଇପାରିନାହିଁ। ବିଶେଷକରି ଲିବ୍ୟା ଶରଣାର୍ଥୀମାନେ ଭୂମଧ୍ୟସାଗର ଦେଇ ଇଟାଲି, ଗ୍ରୀସ, ସ୍ପେନ ଆଦି ୟୁରୋପୀୟ ଦେଶକୁ ଚାଲିଯାଉଛନ୍ତି। ଜାନୁୟାରୀ ୨୦୨୩ରୁ ସେପ୍ଟେମ୍ବର ୩୦ ସୁଦ୍ଧା ୧,୮୬,୦୦୦ ଲିବ୍ୟା ଶରଣାର୍ଥୀ ୟୁରୋପୀୟ ଦେଶଗୁଡ଼ିକୁ ଚାଲିଯାଇଛନ୍ତି ଓ ସମୁଦ୍ରପଥରେ ଯିବା ସମୟରେ ସେମାନଙ୍କ ମଧ୍ୟରୁ ୨,୫୦୦ଙ୍କ ମୃତ୍ୟୁ କିମ୍ବା ନିଖୋଜ ହୋଇଥିବା ୟୁଏନ୍ ହାଇକମିଶନ ଫର ରିଫ୍ୟୁଜିସ (ୟୁଏନ୍‌ଏଚ୍‌ସିଆର୍)ବା ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ ତଥ୍ୟରୁ ଜଣାପଡ଼ିଛି। ୨୦୨୨ରେ ଏହି ସଂଖ୍ୟା ଥିଲା ୧,୬୮୦। କେବଳ ଲିବ୍ୟା ନୁହେଁ ମ୍ୟାନ୍‌ମାର, ସୁଦାନ, ଦକ୍ଷିଣ ସୁଦାନ, ସିରିଆ, ସୋମାଲିଆ, ଇରିତ୍ରିଆ ଓ ଆଫଗାନିସ୍ତାନ ଭଳି ଦେଶରୁ ଲୋକମାନେ ଅଧିକ ସଂଖ୍ୟାରେ ଦେଶାନ୍ତର ହେବାରେ ଲାଗିଛନ୍ତି।

**ୟୁରୋପକୁ ମୁଖ୍ୟତଃ ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ଶରଣାର୍ଥୀ ବହୁଳ ସଂଖ୍ୟାରେ ଆସୁଥିବାରୁ ସେମାନଙ୍କର ପ୍ରଥମ ସମସ୍ୟା ଧର୍ମକୁ ନେଇ ଆରମ୍ଭ ହୋଇଗଲାଣି। ସ୍ଥିତି ବଡ଼ ବିଚିତ୍ର ପାଲଟି ଗଲାଣି। ଯେଉଁ ଦେଶ ଏହି ଶରଣାର୍ଥୀମାନଙ୍କୁ ସ୍ୱୀକାର କରିବ ତାହା ଖୁବ୍‌ଶୀଘ୍ର ସାମାଜିକ ମୃତ୍ୟୁର ସମ୍ମୁଖୀନ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଉଛି।**

ବିଭିନ୍ନ ଦେଶରେ ଗୃହଯୁଦ୍ଧ ଏବେ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ଲୋକମାନେ ନିଜ ଦେଶଛାଡ଼ି ଅନ୍ୟ ଦେଶକୁ ଗଲାପରେ ସେଠାରେ ସ୍ଥାନୀୟ ଭାଷା, ସଂସ୍କୃତି, ଖାଦ୍ୟ ଭଳି ଅନେକ ସାମାଜିକ ଦିଗରୁ ସେଠାକାର ଲୋକଙ୍କ ସାଙ୍ଗରେ ମିଶିପାରୁନାହାନ୍ତି। ଫଳରେ ୟୁରୋପର ଅନେକ ଦେଶରେ ବିଦେଶୀମାନେ ଅଶାନ୍ତି ସୃଷ୍ଟି କଲେଣି। ପୋଲାଣ୍ଡ, ହଙ୍ଗେରୀ ଓ ସ୍ପେନ ଭଳି ଅନେକ ୟୁରୋପୀୟ ଦେଶ ଏବେ ଏହି ବିଦେଶୀଙ୍କୁ ସ୍ୱୀକାର କରିବା ନୀତିକୁ ବିରୋଧ କରିବା ସହିତ ପୁନର୍ବିଚାର ପାଇଁ ଦାବି କଲେଣି। ୟୁରୋପକୁ ମୁଖ୍ୟତଃ ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରୁ ଶରଣାର୍ଥୀ ବହୁଳ ସଂଖ୍ୟାରେ ଆସୁଥିବାରୁ ସେମାନଙ୍କର ପ୍ରଥମ ସମସ୍ୟା ଧର୍ମକୁ ନେଇ ଆରମ୍ଭ ହୋଇଗଲାଣି। ସ୍ଥିତି ବଡ଼ ବିଚିତ୍ର ପାଲଟି ଗଲାଣି। ଯେଉଁ ଦେଶ ଏହି ଶରଣାର୍ଥୀମାନଙ୍କୁ ସ୍ୱୀକାର କରିବ ତାହା ଖୁବ୍‌ଶୀଘ୍ର ସାମାଜିକ ମୃତ୍ୟୁର ସମ୍ମୁଖୀନ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଉଛି। ଅନ୍ୟପଟେ ଏହି ବିପୁଳ ସଂଖ୍ୟକ ଶରଣାର୍ଥୀଙ୍କୁ ଅସ୍ୱୀକାର କରାଯାଉଥିବାରୁ ସେମାନଙ୍କର ତତ୍‌କ୍ଷଣାତ ମୃତ୍ୟୁ ଘଟୁଛି। ଅର୍ଥାତ୍ ଏପଟେ କଲେ ମଲ ସେପଟେ ନ କଲେ ମଲ। ଏହି ସମସ୍ୟାର ସମାଧାନ କାହାରି ପାଖରେ ନ ଥିଲା ଭଳି ମନେହେଉଛି। କେବଳ ରୁଷିଆ ଭଳି ଏକ ବିରାଟକାୟ ଦେଶରେ ଏହି ଶରଣାର୍ଥୀମାନଙ୍କୁ ରଖାଯାଇପାରିଲେ ହୁଏତ, କିଛି ଅଂଶରେ, ସମସ୍ୟାର ସମାଧାନ ମିଳିପାରେ।

# ଉଚ୍ଚତାପ ଓ ହିଂସ୍ରତା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଦିନକୁ ଦିନ ଅଧିକରୁ ଅଧିକ ହିଂସ୍ର ହେବାରେ ଲାଗିଛି ମଣିଷ। କ'ଣ ହୋଇପାରେ ଏହାର କାରଣ? ଜୀବନଧାରଣ ଲାଗି ଆବଶ୍ୟକ ସଂସାଧନ ପାଇଁ ବଢ଼ିଚାଲିଥିବା ପ୍ରତିଯୋଗିତା, ଜୀବନ ସଂଗ୍ରାମର କଠୋରତା, ବସ୍ତୁବାଦୀ ଜୀବନଶୈଳୀ, ଅହଙ୍କାର ଇତ୍ୟାଦି ଏହା ମୂଳରେ ବିଦ୍ୟମାନ ଥିବାର ମତ ଦିଅନ୍ତି ମନସ୍ତତ୍ତ୍ୱବିତ୍‌ମାନେ। ତେବେ ବୈଜ୍ଞାନିକମାନେ ଜାଗତିକ ତାପମାତ୍ରା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନକୁ ଏହାର ଅନ୍ୟତମ କାରଣ ରୂପେ ଉପସ୍ଥାପନ କଲେଣି। ସେମାନଙ୍କ ମତରେ ଏହା ଭିନ୍ନ ଭିନ୍ନ ରୂପେ ଏ ପ୍ରକାର ଆଚରଣର ବୃଦ୍ଧି ଘଟାଇଥାଇପାରେ।

ତନ୍ମଧ୍ୟରୁ ପ୍ରଥମଟି ହେଲା ତାପଜନିତ ପ୍ରଭାବ, ଯାହାକି ଲୋକଙ୍କୁ ଅସ୍ୱସ୍ତିକର ଅନୁଭବ କରିବାକୁ ଦେବା ଫଳରେ ତାଙ୍କଠାରେ ଧୈର୍ଯ୍ୟଚ୍ୟୁତି ଓ ଚିଡ଼ିଚିଡ଼ା ସ୍ୱଭାବ ସୃଷ୍ଟି କରେ ଏବଂ ଏହା ତାଙ୍କ ଆକ୍ରମଣାତ୍ମକ ତଥା ହିଂସାତ୍ମକ ମନୋଭାବ ତଥା କ୍ରୋଧ ଆଦି ଜାତ କରେ ବୋଲି ଜଣାପଡ଼ିଛି ଆମେରିକାର 'ଆଇଓୱା ଷ୍ଟେଟ୍ ବିଶ୍ୱବିଦ୍ୟାଳୟ'ର ମନୋବୈଜ୍ଞାନିକ କ୍ରାଇଗ୍ ଏ. ଆଣ୍ଡେରଶନ୍ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ଏକ ଦୀର୍ଘକାଳୀନ ଅଧ୍ୟୟନରୁ। ସେମାନେ ଦର୍ଶାଇଛନ୍ତି ଯେ ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ତାଙ୍କ ଦ୍ୱାରା ଅନୁଷ୍ଠିତ ଅନେକଗୁଡ଼ିଏ ଅଧ୍ୟୟନରୁ ଗୋଟିଏରେ ୭୫ଡିଗ୍ରୀ ଫାରେନ୍‌ହିଟ୍ (ଆରାମଦାୟକ), ୫୭ ଡିଗ୍ରୀ ଫାରେନ୍‌ହିଟ୍(ଶୀତଳ) ଏବଂ ୯୭ ଡିଗ୍ରୀ ଫାରେନ୍‌ହିଟ୍ (ଉତ୍ତପ୍ତ) ତାପମାତ୍ରା ବିଶିଷ୍ଟ ପ୍ରକୋଷ୍ଠ ମଧ୍ୟରେ ତିନି ଦଳ ଲୋକଙ୍କୁ କିଛିଦିନ ଧରି ରହିବାକୁ ଦେଇଥିଲେ। ତତ୍ପରେ ସେମାନଙ୍କ ମାନସିକ ଅବସ୍ଥା ଅଧ୍ୟୟନରୁ ଉତ୍ତପ୍ତ ବା ଉଷ୍ମ ଏବଂ ଶୀତଳ ପ୍ରକୋଷ୍ଠର ଲୋକମାନେ ଆରାମଦାୟକ ପ୍ରକୋଷ୍ଠର ଲୋକଙ୍କ ତୁଳନାରେ ଅଧିକ ବିରକ୍ତିଭାବ ଏବଂ ଛୋଟ ଛୋଟ କଥାରେ କ୍ରୋଧିତ ହେବା ତଥା ହିଂସା ଆଚରଣ ପ୍ରକଟ କରିବା ଜଣାପଡ଼ିଲା। ଏହା ସର୍ବାଧିକ ଦେଖାଯାଇଥିଲା ଉଷ୍ମ ପ୍ରକୋଷ୍ଠବାସୀଙ୍କଠାରେ। ଅତଏବ ଗବେଷକମାନେ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଉଚ୍ଚତାପ ଆକ୍ରମଣାତ୍ମକ ସ୍ୱଭାବ ବୃଦ୍ଧିକରେ।

ଉଚ୍ଚତାପ ସହିତ ହିଂସ୍ର ମନୋଭାବର ସମ୍ପର୍କ ମଧ୍ୟ ଜଣାପଡ଼ିଛି ଆମେରିକାର 'ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍' ବା 'ଏଫ୍‌ଆଇବି' ଦ୍ୱାରା ପଞ୍ଜୀକରଣ (୧୯୫୦ରୁ ୨୦୦୮ ମଧ୍ୟରେ) ହୋଇଥିବା ବିଭିନ୍ନ ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପରୁ। ସେ ଦେଶର ଚିକାଗୋ, ବ୍ରିଶ୍‌ବେନ୍, ଭାନ୍‌କୋଭର, ଡଲାସ୍ ଆଦି ସହରମାନଙ୍କରେ ଏହି ସମୟରେ ଘଟିଥିବା ଏପରି ଘଟଣାମାନ ବିଚାରକୁ ନେଇ ମନୋବିଜ୍ଞାନୀମାନେ ପରିବେଶର ତାପମାତ୍ରା ସହିତ ଏହାର (ହିଂସାତ୍ମକ କାର୍ଯ୍ୟର) ସମ୍ପର୍କ ରହିଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏହାକୁ ସ୍ୱୀକୃତି ପ୍ରଦାନ କରିଛି 'ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସଫେରିକ୍ ଆଡ୍‌ମିନିଷ୍ଟ୍ରେଶନ୍'। ଏହା ବ୍ୟକ୍ତି-ବ୍ୟକ୍ତିଠାରୁ ଆରମ୍ଭକରି ଦେଶ-ଦେଶ ମଧ୍ୟରେ ଉତ୍ତେଜନା ବା ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧିର କାରଣ ହୋଇପାରେ ବୋଲି ମତ ଦେଇଛନ୍ତି ଏହାର ଗବେଷକଗଣ। ସେମାନଙ୍କ ସୂଚନା ଅନୁସାରେ ଯଦି ଆଗାମୀ ଦଶକ ମଧ୍ୟରେ ବିଶ୍ୱର ତାପମାତ୍ରା ୧° ବୃଦ୍ଧିପାଏ ତେବେ ତାହା ହିଂସାତ୍ମକ ଅପରାଧ ୬ ଶତାଂଶ ବୃଦ୍ଧି କରିବ।



ଆମେରିକୀୟ ସମାଜ ବିଜ୍ଞାନୀ ଖ୍ରୀଷ୍ଟୋଫର କେ. ବଟଲର୍ ଏବଂ ସ୍କଟ୍ ଗେଟସ୍‌ଙ୍କ ମତରେ ତାପମାତ୍ରା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ବିଶେଷ ଭାବେ ପ୍ରଭାବିତ କରିଥାଏ ନିମ୍ନ ଆୟକାରୀବର୍ଗଙ୍କୁ। ସେମାନେ ୨୦୧୨ରେ ପୂର୍ବ ଆଫ୍ରିକାରେ ଚଳାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ସଂସାଧନର ଅଭାବ ହେତୁ ଏମାନଙ୍କ ମଧ୍ୟରେ ଆୟର ବିଭେଦତା ବଢ଼ିଥାଏ। ଏଣୁ ସେମାନେ ଅଧିକ ଦୁଃଖୀ, ଅସନ୍ତୁଷ୍ଟ ଏବଂ ହିଂସ୍ର ସ୍ୱଭାବର ହୋଇଯାନ୍ତି।

ଉଚ୍ଚତାପ ପାରିବାରିକ ହିଂସାର ମଧ୍ୟ ଅନ୍ୟତମ କାରଣ ବୋଲି ମତଦେଲେଣି କିଛି ଭାରତୀୟ ପରିବେଶ ବିଜ୍ଞାନୀ। ତଦନୁଯାୟୀ ଭାରତ, ନେପାଳ ଓ ବାଂଲାଦେଶ ଭଳି ଦକ୍ଷିଣ ଏସିଆରେ ୧° ତାପମାତ୍ରା ବୃଦ୍ଧି ଏହା ହାରାହାରି ପ୍ରାୟ ୨୧ ଶତାଂଶ ଏବଂ ଭାରତରେ ୨୩.୫ ଶତାଂଶ ଅଧିକ ହେବାର ସମ୍ଭାବନା ରହିଛି। ପ୍ରାୟ ୨ ଲକ୍ଷ ବିବାହିତା ଏବଂ ପୁରୁଷ ବନ୍ଧୁଙ୍କ ସହ ଜୀବନ ବିତାଉଥିବା ମହିଳାଙ୍କ ଉପରେ ଏକ ଦୀର୍ଘକାଳୀନ ସର୍ବେକ୍ଷଣ ଏବଂ କମ୍ପ୍ୟୁଟର ଅଧ୍ୟୟନରୁ ଏହା ଜଣାପଡିଛି। ତେବେ ସାରା ବିଶ୍ୱରେ ଏହା ମାତ୍ର ୪.୫ ଶତାଂଶ ବୃଦ୍ଧି ପାଇବ, ସମ୍ଭବତଃ ନାତିଶୀତୋଷ୍ଣ ଏବଂ ଶୀତପ୍ରଧାନ ଦେଶମାନଙ୍କରେ ଏହା କମ୍ ହେବା କାରଣରୁ।

ଏ କ୍ଷେତ୍ରରେ ଗଭୀର ଅନୁଧ୍ୟାନ ଚଳାଇଥିବା ଅନ୍ୟତମ ବୈଜ୍ଞାନିକ ହେଲେ ଚାଇନାର ଫ୍ୟୁଡାନ ବିଶ୍ୱବିଦ୍ୟାଳୟର ରେନ୍‌ଜିଇ ଚେନ୍। ୨୦୨୧ରେ 'ଦ ଜର୍ନାଲ୍ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏଶନ'ର ମନସ୍ତତ୍ତ୍ୱ ବିଭାଗରେ ସେ ଏବଂ ତାଙ୍କ ସହଯୋଗୀମାନେ ପ୍ରକାଶ କରିଥିବା ଏକ ନିବନ୍ଧର ତଥ୍ୟ ଅନୁସାରେ ସମଗ୍ର ପୃଥିବୀ ତୁଳନାରେ ଦକ୍ଷିଣ ଏସିଆରେ ଅଧିକ ପାରିବାରିକ ହିଂସା ଘଟିବାର ଅନ୍ୟତମ କାରଣ ହେଲା ଏଠାରେ ବାରମ୍ବାର ଘଟୁଥିବା ଅଧିକ ତୀବ୍ରତର ଗ୍ରୀଷ୍ମ ପ୍ରବାହ।

ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ସେମାନେ ୩୦ଟି ଦେଶରେ ୨୦୧୦ରୁ ୨୦୧୮ ମଧ୍ୟରେ ୧୫ରୁ ୪୯ ବର୍ଷ ବୟସ୍କା ମହିଳାଙ୍କ ଉପରେ ସର୍ବେକ୍ଷଣ କରିଥିଲେ। ଏଥିରେ ସେମାନଙ୍କୁ ସ୍ୱାମୀ, ପ୍ରେମିକ କିମ୍ବା ସେହିଭଳି ଆପଣାର ଲୋକେ ଦେଉଥିବା ଉତ୍ପୀଡନ କଥା ବିଚାରକୁ ନିଆଯାଇଥିଲା। ଫଳରେ ସେମାନଙ୍କ ମଧ୍ୟରୁ ୨୫% ଦୈହିକ, ୧୨.୫% ଭାବପ୍ରବଣତାଜନିତ ଏବଂ ୯.୫% ଯୌନ ଉତ୍ପୀଡନର ଶିକାର ହେଉଥିବା ଜଣାପଡ଼ିଲା। ପୁନଶ୍ଚ ତହିଁରୁ ଏହା ମଧ୍ୟ ଜଣାପଡିଲା ଯେ ତାପମାତ୍ରା ଅଧିକ ହେଉଥିବା ସମୟରେ(ଗ୍ରୀଷ୍ମଋତୁ ଓ ଗ୍ରୀଷ୍ମ ପ୍ରବାହ କାଳରେ) ଯଥାକ୍ରମେ ଏ ଘଟଣା ୨୮.୩ %, ୮.୯% ଏବଂ ୨୬.୧% ବୃଦ୍ଧି ହେଉଛି। ଏଣୁ ଚେନ୍ ମତ ଦେଲେ ଯେ ଯଦି ସବୁଜ ଗୃହ ବାଷ୍ପ ନିର୍ଗମନକୁ ବର୍ତ୍ତମାନ ସ୍ତରରେ ନିୟନ୍ତ୍ରଣ କରା ନ ଯାଏ ତେବେ ଏହା ଆହୁରି ବୃଦ୍ଧିପ୍ରାପ୍ତ ହେବ।

ଚେନ୍ ଏବଂ ତାଙ୍କ ସହଯୋଗୀମାନଙ୍କ ଏହି ସିଦ୍ଧାନ୍ତକୁ 'ହିଟ୍-ଆଗ୍ରେସନ ହାଇପୋଥେସିସ୍' ବୋଲି କୁହାଯାଉଛି। ତଦନୁଯାୟୀ ଉଚ୍ଚତାପ ଅର୍ଥାତ୍ ଗ୍ରୀଷ୍ମ ଓ ଗ୍ରୀଷ୍ମ ପ୍ରବାହ ଆମ ମସ୍ତିଷ୍କର ତାପ ନିୟନ୍ତ୍ରଣ ଏବଂ ଭାବପ୍ରବଣତା ନିୟନ୍ତ୍ରଣ ସହିତ ସମ୍ପୃକ୍ତ ଅଂଶକୁ ଅଧିକ କ୍ରିୟାଶୀଳ କରେ, ଯାହାଫଳରେ ସାମାନ୍ୟ ଉତ୍ତେଜନା ଅତ୍ୟଧିକ ଆକ୍ରମଣାତ୍ମକ ତଥା ହିଂସାଭାବ ସୃଷ୍ଟିକରେ। ପୁନଶ୍ଚ ଅଧିକ ସମୟ ଧରି ଉଚ୍ଚତାପର ସମ୍ମୁଖୀନ ହେବା 'ଆଡ୍ରେନାଲିନ୍' ହର୍‌ମୋନ୍‌ର କ୍ଷରଣ ବୃଦ୍ଧିକରେ। ଏହା ଦେହ ଓ ମନର ଉଦ୍ଦୀପନାକୁ ଉଚ୍ଚତରସ୍ତରକୁ ନେଇଯାଏ। ଉଚ୍ଚତାପ ସହିତ ସମ୍ପୃକ୍ତ ଆହୁରି ଅନେକ ଘଟଣା ମଧ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଏ। ଯାହାକି ସାଧାରଣ ଭାବେ ହିଂସା ଏବଂ ନିର୍ଦ୍ଦିଷ୍ଟଭାବେ ପାରିବାରିକ ହିଂସାର ମଧ୍ୟ କାରଣ ହୋଇପାରେ।

ଉଚ୍ଚତାପର ହିଂସ୍ର ମନୋଭାବକୁ ପ୍ରରୋଚିତ କରିବା କେବଳ ମଣିଷ ମଧ୍ୟରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ପ୍ରାଣୀମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇପାରନ୍ତି। 'ହାର୍ଭାର୍ଡ ସ୍କୁଲ୍ ଅଫ୍ ହେଲ୍‌ଥ'ର ଗବେଷକମାନଙ୍କ ଦ୍ୱାରା କୁକୁରମାନଙ୍କ ଉପରେ ହୋଇଥିବା ଏକ ପରୀକ୍ଷାରୁ ତାହା ଜଣାପଡ଼ିଛି। ତଦନୁଯାୟୀ ତାପମାତ୍ରା ବୃଦ୍ଧି ସହିତ କୁକୁର କାମୁଡ଼ା ଅଧିକ ହେବାର ସମ୍ପର୍କ ରହିଛି। ଅତଏବ ଗ୍ରୀଷ୍ମକାଳରେ ଏହା ଶୀତ ବା ବର୍ଷାକାଳ ତୁଳନାରେ ବୃଦ୍ଧିପାଇଥାଏ। କାରଣ ଏ ସମୟରେ ସେମାନଙ୍କଠାରେ ଯୌନ ଉତ୍ତେଜକ ଷ୍ଟେରଏଡ୍‌ର କ୍ଷରଣ ବଢ଼ିଯାଏ। ବିଗତ ୨୦୦୯ରୁ ୨୦୧୮ ମଧ୍ୟରେ ଆମେରିକାର ଆଠୋଟି ସହରରେ ଘଟିଥିବା ୬୯,୫୨୫ କୁକୁର କାମୁଡା ଘଟଣା ବିଚାରକୁ ନେଇ ସେମାନେ ଏ ସିଦ୍ଧାନ୍ତରେ ଉପନୀତ ହୋଇଥିବା କଥା ସୂଚିତ କରିଛନ୍ତି 'ସାଇଣ୍ଟିକ୍ ରିସର୍ଚ୍ଚ' ପତ୍ରିକାର ଜୁନ୍ ୨୦୨୩ ସଂଖ୍ୟାରେ। ପୁନଶ୍ଚ ତଦନୁଯାୟୀ ଓଜୋନସ୍ତରରେ କ୍ଷୟ ହେତୁ ଅଧିକ ମାତ୍ରାରେ ଅଲଟ୍ରାଭାଓଲେଟ୍ ରଶ୍ମିର ସମ୍ମୁଖୀନ ହେଲେ ମଧ୍ୟ ସେମାନେ ଏଭଳି ହିଂସ୍ର ଆଚରଣ ଦେଖାଇଥାନ୍ତି। ମାଙ୍କଡ଼, ମୂଷା, ଚୁଟିଆ ମୂଷା ଏବଂ ମଣିଷ କ୍ଷେତ୍ରରେ ଏଭଳି ଘଟିବାର ମଧ୍ୟ ସେମାନେ ପ୍ରମାଣ ପାଇଛନ୍ତି। ଅତଏବ ପୃଥିବୀର ତାପମାତ୍ରା ବୃଦ୍ଧିକୁ ରୋକାଯାଇ ନ ପାରିଲେ ତାହା ଜଳବାୟୁ ପରିବର୍ତ୍ତନ ତଥା ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ଭଳି ହିଂସ୍ରତାକୁ ମଧ୍ୟ ବଢ଼ାଇ ଚାଲିବ।

**ଖଣ୍ଡଗିରି ବିହାର, ଭୁବନେଶ୍ୱର,**
**ମୋ:୯୯୩୭୩୦୧୪୬୦**

# ପୁରୁଷକାର ବନାମ ପୁରସ୍କାର



ଉମାଶଙ୍କର ପ୍ରସାଦ

ପୁରୁଷକାର ହେଉଛି ଏକ ମାନବ ପ୍ରତିଭାର ପରିଚୟ। ତେଣୁ କୌଣସି ଆଦରଣୀୟ ବ୍ୟକ୍ତିତ୍ୱ ସଂପୂଜ୍ୟମାନ ବରେଣ୍ୟ ପ୍ରତିଭା ପୁରସ୍କାର, ଉପଢ଼ୌକନ, ପ୍ରଶସ୍ତି ଓ ସମ୍ବର୍ଦ୍ଧନା ପ୍ରତି ଆଦୌ ଅପେକ୍ଷା କରେନାହିଁ। ପୁରସ୍କାର ପାଇଁ ପ୍ରତୀକ୍ଷା କରୁଥିବା ବ୍ୟକ୍ତି ଆଦୌ ସାଧନାନିଷ୍ଠ ଏବଂ କର୍ମତତ୍ପର ହୋଇପାରେ ନାହିଁ। ସମ୍ପ୍ରତି ଉଚ୍ଚସ୍ତରରେ ବିଚାର କ୍ଷେତ୍ରରେ ମଧ୍ୟ ବିଭ୍ରାଟ ଘଟୁଛି। ଇତିହାସକୁ ଆମେ ଦୃଷ୍ଟିଦେଲେ ବହୁ ନିମ୍ନସ୍ତରର ଅମାନବୀୟ ଚଳଣି ଲକ୍ଷ୍ୟ କରୁ। କେଉଁଠି ବିଜୟ ଅଭିଯାନ ନାମରେ ଦମ୍ଭ, ଅହଙ୍କାର ଓ ଆସ୍ପର୍ଦ୍ଧାର ନଗ୍ନ ଅଭିବ୍ୟକ୍ତି ଭିତରେ ରକ୍ତର ହୋରି ଖେଳାଯାଉଛି ତ କେଉଁଠି ଦୁର୍ବାର କାମନା, ବାସନାରେ ମୋହଗ୍ରସ୍ତ ହୋଇ ବ୍ୟକ୍ତି ଅନେକ ଅନୈତିକ କାର୍ଯ୍ୟ କରିବା ପାଇଁ ତିଳେହେଲେ ପଶ୍ଚାତ୍ପଦ ହେଉନି। ଏପରିକି ପୁରସ୍କାର ପାଇଁ ଲବି, ଧରାଧରି, ପଦାଧିକାର, ମୋଟାଅଙ୍କର ଆର୍ଥିକ ପ୍ରୟୋଗ ଓ ସେବା ଯେତେ କାମ କରୁଛି ଦକ୍ଷତା ସେତେ କାମ କରୁନାହିଁ। କିନ୍ତୁ ସୁଖ ଓ ଗର୍ବର ବିଷୟ ଯେ କୌଣସି ପ୍ରତିଭାଧର ବ୍ୟକ୍ତି ସମ୍ବର୍ଦ୍ଧନା ପଛରେ ଧାଏଁ ନାହିଁ ବରଂ ସମ୍ବର୍ଦ୍ଧନା ଓ ଉପଢୌକନ ତା'ର ପଛେ ପଛେ ଧାଇଁଥାଏ। ଯଦି ଆମେ ଅତୀତ ପୃଷ୍ଠାକୁ ରୋମନ୍ଥନ କରିବା ତେବେ ଏହା ସ୍ପଷ୍ଟ ଯେ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ରାଜଦରବାର ପକ୍ଷରୁ ସ୍ୱଳ୍ପ ପରିମାଣରେ ହେଉଥିଲା। କିନ୍ତୁ ସାମାଜିକ କ୍ଷେତ୍ରରେ ଏଭଳି ବ୍ୟବସ୍ଥା ଓ ଆୟୋଜନ ଆଦୌ ଦେଖା ନ ଥିଲା କହିଲେ ଚଳେ। ରାଜନ୍ୟବର୍ଗଙ୍କ ମଧ୍ୟରେ ତୋଷାମଦି କିଛି ପରିମାଣରେ କାମ କରୁଥିଲା, ଯାହାର ନଜିର ସ୍ୱରୂପ ଦେଖିବାକୁ ମିଳେ ଆମ ସାହିତ୍ୟର ଅନେକ କବିତା। କବି ସୃଷ୍ଟି କରିଛନ୍ତି ଅଥଚ ରାଜାଙ୍କ ନାମରେ ଭଣିତ ହୋଇଛି। କବି ଦୀନକୃଷ୍ଣ ଦାସଙ୍କୁ ମଧ୍ୟ ଧମକ ଦିଆଯାଇଥିଲା ''ଦୀନକୃଷ୍ଣ ହେ କାବ୍ୟକବିତା ମୋ ନାମେ କରିଲେ ଭଣିତା, ଦରବାରେ ହେବ ଗଣିତା। ନୋହିଲେ ରାଜାର ଶକ୍ତି ଅସୀମ ରାଜାତ ବୁଝେନି ସମ ଓ ବିଷମ ଶୂଳିଟି ପାଇବ ଜାଣିଥା''। ବ୍ୟକ୍ତିର ସୃଜନଶୀଳତା ପ୍ରଜ୍ଞା, ପ୍ରତିଭାର ଅପେକ୍ଷା ରଖେ। ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହେଲେ ପ୍ରତିଭା କୋଟିକୁ ଉନ୍ନୀତ ହୁଏ। ସମୀକ୍ଷା ଶାସ୍ତ୍ରରେ ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ। ଉକ୍ତ ପ୍ରତିଭା ନିଜେ ନିଜେ ବିକଶିତ ହୋଇଥାଏ। ସାରଳା ଦାସ, ବତ୍ସା ଦାସ, କାର୍ତ୍ତିକ ଦାସ, ଗଙ୍ଗାଧର ମେହେର କୌଣସି କ୍ଷେତ୍ରରୁ ସମ୍ବର୍ଦ୍ଧିତ ହୋଇ ନ ଥିଲେ। ଏପରି କି ତାଙ୍କ ପ୍ରତିଭା ପାଇଁ ତାଙ୍କୁ ସମ୍ବଲପୁର ରାଜଦରବାରରୁ ସମ୍ବର୍ଦ୍ଧିତ କରାଯାଇ ନ ଥିଲା। ତଥାପି ତାଙ୍କର ସାହିତ୍ୟ କୃତି ତାଙ୍କୁ କାଳଜୟୀ କରିଛି।

ଇଂରାଜୀ ସାହିତ୍ୟର ଆଦିକବି 'ଜିଓଫର ଚସର' ଙ୍କୁ ତାଙ୍କର ପ୍ରସିଦ୍ଧ କୃତି 'କ୍ୟାନ୍‌ଟର ବରି ଟେଲ୍‌ସ' ଓ ଇଟାଲୀୟ କବି 'ଆଲେବର ଦାନ୍ତେ' ଙ୍କୁ ତାଙ୍କର ଜନପ୍ରିୟ କବିତା ଗ୍ରନ୍ଥ 'ଡେକାମେରାନ୍' ପାଇଁ ସମ୍ବର୍ଦ୍ଧନା ଦିଆଯାଇ ନ ଥିଲା। ସେକ୍ସପିୟର ତାଙ୍କର



ସୁବିପୁଳ ଅବଦାନ ସତ୍ତ୍ୱେ ଇଂଲଣ୍ଡ ରାଜଦରବାର ପକ୍ଷରୁ ତାଙ୍କୁ କନିଷ୍ଠତମ ଉପାଧି 'ଜେଣ୍ଟିଲମ୍ୟାନ' ପଦବୀ ମଧ୍ୟ ଦିଆଯାଇ ନ ଥିଲା। ତେବେ କ'ଣ ସେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରି ନ ଥିଲେ? ତଦନୁରୂପ ବିଶିଷ୍ଟ ଋଷୀୟ ଲେଖକ କାଉଣ୍ଟଲୀୟ ଟଲଷ୍ଟୟ' ଓ 'ଦାସ୍ତୋଭସ୍କି' ତାଙ୍କର ଅବଦାନ ପାଇଁ କୌଣସି ପୁରସ୍କାର ତଥା ସମ୍ମାନରେ ସମ୍ମାନିତ ହୋଇ ନ ଥିଲେ, ତେବେ ଆଜି କ'ଣ ସେମାନେ ବିକଶିତ ନୁହନ୍ତି? ଆଜିର ଏକବିଂଶ ଶତାବ୍ଦୀରେ ପୁରସ୍କାର ପ୍ରଦାନର ବିଚାରଧାରା ଅତ୍ୟନ୍ତ ପିଚ୍ଛିଳ ଓ ଅସ୍ୱଚ୍ଛ। ତେଣୁ ଅନାସକ୍ତ ଜ୍ଞାନ ତପସ୍ୱୀ ପୁରସ୍କାର ପାଇଁ ଆଦୌ ଲାଳସା ରଖି ନ ଥାଏ। ପୁରସ୍କାର କିଛିମାତ୍ରାରେ ତାକୁ ନିଷ୍ପ୍ରଭ କରିଥାଏ। ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ବନ୍ଦନୀୟ ଶିକ୍ଷକ ଚନ୍ଦ୍ରମୋହନ ମହାରଣା କୌଣସି କ୍ଷେତ୍ରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇ ନ ଥିଲେ। କିନ୍ତୁ ତାଙ୍କ ଦ୍ୱାରା ଗଢା ହୋଇଥିବା ଛାତ୍ରମାନେ ସାହିତ୍ୟ କ୍ଷେତ୍ରକୁ ସେମାନଙ୍କ ସାହିତ୍ୟକୃତି ବଳରେ ନିଜର ଗୁରୁଙ୍କୁ କେତେ ମହୀୟାନ କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକତା ଏକ ପୁଣ୍ୟ ସେବା ଓ ବ୍ରତହୋଇ ରହିନାହିଁ। 'ସେବା' ସ୍ଥାନରେ 'ନେବା' ତା'ର କାୟା ବିସ୍ତାର କରିଛି। ଶିକ୍ଷକତା ହେଉଛି ଶ୍ରେଷ୍ଠ ସାଧନା, ତପସ୍ୟା, ତ୍ୟାଗ, ଏକାଗ୍ରତା, ନିରପେକ୍ଷତା, ଚରିତ୍ରବତ୍ତା, ସମଦର୍ଶିତା, ନିରହଙ୍କାରିତା, ଆଡମ୍ବର ଶୂନ୍ୟତା, ସରଳତା, ନିର୍ଲିପ୍ତତା ଆଦି ଅନେକ ମହନୀୟ ଗୁଣର ସୁଷମ ସମନ୍ୱୟ। କୌଣସି ଗୁରୁ କେବେ ସମ୍ମାନିତ ହେବାକୁ ଇଚ୍ଛା କରି ନ ଥାଏ। ଯଥା ମହାଭାରତ ଯୁଗର ଗୁରୁଶ୍ରେଷ୍ଠ ସାନ୍ଦିପନୀ, ଆଚାର୍ଯ୍ୟ କୃପ, ଆୟୋଦଧର୍ମୀ ଏବଂ ଧନୁର୍ବିଦ୍ୟାବିତ୍ ପର୍ଶୁରାମ କେବେହେଲେ ନିଜର ପ୍ରତିଭା ପାଇଁ ପୁରସ୍କୃତ ହୋଇ ନ ଥିଲେ, ମାତ୍ର ସମାଜରେ ଜଣେ ଜଣେ ମହାନ୍ ଶିଷ୍ୟ ସୃଷ୍ଟି କରିଥିଲେ। ତେଣୁ ପୁରସ୍କାର କେବେ ପୁରୁଷକାର ସହିତ ସମାନ ହୋଇ ନ ଥାଏ। ପୁରୁଷକାର ହେଉଛି ଈଶ୍ୱରଦତ୍ତ ଏବଂ ମଣିଷର ଅଧ୍ୟବସାୟର ଫଳ। ମାନବିକ ଗୁଣାବଳୀକୁ ଫିତା ପକାଇ କିମ୍ବା ସ୍କେଲ୍ ସାହାଯ୍ୟରେ ମାପିବାର କୌଶଳ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ପୁରୁଷର ପୁରୁଷାକାର ତା'ର ମରଣ କାଳରେ ପରିମାପ କରି ଓଡ଼ିଆ ଭାଷାର ମଉଡ଼ମଣି ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତ ଗ୍ରନ୍ଥରେ ଲେଖିଛନ୍ତି 'ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି'। ତେଣୁ ଏ ନଗଣ୍ୟ ଲେଖକ ଏତିକି ବିନତି କରେ ପୁରସ୍କାର ପଛରେ ନ ଦୌଡି ନିଜର ପୁରୁଷକାରକୁ ଜାଗ୍ରତ କଲେ ପୁରସ୍କାର ଛାଏଁ ତୁମ ପାଖକୁ ଆସିବ।

**ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା**
**ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ଜଣେ ମହାକାଶ ବିଜ୍ଞାନୀଙ୍କ କୃଷି ମନସ୍କତା ବେଶ୍ ପ୍ରେରଣାଦାୟକ। ବେଙ୍ଗାଲୁରୁର ଇସ୍ରୋ କେନ୍ଦ୍ରର ବୈଜ୍ଞାନିକ ଦିବାକର ଚାନ୍ନପା ସହରି ଜୀବନକୁ ଛାଡ଼ି ଏବେ ଗାଁରେ ଖଜୁରିକୋଳି ଚାଷ କରି ବର୍ଷକୁ ଏଥିରୁ ୧୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରାଯାଉଛି। ଦିବାକର ଇସ୍ରୋରେ ପ୍ରୋଜେକ୍ଟ ସାଇଣ୍ଟିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ୨୦୦୯ରେ ତାଙ୍କ ପିତା ହୃଦଘାତର ଶିକାର ହୋଇଥିଲେ। ଏହା ଯୋଗୁ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇଯାଇଥିଲା। ତେବେ ଗାଁରେ ପରିବାରର ବୃତ୍ତି କୃଷିକୁ ବଞ୍ଚାଇବା ଲାଗି ଦିବାକର ଗାଁକୁ ଫେରି ଆସିଥିଲେ। ପ୍ରଥମେ ମାଣ୍ଡିଆ, ହରଡ ଡାଲି ଓ ମକାଚାଷ କରିଥିଲେ। ଏଥିରେ ଲାଭ ନ ହେବାରୁ ସେ ଇଜିପ୍ଟ, ସାଉଦି ଆରବ ଓ ଓମାନରେ ଫଳୁଥିବା ଖଜୁରି ଚାଷ ଆରମ୍ଭ କରିଥିଲେ। ସେ ଅଢେଇ ଏକରରେ ଏହି ଚାଷ କରୁଛନ୍ତି ଓ ଏକର ପିଛା ୬ ଲକ୍ଷ ଟଙ୍କା ପାଉଛନ୍ତି। ମୋଟ ୫ ଟନ୍ ଖଜୁରି ଉତ୍ପାଦନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୭୪

- ପ୍ରଚଣ୍ଡ ଶୀତ ଯୋଗୁ ବିହାରର କାଟିହାର, ନୱାଡା, ମୋକାମେ ଓ ହଜାରିବାଗ ଜିଲାଗୁଡ଼ିକରୁ ସମୁଦାୟ ୫୫ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସଭ୍ୟ ରାଷ୍ଟ୍ରଙ୍କ ବିରୋଧ ସତ୍ତ୍ୱେ ଜାତିସଂଘ ସନନ୍ଦକୁ ସମୀକ୍ଷା କରିବା ପାଇଁ କମିଟିଗଠନ କରିବାକୁ ଏକ ପ୍ରସ୍ତାବ ସାଧାରଣ ଆସେମ୍ବ୍ଲିରେ ଗୃହୀତ।
- ଗ୍ରୀସ୍‌ର ମଧ୍ୟବର୍ତ୍ତିକାଳୀନ ରାଷ୍ଟ୍ରପତି ଭାବେ ପ୍ରଫେସର ମାଇକେଲ ସିଆସ୍‌ସିନୋପଉଲସ ନିର୍ବାଚିତ।

## ଚିରନ୍ତନୀ

ଜଡ଼ତାର ଅବସାଦ ପ୍ରାଣର ପ୍ରେରଣାଘାତେ ଚୂର୍ଣ୍ଣ
ଭାରତର ପଥେ ଗ୍ରାମେ ଚଳ ଆହେ ବେଗବାନ ଘୂର୍ଣ୍ଣ
ତୁମରି ବିଗ୍ରହେ ଶତ ଶତାବ୍ଦୀର ସଞ୍ଚିତ ବିଦ୍ୟୁତ
ଚମକାଇ ଦେଉ ବିଶ୍ୱ ପୁଣି ଥରେ ହୋଇ କକ୍ଷଚ୍ୟୁତ।
–(ଜାଗ ଜାଗ ଗାନ୍ଧୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 3 | | | | |
| 1 | | | | 5 | | | | |
| | | | | 1 | 2 | | | |
| | | 6 | 5 | 4 | 7 | | | |
| 9 | | | | | | 7 | 5 | |
| 4 | | | | | | | 3 | |
| | | | 9 | | | 2 | 6 | |
| 8 | | | 1 | | | | | |
| | 3 | 7 | 2 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 7 | 6 | 4 | 9 | 8 | 2 |
| 2 | 8 | 6 | 1 | 9 | 5 | 7 | 4 | 3 |
| 4 | 7 | 9 | 8 | 3 | 2 | 6 | 5 | 1 |
| 9 | 3 | 7 | 5 | 4 | 1 | 8 | 2 | 6 |
| 8 | 4 | 5 | 6 | 2 | 7 | 1 | 3 | 9 |
| 1 | 6 | 2 | 9 | 8 | 3 | 4 | 7 | 5 |
| 7 | 9 | 1 | 2 | 5 | 8 | 3 | 6 | 4 |
| 3 | 5 | 8 | 4 | 1 | 6 | 2 | 9 | 7 |
| 6 | 2 | 4 | 3 | 7 | 9 | 5 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### 'ମୋ ବସ୍' କେବେ ଦିବ୍ୟାଙ୍ଗଙ୍କର ହେବ

ମହାଶୟ,

ମାସ ଆରମ୍ଭରେ ବିଶ୍ୱ ଭିନ୍ନକ୍ଷମ ଦିବସ ଯାଇଛି। ସରକାରଙ୍କ ତରଫରୁ ବହୁ କାର୍ଯ୍ୟକ୍ରମ, ଯୋଜନା, ପ୍ରୋତ୍ସାହନର କଥା ମଧ୍ୟ ଶୁଣିବାକୁ ମିଳିଛି। ହେଲେ ମୋ ବସ୍‌ରେ ଗଲାବେଳେ ଗୋଟିଏ କଥା ମନକୁ ଆସିଲା। ଭିନ୍ନକ୍ଷମମାନଙ୍କୁ କାର୍ଡ ଦେଖାଇ ମାଗଣା ଟିକେଟ ମିଳିଯିବ ହେଲେ ହ୍ୱିଲ୍‌ଚେୟାରରେ ବସିଥିବା ଲୋକଙ୍କୁ କ'ଣ ଯିବାଆସିବା କରିବା ମନା। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଧନୀଲୋକ ଲିଫ୍ଟଯୁକ୍ତ କାର ବ୍ୟବହାର କରୁଛନ୍ତି। କେୟାରଟେକର ନେଇ ଯାତାୟାତ କରୁଛନ୍ତି। ହେଲେ ଦେଶରେ ତ କେବଳ ଧନୀ ନୁହନ୍ତି, ଗରିବ ଲୋକ ବି ରୁହନ୍ତି। ଷ୍ଟେସନ, ମଲ୍‌ରେ ଷ୍ଟେୟାର ରାମ୍ପ ତିଆରି ହୋଇଛି, ସ୍କୁଲ, କଲେଜରେ ସ୍ୱତନ୍ତ୍ର ବ୍ୟବସ୍ଥା ବି ରହିଛି। କିନ୍ତୁ ସାଧାରଣ ଭିନ୍ନକ୍ଷମ ପାଇଁ ଲୋଲିଫ୍ଟ ବସ୍‌ର ପ୍ରଚଳନ କେବେ ହେବ? ଲକ୍ଷ୍ମୀ ବସ୍, ମୋ ବସ୍ କ୍ଷେତ୍ରରେ ସୁଧାର ହେଲେ ଘୋରୋଇ ବସ ମଧ୍ୟ ଦିବ୍ୟାଙ୍ଗମାନଙ୍କ ଆଡ଼କୁ ନଜର ଦେବ ବୋଲି ମୋର ଆଶା।

**–ସନମସ୍ମିତା ସାହୁ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





# ଲୋକଙ୍କ ସେବାରେ ସର୍ବୋତ୍ତମ ଚେଷ୍ଟା ଜାରି ରଖିଛି ଓଏମ୍‌ସି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଜୟଦେବ ବିହାରଠାରେ ଓଡ଼ିଶା ଖଣି ନିଗମ(ଓଏମସି)କର୍ପୋରେଟ ଅଫିସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ଲାଟିନମ ରେଟେଡ ଗ୍ରୀନ ରଙ୍ଗର ଏହି କାର୍ଯ୍ୟାଳୟ ୬ ଏକର ଜମି ଉପରେ ନିର୍ମିତ ହେବ। ଏହି ବିଲ୍ଡିଂର ଡିଜାଇନ ଅତ୍ୟନ୍ତ ଆକର୍ଷଣୀୟ ହେବା ସହ ସହରର ଶୋଭା ବର୍ଦ୍ଧନ କରିବ। ଏଥିସହିତ ମୁଖ୍ୟମନ୍ତ୍ରୀ ଡ୍ରିଲ କୋର ଲାଇବ୍ରେରୀର ମଧ ଶୁଭ ଦେଇଛନ୍ତି। ଏହାଛଡ଼ା ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ, ୭ଟି କ୍ୱାଲିଟି କଣ୍ଟ୍ରୋଲ ଲାବ, ୧୦ ସାମ୍ପଲ ପ୍ରୋସେସିଂ ୟୁନିଟ, ଓଏମ୍‌ସିର ଗୋଟିଏ କ୍ରୋମ ଓର୍ ବେନିଫିକେଶନ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ଓଏମ୍‌ସିର ମୋବାଇଲ ହେଲ୍‌ଥ ୟୁନିଟକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଏମ୍‌ସି କେବଳ ଆର୍ଥିକ ଅନୁଦାନ ଦେଉ ନାହିଁ ବରଂ ଦୀର୍ଘ ମିଆଦୀ ଖଣି ଓ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କରି ଲୋକମାନଙ୍କ ମଧ୍ୟରେ ଖୁସି ଆଣି ଦେଇଛି। ଏଥିସହିତ ଓଏମ୍‌ସି କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିକ୍ଷା, ଖଣି ଆଖପାଖ ଅଞ୍ଚଳର ବିକାଶ ସହ ସମାଜର ସେବା ପାଇଁ ନିଜର ସର୍ବୋତ୍ତମ ଉଦ୍ୟମ ଜାରି ରଖିଛି। ନୂତନ କର୍ପୋରେଟ ଅଫିସ ବିଲ୍ଡିଂ ପାଇଁ ମୁଖ୍ୟମନ୍ତ୍ରୀ ଓଏମ୍‌ସିକୁ ଅଭିନନ୍ଦନ



ଜଣାଇଛନ୍ତି। ଖଣି ଅଞ୍ଚଳଗୁଡ଼ିକରେ ଓଏମ୍‌ସିର ଜନକଲ୍ୟାଣ କାର୍ଯ୍ୟକ୍ରମରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଖଣି ଖନନ ହେଉଥିବା ଅଞ୍ଚଳର ଆଖପାଖରେ ଓଏମ୍‌ସି ସିବିଏସ୍‌ଇ ସ୍ୱୀକୃତି ପ୍ରାପ୍ତ ୫ଟି ଆବାସିକ ବିଦ୍ୟାଳୟ ଖୋଲିଛି। ଖଣିଅଞ୍ଚଳରେ ଥିବା ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ମୋବାଇଲ ହେଲ୍‌ଥ ୟୁନିଟ ବ୍ୟବସ୍ଥା କ୍ଷେତ୍ରରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଳ୍ପଗୁଡ଼ିକରେ ବ୍ୟବହାର ହେବାକୁ ଥିବା ଉତ୍ତମ ମାନର କଞ୍ଚାମାଲକୁ ଶୀଘ୍ର ପଠାଇବା ଏବଂ ଏ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ରକ୍ଷା କରିବାରେ ସାଉଥ୍ କାଳିଆପାଣିରେ ଥିବା କ୍ରୋମ ଓର୍ ବେନିଫିକେଶନ ପ୍ଲାଣ୍ଟ ଏବଂ ବିଭିନ୍ନ ଖଣି ଖନନ ଅଞ୍ଚଳରେ ଥିବା କ୍ୱାଲିଟି କଣ୍ଟ୍ରୋଲ ଲାବରେଟୋରିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶା ଖଣି ଖନନ କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନ କୌଶଳ ଏବଂ ଦୀର୍ଘ ମିଆଦୀ ବିଶ୍ୱସ୍ତରୀୟ ନୂତନ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରି ଆସୁଛି। ଓଏମ୍‌ସି ଗତ ଆର୍ଥିକ ବର୍ଷରେ ୩୦ ନିୟୁତ ଟନ ଓର୍ ଉତ୍ପାଦନ କରିଛି, ଯାହାର ବାର୍ଷିକ ହାରାହାରି ମୂଲ୍ୟ ହେବ ୧୪ ହଜାର କୋଟି। ଏହା ଦେଶର ୪ର୍ଥ ବୃହତ୍ ଖଣି କମ୍ପାନୀର ମାନ୍ୟତା ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶା ଦ୍ରୁତ ରୂପାନ୍ତରୀକରଣ ସହ ଏକ ନୂତନ ସ୍ତରରେ ପହଞ୍ଚ ପାରିଛି। ଏହି କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ ଧନ୍ୟବାଦ ଦେଇଛନ୍ତି।

## ମଦ ବଟ୍‌ଲିଂ ଫାକ୍ଟ୍ରିରେ ଚଢ଼ାଉ ଶେଷ

**କାମାକ୍ଷାନଗର, ୧୮।୧୨ (ଅମଜାଦ ଖାନ)**

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମଛିଆ ସ୍ଥିତ ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରି ଶକ୍ତି ମଲ୍ଟ ଏୟାର ଆଣ୍ଡ ଲିମୋନେଡ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଆୟକର ବିଭାଗର ଚଢ଼ାଉ ସୋମବାର ଶେଷ ହୋଇଛି। ଆୟକର ବିଭାଗର ୨ଟି ସ୍ୱତନ୍ତ୍ର ଟିମ୍ ୩ ଦିନ ହେଲା ଚଢ଼ାଉ ଜାରି ରଖିଥିଲେ। ସୋମବାର ଯାଞ୍ଚ ଶେଷ କରି ଆୟକର ବିଭାଗ ଟିମ୍ ଫେରିବା ବେଳେ ଫ୍ୟାକ୍ଟ୍ରିର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସାଙ୍ଗରେ ନେଇଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଆୟକର ବିଭାଗ କିମ୍ବା ଫ୍ୟାକ୍ଟ୍ରି ପକ୍ଷରୁ ଗଣମାଧ୍ୟମକୁ କିଛି ବି ସୂଚନା ଦିଆଯାଇ ନାହିଁ। ତେବେ ବିଭାଗୀୟ ଅଧିକାରୀମାନେ ପଚାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିବା ଫ୍ୟାକ୍ଟ୍ରି ପରିଚାଳନା ନିର୍ଦ୍ଦେଶକ ବିକ୍ରମ ସାହୁ ଫୋନ ଯୋଗେ କହିଛନ୍ତି।

## ବିଧାୟକଙ୍କ ଫେସବୁକ୍ ଆକାଉଣ୍ଟ ହ୍ୟାକ୍

ଜୟପୁର, ୧୮।୧୨ (ପବନ ପାଣିଗ୍ରାହୀ): ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଫେସ୍ ବୁକ୍ ଆକାଉଣ୍ଟ ହ୍ୟାକ୍ ହୋଇଛି। ଏନେଇ ସେ ନିଜେ ଫେସ୍‌ବୁକର ଅନ୍ୟ ଏକ ପ୍ରୋଫାଇଲ ପେଜ୍‌ରୁ ସୂଚନା ଦେଇଛନ୍ତି। କେହି ଦୁର୍ବୃତ୍ତ ଏପରି କରିଥିବା ଅନୁମାନ କରି ବାହିନୀପତି କୋରାପୁଟ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।









# ଏଠି ଲଢ଼େଇ ପାଇଁ ଭାଜପା, କଂଗ୍ରେସର ଦିଲ୍ଲୀ ଚଲୋ







ଭୁବନେଶ୍ୱର, ୧୮ ।୧୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ଭୋଟରଙ୍କ ଦୁଆର ଖଟ ଖଟ କରିବା ଉପରେ। କେବଳ ତାରିଖ ଘୋଷଣାକୁ ଅପେକ୍ଷା। ଓଡ଼ିଶା କଥା ଦେଖିଲେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ପ୍ରଦର୍ଶନ କିପରି ରହିବ ତା'ଉପରେ ସମସ୍ତଙ୍କ ନଜର। ରାଜ୍ୟରେ ଲଗାତର ୫ମ ଥର ସରକାର ଗଢ଼ିସାରିଥିବା ବିଜେଡିକୁ ଦୀର୍ଘ ବର୍ଷ ହେଲା ଅନ୍ୟ କୌଣସି ଦଳ ଅଡୁଆରେ ପକାଇପାରିନାହାନ୍ତି। ତେଣୁ ଆଞ୍ଚଳିକ ଦଳ ବିଜେଡିକୁ ପ୍ରତିହତ କରି ଭାଜପା ଓ କଂଗ୍ରେସ ଭଳି ଜାତୀୟ ଦଳର ରାଜ୍ୟ ନେତାମାନଙ୍କୁ ଏବେ କେନ୍ଦ୍ରରୁ ଡକରା ଆସିଥିବା ଜଣାପଡ଼ିଛି। ଉଭୟ ଦଳର ନେତାମାନେ ଚଳିତ ସପ୍ତାହରେ ଦିଲ୍ଲୀ ଗସ୍ତକରି ଆସନ୍ତା ନିର୍ବାଚନ କିପରି ରାଜ୍ୟରେ ଲଢ଼ାଯିବ ସେନେଇ ଆଲୋଚନା କରିବେ ବୋଲି ଶୁଣିବାକୁ ମିଳୁଛି।

ଆସନ୍ତା ୨୦ ତାରିଖରେ ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜ୍ଜୁନ ଖାଡ୍‌ଗେ ଓଡ଼ିଶା ନେତାଙ୍କ ସହ ଆସନ୍ତା ନିର୍ବାଚନ ସମ୍ପର୍କରେ ଆଲୋଚନା କରିବେ ବୋଲି କୁହାଯାଇଛି। ହେଲେ ଦଳର ସବୁ ବିଧାୟକଙ୍କୁ ଏଥିରେ ସାମିଲ କରାଯାଇ ନାହିଁ। ଗତ ୨ଟି ସାଧାରଣ ନିର୍ବାଚନ ଉପରେ ନଜର ପକାଇଲେ କଂଗ୍ରେସର ଭୋଟ୍ ପ୍ରତିଶତ ପ୍ରତ୍ୟେକ ଥର କମି ଚାଲିଛି। ଅନେକ ନେତା ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ କଂଗ୍ରେସ ଛାଡ଼ି ଅନ୍ୟ ରାଜନୈତିକ ଦଳରେ ସାମିଲ ହୋଇସାରିଛନ୍ତି। ଗୋଷ୍ଠୀକନ୍ଦଳ ଯୋଗୁ ହିଁ କଂଗ୍ରେସ ଦିନକୁ ଦିନ ରସାତଳଗାମୀ ହୋଇଚାଲିଛି। ଏସବୁ ଭିତରେ ରାଜ୍ୟରେ କଂଗ୍ରେସ ସ୍ଥିତି ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଥିବା ଯୋଗୁ ଏହାର ଫାଇଦା ଏକ ପ୍ରକାର ବିଜେଡି ଏବଂ ଭାଜପା ପାଖକୁ ଚାଲିଯାଉଛି। ତେଣୁ ଏଭଳି ସ୍ଥିତିରେ କଂଗ୍ରେସ ଜାତୀୟ ନେତୃବୃନ୍ଦ ଓଡ଼ିଶାରେ ହେବାକୁ ଥିବା ଆସନ୍ତା ସାଧାରଣ ନିର୍ବାଚନ ଲାଗି କ'ଣ ରଣନୀତି ପ୍ରସ୍ତୁତ କରୁଛନ୍ତି ତାହା ଦିଲ୍ଲୀ ଭେଟଘାଟ ପରେ ଜଣାପଡ଼ିବ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଲେଣି। ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ୨୦୨୪ ନିର୍ବାଚନ ଲାଗି ଆଲୋଚନା କରିବା ପାଇଁ ନେତାଙ୍କୁ ଡକାଯାଇଛି। ୨୦ ତାରିଖରେ ହେବାକୁ ଥିବା ବୈଠକରେ ୨୫ରୁ ୩୦ ଜଣ ଯୋଗଦେବେ। ଯେଉଁମାନଙ୍କୁ ଖବର ଦେବାକୁ କୁହାଯାଇଥିଲା ସେମାନଙ୍କୁ ସେ ଡାକିଥିବା ଶରତ କହିଛନ୍ତି।

ଖବର ମିଳିଛି, ଭାଜପାର ସବୁ ବିଧାୟକ ଏବଂ କେତେଜଣ ବରିଷ୍ଠ ନେତା ମଧ୍ୟ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିବେ। ଆସନ୍ତା ୨୦, ୨୧ ଏବଂ ୨୨ ତାରିଖରେ ଏହି ନେତାମାନଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ୨ ନମ୍ବର ସ୍ଥାନକୁ ଉଠିଥିବା ରାଜ୍ୟ ଭାଜପା ପାଇଁ ସେମାନଙ୍କ ଦଳର କେନ୍ଦ୍ରୀୟ ନେତାଙ୍କ ଆଭିମୁଖ୍ୟ ସମସ୍ୟା ବଢ଼ାଇ ଦେଉଥିବା ଚର୍ଚ୍ଚା ହେଉଛି। ଭାଜପାର କେତେଜଣ ରାଜ୍ୟ ନେତୃବୃନ୍ଦଙ୍କ କହିବା କଥା, ୨୦୧୯ ନିର୍ବାଚନ ପରଠାରୁ ଅନେକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ପାର୍ଲାମେଣ୍ଟରେ ସମର୍ଥନ କରିବା ସକାଶେ ବିଜେଡିକୁ ତାଙ୍କ ଦଳର ଜାତୀୟସ୍ତର ନେତାମାନେ ଅନୁରୋଧ କରୁଛନ୍ତି। ଆଉ ଅନେକ ସମୟରେ କେନ୍ଦ୍ର କହିବା ଆଗରୁ ହିଁ ବିଜେଡି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଦେଉଛି। ଏହାଦ୍ୱାରା ବିଜେଡି ଏବଂ ଭାଜପା ମଧ୍ୟରେ ନିବିଡ଼ ସମ୍ପର୍କ ଥିବା ନେଇ ଏକପ୍ରକାର ବାର୍ତ୍ତା ରାଜ୍ୟବ୍ୟାପୀ ପ୍ରଚାର ହୋଇସାରିଛି। ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ପ୍ରାର୍ଥୀ କରିବା ପରେ ବିଜେଡି ସମର୍ଥନରେ ତାଙ୍କୁ ରାଜ୍ୟ ସଭା ପଠାଇବା କଥା ମଧ୍ୟ ଓଡ଼ିଶାବାସୀଙ୍କ ଆଗରେ ତାଙ୍କ ଦଳକୁ ପଛକୁ ଠେଲିଦେଇଛି। ସମ୍ଭବତଃ ସେଥିଲାଗି ରାଜ୍ୟର ଶାସକ ବିଜେଡି ବିରୋଧରେ ଭାଜପା ନେତାମାନେ କରୁଥିବା ବିରୋଧ ସେତେଟା ସଫଳ ହେଉନାହିଁ। ଫଳରେ ରାଜ୍ୟର କର୍ମୀମାନଙ୍କ ମନୋବଳ ମଧ୍ୟ ଏକ ପ୍ରକାର ଦୁର୍ବଳ ହେଉଛି। ଯେଉଁ କେନ୍ଦ୍ରୀୟ ନେତାମାନେ ଗତ ୫ ବର୍ଷରେ ଓଡ଼ିଶା ଗସ୍ତରେ ଆସିଲେଣି ସେମାନଙ୍କ ମୁହଁରୁ ମଧ୍ୟ ସ୍ଥାନୀୟ ସରକାରଙ୍କ ବିରୋଧରେ ପଦୁଟିଏ କଥା ବାହାରୁନି ; ଓଲଟି ପ୍ରଶଂସା କରି ଫେରୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଓଡ଼ିଶାରେ କୋଳାକୋଳି ଆଭିମୁଖ୍ୟ ଛାଡ଼ି ରାଜ୍ୟ ସରକାରଙ୍କ ବିରୋଧରେ କିପରି ଭାଜପା କଡ଼ା ମୁକବିଲାମୂଳକ ପଦକ୍ଷେପ ନେବ, ସେନେଇ ରାଜ୍ୟ ନେତାମାନେ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବାର ଅଭାସ ମିଳୁଛି। ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ କହିଛନ୍ତି ଯେ, ଯେମିତି ୩ଟି ରାଜ୍ୟରେ ଭାଜପା ସରକାର କଲା ଓଡ଼ିଶାରେ ସେମିତି ସଫଳତା କିଭଳି ମିଳିବ ସେନେଇ ଆଲୋଚନା ହେବ। ଏଥିଲାଗି କେନ୍ଦ୍ରୀୟ ନେତାଙ୍କ ପୂର୍ଣ୍ଣ ସମର୍ଥନ ଲୋଡ଼ିବା ଲାଗି ଭେଟିବୁ। ରାଜ୍ୟରୁ ସବୁ ବିଧାୟକମାନେ ଯିବେ, ସେଠାରେ ଥିବା ଏମ୍‌ପିମାନେ ସେଥିରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ଥିବା ସେ କହିଛନ୍ତି।

ଅପରପକ୍ଷରେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦୁଇ ଜାତୀୟ ଦଳର ରାଜ୍ୟ ନେତାଙ୍କ ଦିଲ୍ଲୀ ଡକରା ସମ୍ବନ୍ଧୀୟ ଗୋଟେ ପ୍ରଶ୍ନ ପଚାରିବାରୁ ସେ ଉତ୍ତର ଦେଲେ-ଉଭୟ କଂଗ୍ରେସ ଓ ଭାଜପାର ଓଡ଼ିଶା ମାଟିରେ ପାଦ ନାହିଁ ; ସେଥିଲାଗି ସେମାନେ ବାରମ୍ବାର ଦିଲ୍ଲୀ ଦୌଡୁଛନ୍ତି। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ ବୋଲି ସେ କହିଛନ୍ତି।

# 'ଦେଶପାଇଁ ଦାନ' କାର୍ଯ୍ୟକ୍ରମ ଆରମ୍ଭ କଲା କଂଗ୍ରେସ

ଭୁବନେଶ୍ୱର, ୧୮ ।୧୨(ସୁନିତ୍ ମିଶ୍ର)


କଂଗ୍ରେସ ଭବନଠାରେ ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଉଛନ୍ତି।

ଭାରତୀୟ ଜାତୀୟ କଂଗ୍ରେସ ସୋମବାରଠାରୁ ଭାରତବର୍ଷର ଜନସାଧାରଣଙ୍କ ପାଖରୁ ଅନ୍‌ଲାଇନ୍ ମାଧ୍ୟମରେ 'ଦେଶ ପାଇଁ ଦାନ' କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ଅନୁଯାୟୀ କଂଗ୍ରେସ କର୍ମୀମାନେ ପ୍ରତ୍ୟେକ ବୁଥ୍‌ର ଅନ୍ୟୁନ ୧୦ଟି ଘରକୁ ଚିହ୍ନଟ କରି ସର୍ବନିମ୍ନ ୧୩୮ ଟଙ୍କା ଦାନ କରିବା ପାଇଁ ଅନୁରୋଧ କରିବେ। ଏହି ଦାନ ରାଶି ଅନ୍‌ଲାଇନ ମାଧ୍ୟମରେ ଗ୍ରହଣ କରାଯିବ। ଏଥିପାଇଁ ଅଖିଳ ଭାରତ ଜାତୀୟ କଂଗ୍ରେସ(ଏଆଇସିସି) ସଭାପତି ମଲ୍ଲିକାର୍ଜ୍ଜୁନ ଖାଡ୍‌ଗେ ଦିଲ୍ଲୀ ଠାରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ୨ଟି ଲିଙ୍କ୍ ପ୍ରଦାନ କରିଛନ୍ତି। ଦାତା ୧୩୮ ଟଙ୍କା ବା ୧୩୮ ଟଙ୍କାର ଗୁଣିତକ ରାଶି ଯଥା ୧୩୮୦ ଟଙ୍କା, ୧୩୮୦୦ ଟଙ୍କା ପ୍ରଦାନ କରିପାରିବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି। କଂଗ୍ରେସ ଭବନ ଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ ଆହୁରି କହିଛନ୍ତି ଯେ, ଆସନ୍ତା ୨୯ ଠାରୁ କଂଗ୍ରେସ କର୍ମୀମାନେ ଘର ଘର ବୁଲି 'ଦେଶପାଇଁ ଦାନ' ଚାଲୁ ରଖିବେ। କେବଳ କଂଗ୍ରେସ ପରିବାର ନୁହେଁ କଂଗ୍ରେସ ପରିବାର ବାହାରେ ଥିବା ଶୁଭେଚ୍ଛୁ ବନ୍ଧୁ ଓ ଅନୁଷ୍ଠାନଗୁଡିକୁ ଦାନ କାର୍ଯ୍ୟକ୍ରମରେ ସାମିଲ କରିବାକୁ ନିବେଦନ କରିବେ। ଭାରତୀୟ ଜାତୀୟ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦-୨୧ରେ ତିଳକ ସ୍ୱରାଜ ଫଣ୍ଡ ଗଠନ କରିଥିଲେ। ଭାରତ ବର୍ଷର ଜନସାଧାରଣଙ୍କ ପାଖରୁ ଏହି ପାଣ୍ଠି ପାଇଁ ଦାନ ରାଶି ଗ୍ରହଣ କରିଥିଲେ। ଏବେ ୧୩୮ ବର୍ଷର କଂଗ୍ରେସ ଏହି ସ୍ୱର୍ଣ୍ଣିମ ଯାତ୍ରାକାଳର ଭାରତର ଜନସାଧାରଣଙ୍କ ଦାନ ଓ ଅକୁଣ୍ଠ ସମର୍ଥନ ଆଶା କରେ ବୋଲି ଶରତ କହିଛନ୍ତି।

ଚର୍ଚ୍ଚାରେ କେନ୍ଦୁଝର ରାଜନୀତି

# ଉପରେ କୋଳାକୋଳି, ଆମେ କାହିଁ କରିବା କଳି

କେନ୍ଦୁଝର, ୧୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)


ଗୋଟିଏ ମଞ୍ଚରେ ନିରଞ୍ଜନ, ମୋହନ ଓ ବଦ୍ରି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଆଗକୁ ସାଧାରଣ ନିର୍ବାଚନ ଥିବାରୁ କେନ୍ଦୁଝର ଜିଲାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ବିଜେଡି, ଭାଜପା ଓ କଂଗ୍ରେସ ପରସ୍ପର ବିରୋଧରେ ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ କରିଦେଲେଣି। ଦଳୀୟ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଭାବମୂର୍ତ୍ତି ସୁଧାରିବା ସହ ଦଳର ସ୍ଥିତି ସଜାଡିବାରେ ଲାଗିଛନ୍ତି। ଏଭଳି ସମୟରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଘଷିପୁରା ନିର୍ବାଚନମଣ୍ଡଳୀର ଦୁଇ ଟାଣୁଆ ନେତା ବିଧାୟକ ବଦ୍ରି ନାରାୟଣ ପାତ୍ର, ପୂର୍ବତନ ବିଧାୟକ ନିରଞ୍ଜନ ପଟ୍ଟନାୟକଙ୍କ ସହିତ କେନ୍ଦୁଝର ସଦର ବିଧାୟକ ତଥା ଭାଜପାର ମୁଖ୍ୟ ସଚେତକ ମୋହନ ମାଝିଙ୍କ ଉପସ୍ଥିତି ରାଜନୈତିକ ଉଷ୍ମତାକୁ ଅଧିକ ବଢ଼ାଇଦେଇଛି। ପାରମ୍ପରିକ ରାଜନୈତିକ ଶତ୍ରୁତା ଥିବା ବିଧାୟକ ବଦ୍ରି, ନିରଞ୍ଜନ ଏବଂ ପାଖରେ ବସିଥିବା ମୋହନଙ୍କୁ ଦେଖି ସେମାନଙ୍କ ସମର୍ଥକମାନେ ନାନା କଳ୍ପନାଜଳ୍ପନା ଆରମ୍ଭ କରିଦେଇଛନ୍ତି। 'ଉପରେ ନେତା କୋଳାକୋଳି ଆମେ କାହିଁକି କରିବା କଳି' ଭଳି ମନ୍ତବ୍ୟ ସାଧାରଣରେ ପ୍ରକାଶ ପାଉଥିବା ଶୁଣିବାକୁ ମିଳୁଛି।

## ରାଜାଙ୍କ କାର୍ଯ୍ୟକ୍ରମରେ ମୋହନ ଅତିଥି


ଅନ୍ୟ ଅତିଥିଙ୍କ ଗହଣରେ ମୋହନ ମାଝୀ ଓ ରାଜା ଚକ୍ର।

ସଦର ବ୍ଲକ୍ ପଳାଶପଙ୍ଗାଠାରେ ଅନୁଷ୍ଠିତ ଏକ ସମାରୋହରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଭାଜପା ବିଧାୟକ ମୋହନ ମାଝି ଓ ବିଜେଡି ନେତା ରାଜା ଚକ୍ରଙ୍କ ଉପସ୍ଥିତିକୁ ନେଇ ଲୋକଙ୍କ ଭିତରେ ଚାଲିଛି ଟୁପୁର ଟାପୁର। ସମାରୋହ ଆୟୋଜନରେ ରାଜା ଚକ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା। ଏଣୁ ଏଥିରେ ମୋହନଙ୍କୁ ଅତିଥିଭାବରେ ଆମନ୍ତ୍ରଣ ଏକ ଆଲୋଚନାର ପ୍ରମୁଖ ବିଷୟ ପାଲଟିଛି। ଏକଦା ଉଭୟଙ୍କ ମଧ୍ୟରେ ବିବାଦ ଜୋରସୋରରେ ଦେଖାଦେଇଥିଲା। ଏପରିକି ରାଜାଙ୍କ ବିରୋଧରେ ମୋହନ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଗଣମାଧ୍ୟମରେ ମତ ରଖିବା ସହ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ତେବେ ଏଭଳି ଦୁଇ ପରସ୍ପର ବିରୋଧୀ ନେତାଙ୍କ ଉପସ୍ଥିତି ରାଜନୈତିକ ଶତ୍ରୁତା ମିତ୍ରତାରେ ପରିଣତ ହୋଇଥିବା ନେଇ ଭାଜପା ଓ ବିଜେଡି ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ବିଜେଡି ଓ ଭାଜପା ମେଣ୍ଟ ନେଇ ହେଉଥିବା ଆଲୋଚନାର ଏହା କ'ଣ ନିର୍ବାଚନ ପୂର୍ବର ରୂପରେଖ କି ବୋଲି କଂଗ୍ରେସ ନେତାମାନେ ପ୍ରଶ୍ନ କରୁଛନ୍ତି।

## ଏକାଠି ବଦ୍ରି-ରାଜା


ମଞ୍ଚରେ ଉପସ୍ଥିତି ଅତିଥିମାନଙ୍କ ଗହଣରେ ବଦ୍ରି ଓ ରାଜା।

ସେହି ପଳାଶପଙ୍ଗାଠାରେ ଆଉ ଏକ କାର୍ଯ୍ୟକ୍ରମରେ ବିଜେଡି ଦଳରେ ଥାଇ ପରସ୍ପର ବିରୋଧୀ ଭାବରେ ପରିଗଣିତ ହୋଇ ଆସୁଥିବା ଘଷିପୁରା ବିଧାୟକ ବଦ୍ରି ପାତ୍ର ଓ ବିଜେଡି ନେତା ରାଜା ଚକ୍ରଙ୍କ ଉପସ୍ଥିତି ଅନେକଙ୍କୁ ଚକିତ କରିଛି। ଯଦିଓ ଜିଲାର ବିଧାୟକ ହିସାବରେ ବଦ୍ରିଙ୍କୁ ଅତିଥି କରାଯାଇଥିଲା, ତେବେ ଘଷିପୁରା ନିର୍ବାଚନ ମଣ୍ଡଳୀରେ ଉଭୟଙ୍କ ମଧ୍ୟରେ ଥିବା ବିବାଦକୁ ନେଇ ଆଲୋଚ୍ୟର ବିଷୟ ହୋଇଛି। ଘଷିପୁରା ନିର୍ବାଚନ ମଣ୍ଡଳୀ ପାଇଁ ଉଭୟ ଦାବିଦାର ଏହି ବିବାଦର ପ୍ରମୁଖ କାରଣ ବୋଲି କୁହାଯାଏ। ଏଣୁ ଉଭୟ ସମର୍ଥକଙ୍କ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ହୋଇଥାଏ। ଆୟୋଜକଙ୍କ ମଧ୍ୟରେ ରାଜାଙ୍କ ଭୂମିକା ପ୍ରମୁଖ। ପୂର୍ବରୁ ରାଜାଙ୍କ କେତେକ ଘରୋଇ ବା ସାମାଜିକ କାର୍ଯ୍ୟକ୍ରମରେ ବଦ୍ରି ଯୋଗଦେଉ ନ ଥିଲେ। ଏଣୁ ଉଭୟଙ୍କ ଉପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଛି।

# ଭାଜପା ନେତୃତ୍ୱରେ ସାମ୍ପ୍ରଦାୟିକ ଧ୍ରୁବୀକରଣ ବଢୁଛି: ଡି ରାଜା


ଭଗବତୀ ଭବନଠାରେ ସିପିଆଇ ସାଧାରଣ ସମ୍ପାଦକ ଡି.ରାଜା ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭାଜପା ନେତୃତ୍ୱରେ ଅହଙ୍କାର, ଔଦ୍ଧତ୍ୟ ଏବଂ ସେମାନଙ୍କ ସାମ୍ପ୍ରଦାୟିକ ଧ୍ରୁବୀକରଣ ଉଦ୍ୟମ ଅଧିକ ବୃଦ୍ଧି ପାଉଛି ବୋଲି ସିପିଆଇ ସାଧାରଣ ସମ୍ପାଦକ ଡି.ରାଜ କହିଛନ୍ତି। ସିପିଆଇ 'ଇଣ୍ଡିଆ' ମେଣ୍ଟର ଏକ ଅଂଶୀଦାର ଦଳ ଭାବେ ଏହି ଜନବିରୋଧୀ ଫାସିବାଦୀ ଶକ୍ତିକୁ ପରାଜିତ କରି ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶକ୍ତିଗୁଡିକର ବିଜୟକୁ ସୁନିଶ୍ଚିତ କରିବା ପାଇଁ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଦଳଗୁଡିକ ମଧ୍ୟରେ ଏକତା ବୃଦ୍ଧି କରିବା ପାଇଁ ସଂକଳ୍ପବଦ୍ଧ। ଆସନ୍ତା ୨୦୨୪ ସଂସଦୀୟ ନିର୍ବାଚନରେ 'ଇଣ୍ଡିଆ' ମେଣ୍ଟକୁ ଏକ ବିକଳ୍ପ ଶକ୍ତି ଭାବେ ଶକ୍ତିଶାଳୀ କରି ଭାଜପାକୁ ପରାଜିତ କରିବା ପାଇଁ ସିପିଆଇ ସମସ୍ତ ଉଦ୍ୟମ କରିବ ବୋଲି ସେ କହିଛନ୍ତି।

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରଠାରେ ସୋମବାର ଶେଷ ହୋଇଛି। ଭଗବତୀ ଭବନଠାରେ ଦଳର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡି.ରାଜା ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ରାଜା କହିଛନ୍ତି ଯେ, ସଂସଦରେ ଦଳର ପ୍ରତିନିଧିତ୍ୱକୁ ବୃଦ୍ଧି କରିବା ପାଇଁ ସିପିଆଇ ପକ୍ଷରୁ ସମଗ୍ର ଦେଶରେ ଯୁକ୍ତିଯୁକ୍ତ ସଂଖ୍ୟକ ଆସନରେ ପ୍ରାର୍ଥୀ ଦିଆଯିବ। ଶ୍ରମଜିବୀ ଓ ଶ୍ରମିକ ଶ୍ରେଣୀ ଜନତାଙ୍କ ସ୍ୱାର୍ଥର ରକ୍ଷା କରିବା ପାଇଁ ସିପିଆଇର ସଫଳତା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନା କରିବା ସହ ନିକଟରେ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ସମ୍ପର୍କରେ ସମୀକ୍ଷା କରିଥିଲେ। ସେ କହିଥିଲେ ଯେ, ଏହି ରାଜ୍ୟଗୁଡିକର ନିର୍ବାଚନ ଫଳାଫଳ ସ୍ପଷ୍ଟ ବାର୍ତ୍ତା ଦେଉଛି ଜନବିରୋଧୀ କର୍ପୋରେଟ ପକ୍ଷପାତି ସାମ୍ପ୍ରଦାୟିକ ଭାଜପା ସରକାରକୁ ପରାସ୍ତ କରିବା ଲାଗି ସମସ୍ତ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ଦେଶପ୍ରେମୀ ଶକ୍ତିଙ୍କୁ ଐକବଦ୍ଧ ହୋଇ ଲଢ଼ିବାକୁ ହେବ। ତେଲେଙ୍ଗାନାରେ କଂଗ୍ରେସ ଓ ସିପିଆଇର ମିଳିତ ବୁଝାମଣାର ସଫଳତା ବେଶ୍ ଉତ୍ସାହଜପ୍ରଦ। ସିପିଆଇ ତେଲେଙ୍ଗାନା ରାଜ୍ୟ ଶାଖା ଓ ରାଜ୍ୟର ଜନସାଧାରଣଙ୍କୁ ଏଥିଲାଗି ସେ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟର ନିଜସ୍ୱ ଅଣଟିକସ ଆୟ ଅହେତୁକ ବୃଦ୍ଧି ପାଇଛି: ଭାଜପା

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)



ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା ରାଜ୍ୟର ଅଣ ଟିକସ ଆୟ ହ୍ରାସ ପାଇଥିବା ନେଇ ସୂଚନା ଦେଉଛନ୍ତି।

ରିଜର୍ଭ ବ୍ୟାଙ୍କ ଦ୍ୱାରା ସଦ୍ୟ ପ୍ରକାଶିତ 'ଷ୍ଟେଟ୍ ଫାଇନାନ୍ସ ରିପୋର୍ଟ'ରେ ଓଡ଼ିଶାର ଅର୍ଥନୈତିକ ସ୍ଥିତିର ଦୟନୀୟ ଅବସ୍ଥା ପରିଷ୍କାର ହୋଇଛି ବୋଲି ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ବିକାଶ ଏବଂ ଅଭିବୃଦ୍ଧି ସହିତ କୌଣସି ସମ୍ପର୍କ ନ ଥିବା ଅଣବିକାଶ ବ୍ୟୟ ଓଡ଼ିଶାରେ ସର୍ବାଧିକ। ଆର୍ଥିକ ବର୍ଷ ୨୦୨୧-୨୨ ତୁଳନାରେ ୨୦୨୨-୨୩ରେ ଏ ପ୍ରକାର ବ୍ୟୟ ୪୪.୬% ବୃଦ୍ଧି ଘଟିଛି; ଯାହାକି ଦେଶର ସମସ୍ତ ରାଜ୍ୟଗୁଡିକ ମଧ୍ୟରେ ସର୍ବାଧିକ। ଠିକ୍ ସେହିପରି ରାଜ୍ୟର ନିଜସ୍ୱ ଅଣଟିକସ ଆୟ ଅହେତୁକ ଭାବେ ବୃଦ୍ଧି ପାଇଛି। ଦେଶର ସମସ୍ତ ରାଜ୍ୟ କରୁଥିବା ଅଣଟିକସ ଆୟର ୧୪.୭% କେବଳ ଓଡ଼ିଶାରୁ ସମ୍ଭବ ହେଉଛି। ଅନ୍ୟପକ୍ଷରେ ଗତ ୩ ବର୍ଷରେ ଓଡ଼ିଶାରେ ନିଜସ୍ୱ ଟିକସ ଆୟ ସମସ୍ତ ରାଜ୍ୟର ଟିକସ ଆୟର ୨.୮%ରୁ କ୍ରମାଗତଭାବେ ହ୍ରାସ ପାଇ ୨.୫%ରେ ପହଞ୍ଚିଲାଣି ବୋଲି ସତ୍ୟବ୍ରତ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି ଯେ, ଏହି ଅତିରିକ୍ତ ଅଣଟିକସର ଉତ୍ସ ହେଉଛି ରାଜ୍ୟର ଖଣିଜଦ୍ରବ୍ୟ। ରାଜ୍ୟରେ ବାର୍ଷିକ ୨୨୭ ନିୟୁତ ଟନ୍ ଖଣିଜ ଦ୍ରବ୍ୟ ଉତ୍ତୋଳନ ହୁଏ ଏବଂ ଓଡ଼ିଶାର ସମୁଦାୟ ଖଣିଜ ପଦାର୍ଥର ପରିମାଣ ହେଉଛି ୪୭୪୮ ନିୟୁତ ଟନ୍। ଅର୍ଥାତ୍ ୨୦ ବର୍ଷରେ ଓଡ଼ିଶାର ଖଣିଜ ସମ୍ପଦ ସମାପ୍ତ ହୋଇଯିବାର ଆଶଙ୍କା ଦେଖାଦେଲାଣି। ଖଣିଜ ସମ୍ପଦ ସମାପ୍ତ ହେଲେ ରାଜ୍ୟ କେଉଁ ଉତ୍ସରୁ ଏପରି ବ୍ୟାପକ ଅଣଟିକସ ଆୟ କରିପାରିବ ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଓଡ଼ିଶାର ଭବିଷ୍ୟତକୁ ୨୦ ବର୍ଷରେ ସୀମିତ ରଖିଥିବା ବିଜେଡି ବିରୋଧୀ ଦଳଙ୍କୁ ସମାଲୋଚନା କରିବା ହସ୍ୟାସ୍ପଦ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ଖର୍ଚ୍ଚର ହିସାବ ନ ଦେଲେ ଆନ୍ଦୋଳନ: ଶରତ

ଭୁବନେଶ୍ୱର, ୧୮।୧୨(ସୁନିତ୍ ମିଶ୍ର)

ସରକାରଙ୍କ ବିରୋଧରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏକ ଠକେଇର ଅଭିଯୋଗ ଆଣିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ବିଜୁଳି ବିଭାଗର ଭିତ୍ତିଭୂମି ବିକାଶ ନିମନ୍ତେ ସରକାର ୧୫ ହଜାର କୋଟି ଟଙ୍କାର ବ୍ୟୟବରାଦ ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ବିକାଶ ପାଇଁ ପୂର୍ବରୁ ମଞ୍ଜୁର ହୋଇଥିବା ୨୦ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ କଂଗ୍ରେସର ବାରମ୍ବାର ଦାବି ସତ୍ତ୍ୱେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚର ହିସାବ ଏପର୍ଯ୍ୟନ୍ତ ସରକାର ଦେଲେ ନାହିଁ। ଏହି ଟଙ୍କାର ହିସାବ ଦେଇ ପାରୁ ନ ଥିବା ସରକାର ପୁନର୍ବାର ୧୫ ହଜାର କୋଟି ଟଙ୍କା ଆଉ ଥରେ ବିଦ୍ୟୁତ ଭିତ୍ତିଭୂମି ବିକାଶ ପାଇଁ ବ୍ୟୟବରାଦ କରିବା କେତେଦୂର ଗ୍ରହଣୀୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ କେତେ କୋଟି ଟଙ୍କାର ଦୁର୍ନୀତି ହୋଇଛି ଏବଂ କେଉଁମାନେ ଏଥିରେ ଅନ୍ତର୍ଭୁକ୍ତ ଏକଥା ଜଳ ଜଳ ହୋଇ ଦେଖାଯାଉଛି। ଶରତ ଆହୁରି କହିଛନ୍ତି ଯେ, ହିସାବ ଦେବା ପାଇଁ ସରକାର ଅକ୍ଷମ। ଯେତେବେଳେ ବିଜୁଳି ଉପଭୋକ୍ତା ଭିତ୍ତିଭୂମି ଅଭାବଜନିତ କାରଣରୁ ବର୍ଦ୍ଧିତ ବିଜୁଳି ଦେୟର ଶିକାର ହେଉଛି ସେତେବେଳେ ପୁନର୍ବାର ୧୫ ହଜାର କୋଟି ଟଙ୍କା ବ୍ୟୟବରାଦ କେବଳ ଆତ୍ମସାତ ପାଇଁ ଉଦ୍ଦିଷ୍ଟ। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବରୁ ମଞ୍ଜୁର ହୋଇଥିବା ୨୦ ହଜାର କୋଟି ଟଙ୍କାର ହିସାବ ଦିଅନ୍ତୁ ନଚେତ୍ କଂଗ୍ରେସ ଆନ୍ଦୋଳନକୁ ଯିବ ବୋଲି ସେ କହିଛନ୍ତି।

# ବିଫଳତା ହିଁ ସଫଳତା ବାଟ ଦେଖାଇବ: କପିଳ ଦେବ



ବିଜେଇଏମ୍ ସ୍କୁଲରେ ପଦ୍ମଭୂଷଣ କପିଳ ଦେବ ଅଭିଭାଷଣ ରଖୁଛନ୍ତି। (ଫଟୋ: ବିକାଶ ନାୟକ)



ପଦ୍ମଭୂଷଣ କପିଳ ଦେବ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନଙ୍କ ସହ ସମ୍ମାନିତ ପୂର୍ବତନ ସ୍କୁଲ୍ ଅଧକ୍ଷ, ସ୍କୁଲ ଟପ୍ପର।

ଭୁବନେଶ୍ୱର, ୧୮।୧୨(ଅସମାପିକା ସାହୁ)

ସବୁ କ୍ଷେତ୍ରରେ ସଫଳ ଓ ବିଫଳ ଅଛି। ବିଫଳ ହେଲେ କେବେ ପଛଘୁଞ୍ଚା ହେବ ନାହିଁ। ତାହା ତୁମକୁ ସଫଳତା ପାଇଁ ବାଟ ଦେଖାଇବ ବୋଲି ପୂର୍ବତନ ଭାରତୀୟ କ୍ରିକେଟର ପଦ୍ମଭୂଷଣ କପିଳ ଦେବ କହିଛନ୍ତି। ସୋମବାର ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ୍ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍ଯାପନ ଅବସରରେ ମୁଖ୍ୟ ଅତିଥିମାନେ ଯୋଗଦେଇ କହିଲେ, ଡୁପ୍ଲିକେଟ୍ କେବେ ବି ଅରିଜନାଲଠାରୁ ଭଲ ହୋଇପାରେ ନାହିଁ। ତେଣୁ କାହାକୁ କପି ନ କରି ନିଜେ ଯେମିତି ସେମିତି ରୁହ। ନିଜେ ନିଜ ସହିତ କେବେ ଠକ ନାହିଁ କିମ୍ବା ମିଛ କୁହନାହିଁ। ଯଦି ତୁମେ ନିଜକୁ ମିଛ କହିବ ତେବେ ତୁମେ ସାରା ଜୀବନ ମିଛରେ ହିଁ ଯିବ। ଏହି ଅବସରରେ କପିଳ ଦେବଙ୍କ ସହିତ ଉପସଭାପତି ଡ. ଅଶ୍ୱିନୀ କୁମାର ତିୱାରୀ ଭାବ ବିନିମୟ କରିଥିଲେ। ବହୁ ପ୍ରଶ୍ନର ଉତ୍ତର ରଖି କପିଳ ଦେବ କହିଥିଲେ, ୨୦-୩୦ବର୍ଷ ତଳେ ଆମେ ବିଶ୍ୱକପ୍ ଜିତିପାରିବୁ କି ନାହିଁ ଭାବି ପାରୁ ନଥିଲୁ। କିନ୍ତୁ ଏବେ ବିଶ୍ୱାସ ହେଉଛି ଯେ ଆମେ ଜିତିପାରିବା। ତାହା ହିଁ ପରିବର୍ତ୍ତନ। ଯଦି ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବ ଏବଂ କଠିନ ପରିଶ୍ରମ କରିବା ତେବେ ଆମେ ଜିତିପାରିବା ବୋଲି ନିଶ୍ଚୟ ବିଶ୍ୱାସ ଆସିବ। ଆମ ସମୟଠାରୁ ଏବେର ଖେଳାଳି ବହୁତ ଭଲ ଖେଳୁଛନ୍ତି ବୋଲି କପିଳ ଦେବ କହିଥିଲେ। ଏଥିସହ ସେ ପରୋକ୍ଷରେ ଭାରତକୁ ଫିଲ୍ଡିଂ କ୍ଷେତ୍ରରେ ଉନ୍ନତି ଆଣିବାକୁ ଆହ୍ୱାନ ଦେଇଥିଲେ। ଜଣେ ବ୍ୟାଟିଂ ଏବଂ ବୋଲିଂକୁ ଅଣଦେଖା କରିପାରିବ। କିନ୍ତୁ ଫିଲ୍ଡିଂ କ୍ଷେତ୍ରରେ ନୁହେଁ। ଏଥିରେ ଜଣେ ନିଜର ଉନ୍ନତି ଆଣିପାରିବ। ତେଣୁ ଆମକୁ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ। ସେହିଭଳି ରେକର୍ଡ ସମ୍ପର୍କରେ ସେ କହିଲେ, ବର୍ତ୍ତମାନ ସମୟରେ କ୍ରିକେଟର ଲାଇଫ୍‌ରେ ରେକର୍ଡର ମୂଲ୍ୟ ଜିରୋ। ଏହା କେବଳ ଚର୍ଚ୍ଚା ହୋଇପାରିବ। କିନ୍ତୁ ମୁଁ ଯେତେବେଳେ

### ବିଜେଇଏମ୍ ସ୍କୁଲ୍ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ଖେଳୁଥିଲି, ସେତେବେଳେ ପ୍ରତ୍ୟେକ ରନ୍, ପ୍ରତ୍ୟେକ ୱିକେଟ୍ ମୋର ଜୀବନ ଥିଲା ବୋଲି ମତପ୍ରକାଶ କରିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ କଲେ ସଫଳତା ନିଶ୍ଚୟ ପାଇବ ବୋଲି ଗୁରୁତ୍ୱାରୋପ କରିଥିଲେ। ସ୍କୁଲ ଆମକୁ ବହୁତ କିଛି ଦେଇଥାଏ। ଏବେ ସେହି ସ୍କୁଲ ବା ମନ୍ଦିରକୁ କିଛି ଦେବା ପାଇଁ ସମୟ ଆସିଛି। ତେଣୁ ସ୍କୁଲ ପାଇଁ କିଛି କରିବାକୁ ଆଗେଇ ଆସିବାକୁ ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କର୍ପୋରେଟର କେ. ଶାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା ସୁବର୍ଣ୍ଣ ଜୟନ୍ତୀ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର, ଉପପରିଚାଳକ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ସ୍କୁଲ ଅଧକ୍ଷ, ସ୍କୁଲ ଟପ୍ପରଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ଏଜି ରିକ୍ରେସନ କ୍ଲବ ପଡ଼ିଆ, ପୁରୁଣା ଏଜି କଲୋନୀ, ୟୁନିଟ୍-୪, ସକାଳ ୯ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ୧୭ତମ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ପରିଚାଳନା କର୍ମଶାଳା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୨ଟା ୩୦।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ଶିବ ଶକ୍ତି କ୍ଲବ ପକ୍ଷରୁ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ମିନିଷ୍ଟାଡିୟମ୍, ତମାଣ୍ଡୋ, ଅପରାହ୍ନ ୩ଟା।
- ଡିଏଭି ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍କୁଲ ପରିସର, କଳିଙ୍ଗ ନଗର, ଅପରାହ୍ନ ୪ଟା ୩୦।
- ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୬ତମ ବାର୍ଷିକୋତ୍ସବ, ଉତ୍କଳ ମଣ୍ଡପ, ଅପରାହ୍ନ ୫ଟା।

### ତିଗିରିଆ

- ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ମହାବିଦ୍ୟାଳୟ ଖେଳପଡ଼ିଆ, ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୁଣାକାରଙ୍କୁ ଇନଭର୍ଟର ଓ ହସ୍ତତନ୍ତ ଉପକରଣ ବିତରଣ, ଗାନ୍ଧୀ ପଡ଼ିଆ, ନୂଆପାଟଣା, ପୂର୍ବାହ୍ନ ୧୧ଟା ୩୦।



ଆସୁଛି ଖ୍ରୀଷ୍ଟମାସ ଓ ବଡ଼ଦିନ: ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ଜନପଥରେ ଲୋକେ ସାଣ୍ଟା କ୍ଲଜ୍ ପୋଷାକ କିଣାକିଣି କରୁଛନ୍ତି।

# ଅପହୃତା ନାବାଳିକା ସମ୍ବଲପୁରରୁ ଉଦ୍ଧାର, ଅପହରଣକାରୀ ଗିରଫ

ଭୁବନେଶ୍ୱର,୧୮।୧୨ (ସୂର୍ଯ୍ୟକାନ୍ତ ବେହେରା)

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅପହରଣକାରୀ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲଣ କରିଛି। ଏହାସହ ପୀଡିତା ନାବାଳିକାଙ୍କୁ ସମ୍ବଲପୁରରୁ ଉଦ୍ଧାର କରିଛି ପୋଲିସ। ଅଭିଯୁକ୍ତହେଲେ ଗଞ୍ଜାମର ଆକାଶ ସ୍ୱାଇଁ। ଜାମିନ ନାମଞ୍ଜୁର ହେବାରୁ ଆକାଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡିତାଙ୍କ ଘର ନିକଟରେ ପୂର୍ବରୁ ଅଭିଯୁକ୍ତ ପରିବାର ସହ ରହୁଥିଲେ। ଗତ ଅକ୍ଟୋବରରେ ଆକାଶ ବିବାହ ପ୍ରଲୋଭନ ଦେଖାଇବା ସହିତ ଗଞ୍ଜାମରୁ ଭୁବନେଶ୍ୱର ଆସି ନାବାଳିକାଙ୍କୁ ଅପହରଣ କରିବା ପରେ ଏକ ମନ୍ଦିରରେ ବିବାହ କରିଥିଲେ। ଏହାପରେ ଅଭିଯୁକ୍ତ ସମ୍ବଲପୁରର କ୍ଷେତ୍ରମୋହନପୁର ଥାନା ଅନ୍ତର୍ଗତ ଜିରିପଡା ବସ୍ତିରେ ଏକ ଭଡାଘରେ ରଖି ତାଙ୍କୁ ଏକାଧିକ ଥର ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ୩୭୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲସ ଉକ୍ତ ଭଡା ଘରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ନାବାଳିକଙ୍କୁ ଉଦ୍ଧାର କରିଥିଲା।

# ବୋଲଗଡ଼ ବ୍ଲକ୍ ଭିଏଲ୍‌ଡବ୍ଲ୍ୟୁଙ୍କୁ ୨ ବର୍ଷ ଜେଲ

ଭୁବନେଶ୍ୱର,୧୮।୧୨ (ସତ୍ୟଜିତ୍ ରାଉତ)

### ଇନ୍ଦିରାଆବାସ ବିଲ୍ ପାଇଁ ଲାଞ୍ଚ ମାମଲା

ଇନ୍ଦିରା ଆବାସର ବିଲ୍ କରିଦେବାକୁ ଲାଞ୍ଚ ନେବା ମାମଲାରେ ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଥିବା ବର୍ତ୍ତମାନର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍‌ର ଭିଏଲ୍‌ଡବ୍ଲ୍ୟୁ ଅଶୋକ କୁମାର ପାଟସାଆଣୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଶୋକଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ସେ ଅଧିକ ୧୦ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୧ରେ ଅଶୋକ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ହୀରାପୁର ଓ ବୋତଳମା ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ (ଭିଏଲ୍‌ଡବ୍ଲ୍ୟୁ) ଥିବାବେଳେ ଇନ୍ଦିରା ଆବାସ ବିଲ୍ କରାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦୋଳଗୋବିନ୍ଦ ମାଝୀଙ୍କଠାରୁ ଲାଞ୍ଚ ନେଇ ଧରାପଡ଼ିଥିଲେ। ଦୋଳଗୋବିନ୍ଦଙ୍କୁ ୩ଟି କିସ୍ତିରେ ୪୫ ହଜାର ଟଙ୍କା ମିଳିବାର ଥିଲା। ପ୍ରଥମ କିସ୍ତି ବିଲ୍ ପାସ୍ କରାଇବାକୁ ଅଶୋକ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୧ ହଜାର ନେବାକୁ କଥା ଛିଡ଼ିଥିଲା। ଏନେଇ ୨୦୧୧ ମେ' ୪ରେ ଦୋଳଗୋବିନ୍ଦ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ମେ'୫ରେ ଲାଞ୍ଚ ଟଙ୍କା ଗ୍ରହଣ ବେଳେ ଭିଜିଲାନ୍ସ ଟିମ୍ ହାତରେ ଅଶୋକ ଧରାପଡିଥିଲେ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୯/୨୦୧୧) ରୁଜୁ କରାଯାଇ ଅଶୋକଙ୍କୁ ଗିରଫ କରାଯାଇଥିଲା। ସେ ଜେଲ ଯାଇ ଜାମିନରେ ମୁକୁଳିଥିଲେ। କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯିବା ପରେ ୨୦୧୨ରୁ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୯ଜଣଙ୍କ ସାକ୍ଷ୍ୟ ଏବଂ ଅନ୍ୟ ଦସ୍ତାବିଜ୍ ଆଧାରରେ ବିଚାରପତି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ପରିଚାଳନା କରୁଥିଲେ। ଅଶୋକଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ କମ୍ପିଟେଣ୍ଟ ଅଥରିଟିକୁ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଜଳିଗଲା କାର



ଭୁବନେଶ୍ୱର,୧୮।୧୨(ସୂର୍ଯ୍ୟକାନ୍ତ ବେହେରା) ଶହୀଦନଗର ଥାନା ଅନ୍ତର୍ଗତ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ପାଠାଗାର ସାମ୍ନାରେ ଥିବା କାର୍ ସୋମବାର ସନ୍ଧ୍ୟାରେ ଜଳିଯାଇଛି। ଏହା ଦେଖି ଚାଳକ ସଙ୍ଗେ ସଙ୍ଗେ ଓହ୍ଲାଇପଡିବାରୁ ବଡ ଧରଣର ବିପଦରୁ ବର୍ତ୍ତିଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବ୍ୟାଟେରୀରୁ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଗାଡିଟି ସଂପର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା। ଉକ୍ତ ଗାଡିଟିକୁ ଜଣେ ଛାତ୍ର ନେଇ ଆସିଥିଲେ। ତେବେ ଗାଡିଟି ହୁତୁହୁତୁ ହୋଇ ଜଳିବା ସହ ଶବ୍ଦ ହେବାରୁ ତାଙ୍କ ସହ ଛାତ୍ରୀଛାତ୍ର ଭୟଭୀତ ହୋଇଯାଇଥିଲେ।

# ରାଜ୍ୟର ୬ଲକ୍ଷ ପରିବାର ଜଙ୍ଗଲ ଜମି ଅଧିକାର ପାଇବାରୁ ବଞ୍ଚିତ

ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)




ଜଙ୍ଗଲ ଅଧିକାର ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଜଙ୍ଗଲ ଅଧିକାର ଆଇନ-୨୦୦୬ ଜଙ୍ଗଲଜମି ଉପରେ ଚାଷ ଓ ବାସ ପାଇଁ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଅଧିକାର ପ୍ରଦାନ କରିଛି। ସେହିପରି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳର ଅଧିକାର ନାମରେ ବୈକେନ୍ଦ୍ରିକ, ଲୋକତାନ୍ତ୍ରିକ ଢାଞ୍ଚାରେ ଜଙ୍ଗଲର ସୁରକ୍ଷା, ରକ୍ଷଣାବେକ୍ଷଣ, ବ୍ୟବହାର ଏବଂ ଏହାର ପରିଚାଳନା ନିମନ୍ତେ ଗ୍ରାମସଭାକୁ ଆଇନଗତ କ୍ଷମତା ଦେଇଛି। ତେବେ ରାଜ୍ୟରେ ୪,୫୫,୩୯୯ ପରିବାରଙ୍କୁ ବ୍ୟକ୍ତିଗତ ଅଧିକାର ମିଳିଥିବାବେଳେ ଆହୁରି ପ୍ରାୟ ୬ଲକ୍ଷ ପରିବାର ବାକି ଅଛନ୍ତି। ସେହିପରି ପ୍ରାୟ ୬୪୬୭ଟି ଗ୍ରାମକୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପ୍ରଦାନ କରିଥିବାବେଳେ ଗୋଷ୍ଠୀଗତ ଅଧିକାର ପାଇଁ ଉପଯୁକ୍ତ ପ୍ରାୟ ୨୬ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଅଧିକାର ପାଇବାରୁ ବଞ୍ଚିତ ଥିବା ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ମଞ୍ଚ ପକ୍ଷରୁ ଉତ୍କଳ ମଣ୍ଡପଠାରେ ରାଜ୍ୟସ୍ତରୀୟ ଜଙ୍ଗଲ ଅଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ରାଜ୍ୟ ସଂଯୋଜକ ମଣ୍ଡଳୀ ସଦସ୍ୟ ଅନନ୍ତ ସମ୍ମିଳନୀର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ରାଜ୍ୟରେ ଜଙ୍ଗଲ ଅଧିକାରର ସ୍ଥିତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ଓଡ଼ିଶାର ୮୦ଲକ୍ଷ ଆଦିବାସୀଙ୍କ ସହିତ ପ୍ରାୟ ୨କୋଟି ୫୦ଲକ୍ଷ ଜନସଂଖ୍ୟାର ଜୀବିକାର ମୂଳ ଆଧାର ହେଉଛି ଜଙ୍ଗଲ। ଏଣୁ ଏହି ଆଇନ ଠିକ ଭାବରେ କାର୍ଯ୍ୟକାରୀ ହେଲେ ରାଜ୍ୟର ୩୨୫୬୨ ଖଣ୍ଡ ଗ୍ରାମ ଉପକୃତ ହେବେ। ଗ୍ରାମସଭା ଉଦ୍ୟମରେ ଲୋକଙ୍କର ସହଭାଗିତାରେ ଜଙ୍ଗଲର ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। ଏହାଦ୍ୱାରା ପରିବେଶଗତ କ୍ଷତି ଯୋଗୁ ସୃଷ୍ଟି ହେଉଥିବା ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ରୋକାଯାଇ ପାରିବ ବୋଲି ଅନନ୍ତ କହିଥିଲେ। ଏହି ଅବସରରେ ପେସା ଆଇନର ଠିକ କାର୍ଯ୍ୟକାରିତା ପ୍ରଭୃତି ୧୫ ଦଫା ଦାବି ସମ୍ବଳିତ ଘୋଷଣା ପତ୍ର ଜାରି କରାଯାଇ ଏହାର କାର୍ଯ୍ୟକାରିତା ପାଇଁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୧ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ, ବନଜୀବୀ ତଥା ଜଙ୍ଗଲ ଅଧିକାର ପାଇଁ କାର୍ଯ୍ୟରତ ଜନସଙ୍ଗଠନ, ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ମଞ୍ଚ ପକ୍ଷରୁ ତ୍ରିଲୋଚନ ପୁଞ୍ଜି ସ୍ୱାଗତ ଭାଷଣ ଓ ଅମୂଲ୍ୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଜଙ୍ଗଲ ଅଧିକାର ଉପରେ ଅଧ୍ୟୟନରତ ତଥା ବିଶିଷ୍ଟ ଗବେଷକ ତୁଷାର ଦାସ, ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ, ବରିଷ୍ଠ ଅଧ୍ୟାପକ ବିଜୟ ବହିଦାର, ନରେଶ ଜେନା, ଗବେଷକ ଶ୍ରୀଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବବୁଲ୍



@ ରଞ୍ଜୁରାଣୀ



@ ବିବେନ୍ଦ୍ର



@ ପ୍ରେମରାଜ



@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁ ପରିଧାନ କଲେ ଶୀତବସ୍ତ୍ର

ପୁରୀ, ୧୮।୧୨(ଅଜିତ୍ ମହାନ୍ତି)

### ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି



ମାର୍ଗଶିର ମାସ ଶୁକ୍ଲପକ୍ଷ ଷଷ୍ଠୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ଓଢଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କୁ ଘୋଡ଼ଲାଗି ଅର୍ଥାତ୍ ଶୀତବସ୍ତ୍ର ପରିଧାନ କରାଯାଇଛି। ଶ୍ରୀଜୀଉମାନେ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଏହି ବେଶ ହେବେ। ସୋମବାର ମହାପ୍ରଭୁଙ୍କ ସକାଳ ଧୂପ ବଢିବା ପରେ ମଇଲମ କରାଯାଇଥିଲା। ପୂର୍ବରାତିରୁ ଅଧିବାସିତ ହୋଇଥିବା ଘୋଡ଼ଗୁଡ଼ିକୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିର ଚାରିପଟେ ତିନିଘେରା ପ୍ରଦକ୍ଷିଣ କରାଯାଇ ରତ୍ନସିଂହାସନକୁ ବିଜେ କରାଯାଇ ଥିଲା। ଶ୍ରୀବିଗ୍ରହମାନଙ୍କୁ ପାଗ ଓ ଘୋଡ଼ ସହ ୬ମୂର୍ତ୍ତି ଅଳଙ୍କାର ଲାଗି ପରେ ପ୍ରସାଦ ଲାଗି ସହ ତିନିବାଡ଼ରେ ବନ୍ଦାପନା କରାଯାଇଥିଲା। ୭ଦିନରେ ଠାକୁରମାନେ ୭ ରଙ୍ଗର ଘୋଡ଼ ପରିଧାନ କରିବାର ବିଧି ରହିଛି। ପରମ୍ପରା ଅନୁସାରେ, ଶ୍ରୀବିଗ୍ରହମାନେ ରବିବାର ଲାଲ, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ, ବୁଧବାର ନୀଳ, ଗୁରୁବାର ହଳଦିଆ, ଶୁକ୍ରବାର ଧଳା ଓ ଶନିବାର କଳା ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି। ସୋମବାର ଓଢଣଷଷ୍ଠୀ ପଡ଼ିଥିବାରୁ ଶ୍ରୀବିଗ୍ରହମାନଙ୍କୁ କଳାଛିଟା ମିଶା ଶୁକ୍ଳ ରଙ୍ଗର ଘୋଡ଼ ଲାଗି କରାଯାଇଛି। ଶ୍ରୀବିଗ୍ରହମାନେ ପ୍ରତିଦିନ ଚାରିଥର ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ ଏବଂ ବଡ଼ସିଂହାର ବେଶରେ ଘୋଡ଼ ଲାଗି ହେବେ। ସେହିପରି ଶ୍ରୀମନ୍ଦିରର ପାର୍ଶ୍ୱଦେବଦେବୀଙ୍କୁ ମଧ୍ୟ ଘୋଡ଼ଲାଗି କରାଯାଇଛି।

## ସଂକ୍ଷେପରେ

### ଶିଶୁ ଅନନ୍ତ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ

ବାଲିପାଟଣା,୧୮।୧୨(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ସୋମବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ମିଳିତ ପରେଡରେ ଅଂଶଗ୍ରହଣ କରିବା ପରେ ମୁଖ୍ୟ ଅତିଥି ବିଧାୟକ ଡ.ଅରବିନ୍ଦ ଢାଲି ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ ନିମାଇଁ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ.ସୁମନ ଦାସ, ଜିଲା ନୋଡାଲ ଅଧିକାରୀ ଅଧ୍ୟାପିକା ମୃଣାଳିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭା ପ୍ରଦର୍ଶନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଶିକ୍ଷା ବ୍ୟବସ୍ଥା ମଧ୍ୟ ଅଧିକ ସକ୍ରିୟ ହେବ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ ପରେ ଅଧ୍ୟାପିକା ସସ୍ମିତା ବିଶ୍ୱାଳ ଓ ସମର୍ପିତା ଷଡ଼ଙ୍ଗୀ ସାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ରଥ ଧନ୍ୟବାଦ ଦେଇଥିଲେ।

### ୱିଙ୍କ୍ ରିୱିଣ୍ଡ ୨୦୨୩ : ହ୍ୟୁମାନ ସାଗର ସବୁଠାରୁ ଅଧିକ ଲୋକପ୍ରିୟ କଳାକାର
#### 'ଅଳତା ମାଖି' ସବୁଠାରୁ ଅଧିକ ପରିବେଷିତ

ଭୁବନେଶ୍ୱର, ୧୮।୧୨(ଅନୁରାଧା ମହାରଣା)

ସଙ୍ଗୀତ ପରିବେଷଣକାରୀ ଆପ୍ 'ୱିଙ୍କି ମ୍ୟୁଜିକ୍' ପକ୍ଷରୁ ନିକଟରେ ୱିଙ୍କ ରିୱିଣ୍ଡ୍ ୨୦୨୩ର ଉନ୍ମୋଚନ କରିଛି। ଭାରତୀୟ ସଙ୍ଗୀତ କ୍ଷେତ୍ରରେ ଲୋକପ୍ରିୟତା ସାଉଁଟିଥିବା ସର୍ବୋଚ୍ଚ କଳାକାର, ଆଲବମ୍ ତଥା ସଙ୍ଗୀତର ତାଲିକା ପ୍ରକାଶ କରିଛି। ପ୍ରଚ୍ଛଦପଟ ଗାୟକ ହ୍ୟୁମାନ ସାଗର ୱିଙ୍କ ମ୍ୟୁଜିକରେ ସବୁଠାରୁ ଅଧିକ ଓଡ଼ିଆ ଭାଷାର ସଙ୍ଗୀତ ପରିବେଷଣ କରିଛନ୍ତି। ବିଜୟ ଆନନ୍ଦ ସାହୁଙ୍କ ଦ୍ୱାରା ଟ୍ରାକ୍ ହୋଇଥିବା 'ଅଳତା ମାଖି' ସବୁଠାରୁ ଅଧିକ ପରିବେଷଣକାରୀ ଓଡ଼ିଆ ସଙ୍ଗୀତ ଭାବରେ ରହିଥିବା ବେଳେ 'ମୋର ବେଳା ୨.୦' ରେ ସାମିଲ ହୋଇଛି। 'ତୋର ମୋର କଟି' ସବୁଠାରୁ ଅଧିକ ପରିବେଷଣକାରୀ ଓଡ଼ିଆ ଆଲବମ୍ ହୋଇପାରିଛି। ୱିଙ୍କର ଶ୍ରୋତାମାନେ ମଧ୍ୟ ଏହା ଦ୍ୱାରା ନିଜର ଏକ ପସନ୍ଦଯୋଗ୍ୟ ସର୍ବୋଚ୍ଚ ସଙ୍ଗୀତ ତାଲିକା ପାଇବା ସହିତ ଏଥିରେ ସେମାନଙ୍କର ଅତି ପ୍ରିୟ କଳାକାରମାନଙ୍କର ଏକ ବିଶେଷ ଭିଡ଼ିଓ ବାର୍ତ୍ତା ପାଇପାରିଛନ୍ତି।

# ୭ଜଣଙ୍କୁ ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ

ଭୁବନେଶ୍ୱର, ୧୮।୧୨ (ଅନୁରାଧା ମହାରଣା)



ଅତିଥିମାନେ ଜଣେ ଶାସ୍ତ୍ରୀୟ ନୃତଶିଳ୍ପୀଙ୍କୁ ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରୁଛନ୍ତି।

## ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ଦେବଦାସୀ ନୃତ୍ୟମନ୍ଦିର ପକ୍ଷରୁ ୧୭ତମ ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ମହୋତ୍ସବ ଓ ନବ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଭଞ୍ଜକଳାମଣ୍ଡପଠାରେ ସୋମବାର ଆରମ୍ଭ ହୋଇଥିବା ଏହି ୩ଦିନିଆ କାର୍ଯ୍ୟକ୍ରମରେ ୭ଜଣ ବିଶିଷ୍ଟ ନୃତ୍ୟଶିଳ୍ପୀଙ୍କୁ ସମ୍ମାନିତ କରାଯାଇଛି । କୁଚିପୁଡ଼ି, ଭାରତନାଟ୍ୟମ, ଓଡିଶୀ, କଥକଳି ଭଳି ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀଙ୍କୁ 'ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ'ରେ ସମ୍ମାନିତ କରାଯାଇଛି । ପ୍ରଥମ ସନ୍ଧ୍ୟାରେ କୁଚିପୁଡ଼ି, କଥକ, କଥକଳି, ଓଡିଶୀ, ଭାରତନାଟ୍ୟମ ଆଦି ଦେଶର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟରେ ପ୍ରସିଦ୍ଧି ଲାଭ କରିଥିବା ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ବିଭୋର ହୋଇଥିଲେ ଦର୍ଶକ । ଦେବଦାସୀ ନୃତ୍ୟ ମନ୍ଦିରର ପ୍ରତିଷ୍ଠାତା ମନୋଜ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ ପଟ୍ଟଶାଣୀ, ଜାତୀୟ ମାନବାଧିକାର କମିଶନ କୋର ସଦସ୍ୟ ମନୋଜ ଜେନା, ଓଡିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଡ୍ୟାନ୍ସ ଇଣ୍ଡିଆ ମାଗାଜିନ ସମ୍ପାଦକ ବିକ୍ରମ ଗୌଡ଼, ସାଇ ଭେଙ୍କଟେଶ, ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ନୃତ୍ୟ, କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଜଗବନ୍ଧୁ ଜେନାଙ୍କ ପ୍ରଚେଷ୍ଟାକୁ ସମସ୍ତ ଅତିଥି ପ୍ରଶଂସା କରିଥିଲେ । ପ୍ରତିଷ୍ଠିତ କଥକ ନୃତ୍ୟଶିଳ୍ପୀ ପାରିମିତା ମୈତ୍ର, ମୋହିନୀ ଅଟ୍ଟମ ନୃତ୍ୟଶିଳ୍ପୀ ଚିତ୍ରା ସୁକୁମାରନ, ମାହାରୀ ନୃତ୍ୟଶିଳ୍ପୀ ରୂପଶ୍ରୀ ମହାପାତ୍ର, ଓଡିଶୀରେ ସୁଜାତା ନାୟକ ପ୍ରମୁଖଙ୍କୁ ଦେବଦାସୀ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଓଡ଼ିଶୀ ଗୁରୁ ଦେବମିତା ସାହୁ ଓ ନାୟିକା ନୀଳପଦ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମତାଭିତ୍ତିକ ସମାଜ ଗଠନ ସ୍ୱପ୍ନ ଦେଖିଥିଲେ ବିନୋଦ ମିଶ୍ର

ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

ସିପିଆଇ (ଏମ୍‌ଏଲ୍) ଲିବରେଶନ୍ ପକ୍ଷରୁ ବିନୋଦ ମିଶ୍ରଙ୍କ ୨୫ତମ ସ୍ମୃତି ଦିବସ ସୋମବାର ନାଗଭୂଷଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିନୋଦ ମିଶ୍ର ଦେଶବାସୀଙ୍କ ପାଇଁ ଏକ ସମତା ଭିତ୍ତିକ ସମାଜ ଗଠନର ସ୍ୱପ୍ନ ଦେଖିଥିଲେ। ବର୍ତ୍ତମାନର ସମୟରେ କ୍ରାନ୍ତିକାରୀ ମିଶନ ପ୍ରତି ନିଜକୁ ପୁନଃସମର୍ପିତ କରି ବିନୋଦ ମିଶ୍ରଙ୍କ ବୈପ୍ଳବିକ ଐତିହ୍ୟକୁ ଆଗକୁ ବଢାଇବାର ସମୟ ଆସିଛି ବୋଲି ବକ୍ତାମାନେ ମତ ଦେଇଥିଲେ। ସିପିଆଇ(ଏମ୍‌ଏଲ୍)ର ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡା ଯୋଗଦେଇ କହିଲେ, ଜନଗଣଙ୍କ ସହିତ ପାର୍ଟିର ଜୀବନ୍ତ ସଂଯୋଗ, ଜନଗଣଙ୍କ ଉପରେ ନିର୍ଭରତା ଏବଂ ବିଭିନ୍ନ ସଂଘର୍ଷରେ ଜନଗଣଙ୍କର ସାହସିକ ଏକତ୍ରୀକରଣ, ପାର୍ଟିର ନେତୃତ୍ୱକାରୀ ଭୂମିକା ହିଁ ପାର୍ଟି ବିକାଶର ଚାବିକାଠି ବୋଲି କହିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ସାଥୀ ରାଧାକାନ୍ତ ସେଠୀ ଯୋଗଦେଇ, ବିନୋଦ ମିଶ୍ରଙ୍କ ନେତୃତ୍ୱରେ ପାର୍ଟି ନିଜର ସ୍ୱତନ୍ତ୍ର ଭୂମିକା, ପ୍ରୟାସ ଏବଂ ପରିଚୟକୁ ସୁଦୃଢ଼ କରି ବ୍ୟାପକ କ୍ଷେତ୍ରର ଲୋକ ତଥା ସଂଗଠନ ଭିତରୁ ସହଯୋଗୀ ପ୍ରସ୍ତୁତ କରିବାର ଏକ ପ୍ରଭାବଶାଳୀ ମୋର୍ଚ୍ଚା ପ୍ରସ୍ତୁତ କରିବାର ରଣନୀତି ବିକଶିତ କରିଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଥୀ ବଂଶୀଧର ପରିଡ଼ା, ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଶଙ୍କର ନାଏକ, ବିଜୟ ବେହେରା, ଚିତ୍ର ସେନ ସେଠୀ, ଶାନ୍ତିଲତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପିଲାଙ୍କ ବିକାଶରେ ସହାୟକ ହେବ 'ଏ ସୁପର୍ ଫୁଡ୍ ଏ ଡେ'



ପ୍ରଭା ଖଇତାନ୍ ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜିତ 'ଦି ରାଇଟ୍ ସର୍କଲ' କାର୍ଯ୍ୟକ୍ରମରେ ପୁସ୍ତକ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

ପିଲାଙ୍କ ବୃଦ୍ଧିରେ ସନ୍ତୁଳିତ ଏବଂ ସୁଷମ ଖାଦ୍ୟର ମହତ୍ତ୍ୱ ସର୍ବାଧିକ ରହିଛି। କାରଣ ଛୋଟବେଳୁ ହିଁ ସୁଷମ ଖାଦ୍ୟ ଖାଇଲେ ସେମାନଙ୍କର ଉପଯୁକ୍ତ ଶାରୀରିକ ଓ ମାନସିକ ବିକାଶ ଘଟିଥାଏ। ତେବେ ଅନେକ ଲୋକ ଏନେଇ ସଚେତନ ବା ଅବଗତ ନ ଥାନ୍ତି। କେଉଁ ବୟସରେ କେଉଁ ପ୍ରକାର ଏବଂ କେତେ ପରିମାଣର ଖାଦ୍ୟ ପିଲାଙ୍କୁ ଖୁଆଇବେ ତାହାର ଧାରଣା ଅନେକଙ୍କର ନ ଥାଏ। ତେଣୁ ଏନେଇ ଲୋକଙ୍କୁ ଅବଗତ କରାଇବା ପାଇଁ 'ଏ ସୁପର୍ ଫୁଡ୍ ଏ ଡେ' ପୁସ୍ତକ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ପ୍ରଭା ଖଇତାନ୍ ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜିତ 'ଦି ରାଇଟ୍ ସର୍କଲ' କାର୍ଯ୍ୟକ୍ରମରେ ପୁସ୍ତକର ଲେଖିକା ନ୍ୟୁଟ୍ରିଶନ୍ ବିଧି ବେରୀ ଏବଂ ଅଭିଲାଷା ସେଥିଆଙ୍କ ସହ ଏକ କଥୋପକଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ରୁ ୧୦ ବର୍ଷର ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହି ପୁସ୍ତକ କିପରି ଉପାଦେୟ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ସେହିପରି ପୂରା ଦିନର ଖାଦ୍ୟପାନୀୟର ରୋଟିନ ଚାର୍ଟ ଏବଂ ସେଗୁଡିକର ପ୍ରସ୍ତୁତି ପ୍ରଣାଳୀ ପୁସ୍ତକରେ ରହିଛି। ଏହାବାଦ୍ ପୁସ୍ତକରେ କ୍ୟୁ ଆର୍ କୋଡ୍ ମଧ୍ୟ ରହିଛି, ଯାହା ସାହାଯ୍ୟରେ ଲୋକମାନେ ଯେ କୌଣସି ପ୍ରଣାଳୀର ପ୍ରସ୍ତୁତିକୁ ଭିଡିଓ ମାଧ୍ୟମରେ ଦେଖିପାରିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ନିଧି ଗର୍ଗ, ଅଭିନେତା ପାର୍ଥସାରଥି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଓଢ଼ଣ ଷଷ୍ଠୀ: ବିନା ଅଧିବାସରେ ଘୋଡ଼ ଲାଗି ହେଲେ

ପୁରୁଣା ଭୁବନେଶ୍ୱର,୧୮।୧୨ (ସୁବାସ ଚନ୍ଦ୍ର ପ୍ରଧାନ)

ଓଢ଼ଣ ଷଷ୍ଠୀ ଅବସରରେ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜ ଘୋଡ଼ଲାଗି ହୋଇଛନ୍ତି। ମନ୍ଦିର ପ୍ରଶାସନର ଅବହେଳାରୁ ବିନା ଅଧିବାସ ପୂଜାରେ ଶ୍ରୀଜୀଉମାନେ ଘୋଡ଼ଲାଗି ହେବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାତଃ ୫ଟା ୨୦ରେ ଆଳତି ଅବକାଶ କରାଯାଇ ୫ଟା ୪୫ରେ ରୋଷହୋମ କରାଯାଇଥିଲା। ସକାଳ ୮ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲାଯାଇଥିଲା। ଏହାପରେ ଛାମୁ ପରିଷ୍କାର କରାଯାଇ ଶ୍ରୀଜୀଉଙ୍କୁ ପୂଜାପଣ୍ଡା ସେବକ ମାଘସ୍ନାନ ଲାଗି କରିସାରିବା ପରେ ବେଶ କରାଯାଇଥିଲା। ଦୈନିକ ନୀତି ଭୋଗମଣ୍ଡପ ସରିବାପରେ ପୁନଃ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇ ଯାତ୍ରା ପୂଜା ବେଶ କରାଯାଇଥିଲା। ରୋଷଘରୁ ଧଳା ଛତା ଟଣାଯାଇ ଯାତ୍ରା ପୂଜା ଭୋଗ ଅଣାଯାଇଥିଲା। ପରେ ଯାତ୍ରା ପୂଜା କରାଯାଇଥଲା। ଏହି ଅବସରରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନୂତନ ଘୋଡ଼କୁ ବିନା ଅଧିବାସ ପୂଜାରେ ସେବକମାନେ ଶ୍ରୀଜୀଉଙ୍କୁ ନୂତନ ଘୋଡ଼ ନୂତନ ବସ୍ତ୍ର ଓ ତ୍ରିପଣ୍ଡ ଲାଗି କରିଥିଲେ।

## ସିପିଆଇ ସାଧାରଣ ସମ୍ପାଦକଙ୍କ ସହ ଇପିଏଫ୍ ପେନସନର୍ସ ସଂଘର ଆଲୋଚନା



ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

ଓଡ଼ିଶା ଗସ୍ତରେ ଆସିଥିବା ଭାରତର କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଡି. ରାଜାଙ୍କୁ ଅଲ୍ ଓଡିଶା ଇପିଏଫ ପେନ୍‌ସନର୍ସ ଆସୋସିଏଶନର ନେତୃବୃନ୍ଦ ସାକ୍ଷାତ କରିବା ସହ ବିଭିନ୍ନ ଦାବି ନେଇ ଆଲୋଚନା କରିଥିଲେ। ଭଗବତୀ ଭବନଠାରେ ହୋଇଥିବା ଏହି ଆଲୋଚନାରେ ଇପିଏଫ ପେନ୍‌ସନଭୋଗୀଙ୍କ ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ୍ ଦେବା, ସମସ୍ତ ଇପିଏଫ ପେନସନଭୋଗୀଙ୍କୁ ସରକାରଙ୍କ ସାସ୍ଥ୍ୟ ବୀମା ଯୋଜନାରେ ସାମିଲ କରି ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବା ନିମନ୍ତେ ବିସ୍ତୃତ ଆଲୋଚନା ହୋଇଥିଲା। ସଂଘର ସମସ୍ତ ଦାବି ପ୍ରତି ସମର୍ଥନ ଜଣାଇ ସେ ସବୁର ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଡି. ରାଜା ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁଙ୍କ ସମେତ ଇପିଏଫ ପେନସନର୍ସ ସଂଘର ବିଜୟ କୁମାର୍ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ସରୋଜକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଓଡ଼ିଶା ଗସ୍ତରେ ଆସିଥିବା ଏଆଇଟିୟୁସିର ସାଧାରଣ ସମ୍ପାଦିକା ଅମରଜିତ୍ କୌରଙ୍କୁ ମଧ୍ୟ ରବିବାର ଇପିଏଫ୍ ପେନସନର୍ସ ସଂଘର ପ୍ରତିନିଧିମାନେ ଭୁବନେଶ୍ୱରରେ ସାକ୍ଷାତ କରିଥିଲେ। ଓଡ଼ିଶା ସମେତ ଦେଶରେ ଥିବା ୭୬ ଲକ୍ଷ ଇପିଏଫ ପେନସନଭୋଗୀଙ୍କ ସମସ୍ୟା ଏବଂ ଉପରୋକ୍ତ ଦାବି ବାବଦରେ ଆଲୋଚନା କରିଥିବା ସଂଘର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସୂଚନା ଦେଇଛନ୍ତି।

## 'ଆମ ଅଗଣାର ଫୁଲ' ପରିବାରର ବନ୍ଧୁମିଳନ



ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

ଆମ ଅଗଣାର ଫୁଲ' ପରିବାରର ତୃତୀୟ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀରାମ ପରିଡା, ସଭାପତି ନିରୁପମା ଦେବୀ, ଉପସଭାପତି ଜୟଶ୍ରୀ ଦାସ, ମୁଖ୍ୟ ବକ୍ତା ବସନ୍ତ ମଞ୍ଜରୀ ଦାସ, ସୌଦାମିନୀ ତ୍ରିପାଠୀ, ସୁନୀତା ପତ୍ରି, ସୁନିତା ପାଣିଗ୍ରାହୀ ପ୍ରମୁଖ ସମ୍ମାନୀୟ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଅନୁଷ୍ଠାନର ୯୦ଜଣ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ସୌଦାମିନୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବେଦ ପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କୃଷ୍ଣ ଚନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିବାବେଳେ ବେଦ ପାଠ, ଜଗନ୍ନାଥାଷ୍ଟକ ପାଠ ଆଦି କରାଯାଇଥିଲା। ଅଗଣାର ପୁସ୍ତକ ଏବଂ ଶିଶୁ କବିତା ପୁସ୍ତକ ଲୋକାର୍ପିତ ହୋଇଥିଲା।

## ଓଡ଼ିଶା ବିଜ୍ଞାନ ମଣ୍ଡଳର ଶିବିର, ପୁରସ୍କାର ପର୍ବ

ଭୁବନେଶ୍ୱର, ୧୮।୧୨ (ଅନୁରାଧା ମହାରଣା)

ଓଡିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଦୀର୍ଘ ୮ମାସ ଧରି ଚାଲିଥିବା ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ୨୦୨୩ ସମାପ୍ତ ହୋଇଯାଇଛି। ସୋମବାର ୟୁନିଟ୍-୮ସ୍ଥିତ ଡିଏଭି ସ୍କୁଲଠାରେ ଏକ ଦିବସ ବ୍ୟାପୀ ବିଜ୍ଞାନ ଶିବିର ଅନୁଷ୍ଠିତ ହେବା ସହିତ ବିଭିନ୍ନ ପୁରସ୍କାର ବିତରଣ ପରେ ଆନୁଷ୍ଠାନିକ ଭାବେ ସମାପ୍ତ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ପରୀକ୍ଷାରେ ସାରା ଓଡିଶାରୁ ପ୍ରାୟ ୧୨୦ ଜଣ କୃତୀ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟ ଉଦଘାଟନୀ ସଭା ଓଡିଶା ବିଜ୍ଞାନ ମଣ୍ଡଳ ସଭାପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଡିଏଭି ସ୍କୁଲର ଅଧ୍ୟକ୍ଷା ଡ. ଇପ୍‌ସିତା ଦାଶ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ, ଇନସାର ଡାଇରେକ୍ଟର ଡ. ବ୍ରିଜେଶ ପାଣ୍ଡେ ଏବଂ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ସର୍ବ ଭାରତୀୟ ଶିକ୍ଷଣ ପ୍ରମୁଖ ଡ. ନିରୁ ଭଗତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱଦେଶୀ ବିଜ୍ଞାନ ଓ ପ୍ରଗତିଶୀଳ ବୈଜ୍ଞାନିକ ବିଷୟରେ ଅତିଥିମାନେ ନିଜ ନିଜର ମତ ରଖିଥିଲେ। ଓଡିଶା ବିଜ୍ଞାନ ମଣ୍ଡଳର ସଂଗଠନ ସଂପାଦକ ଅରୁଣ କୁମାର ସାହୁ ସଂଗଠନ ବିଷୟରେ କଥା ରଖିବା ସହିତ ମଣ୍ଡଳର ରାଜ୍ୟ ପରୀକ୍ଷା ପ୍ରମୁଖ ଡ. ଦିବ୍ୟ କିଶୋର ପଣ୍ଡା ପରୀକ୍ଷାର ବିଧି ବିଧାନ ବିଷୟରେ କଥା ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଲିଖିତ ପରୀକ୍ଷା ସହିତ ବିଜ୍ଞାନର ବିଭିନ୍ନ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ୧୮ଜଣ କୃତକାର୍ଯ୍ୟ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମ ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। ସିବିଏସ୍‌ଇର ଆଞ୍ଚଳିକ ମୁଖ୍ୟ ଡ. କେ ଶ୍ରୀନିବାସନ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଥମ ୬ଜଣଙ୍କୁ ୫ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରିବା ସହିତ ଦ୍ୱିତୀୟ ହୋଇଥିବା ୬ଜଣଙ୍କୁ ୩ ହଜାର ଏବଂ ତୃତୀୟ ହୋଇଥିବା ୬ ଜଣଙ୍କୁ ୨ହଜାର ଲେଖାଏ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳର ଉପସଭାପତି ଡ. ଗୌରାଙ୍ଗ କୁମାର ମହାନ୍ତି ଏବଂ ଇଂ ସତ୍ୟାନନ୍ଦ ସାହୁ ତାଙ୍କର ବକ୍ତବ୍ୟ ରଖିଥିଲେ। ମଣ୍ଡଳର ସଂପାଦକ ଡ. ବିକାଶ କୁମାର ଜେନା ଧନ୍ୟବା ଦ ଦେଇଥିଲେ।

## ଡିପ୍ଲୋମା ଇଞ୍ଜିନିୟର ପ୍ରଗତିର ମୁଖ୍ୟ କର୍ଣ୍ଣଧାର




ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

ଡିପ୍ଲୋମା ଇଞ୍ଜିନିୟରମାନେ ସମଗ୍ର ରାଜ୍ୟରେ ଘଟୁଥିବା ପ୍ରଗତିର ମୁଖ୍ୟ କର୍ଣ୍ଣଧାର। ସରକାରୀ ବ୍ୟବସ୍ଥା, ସରକାରଙ୍କ କାର୍ଯ୍ୟକ୍ରମକୁ ଡିପ୍ଲୋମା ଇଞ୍ଜିନିୟରମାନେ ହିଁ ସଫଳ ରୂପାୟନ କରି କର୍ଣ୍ଣଧାର ସାଜିଥାନ୍ତି ବୋଲି ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ସୋମବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୭୮ତମ ବାର୍ଷିକ ସମ୍ମିଳନୀ ସଂଘ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅମାତ ଯୋଗଦେଇ, ସରକାରଙ୍କର ଡିପ୍ଲୋମା ଇଞ୍ଜିନିୟରଙ୍କ ପ୍ରତି ଥିବା ଅନୁକୂଳ ବାର୍ତ୍ତା ରଖିଥିଲେ। ପଞ୍ଚାୟତିରାଜ ବିଭାଗର ସମସ୍ୟା ସମାଧାନ ପାଇଁ ଯଥୋଚିତ ପଦକ୍ଷେପ ନେବା ସହ ସଂଘର ୮ ଦଫା ଦାବି ଓ ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସୁପାରିସ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ସଂଘ ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ଇଂ. ସଚିତ୍ର ମୋହନ ରାଉଳ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଶ୍ରୀଧର ବାରିକ ବାର୍ଷିକ ବିବରଣୀ ପାଠ ଏବଂ ଉପସଭାପତି ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

## କେନାଲ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ

ବାଲିଅନ୍ତା,୧୮।୧୨(ନୀଳମାଧବ ସାହୁ)



ହଂସପାଳ- ଅଭୟମୁଖୀ ରାସ୍ତାର ବାଲିଅନ୍ତା ସାଇଫନ ଛକସ୍ଥିତ ଗୋପ ବ୍ରାଞ୍ଚ କେନାଲ ଉପରେ ଏକ ସେତୁ ନିର୍ମାଣ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବିମଳ ଦାସ ସେତୁ ନିର୍ମାଣ ପାଇଁ ଚିହ୍ନଟ ସ୍ଥାନକୁ ଆସି କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କୁ ଲେଆଉଟ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନାଲରେ ପାଣି ଆସିବା ପୂର୍ବରୁ ସେତୁ ନିର୍ମାଣ ଶେଷ କରିବାକୁ କହିଥିଲେ। ଏହି ସେତୁ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି। ପ୍ରାୟ ୧୫ ମିଟର ଲମ୍ବ ଓ ୧୨ ମିଟର ଓସାରର ଏକ ପ୍ରଶସ୍ତ ସେତୁ ନିର୍ମାଣ ହେବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି। ସେତୁ କାର୍ଯ୍ୟ ନିର୍ମାଣ ସ୍ଥାନରେ ଥିବା ୨ଟି ହୋଡିଂ ଓ ବିଦ୍ୟୁତ ଖୁଣ୍ଟ ତୁରନ୍ତ ହଟାଇବାକୁ ଯନ୍ତ୍ରୀ ଦାସ କହିଛନ୍ତି। ଏହି ରାସ୍ତାଟି ପ୍ରସିଦ୍ଧ ଶ୍ରୀ ଜୟଦେବ ପୀଠକୁ ସଂଯୋଗ କରୁଛି। ଏହି ରାସ୍ତା ଉପରେ ୧୦ ବ୍ଲକର ଜନସାଧାରଣ ଭୁବନେଶ୍ୱରକୁ ଯିବା ପାଇଁ ନିର୍ଭର କରିଥାନ୍ତି। ଗତ ଅଗଷ୍ଟ ୨୩ ତାରିଖରେ ୫-ଟି ସଚିବ ପାଣ୍ଡିଆନ ବାଲିଅନ୍ତା ବ୍ଲକ ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶ୍ୱର ହାଇସ୍କୁଲ ଖେଳପଡ଼ିଆକୁ ଜନ ଅଭିଯୋଗ ଶୁଣାଣି ପାଇଁ ଆସିଥିଲେ। ପାଣ୍ଡିଆନ ଏହି ସେତୁ ଦେଇ ଭିଙ୍ଗାରପୁର ଯାଇ ପୁଣି ଭୁବନେଶ୍ୱରକୁ ଫେରିଥିଲେ। ଜନଶୁଣାଣି ସଭାରେ ଲୋକଙ୍କଠାରୁ ବୁଲି ବୁଲି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ବାଲିଅନ୍ତା ଅଞ୍ଚଳର ଜଣେ ଖବରଦାତା ଏହି ପୋଲ ନିର୍ମାଣ ସମ୍ପର୍କରେ ଏକ ଅଭିଯୋଗପତ୍ର ପାଣ୍ଡିଆନଙ୍କୁ ପ୍ରଦାନ କରିଥିଲେ।

## ଜାଲ୍ ସାର୍ଟିଫିକେଟରେ ଚାକିରି: ୫ ଶିକ୍ଷକ ବହିଷ୍କୃତ

ପୁରୀ,୧୮।୧୨(ଅଜିତ୍ ମହାନ୍ତି)

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ପୁରୀ ଜିଲାର ୫ଜଣ ଶିକ୍ଷକଙ୍କୁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ ବହିଷ୍କୃତ କରିଛନ୍ତି। ବହିଷ୍କୃତ ହୋଇଥିବା ୫ଜଣ ଶିକ୍ଷକ ହେଲେ କଣାସ ବ୍ଲକ ଜମାଲଗୋଡା ୟୁପି ସ୍କୁଲର ରବିନ୍ଦ୍ର କୁମାର ପଲେଇ। କୃଷ୍ଣପ୍ରସାଦ ବ୍ଲକ୍ ଖିରିସାହି ପିୟୁପିଏସ୍ ସ୍କୁଲର ସତ୍ୟସୁନ୍ଦର ବିଶ୍ୱାଳ, ବିରିପଦର ପ୍ରାଇମେରି ସ୍କୁଲର ସୁରେଶ ଚନ୍ଦ୍ର ପଲେଇ, ଓରା ପ୍ରାଇମେରି ସ୍କୁଲର ସୌଦାମିନୀ ପ୍ରଧାନ ଏବଂ ଚାରିଛକ ୟୁଜିଓପି ସ୍କୁଲର ନନ୍ଦ କିଶୋର ସେଠୀ। ପୂର୍ବରୁ ଏଭଳି ଅଭିଯୋଗରେ ୪ଜଣ ବହିଷ୍କୃତ ହୋଇଥିଲେ।

## ନବୀନ ନିବାସ ଆଗରେ ଧାରଣା ଦେବେ ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ

ଭୁବନେଶ୍ୱର, ୧୮।୧୨(ଅସମାପିକା ସାହୁ)

ରାଜ୍ୟର ୫୧ଟି ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନରେ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହାର ପ୍ରତିବାଦ କରି ଆସନ୍ତା ୩୦ ତାରିଖ ଦିନ ନବୀନ ନିବାସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ପ୍ରଫେସର୍ ଯୁଧିଷ୍ଠିର ଖଟୁଆ କହିଛନ୍ତି। ସୋମବାର ସଂଘ ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି, ଗତ ୨୦୧୬ ଡିସେମ୍ବର ୨୨ରେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଅର୍ଥ ବିଭାଗର ମିଳିତ ଉଚ୍ଚସ୍ତରୀୟ ବୈଠକ ଅନୁଯାୟୀ ଉକ୍ତ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ବିଭିନ୍ନ ଆଳ ଦେଖାଇ ଦୀର୍ଘ ସାତବର୍ଷ ଧରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଉକ୍ତ ନିଷ୍ପତ୍ତିକୁ ଅଣଦେଖା କରିଚାଲିଛନ୍ତି।

ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରୟତ୍ନ କରୁଥିବା ମୋଟ୍ ୫୨୫ କର୍ମଚାରୀଙ୍କ ମଧ୍ୟରୁ ଅଦ୍ୟାବଧି ୩୫ ଜଣ କର୍ମଚାରୀ ମୃତ୍ୟୁ ଘଟିସାରିଥିବା ବେଳେ ୧୭୩ ଜଣ ଅବସର ନେଇସାରିଛନ୍ତି ଏବଂ ସେମାନଙ୍କ ପରିବାରବର୍ଗ ସରକାରଙ୍କ ବିଳମ୍ବ ନିଷ୍ପତ୍ତି ପାଇଁ ଘୋର ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ଏପରିକି ସେମାନଙ୍କ ପିଲାମାନେ ଆର୍ଥିକ ଅଭାବ ଯୋଗୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ମମତା ଯୋଜନାରୁ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ଗତ ୧ ଏବଂ ୧୧ତାରିଖ ଦିନ ସଂଘର କର୍ମକର୍ତ୍ତାମାନେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଭେଟିଥିଲେ। ପରେ ଏହି ସମ୍ବେଦନଶୀଳ ସମସ୍ୟା ସମ୍ପୃକ୍ତ ବିଭାଗର ନଜରକୁ ଆସିଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅର୍ଥ ବିଭାଗ ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ବୈଠକ ପାଇଁ ବିଳମ୍ବ କରୁଥିବା ଯୋଗୁ କର୍ମଚାରୀମାନେ ସମାନ ଅଧିକାର ପାଇଁ ଆସନ୍ତା ୩୦ତାରିଖ ଦିନ ଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦେବାନନ୍ଦ ସାହୁ, କୋଷାଧ୍ୟକ୍ଷ ଦାମୋଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂତନ କମ୍ୟୁନିଟି ହଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଡାନାସୀଠାରେ ବିଡାନାସୀ ଗ୍ରାମ୍ୟ କମିଟିର ଏକ ନୂତନ କମ୍ୟୁନିଟି ଗୃହ ନିର୍ମାଣ ନେଇ ସୋମବାର ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ ଗୃହ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଧାୟକ ମୋକିମଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହାୟତାରେ ଗୋଷ୍ଠୀ ଗୃହ ନିର୍ମାଣ କରାଯିବ। ଏଥିଲାଗି କାର୍ଯ୍ୟକ୍ରମରେ ବିଡାନାସୀ ଗ୍ରାମ୍ୟ କମିଟିର ସଭାପତି ସନ୍ତୋଷ କୁମାର ଲେଙ୍କା ଓ ସମ୍ପାଦକ ସତ୍ୟବ୍ରତ ବେହେରା ବିଧାୟକ ମୋକିମଙ୍କୁ ସମ୍ବର୍ଦ୍ଧନା ଦେବା ସହ ଧନ୍ୟବାଦ ଜଣାଇଛନ୍ତି। ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, କର୍ପୋରେଟର ଭାନୁ ସେନାପତି, କିଶୋର କୁମାର କର, ଉପସଭାପତି ମଧୁ ମଲ୍ଲିକ, ଗୁକୁନା ସେନାପତି, ଶିଶିର କୁମାର ନାୟକ, ପ୍ରଶାନ୍ତ ଶାସମଲ, କିଶୋର ମହାପାତ୍ର, ଦିବାକର ବେହେରା, କେଦାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ୨୦ରେ ବଂଶୀଧର ସିଂହ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

ମଙ୍ଗୁଳି–ଜଗତପୁର,୧୮।୧୨(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ସର୍ଦ୍ଦଳା ମିନିଷ୍ଟାଡିୟମରେ ଆସନ୍ତା ୨୦ ତାରିଖରେ ମିନି ଷ୍ଟାଡିୟମ ଉନ୍ନୟନ ପରିଷଦ ପକ୍ଷରୁ ବଂଶୀଧର ସିଂହ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଉନ୍ନୟନ ପରିଷଦ ସଭାପତି ଗୋଲଖ ବିହାରୀ ମହାନ୍ତି ସର୍ଦ୍ଦଳାସ୍ଥିତ ମିନି ଷ୍ଟାଡିୟମ ପରିସରରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୋମବାର ସୂଚନା ଦେଇଛନ୍ତି। ୨୪ ତାରିଖ ଉଦ୍‌ଯାପନୀ ଉତ୍ସବରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେବେ। ଟୁର୍ନାମେଣ୍ଟ ନକ୍‌ଆଉଟ ପଦ୍ଧତିରେ ହେବ। ଏଥିରେ ୮ ଦଳ ଭାଗନେବେ। ଖବରଦାତା ସମ୍ମିଳନୀରେ ସମ୍ପାଦକ ବିଜୟ ସାହୁ, ଦେବେନ୍ଦ୍ରନାଥ ନାୟକ, ଭୀମସେନ ମହାନ୍ତି, ହୃଦାନନ୍ଦ ଜେନା, ଅଭିଳାଷ ଚନ୍ଦ୍ର ସାହୁ, ଦୟାନିଧି ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ବିଭୁତି ଭୂଷଣ ସାହୁ, ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

### ୧୬ ଅଭିଯୋଗର ତ୍ୱରିତ ସମାଧାନ କଲେ ଜିଲାପାଳ

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଭୁବନେଶ୍ୱର–କଟକ ପୋଲିସ କମିଶନରେଟର ଅତିରିକ୍ତ ଆୟୁକ୍ତ ସ୍ୱସ୍ତିକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମୁଦାୟ ୬୫ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ସାମୁହିକ ଅଭିଯୋଗ ୫ଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୬୦ଟି ରହିଥିଲା। ଶିବିରରେ ଜିଲାପାଳ ୧୬ଟି ଅଭିଯୋଗର ଶୁଣାଣି କରି ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ତ୍ୱରିତ ସମାଧାନ କରିଥିଲେ। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତେଲିଆପଡ଼ା ଗ୍ରାମର ସୁଜାତା ସ୍ୱାଇଁଙ୍କୁ ଚିକିତ୍ସା ଲାଗି ଆର୍ଥିକ ସହାୟତା ୫ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରିଥିଲେ।ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପରିକଳ୍ପନାରେ ସୀମିତ 'ୱାର୍ଡ ଅଫିସ୍'

କଟକ,୧୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ସାଧାରଣ ଲୋକଙ୍କ ସହିତ ସିଧାସଳଖ ଯୋଡ଼ିହେବା ଉଦ୍ଦେଶ୍ୟରେ ସବୁ ୱାର୍ଡରେ 'ୱାର୍ଡ ଅଫିସ୍' ଖୋଲିବାକୁ ପରିକଳ୍ପନା କରାଯାଇଥିଲା। ଏହାପରେ ୨୦୧୯ରେ ରାଜ୍ୟ ସରକାରଙ୍କ ୫–ଟି ଯୋଜନାରେ ମହାନଗର ନିଗମରେ 'ୱାର୍ଡ ଅଫିସ୍' ଆରମ୍ଭ ହୋଇଥିଲା। ତେବେ ବର୍ତ୍ତମାନ ଅଧାରୁ ଅଧିକ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟଗୁଡ଼ିକର ଠିକଣା ମିଳୁନାହିଁ। ଅନ୍ୟପକ୍ଷରେ ସବୁ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ଖୋଲିବା ପାଇଁ ସିଏମ୍‌ସିର କାଉନସିଲ ବୈଠକରେ ଆଲୋଚନା ହେଉଛି। ତେବେ ଏହାକୁ କର୍ତ୍ତୃପକ୍ଷ ଏବଂ ଅନେକ କର୍ପୋରେଟର୍ ଗୁରୁତ୍ୱର ସହ ନେଉ ନ ଥିବାରୁ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି।

**କେଉଁଠି ତାଲା ଝୁଲୁଛି ତ ଆଉ କେଉଁଠାରେ ଖୋଲିପାରିନି**

ସିଏମ୍‌ସିରେ ଗତ ୨୦୧୯ ଫେବୃୟାରୀରେ କାଉନସିଲ୍ ଶେଷ ହୋଇଥିଲା। କାଉନସିଲ୍ ନ ଥିବାରୁ ଲୋକଙ୍କ ମୌଳିକ ସମସ୍ୟା ସିଏମ୍‌ସି ନିକଟରେ ପହଞ୍ଚିବାରେ ସମସ୍ୟା ହେଲା। ୱାର୍ଡବାସୀଙ୍କ ସମସ୍ୟାକୁ ସେମାନଙ୍କ ୱାର୍ଡରେ ଶୁଣିବା ଓ ସେଠିଠାରେ ସମାଧାନ କରିବା ଉଦ୍ଦେଶ୍ୟ ନେଇ ପ୍ରତି ୱାର୍ଡରେ ୱାର୍ଡ ଅଫିସ ଗଠନ କରିବାକୁ ନିଷ୍ପତ୍ତି ନିଆଗଲା। ଏଥିପାଇଁ ସିଏମ୍‌ସି ପକ୍ଷରୁ ପ୍ରତି ୱାର୍ଡରେ 'ୱାର୍ଡ ଅଫିସ୍' ଖୋଲାଗଲା। ୨୦୧୯ ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ନିଗମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସିଏମ୍‌ସିର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କୁ ୱାର୍ଡ ଅଧିକାରୀ ଭାବେ ନିଯୁକ୍ତ କରାଯାଇ ଦାୟିତ୍ୱ ଦିଆଗଲା। ସକାଳ ୧୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଅଫିସ୍ ଖୋଲିବା ନିୟମ କରାଯାଇଥିଲା। ମାତ୍ର ବହୁ ୱାର୍ଡରେ ୱାର୍ଡ ଅଫିସ୍ ଖୋଲିଥିବା ସ୍ଥାନର ସୂଚନା ୱାର୍ଡବାସୀଙ୍କ ନିକଟରେ ନ ଥିବା ବେଳେ ୱାର୍ଡ ଅଧିକାରୀଙ୍କ ବଦଳରେ ମେଟ୍ ଓ ଜମାଦାରଙ୍କ ଦ୍ୱାରା ଏହା ପରିଚାଳିତ ହେଲା। କରୋନା କଟକଣା ଓ ୨୦୨୨ରେ ନୂଆ କାଉନସିଲ ଗଠନ ହେବା ପରେ ଏହା ଏକପ୍ରକାର ବନ୍ଦ ହୋଇଯାଇଥିଲା। ଗତବର୍ଷ ଅଗଷ୍ଟରେ ୱାର୍ଡ ଅଫିସଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିଥିଲା। ଯେଉଁ ୱାର୍ଡରେ ସରକାରୀ ଘର ଅଛି ସେଠାରେ କିମ୍ବା ଭଡ଼ାରେ ଘର ନେଇ ୱାର୍ଡ ଅଫିସ୍ କରିବା ପାଇଁ ସିଏମ୍‌ସି ପକ୍ଷରୁ ସ୍ଥିର ହେବା ସହ ଏହାର ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜିର ଜଣେ ଶିକ୍ଷିତ ମହିଳାଙ୍କୁ ଦେବାକୁ ଚିନ୍ତା କରାଯାଇଥିଲା। ଘରଭଡ଼ା ବାବଦ ମାସକୁ ୫ ହଜାର ଓ ପରିଚାଳନା ଦାୟିତ୍ୱରେ ଥିବା ମହିଳାଙ୍କୁ ୧୦ ହଜାର ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା। ୱାର୍ଡ ଅଫିସ ପୁନର୍ବାର କାର୍ଯ୍ୟକ୍ଷମ ନେଇ ପ୍ରତ୍ୟେକ କାଉନସିଲ ବୈଠକରେ ଆଲୋଚନା ହେଉଥିବାବେଳେ ଏହାକୁ କର୍ପୋରେଟର୍ ଏବଂ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି। ଅନେକ ଅଫିସରେ ତାଲା ଝୁଲୁଥିବା ବେଳେ କେତେକ ସ୍ଥାନରେ ଏହା ଖୋଲିପାରିନାହିଁ।

# ଆସିଲା ୪ ନୂଆ ମହାପ୍ରୟାଣ ଗାଡ଼ି



କଟକ,୧୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଦୀର୍ଘ ସମୟ ଧରି ସହରରେ କୋମାରେ ଥିବା ମହାପ୍ରୟାଣ ଯୋଜନା ପୁଣି କାର୍ଯ୍ୟକାରୀ କରାଯାଇଛି। ସେବା ଦେବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ୪ଟି ନୂଆ ମହାପ୍ରୟାଣ ଗାଡ଼ି ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନକୁ ଯୋଗାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ କଟକ ଜିଲା ପାଇଁ ୪ଟି ମହାପ୍ରୟାଣ ଗାଡ଼ି କିଣାଯାଇଛି। ଜିଲା ରେଡ୍‌କ୍ରସ ସମିତି ଦ୍ୱାରା ଏଗୁଡ଼ିକ ପରିଚାଳିତ ହେବା ନେଇ ସୋମବାର ଜିଲାପାଳ ନରହରି ସେଠୀ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ), ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ, (ସାଧାରଣ) ଶିବ ଟପୋ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି, ଜିଲା ଜରୁରିକାଳୀନ ଅଧିକାରୀ ସନ୍ତୋଷ ସାହୁ, ପ୍ରାକ୍ତନ ଜିଲା ଜରୁରିକାଳୀନ ଅଧିକାରୀ ପ୍ରଦୀପ ତ୍ରିପାଠୀ ପ୍ରମୁଖଙ୍କ ଉପସ୍ଥିତିରେ ଜିଲାପାଳଙ୍କ ଦ୍ୱାରା ଏହି ଗାଡ଼ିଗୁଡ଼ିକ ହସ୍ତାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୧୬ରେ ସରକାର କଟକ ସହରକୁ ୫ଟି ମହାପ୍ରୟାଣ ଗାଡ଼ି ଯୋଗାଇ ଦେଇଥିଲେ। ରେଡ୍‌କ୍ରସ ଅଧୀନରେ ଏସ୍‌ସିବି ମେଡିକାଲରେ ୨ଟି, ଶିଶୁଭବନ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନ ଓ ସିଟି ହସ୍ପିଟାଲକୁ ଗୋଟିଏ ଲେଖାଏ ମହାପ୍ରୟାଣ ଗାଡ଼ି ଆସିଥିଲା। ତେବେ କ୍ୟାନ୍ସର ହସ୍ପିଟାଲ ଓ ଏସ୍‌ସିବିକୁ ଛାଡିଦେଲେ ଅନ୍ୟ ଦୁଇଟି ଗାଡ଼ି ପ୍ରଥମରୁ ହିଁ ବନ୍ଦ ହୋଇଯାଇଥିଲା। ଏବେ ଏସ୍‌ସିବି ଏବଂ କ୍ୟାନ୍ସର ହସ୍ପିଟାଲର ୩ଟି ଗାଡ଼ି ଦୀର୍ଘ ୮ ମାସ ହେଲା ଖରାପ ହୋଇ ଗ୍ୟାରେଜରେ ପଡ଼ିରହିଛି। ଏଣୁ ସାଧାରଣ ଲୋକେ ଏହି ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ଏବେ ପୁଣି ନୂତନ ଗାଡ଼ି ଅଣାଯାଇଛି। ଏହା କେତେଦିନ କାର୍ଯ୍ୟକାରୀ ହେବ ଏବଂ ଲୋକ ଉପକୃତ ହେବେ କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ମାତାପିତାଙ୍କୁ ଶ୍ରଦ୍ଧା, ସମ୍ମାନ ଦେଲେ ଜୀବନ ସାର୍ଥକ ହୁଏ'

### ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଇଚ୍ଛାବତୀ ରଥଙ୍କ ସ୍ମୃତିଚାରଣ

କଟକ,୧୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ସ୍ୱର୍ଗତ ଇଚ୍ଛାବତୀ ରଥଙ୍କ ୭ମ ପୁଣ୍ୟତିଥି ଅବସରରେ 'ସ୍ମୃତିରେ ଇଚ୍ଛାବତୀ' ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସନାତନ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଗବେଷକ ବାବାଜୀ ସତ୍ୟାନନ୍ଦ ଦାସ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମାତାପିତାଙ୍କୁ ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ଏବଂ ଏହାକୁ ପାଳନ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ନୟନ ରଞ୍ଜନ ସାମଲ, ଡ. ଗୋପୀ ଡି, ଏନ୍.ପ୍ରେମଲତା ଦେବୀ, ଡ. ଲୀନା ପଟ୍ଟନାୟକ, ଡ. ଅନୁରେଖା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ସମ୍ବାଦପତ୍ର ବିକ୍ରେତା ରାଘବନାଥ ବେହେରାଙ୍କ ପରଲୋକରେ ବକ୍ସିବଜାରଠାରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଆୟୋଜିତ ଶୋକସଭା।

### ୟଙ୍ଗ ଚ୍ୟାମ୍ପିସଙ୍କ ନୀତା ଫୁଟବଲ ଏକାଡେମୀ ଭିତ୍ତିଭୂମି ପରିଦର୍ଶନ

ଖୁଣ୍ଟୁଣୀ,୧୮।୧୨(ସଚ୍ଚିଦାନନ୍ଦ ପଣ୍ଡା)

ରିଲାଏନ୍ସ ଫାଉଣ୍ଡେଶନର ୟଙ୍ଗ ଚ୍ୟାମ୍ପିସ ଷ୍ଟିଫେନ ଚାର୍ଲ୍ସ ରବିବାର କଟକ ଜିଲା ଖୁଣ୍ଟୁଣୀ ରାଧାଦାମୋଦରପୁରସ୍ଥିତ ନୀତା ଫୁଟବଲ ଏକାଡେମୀ ଭିତ୍ତିଭୂମି ପରିଦର୍ଶନ କରିଥିଲେ। ଷ୍ଟିଫେନ ଧବଳେଶ୍ୱର ଆଇଟିଆଇ ମୁଖ୍ୟ ଫାଟକ ପାଖରେ ପହଞ୍ଚିବା ମାତ୍ରେ ତାଙ୍କୁ ଏକାଡେମୀର ସମ୍ପାଦକ ଅରୁଣ ପରିଜା, ଧବଳେଶ୍ୱର ବୈଷୟିକ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ବସନ୍ତ ନାୟକ, ମୁଖ୍ୟ ପ୍ରଶାସନିକ ଅଧିକାରୀ ରମଣୀ ରଞ୍ଜନ ନାୟକ, ଡିଆଇଟିସିର ଅଧ୍ୟକ୍ଷ ବିକ୍ରମ ସାମଲ ଓ ଆଡ଼ର ଏକାଡେମୀର ପରିଚାଳକ ଜେ.ଡି. ମହାପାତ୍ର ଓ ନୀତାର ସମସ୍ତ ଜୁନିୟର ସିନିୟର ମହିଳା ଖେଳାଳି ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ପାଛୋଟି ନେଇଥିଲେ। ଷ୍ଟିଫେନଙ୍କ ୩ ଘଣ୍ଟାର ରହଣି ମଧ୍ୟରେ ଖେଳପଡ଼ିଆ, ହଷ୍ଟେଲ, ଖାଦ୍ୟପେୟରେ ସ୍ୱଚ୍ଛତା ଆଦି ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ। ପରେ ମହିଳା ଉଭୟ ବର୍ଗର ଖେଳାଳି ଯଥା ୧୭, ୧୩ ଓ ୧୦ ବର୍ଷରୁ କମ୍ ପିଲାଙ୍କୁ ଉନ୍ନତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏକାଡେମୀକୁ ଆନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଥିଲେ। ଏଠାରେ କୋଚମାନଙ୍କୁ ସେ ପ୍ରଶିକ୍ଷଣ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ନୀତାର ସମ୍ପାଦକ ପରିଜାଙ୍କୁ ଷ୍ଟିଫେନ ଏକ ମାନପତ୍ର ପ୍ରଦାନ କରିଥିଲେ।

### ମନ୍ଦିର ସେବାୟତ ସଂଘ ପକ୍ଷରୁ ବ୍ଲକ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୧୮।୧୨(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅଧୀନ ପରମହଂସ ନାଥ ମନ୍ଦିର ସେବାୟତ ସଂଘ ପକ୍ଷରୁ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସିଂଙ୍କୁ ମାନପତ୍ର ଦେଇ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ଅରୁଣ ଦାଶ, ଜନ୍ମେଜୟ ପତି, ନିରଞ୍ଜନ ପଣ୍ଡା ପ୍ରମୁଖ ଉଭୟଙ୍କୁ ସମ୍ମାନିତ କରିଥିଲେ। ଏହି ପରିପ୍ରେକ୍ଷୀରେ କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆମ୍ବା ସଭାପତି ରଜନୀକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସରପଞ୍ଚ ତ୍ରିଲୋଚନ ପାତ୍ର, ମିଲି ସେଠୀ, ରାକେଶ ବେହେରା, ସୁବାସିନି ରାଉତ, ଅକ୍ଷୟ ପରିଡ଼ା, ଝିନୁ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ରେଜ୍ ଫାଉଣ୍ଡେଶନ ପକ୍ଷରୁ ପୋଷାକ ବଣ୍ଟନ




ପିଲାମାନଙ୍କୁ ପୋଷାକ ବଣ୍ଟନ କରାଯାଉଛି।

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ରେଜ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ଟାଙ୍ଗୀ ଚୌଦ୍ୱାରସ୍ଥିତ କରଞ୍ଜିଗାଁ ଗ୍ରାମରେ ପୋଷାକ ବଣ୍ଟନ କରାଯାଇଛି। ଫାଉଣ୍ଡେଶନର ପ୍ରତିଷ୍ଠାତା ରଶ୍ମି ସାହୁ ଓ ସଚିବ ଅବିନାଶ ସିଂଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ପୋଷାକ ସମେତ ଆବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। ଆଗାମୀ ଦିନରେ ଏପରି କାର୍ଯ୍ୟ ଜାରି ରହିବ ଏବଂ ଶିଶୁଙ୍କୁ ପୋଷାକ ଯୋଗାଇବା ସହ ଆବଶ୍ୟକତା ଅନୁଯାୟୀ ସହାୟତା କରିବାର ଲକ୍ଷ୍ୟ ରଖାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ସୁକେଶ ବେହେରାଙ୍କୁ ବନବିହାରୀ ମହାନ୍ତି ସମ୍ମାନ




କଟକ,୧୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଚୌଧୁରୀବଜାରସ୍ଥିତ ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷରେ ସୋମବାର କ୍ଲବ ପକ୍ଷରୁ ବନବିହାରୀ ମହାନ୍ତିଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଯୁବ ଖବରଦାତା ସୁକେଶ ବେହେରାଙ୍କୁ ଖବରଦାତା ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ବେହେରା ୧୨ବର୍ଷରୁ ଉର୍ଦ୍ଧ୍ୱକାଳ ରାଜ୍ୟର ବିଭିନ୍ନ ପ୍ରମୁଖ ଓଡ଼ିଆ ଖବରକାଗଜରେ ନିରପେକ୍ଷ ତଥା ମୂଲ୍ୟଭିତ୍ତିକ ଖବର ପରିବେଷଣ କରିଆସିଛନ୍ତି। ସାମ୍ବାଦିକତା ପ୍ରତି ବୃତ୍ତିଗତ ନିଷ୍ଠା ଏବଂ ଅଙ୍ଗୀକାର ବଦ୍ଧତା ପାଇଁ ତାଙ୍କୁ ଚଳିତ ବର୍ଷ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ଅତିଥି ଭାବେ ବାରବାଟୀ –କଟକ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଯୋଗଦେଇଥିବାବେଳେ ବରିଷ୍ଠ ଖବରଦାତା ପ୍ରଦୀପ ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନେଜିଂ ଟ୍ରଷ୍ଟି ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ଟ୍ରଷ୍ଟି ତଥା ଖବରଦାତା ଆଲୋକ ନାୟକ, ଡ. ସତ୍ୟ ରାୟ, ସୁପ୍ରିୟା ପ୍ରିୟଦର୍ଶିନୀ, ଲହରିକା ପଟ୍ଟନାୟକ, କୁମାରଶ୍ରୀ ସାହୁ, ଅବିନାଶ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

କଟକ,୧୮।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ଗଳା କାଟି ଛାତ୍ରଙ୍କୁ ହତ୍ୟା ଘଟଣା**

କଟକ ଜିଲା ଜଗତପୁର ପୂର୍ବକଚ୍ଛ ଗ୍ରାମର ନାବାଳକ ହତ୍ୟାକାଣ୍ଡ ଘଟଣା ନେଇ ତଦନ୍ତ ଜାରି ରହିଛି। ମୃତ ନାବାଳକଙ୍କ ଶରୀରର ଅଧିକାଂଶ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଛି। ତାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ଜାଣି ହେଉଛି। ହତ୍ୟାକାଣ୍ଡର କାରଣ ଜାଣିବା ଏବଂ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ପୋଲିସ ସାଇଣ୍ଟିଫିକ୍ ତଦନ୍ତ ସହ ଫିଜିକାଲ ଏଭିଡେନ୍ସ ଯୋଗାଡରେ ଲାଗିଛି। ହତ୍ୟାକାଣ୍ଡ ସମ୍ପର୍କରେ ଯଦି କୌଣସି ସୂଚନା ଥାଏ ତେବେ ପୋଲିସକୁ ଜଣାଇବା ପାଇଁ କଟକ ଡିସିପି ପ୍ରତୀକ ମିଶ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବକଚ୍ଛ ଥୋରିଆ ସାହି ଅଞ୍ଚଳର ଜଗନ୍ନାଥ ବେହେରାଙ୍କ ପୁତ୍ର ଜ୍ୟୋତିପ୍ରକାଶ (୧୨) ଶନିବାରଠାରୁ ନିଖୋଜ ଥିବାବେଳେ ରବିବାର ସକାଳେ ଗାଁ ଲୋକେ ଏକ ବିଲହିଡରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କ ଗଳା କାଟି ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ. ୬୩୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ କିଏ ଓ କାହିଁକି ଏଭଳି ନିର୍ମମ ଭାବେ ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। କେହି ଏକ ବଡ଼ ଉଦ୍ଦେଶ୍ୟ କିମ୍ବା ପୂର୍ବଶତ୍ରୁତାକୁ ନେଇ ଏହି କାଣ୍ଡ ଭିଆଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଜ୍ୟୋତିପ୍ରକାଶଙ୍କ ପରିବାରବର୍ଗ ଓ ଗାଁ ଲୋକଙ୍କୁ ପଚରାଉଚରା କରୁଛି।



ଓଏମ୍‌ପି ଛକସ୍ଥିତ ଜେକେବିକେ ସରକାରୀ ମହାବିଦ୍ୟାଳୟରେ 'ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ଏବଂ ଅନ୍ୟ ଅତିଥିମାନେ। (ଫଟୋ: ରାଜକିଶୋର)

# 'ସାହିତ୍ୟିକଙ୍କ ନିର୍ଭୀକ ଲେଖନୀ ଦୁର୍ନୀତି ରୋକିପାରିବ'

### ୬୪ତମ ଶିଶିର ଉତ୍ସବ ଉଦ୍‌ଯାପିତ

କଟକ,୧୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସାହିତ୍ୟ ସଂସଦ ପକ୍ଷରୁ ୬୪ତମ ଶିଶିର ଉତ୍ସବ ଏବଂ ଓଡ଼ିଆ ଲେଖକ ସମ୍ମେଳନର ଉଦଯାପନୀ ସନ୍ଧ୍ୟା ସୋମବାର ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନରେ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଉଦ୍‌ଘାଟକ ଭାବେ କଟକ ମହାନଗର ନିଗମ ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ସାହିତ୍ୟିକମାନଙ୍କ ନିର୍ଭୀକ ଲେଖନୀ ଚାଳନା ପାଇଁ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରୁଛି। ଏଣୁ ସମାଜର କଲ୍ୟାଣ ପାଇଁ ସାହିତ୍ୟିକମାନଙ୍କୁ ସମ୍ମାନିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ମୁଖ୍ୟ ଅତିଥି ଭାବେ ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣା ଯୋଗଦେଇ ସାହିତ୍ୟ ସଂସଦର ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା ଦେବାର ପରମ୍ପରାକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବଗତ ଶୁକ୍ଳ ଜଣେ ସାହିତ୍ୟିକ ପ୍ରଥମେ ଭଲ ପାଠକ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ପ୍ରଶାସକ ମଧୁସୂଦନ ଦାଶ, ସାହିତ୍ୟିକ ତଥା ସ୍ତମ୍ଭକାର ଡ. ରୁଦ୍ରନାରାୟଣ ପୃଷ୍ଟି ଓ ଶିଶୁ ସାହିତ୍ୟିକା ସବିତା ମଞ୍ଜରୀ ଦାଶଙ୍କୁ 'ଶିଶିର ସମ୍ମାନ–୨୦୨୩'ରେ ସମ୍ମାନିତ କରାଯାଇଛି। ସଂସଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ କୁମାର ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ସୁରଜିତ ନାଥ, ରଘୁନାଥ ମହାପାତ୍ର, ମୈତ୍ରୀଭୂଷଣ ଖୁଣ୍ଟିଆ, ମନୋରଞ୍ଜନ ମହାପାତ୍ର ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ କାର୍ଯ୍ୟାବଳୀ ଉପରେ ସବିଶେଷ ଆଲୋଚନା କରିଥିଲେ। ସଙ୍ଗଠନ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ବିଶ୍ୱମିତ୍ରା ମିଶ୍ର ଓ ମୀରା ବେଉରା ମାନପତ୍ର ପାଠ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭାମାନେ ସେମାନଙ୍କ ସାହିତ୍ୟିକ ଜୀବନଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଯୁବ ପ୍ରତିଭା ନବ ନାୟକ, ସଂଗ୍ରାମ ନାୟକ, କୁନ୍ତଳା ବେହେରା, ପ୍ରଫୁଲ୍ଲ କୁମାର ସାହୁଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇନ୍ଦ୍ରଜିତ ଘୋଷ ଧନ୍ୟବାଦ ଦେଇଥିବାବେଳେ ସଭାକୁ ଅଶୋକ କୁମାର ଦାସ, ସିଦ୍ଧାର୍ଥ ସାମନ୍ତରାୟ, ବିଭୁଦତ୍ତ ଖଣ୍ଡାୟତରାୟ, ଭାଗିରଥି ପାଣିଗ୍ରାହୀ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୧୮।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବଡ଼ଖାଡ଼ ପଞ୍ଚାୟତର ପ୍ରଜ୍ଞା ବିହାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶତମ ବାର୍ଷିକ ଉତ୍ସବ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦ୍‌ଭାବନା ସଭାର ସଦସ୍ୟ ଡ.ସୁନୀଲ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା, ତ୍ରିଲୋଚନେଶ୍ୱର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ସାମନ୍ତସିଂହାର, ଅଭୟ ମହାପାତ୍ର, ଲୁଇସା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ପ୍ରସନ୍ନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଚକ୍ରଧର ମାଝୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶିଶୁମାନଙ୍କ ଦ୍ୱାରା ମାତୃବନ୍ଦନା ଗାନ କରାଯାଇଥିଲା। ବିଦ୍ୟାମନ୍ଦିରର ଉପସଭାପତି ପ୍ରଦୀପ ମାନସିଂହ, ଅଶ୍ୱିନୀ କୁମାର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ଏବଂ ବ୍ଲକସ୍ତରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବ ପରିଚାଳନାରେ ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

## କମ୍ୟୁନିଷ୍ଟ ନେତା ଚରଣ ଦଳେଇଙ୍କ ପରଲୋକ

**ନିରାକାରପୁର,୧୮।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମର କମ୍ୟୁନିଷ୍ଟ ନେତା ଚରଣ ଦଳେଇଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ସହ କମ୍ୟୁନିଷ୍ଟ ନେତା ଭାବେ ପରିଚିତ ଥିଲେ। ଏପରିକି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହ ସେ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ଡିପ୍ଲୋମା ଇଞ୍ଜିନିୟର ପ୍ରଗତିର ମୁଖ୍ୟ କର୍ଣ୍ଣଧାର

**ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)**

ଡିପ୍ଲୋମା ଇଞ୍ଜିନିୟରମାନେ ସମଗ୍ର ରାଜ୍ୟରେ ଘଟୁଥିବା ପ୍ରଗତିର ମୁଖ୍ୟ କର୍ଣ୍ଣଧାର। ସରକାରୀ ବ୍ୟବସ୍ଥା, ସରକାରଙ୍କ କାର୍ଯ୍ୟକ୍ରମକୁ ଡିପ୍ଲୋମା ଇଞ୍ଜିନିୟରମାନେ ହିଁ ସଫଳ ରୂପାୟନ କରି କର୍ଣ୍ଣଧାର ସାଜିଥାନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଥିଲେ। ସୋମବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୭୮ତମ ବାର୍ଷିକ ସମ୍ମିଳନୀ ସଂଘ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅମାତ ଯୋଗଦେଇ, ସରକାରଙ୍କର ଡିପ୍ଲୋମା ଇଞ୍ଜିନିୟରଙ୍କ ପ୍ରତି ଥିବା ଅନୁକୂଳ ବାର୍ତ୍ତା ରଖିଥିଲେ।

# ଜାଲ୍ ସାର୍ଟିଫିକେଟରେ ଚାକିରି: ୫ ଶିକ୍ଷକ ବହିଷ୍କୃତ

**ପୁରୀ,୧୮।୧୨(ଅଜିତ୍ ମହାନ୍ତି)**

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ପୁରୀ ଜିଲାର ୫ଜଣ ଶିକ୍ଷକଙ୍କୁ ଜିଲା ଶିକ୍ଷା ଅଧିକାରୀ ବହିଷ୍କୃତ କରିଛନ୍ତି। ନିଲମ୍ବିତ ହୋଇଥିବା ୫ଶିକ୍ଷକଙ୍କ ମଧ୍ୟରୁ ଜଣେ କଣାସ ବ୍ଲକର ହୋଇଥିବା ବେଳେ ଅନ୍ୟ ୪ଜଣ କୃଷ୍ଣପ୍ରସାଦ ଅଞ୍ଚଳର ବୋଲି ସୂଚନା ମିଳିଛି। ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ ସୂଚନା ଦେଇ କହିଛନ୍ତି, ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲା। ତେଣୁ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା। ବିଭିନ୍ନ ଯାଞ୍ଚ କରିବା ସହ ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯାଇ ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ତଦନ୍ତ କରାଯାଇଥିଲା। ତଦନ୍ତ ପରେ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରମାଣପତ୍ର ଜାଲ୍ ଥିବା ଜଣାପଡିଥିଲା। ଫଳରେ ସମ୍ପୃକ୍ତ ୫ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ବହିଷ୍କୃତ ହୋଇଥିବା ୫ଜଣ ଶିକ୍ଷକ ହେଲେ କଣାସ ବ୍ଲକ ଜମାଲଗୋଡା ୟୁପି ସ୍କୁଲର ରବିନ୍ଦ୍ର କୁମାର ପଲେଇ। କୃଷ୍ଣପ୍ରସାଦ ବ୍ଲକ୍ ଖିରିସାହି ପିୟୁପିଏସ୍ ସ୍କୁଲର ସତ୍ୟସୁନ୍ଦର ବିଶ୍ୱାଳ, ବିରିପଦର ପ୍ରାଇମେରି ସ୍କୁଲର ସୁରେଶ ଚନ୍ଦ୍ର ପଲେଇ, ଓରା ପ୍ରାଇମେରି ସ୍କୁଲର ସୌଦାମିନୀ ପ୍ରଧାନ ଏବଂ ଚାରିଛକ ୟୁଜିଓପି ସ୍କୁଲର ନନ୍ଦ କିଶୋର ସେଠୀ। ପୂର୍ବରୁ ଏଭଳି ଅଭିଯୋଗରେ ୪ଜଣ ବହିଷ୍କୃତ ହୋଇଥିଲେ। ଗତ ଦେଢ଼ବର୍ଷ ଭିତରେ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗରେ ଜିଲା ଶିକ୍ଷାଧିକାରୀ ୯ଜଣଙ୍କୁ ବହିଷ୍କୃତ କରିଥିବା ଘୋଷ କହିଛନ୍ତି। ଅପରପକ୍ଷରେ ଅନ୍ୟ କେତେଜଣ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିଛି। ତାହାର ତଦନ୍ତ କରାଯାଉଛି। ଯଦି ତଦନ୍ତରେ କିଏ ଅଭିଯୁକ୍ତ ଥିବା ଜଣାପଡେ ତେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷ କହିଛନ୍ତି।



ନିଶା ନିବାରଣ ସଚେତନତା ପଦଯାତ୍ରାରେ ସାମିଲ ହୋଇଥିବା ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

# ନିଶା ନିବାରଣ ସଚେତନତା ପଦଯାତ୍ରା

**ଗମ୍ଭାରୀମୁଣ୍ଡା/ ବେଗୁନିଆ,୧୮।୧୨ (ଦିଲୀପ ସ୍ୱାଇଁ/ ହର ପ୍ରସନ୍ନ ପଣ୍ଡା)**

ନୂଆ-ଓ କାର୍ଯ୍ୟକ୍ରମ ଅବସରରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଅଧକ୍ଷ ବିନାୟକ ହୋତାଙ୍କ ଅଧ୍ୟକ୍ଷତାରେ ନିଶା ନିବାରଣ ପଦଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ସଞ୍ଚାଳକ ଆଦିତ୍ୟ ସାରଥି ବେଦମତା, ଯୁକ୍ତ ୨ ସଞ୍ଚାଳକ ବାଦଲ ବେହେରା, ଏନ୍‌ସିସି ଅଫିସର ଡ.ଗୁରୁ କିଶୋର ନାୟକ, ଅଧାପିକା ରଶ୍ମିତା ମହାରଣା, ନୋଡାଲ ଅଫିସର ଜୟନ୍ତ ବିହାରୀ, ଅଧାପକ ସତ୍ୟାନନ୍ଦ ମହାରଣାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରୁ ଏହି ପଦଯାତ୍ରା ବାହାରିଥିଲା। ଛାତ୍ରୀଛାତ୍ରମାନେ ନିଶା ନିବାରଣ ସମ୍ପର୍କିତ ଭିନ୍ନ ସ୍ଲୋଗାନ ଦେବା ସହ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅଚ୍ୟୁତରାଜପୁର ଗ୍ରାମ ଓ କୁମାରଙ୍ଗ ଛକ ଦେଇ ପଦଯାତ୍ରା ମହାବିଦ୍ୟାଳୟ ପରିସରକୁ ଫେରିଥିଲା। ଏହା ପରେ ଅଧକ୍ଷଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନିଶାଠୁ ଦୂରେଇ ରହିବା ପାଇଁ ଅଧକ୍ଷ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭାରେ ପ୍ରଶାସନିକ ଅଫିସର ଡ.ସୁର ପ୍ରତାପ ନରେନ୍ଦ୍ରସିଂବର୍ମା, ଡ.ସୁଜାତା ମିଶ୍ର, ବାଦଲ ବେହେରା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଅଧାପକ ଆଦିତ୍ୟ ସାରଥି ବେଦମତା ନିଶା ମୁକ୍ତ ଭାରତ ପାଇଁ ଶପଥ ପାଠ କରାଇଥିଲେ। ବାଦଲ ବେହେରା ଧନ୍ୟବାଦ ଦେଇଥିଲେ।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ନେଇ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ନିଶା ନିବାରଣ ଏବଂ ଭୋଟର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଅଧାପକ ଦିଲୀପ କୁମାର ସାଥୁଆଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ଅଧକ୍ଷ ଗଙ୍ଗାଧର ଦାଶ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପରେ ଏକ ନିଶା ନିବାରଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନିଶାମୁକ୍ତ ସମାଜ ଗଠନ ଦିଗରେ ଗାଁ ଗାଁ ବୁଲି ସଚେତନତା ସୃଷ୍ଟି କରିଥିଲେ। ପରେ ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟ ପରିସରରେ ଭୋଟର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବେଗୁନିଆ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୋଟର ପରିଚୟ ପତ୍ରର ଉପଯୋଗିତା ସମ୍ପର୍କରେ ପିଲାମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ପ୍ରଦୀପ କୁମାର ସାହୁ, ନାରାୟଣ ବନ୍ଧୁ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ, ଶ୍ରୀନିବାସ ସାହୁ, ରଘୁନାଥ ଦାସ, ହୃଷୀକେଶ ମାର୍ଥା, ଧରିତ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଡ.ଦିଲୀପ ସ୍ୱାଇଁ ପାଇବେ ମାନସିଂହ ସ୍ମୃତି ସମ୍ମାନ

**କୃଷ୍ଣପ୍ରସାଦ,୧୮।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ମାନସିଂହ ସାହିତ୍ୟ ସଂସଦ ନନ୍ଦଲା ପକ୍ଷରୁ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ସ୍ୱନକ୍ଷତ୍ର ଉତ୍ସବରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ.ଦିଲୀପ କୁମାର ସ୍ୱାଇଁ ମାନସିଂହ ସ୍ମୃତି ସମ୍ମାନ-୨୦୨୩ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଆ ସାହିତ୍ୟ ପ୍ରତି ଦିଲୀପଙ୍କ ଅବଦାନ ଅତୁଳନୀୟ। ସେହିପରି ପ୍ରଫେସର ସରୋଜିନୀ ବରାଇଙ୍କୁ ମାନସିଂହ ଗଳ୍ପ ସମ୍ମାନ, ପ୍ରଶାସକ ଡ.ମମତାରାଣୀ ନାୟକଙ୍କୁ ମାନସିଂହ କବିତା ସମ୍ମାନ ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରକାଶକ ସମ୍ମାନ ପାଇଁ ତୀରତରଙ୍ଗ ପ୍ରକାଶନ ମନୋନୀତ ହୋଇଥିବା ବେଳେ, ସାରସ୍ୱତ ସାଧକ ସମ୍ମାନ ପାଇଁ କାଶୀନାଥ ଜେନା, ବିଦ୍ୟାଧର ପ୍ରଧାନ, ବିଜୟ ଚନ୍ଦ୍ର ମିଶ୍ର ଓ ମନୀଷା ବିଶ୍ୱାଳ ମନୋନୀତ ହୋଇଛନ୍ତି। ସୂଚନାଥାଉ କି, ଏହି ଅନୁଷ୍ଠାନ ପ୍ରତିବର୍ଷ ଉତ୍କର୍ଷ ସାହିତ୍ୟ ସାଧନାରେ ବ୍ରତୀ ଥିବା ସାହିତ୍ୟିକଙ୍କୁ ସମ୍ମାନ ଜଣାଇ ଏହି ସମ୍ମାନ ପ୍ରଦାନ କରିଆସୁଛି। ଆୟୋଜକ ସଭାପତି ବିଷ୍ଣୁପ୍ରସାଦ ଦଳେଇ, ଡ.ଅଭିମନ୍ୟୁ ଜେନା, ପ୍ରେମାନନ୍ଦ ବେହେରା, ବନବିହାରୀ ପଟ୍ଟନାୟକ, ବିଦ୍ୟାଧର ଦଳବେହେରା, କାଶୀନାଥ ଜେନା, ବିଭୂତି ହରିଚନ୍ଦନ, କିଶୋର ଚନ୍ଦ୍ର ବିଶୋୟୀ, ରାଜ କିଶୋର ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିବା କଥା ସମ୍ପାଦକ ଲଳିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ବିଜେଡିର ଜନସମ୍ପର୍କ ଅଭିଯାନ ଆରମ୍ଭ

**ବୋଲଗଡ଼,୧୮।୧୨(ଦେବବ୍ରତ ହୋତା)**


ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଲୋକଙ୍କ ନିକଟତର ହେବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ସୋମବାର ବୋଲଗଡ଼ ବ୍ଲକ ଅଞ୍ଚଳରେ ବିଜୁ ଜନତା ଦଳ(ବିଜେଡି)ପକ୍ଷରୁ ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏହି ବ୍ଲକ ଅନ୍ତର୍ଗତ କଡ଼ବ, ଗୋପାଳପୁର ଓ ସାନପଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡି ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ କହିବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବୋଲଗଡ଼ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ରଘୁନାଥ ଲେଙ୍କା, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କିଶୋର ଛୋଟରାୟ, ବାନମଓର ମାଝୀ, ପ୍ରଭାତୀ ରାଉତରାୟ ଉପସ୍ଥିତ ଥିଲେ। କଡ଼ବ ପଞ୍ଚାୟତର ଚଟୁଆଠାରେ ଗ୍ରାମ୍ୟ ଉଦ୍ୟାନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ସ୍ଥାନୀୟ ସରପଞ୍ଚ ନଳିନୀ ବଡଜେନା ଓ ସମିତିସଭ୍ୟା ବୈତୁଲା ବିବି ଉପସ୍ଥିତ ଥିଲେ।

## ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୮।୧୨(ଅନୁରାଧା ମହାରଣା)**

ଦେବଦାସୀ ନୃତ୍ୟମନ୍ଦିର ପକ୍ଷରୁ ୧୭ତମ ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ମହୋତ୍ସବ ଓ ନବ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଭଞ୍ଜକଳାମଣ୍ଡପଠାରେ ସୋମବାର ଆରମ୍ଭ ହୋଇଥିବା ଏହି ୩ଦିନିଆ କାର୍ଯ୍ୟକ୍ରମରେ ୭ଜଣ ବିଶିଷ୍ଟ ନୃତ୍ୟଶିଳ୍ପୀଙ୍କୁ ସମ୍ମାନିତ କରାଯାଇଛି।କୁଚିପୁଡ଼ି, ଭାରତନାଟ୍ୟମ, ଓଡିଶୀ, କଥକଲି ଭଳି ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀଙ୍କୁ 'ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ବିଭୋର ହୋଇଥିଲେ ଦର୍ଶକ । ଦେବଦାସୀ ନୃତ୍ୟ ମନ୍ଦିରର ପ୍ରତିଷ୍ଠାତା ମନୋଜ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପଟ୍ଟଶାଣୀ, ମନୋଜ ଜେନା, ବାସୁଦେବ ଭଞ୍ଜ, ପ୍ରସନ୍ନ ବିଷୋୟୀ, ସମ୍ପାଦକ ବିକ୍ରମ ଗୌଡ଼, ସାଇ ଭେଙ୍କଟେଶ, ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

**କୃଷ୍ଣପ୍ରସାଦ,୧୮।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ପ୍ରଶାସନ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ୍ ୪୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତୁରନ୍ତ ସମସ୍ତ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡିଏସ୍‌ପି ପୁରୀ ତିଲୋତ୍ତମା ରାଉତ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିଡିଓ ବିଜୟ କୁମାର ବେହେରା, ଅତିରିକ୍ତ ତହସିଲଦାର ବିକାଶ କୁମାର ସେଠୀ, ଏସଆଇ ଚନ୍ଦ୍ରଶେଖର ନାୟକ, ସିଡିପିଓ ମନୋରମା ଦେବୀ, ବ୍ଲକ ଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ କୁମାର ସ୍ୱାଇଁ, ବିପିନ ବିହାରୀ ମଙ୍ଗରାଜ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ସଞ୍ଜୟ କୁମାର ଗିରିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ଜିତେନ୍ଦ୍ର ପାତ୍ର, ଦିଲୀପ କୁମାର ତରାଇ, ଅଭିନ୍ନ କୁମାର ପଲେଇ, ପ୍ରଭାତ କୁମାର ଜେନା, ସୌଭାଗ୍ୟ କୁମାର ବଳିୟାରସିଂହ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କଳାପଥର,୧୮।୧୨(ଗଙ୍ଗାଧର ସାହୁ)**

କଳାପଥର ଧଳାପଥର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମିର୍ଜା ସର୍ଦ୍ଦାର ଅଲିବେଗ, ସମ୍ମାନିତ ଅତିଥି ଧଳାପଥର ସରପଞ୍ଚ ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ଅଖିଳ ସିଂ, ହେମନ୍ତ କୁମାର ସୁବୁଦ୍ଧି, ଜୟକୃଷ୍ଣ ପ୍ରଧାନ, କିଶୋର କୁମାର ସାହୁ, ଈର୍ଷାରାଣି ମହାନ୍ତି, ସୀମା ଦିବ୍ୟଶ୍ରୀ ଦାସ, ଚିନ୍ମୟୀ ବାରିକ, ନାରାୟଣ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନରେ କରାଯାଉଥିବା କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋକପାତ କରିଥିଲେ। ଏଥିସହ ଅଧକ୍ଷ ମତବ୍ୟକ୍ତ କରିଥିଲେ।

# ଉଦ୍ୟମିତା ବିକାଶ ଶିବିର ଉଦ୍‌ଯାପିତ


ଉଦ୍ୟମିତା ବିକାଶ ଶିବିରରେ ଉପସ୍ଥିତ ଅଧିକାରୀମାନେ।

**କଳାପଥର,୧୮।୧୨(ଗଙ୍ଗାଧର ସାହୁ)**

ଖଜୁରୀପଦା ସ୍ଥିତ ଅନ୍ୱେଷଣ ଟ୍ରଷ୍ଟ ପ୍ରକୋଷ୍ଠରେ ଅନୁଷ୍ଠାନ (ସ୍ୱର) ଭୁବନେଶ୍ୱର ଦ୍ୱାରା ଉଦ୍ୟମିତା ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପି ଜେନେରାଲ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବ୍ଲକର ପୂର୍ବତନ ଚେୟାରମ୍ୟାନ ସତ୍ୟନାରାୟଣ ସାମନ୍ତ, ଅନ୍ୱେଷଣ ଟ୍ରଷ୍ଟର ସମ୍ପାଦକ ପ୍ରଦୀପ୍ତ କୁମାର ପଟ୍ଟନାୟକ ଓ ଅନ୍ୟତମ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ପଟ୍ଟଚିତ୍ର, ହସ୍ତକଳା, ହସ୍ତତନ୍ତ, ପରିବାଚାଷୀ ଓ ପଥରଶିଳ୍ପୀ ପ୍ରାୟ ୭୦ଜଣ ଉପସ୍ଥିତ ଥିଲେ। ଉତ୍ପାଦକ ଗୁଡିକ ବଜାରରେ ଅନଲାଇନରେ କିପରି ବିକ୍ରି କରାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ବିଭିନ୍ନ ଉତ୍ପାଦକ ବସ୍ତୁର ଏକ ପ୍ରଦର୍ଶନୀ କରାଯାଇଥିଲା। ଓଡିଶାର ହସ୍ତତନ୍ତ, କଣ୍ଟେଇମୁଣ୍ଡି ବାଇଗଣ, ପରଦା ମାନ୍ୟତା ପାଇଥିବା(ଜିଆଇ ଟ୍ୟାଗ), ହସ୍ତତନ୍ତ ଗାମୁଛା, ବାନ୍ଧ ଶାଢୀ, ଡ୍ରେସ କପଡା, ପଥର ମୂର୍ତ୍ତି ଓ ପଟ୍ଟଚିତ୍ର ପ୍ରଦର୍ଶିତ ହୋଇଥିଲା। ଏକ୍ତ କାର୍ଯ୍ୟକ୍ରମରେ ସତ୍ୟନାରାୟଣ ସାମନ୍ତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରସନ୍ନ ରାଉତରାୟ, ମାନସ କୁମାର ମାନସିଂ, ଜାନକୀ ବଲ୍ଲଭ ପଣ୍ଡା, ଲୁଲୁ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ସଞ୍ଜୁକ୍ତା ମୁଦୁଲି, ଅନୁପମା ସାହୁ, ବିଶ୍ୱଜିତା ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟ ଅତିଥି।

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

କୁହୁଡି ଜନତା ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଯୁବ ଓଡ଼ିଶା ନବୀନ ଓଡ଼ିଶା (ନୂଆ-ଓ) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନବୀନ ଓଡ଼ିଶା ଗଠନରେ ଯୁବ ବର୍ଗଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଅଧାପକ ଡ.ଚନ୍ଦ୍ରଶେଖର ଦାଶ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ବେହେରା, ପୂର୍ବତନ ସରପଞ୍ଚ ଜୟଦେବ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟ ନାମରେ ଜମି ରେକର୍ଡ ଭୁକ୍ତ କରିବା ଓ ପାନୀୟଜଳ ଯୋଗାଣ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଭାରପ୍ରାପ୍ତ ଅଧକ୍ଷ ବାଳକୃଷ୍ଣ ମିଶ୍ର, ଅଧାପକ ଅନିଲ କୁମାର ସୁବୁଦ୍ଧି, ଅପର୍ତ୍ତି ବେହେରା, ନରେନ୍ଦ୍ର ପ୍ରଧାନ, ଜୟକୃଷ୍ଣ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା ପତାକା ଦେଖାଇ ୧୦୦ ମିଟର ଦୌଡ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

# 'ପ୍ରତିଯୋଗିତାରେ ଅଂଶଗ୍ରହଣ ଦ୍ୱାରା ପ୍ରତିଭା ପ୍ରସ୍ଫୁଟିତ ହୁଏ'

**ବୋଲଗଡ଼,୧୮।୧୨(ଦେବବ୍ରତ ହୋତା)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବିଦ୍ୟାର୍ଥୀଙ୍କ ପ୍ରତିଭା ବିକାଶ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରତିଯୋଗିତା ମାଧ୍ୟମରେ ଲୋକଲୋଚନକୁ ଆଣିବା ସହ ଆଗକୁ ବଢ଼ିବା ପାଇଁ ରାସ୍ତା ଦେଖାଉଛି। ଏହି କ୍ରମରେ ଶୁକ୍ରବାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ ଡିଗ୍ରୀ ମହାବିଦ୍ୟାଳୟଠାରେ ଏହି ପ୍ରତିଭା ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବକିଶୋର ସାମନ୍ତସିଂହାର ପୌରୋହିତ୍ୟ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧାପକ ଡ. ସୁକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ସମ୍ମାନିତ ଅତିଥି କାଳୀଚରଣ ଜୟସିଂହ, କୁମୁଦିନୀ ଜୟସିଂହ, ଜୟକୃଷ୍ଣ ଫତେସିଂହ, ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ମନୋରଞ୍ଜନ ମିଶ୍ର, ସୁଶାନ୍ତ ପାଇକରାୟ, ପ୍ରଫୁଲ୍ଲ ବେହେରା, ପ୍ରଭାତି ରାଉତରାୟ, ପ୍ରଭାତ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ ଦ୍ୱାରା ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥାଏ ବୋଲି କହିଥିଲେ। ଚିଫ୍ ନୋଡାଲ ଅଧିକାରୀ ଶିକ୍ଷା ବିଭାଗ ମୁଖ୍ୟ ଅଧାପକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅଧାପିକା ଝିଲି ମହନ୍ତ, ଅଧାପକ ରାଜକିଶୋର ବୈରୀଗଞ୍ଜନ, ଅଧାପକ ଡ. ସୁକାନ୍ତ ବେହେରାଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୨୭ ତାରିଖ ଯାଏ ଚାଲିବାକୁ ଥିବାବେଳେ ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମର ଶେଷ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ। ଶୁକ୍ରବାର ଝୋଟି, ଓଡ଼ିଆଣୀ ପିଠା ପ୍ରସ୍ତୁତି, ମେହେନ୍ଦି ଏବଂ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଇତିହାସ ବିଭାଗ ମୁଖ୍ୟ ସରୋଜ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୨।୨୦୨୩

| | |
|---|---|
| ୫,୧୩,୭୨୩ ଟଙ୍କା | |
| ସୁନା | ୩.୨୫୦ ଗ୍ରାମ୍ |
| ରୁପା | ୧୧୩.୧୫ ଗ୍ରାମ୍ |

## ସଂକ୍ଷେପରେ

### ପରିକ୍ରମା ପ୍ରକଳ୍ପକୁ ନେଇ ପ୍ରଶାସନ ତତ୍ପର

ପୁରୀ,୧୮।୧୨(ଅଜିତ୍ ମହାନ୍ତି):

ଆସନ୍ତା ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆଗେଇ ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମକୁ କିପରି ସୁଚାରୁ ଭାବେ ପାଳନ କରାଯାଇପାରିବ ସେ ନେଇ ପ୍ରସ୍ତୁତି ବୈଠକ କରିବା ସହ ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟର ତଦାରଖ କରୁଛନ୍ତି। ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟସ୍ଥଠାରେ ବୈଠକ ହୋଇ ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ନିମନ୍ତ୍ରଣ ପତ୍ର କେଉଁମାନଙ୍କୁ ପ୍ରଦାନ କରାଯିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଛି। ଜିଲାପାଳ ସମର୍ଥ ବର୍ମା ଶ୍ରୀମନ୍ଦିର ପ୍ରକଳ୍ପ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଈଶାନ୍ୟ କୋଣଠାରେ ହେବାକୁ ଥିବା ଯଜ୍ଞସ୍ଥଳ ବୁଲି ଦେଖିଛନ୍ତି। ଏ ନେଇ ଜିଲାପାଳ ବିଭିନ୍ନ ମଠର ମହନ୍ତ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

### ସ୍ୱତନ୍ତ୍ର ଗ୍ରାମସଭା, ସ୍ୱାସ୍ଥ୍ୟସେବା ଶିବିର

ଡେଲାଙ୍ଗ,୧୮।୧୨(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ କୋଠବାଡ଼ ପଞ୍ଚାୟତ ପରିସରରେ ସୋମବାର ସ୍ୱତନ୍ତ୍ର ଗ୍ରାମସଭା ବୈଠକ ଓ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତବାସୀଙ୍କୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସାମିଲ କରିବା ଓ ବିଭିନ୍ନ ସମସ୍ୟାର ସମାଧାନ କରିବା ଲକ୍ଷ୍ୟ ନେଇ ଏହି ସଭା ଆୟୋଜନ କରାଯାଇଥିଲା। ବୈଠକରେ ସ୍ଥାନୀୟ ସରପଞ୍ଚ ଦୀପକ ସାହୁ ସଭାପତିତ୍ୱ କରିଥିଲେ। ନାଏବ ସରପଞ୍ଚ ନଳିନୀ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଗ୍ରାମ ରୋଜଗାର ସେବକ ଶୁଭାକାଂକ୍ଷୀ ସାମନ୍ତରାୟ, ୱାର୍ଡ ସଭ୍ୟ ଜିତେନ୍ଦ୍ର ନାଥ ସେଠୀ, ଦିଲୀପ ସାମନ୍ତରାୟ, ଅଶୋକ ରାଉତ, ଶିବ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସଫଳ ରୂପାୟନ ଓ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟରେ ରହିଥିବା ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ଫନି ବାତ୍ୟାରେ ବାସହରା ହୋଇଥିବା ଅନେକ ପରିବାରଙ୍କୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହାୟତା ମିଳିପାରିନାହିଁ। ସେହିପରି ଶ୍ମଶାନ ନିର୍ମାଣ, ଗ୍ରାମ୍ୟ ସଂଯୋଗୀକରଣ, ରାସ୍ତା ନିର୍ମାଣ ଓ ମରାମତି, କମ୍ୟୁନିଟି ହଲ ନିର୍ମାଣ, ପାନୀୟ ଜଳ ଯୋଗାଣରେ ଅନୀୟମିତତା, ନଦୀପଠାରେ ଗ୍ରାମୀଣ ପାର୍କ ଓ ସୌନ୍ଦର୍ଯ୍ୟକରଣ, ଶିଶୁ ବାଟିକା ନିର୍ମାଣ, ଅର୍ଦ୍ଧନିର୍ମିତ ଅଙ୍ଗନୱାଡି ଗୃହର ସମ୍ପୂର୍ଣ୍ଣକରଣ ଆଦି ସମ୍ପର୍କରେ ବିଭିନ୍ନ ସମସ୍ୟା ନେଇ ସମାଧାନ କରିବାକୁ ସରପଞ୍ଚଙ୍କୁ ନିବେଦନ କରିଥିଲେ। ସଭାରେ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡ. ଜାଜ୍ଜ୍ୱଲ୍ଲିତା ବଳସାମନ୍ତ, ଡ. ଜେ.ପି. ସାମନ୍ତରାୟ, ଡ. ଦିଲୀପ ସାହୁ, ଫାର୍ମାଶିଷ୍ଟ କ୍ଷେତ୍ରମୋହନ ସାମନ୍ତରାୟ ପ୍ରମୁଖ ସ୍ୱାସ୍ଥ୍ୟସେବା ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତ ପରୀକ୍ଷା, ଉଚ୍ଚ ରକ୍ତଚାପ, ମଧୁମେହ, ଇସିଜି ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ପଞ୍ଚାୟତର ଥିବା ବିଭିନ୍ନ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ସରପଞ୍ଚ ସାହୁ ପ୍ରତିଶ୍ରୁତି ଦେଇଥିଲେ।

# ପକ୍କା ଘର ଆଶା ମଉଳୁଛି, ଭଙ୍ଗା ଘରେ ବିତୁଛି ଜୀବନ

■ ମୋ ଘର ଯୋଜନା ଦିଗହରା

■ ଆବେଦନ ୩୦୯୦, ମଞ୍ଜୁର ହୋଇଛି ଶୂନ

ଅସ୍ତରଙ୍ଗ,୧୮।୧୨(ପ୍ରଦୀପ୍ତ ଦୀକ୍ଷିତ):



ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇବା ପାଇଁ ମୋ ଘର ଯୋଜନା ଆରମ୍ଭ ହୋଇଛି। ଇତି ମଧ୍ୟରେ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଯୋଜନାରୁ ହିତାଧିକାରୀଙ୍କୁ ଆଶାନୁରୂପ ସୁଫଳତା ମିଳିପାରିନାହିଁ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ଏହି ଯୋଜନାରେ ସାମିଲ ହେବାକୁ ମୋଟ ୩୦୯୦ ହିତାଧିକାରୀ ଆବେଦନ କରିଥିଲେ। ଅଦ୍ୟାବଧି କାହାର ଆବେଦନ ପତ୍ର ମଞ୍ଜୁର ହୋଇପାରିନି। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ବହୁ ଗରିବ ଲୋକ ଏବେ ବି ଭଙ୍ଗା ଘରେ ବିପଦସଂକୁଳ ଅବସ୍ଥାରେ ରହୁଛନ୍ତି। ଫଳରେ ମୋ ଘର ଯୋଜନା ଏହି ବ୍ଲକରେ ଦିଗହରା ହୋଇଛି। ଗରିବଙ୍କୁ ଛାତ ଖଣ୍ଡିଏ ଯୋଗାଇ ଦେବାକୁ ରାଜ୍ୟ ସରକାର ୬ ମାସ ତଳେ ମୋ ଘର ଯୋଜନା ଆରମ୍ଭ କରିଥିଲେ। ତେବେ ଅସ୍ତରଙ୍ଗ ବ୍ଲକରେ ପଞ୍ଜୀକୃତ ହୋଇଥିବା ୩୦୯୦ ଆବେଦନ ମଧ୍ୟରୁ ୨୭୦୧ଟି ଆବେଦନ ଗ୍ରହଣ କରାଯାଇଥିଲା। ଡିସେମ୍ବର ୧୮ ସୁଦ୍ଧା ୩୦୯୦ଟି ଆବେଦନପତ୍ରକୁ ତର୍ଜମା କରାଯାଇ କ୍ଷେତ୍ର ପରିଦର୍ଶନ କରାଯାଇଛି। ୨୭୦୧ଟି ଆବେଦନ ଯୋଜନା ଅଟକଳ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବାବେଳେ ଜିଓ ଟ୍ୟାଗ କରାଯାଇଛି। ସେଥିମଧ୍ୟରୁ ବିଡିଓ ୨୪୨ଟିକୁ ନାକଚ କରିଛନ୍ତି। ତେବେ ବିଡିଓ ଘୋଷଣା କରିଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ସ୍ଥାନୀୟ ବ୍ୟାଙ୍କକୁ ପଠାଯାଇଥିଲା। ବ୍ୟାଙ୍କ ଆବେଦନରୁ କିଛି ଅସିଦ୍ଧ ଘୋଷଣା କରିଛନ୍ତି। କିଛି ପରବର୍ତ୍ତୀ ପର୍ଯ୍ୟାୟରେ କ୍ଷେତ୍ର ପରିଦର୍ଶନ କରି ସ୍ଥଗିତ ରଖିଥିବା ଆବେଦନରୁ କୌଣସି ହିତାଧିକାରୀଙ୍କୁ ଆଜି ପର୍ଯ୍ୟନ୍ତ ଋଣ ଦିଆଯାଇନାହିଁ।

ବ୍ୟାଙ୍କ କଡ଼ାକଡ଼ି ଭାବେ ସମସ୍ତ କାଗଜପତ୍ର ଯାଞ୍ଚ କରୁଛନ୍ତି। ଏପରିକି ଘର କରିବା ସ୍ଥାନକୁ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ବନ୍ଧକ କରିବାକୁ ବାଧ୍ୟ କରୁଛନ୍ତି। ଫଳରେ ହିତାଧିକାରୀ ଭିଟାମାଟିକୁ ବନ୍ଧା ଦେଇ ଋଣ ଆଣି ଘର କରିବାକୁ ଅମଙ୍ଗ ହେଉଛନ୍ତି। ଅପରପକ୍ଷେ ନିଜ ନାମରେ ପଟ୍ଟା ନ ଥିଲେ ଆବେଦନକାରୀ ହଟହଟା ହେଉଛନ୍ତି। ସରକାର ଏହି ଯୋଜନା ଗାଇଡଲାଇନକୁ ପରିବର୍ତ୍ତନ କରାଇ ସରଳୀକରଣ କଲେ ବହୁ ଆଶାୟୀ ହିତାଧିକାରୀ ଉପକୃତ ହେବେ ବୋଲି ସାମାଜିକ କର୍ମୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି ସରକାରଙ୍କ ଗାଇଡଲାଇନ ଅନୁଯାୟୀ, ହିତାଧିକାରୀ ଚୟନ କରାଯାଇଛି।

# ମା' ମଙ୍ଗଳାଙ୍କ ଘୋଡ଼ଲାଗି ବେଶ ଆରମ୍ଭ

କାକଟପୁର,୧୮।୧୨(ଶୁଭଦର୍ଶନ ମିଶ୍ର)



ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ପୁରୀ ଜିଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଶ୍ରୀମନ୍ଦିର ପରି ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ଏହି ପର୍ବ ମଧ୍ୟରୁ ଘୋଡ଼ଲାଗି ନୀତି ଅନ୍ୟତମ। ଶୀତର ପ୍ରକୋପ ବୃଦ୍ଧି ପାଇଲେ ଦେବଦେବୀଙ୍କୁ ବି ଶୀତର ପ୍ରଭାବ ପଡ଼େ ବୋଲି ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି। ଏଥିପାଇଁ ଶୀତଋତୁରେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ମା' ସୁଭଦ୍ରା ଏବଂ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଶରୀରକୁ ଖଦି କାଣ୍ଢିଆ ଦ୍ୱାରା ଆବରଣ କରାଯାଇଥାଏ। ଏହାକୁ ଘୋଡ଼ଲାଗି ବେଶ ବୋଲି କୁହାଯାଏ। ମାର୍ଗଶିର ଓଢଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ଅର୍ଥାତ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଏହି ଘୋଡ଼ଲାଗି ବେଶ ଅନୁଷ୍ଠିତ ହୋଇଥାଏ। ସେହିପରି ମା' ମଙ୍ଗଳା ମନ୍ଦିରରେ ବି ସୋମବାରଠାରୁ ଘୋଡ଼ଲାଗି ବେଶ ପରମ୍ପରା ଆରମ୍ଭ ହୋଇଛି। ମା' ମଙ୍ଗଳାଙ୍କ ସାରା ଶରୀରକୁ କାଣ୍ଢିଆ ଦ୍ୱାରା ପ୍ରସ୍ତୁତ ଘୋଡ଼କୁ ପୂଜା ପଣ୍ଡା ପ୍ରକାଶ ପଣ୍ଡା ଲାଗି କରିଛନ୍ତି। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଘୋଡ଼କୁ ମା'ଙ୍କ ସାରା ଶରୀରକୁ ଆବରଣ କରି ମାତ୍ର ଭକ୍ତଙ୍କ ଦର୍ଶନ ନିମନ୍ତେ କେବଳ ମା'ଙ୍କ ମୁଖମଣ୍ଡଳକୁ ଖୋଲା ରଖା ଯାଇଥାଏ। ଏହାସହ ମନ୍ଦିର ବେଢାରେ ପାର୍ଶ୍ୱ ଦେବଦେବୀ ଭାବେ ପୂଜା ପାଉଥିବା ଜଗନ୍ନାଥ, ଚାମୁଣ୍ଡା, ଗଣେଶ, ନୃସିଂହ, ବିରଞ୍ଚି ନାରାୟଣ, ଯଜ୍ଞ ନାରାୟଣ, କାକଟେଇ, ଗ୍ରାମେଶ୍ୱର, ମା' ଶ୍ୟାମାକାଳୀଙ୍କୁ ମଧ୍ୟ ଘୋଡ଼ଲାଗି କରାଯାଇଛି। ଏହି ବେଶ ଶ୍ରୀପଞ୍ଚମୀରେ ଶେଷ ହେବ ବୋଲି ମା'ଙ୍କ ସେବକ ତୁଷାର ରଞ୍ଜନ ଦୀକ୍ଷିତ ପ୍ରକାଶ କରିଛନ୍ତି।

# 'ଛାତ୍ରୀଛାତ୍ରଙ୍କୁ କୁଶଳୀ କରିବାକୁ ପ୍ରାକ୍ଟିକାଲ ଜ୍ଞାନ ଜରୁରୀ'




କଲେଜର ସୂଚନା ପତ୍ରିକା ନିୟୁଜ୍‌ଲେଟର୍'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ପୁରୀ,୧୮।୧୨(ଅଜିତ୍ ମହାନ୍ତି)

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍‌ରେ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି। କର୍ମଶାଳା ଆରମ୍ଭ ପୂର୍ବରୁ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମେସ୍ରୋ ବି.ଆଇ.ଟି ଫାର୍ମାସ୍ୟୁଟିକାଲ ବିଭାଗ ପ୍ରଫେସର ଡ. ବରିଜ୍ ନୟନ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହିତ ବିଭିନ୍ନ ଚାକିରି ଓ ସାକ୍ଷାତକାର ପାଇଁ ପ୍ରସ୍ତୁତ କରାଇବା ଉଚିତ୍, ଯେପରି ସେମାନେ ଭବିଷ୍ୟତରେ ସାହସର ସହିତ ସେଗୁଡ଼ିକୁ ସାମ୍ନା କରିପାରିବେ। ସେଥିଲାଗି ପାଠପଢ଼ାରେ ନିୟୋଜିତ ବିଭିନ୍ନ ଯନ୍ତ୍ରାଂଶର ବ୍ୟବହାର ବିଷୟରେ ତାଲିମ ଦେବା ଆବଶ୍ୟକ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଔଷଧ ପରୀକ୍ଷଣ ଲାବୋରେଟୋରିର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ତଥା ଓଏସ୍‌ପିସିର ପୂର୍ବତନ ମେମ୍ବର ସେକ୍ରେଟାରୀ ଡ. ରାଜକିଶୋର ଦାସ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ଫାର୍ମାସୀ ପାଠ ସହିତ ଜଡ଼ିତ ବିଭିନ୍ନ ଯାନ୍ତ୍ରିକ ଜ୍ଞାନକୌଶଳ ଶିଖିବା ନିହାତି ଆବଶ୍ୟକ। କଲେଜ ନିର୍ଦ୍ଦେଶକ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର ଏବଂ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ଛାତ୍ରୀଛାତ୍ରଙ୍କୁ କୁଶଳୀ କରିବାକୁ ପ୍ରାକ୍ଟିକାଲ ଜ୍ଞାନ ଜରୁରୀ। ତେଣୁ ଏଭଳି କର୍ମଶାଳାର ଅୟୋଜନ କରାଯାଇଛି। କର୍ମଶାଳା ପରେ ଏକ ପ୍ରତିଯୋଗୀତା ପରୀକ୍ଷା କରାଯିବା ସହିତ ସର୍ବୋଚ୍ଚ ନମ୍ବର ରଖିଥିବା ତିନିଜଣଙ୍କୁ ପୁରସ୍କୃତ କରାଯିବ। କଲେଜର ଚେୟାରପର୍ସନ୍ ଅନିମା ଦାସ ଯୋଗଦେଇ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। କଲେଜର ତ୍ରୟୋମାସିକ ସୂଚନା ପତ୍ରିକା 'ନିୟୁଜ୍‌ଲେଟର୍' ଉନ୍ମୋଚନ କରାଯାଇଥିଲା। ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ସିଦ୍ଧେଶ୍ୱର ପାଢ଼ୀ ପାଇଯୋଶୀ, ଅସିତ୍ କୁମାର ଷଡ଼ଙ୍ଗୀ, ସନ୍ଧ୍ୟାରାଣୀ ପାଇଯୋଶୀ ଏବଂ ସଞ୍ଚୟିତା ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡ. ଚିନ୍ମୟ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଠାକୁର ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ଭକ୍ତ ସମ୍ମିଳନୀ

ପିପିଲି,୧୮।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଅଧୀନ ବାଙ୍ଗରପଡ଼ାଠାରେ ଥିବା ଜଗତଗୁରୁ ଠାକୁର ଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ୨ ଦିନିଆ ୧୦ମ ବାର୍ଷିକ ଭକ୍ତ ମିଳନ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ସକାଳ ୭ଟାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ନଗର ପରିକ୍ରମା ହେବା ସହ ଠାକୁରଙ୍କ ସିଂହାସନ ବିଜେ ନାମ ସଂକୀର୍ତ୍ତନ ହୋଇଥିଲା। ରବିବାର ମଙ୍ଗଳ ଆଳତି କରାଯାଇ ଭକ୍ତଙ୍କ ଦ୍ୱାରା ଠାକୁରଙ୍କ ନିକଟରେ ଭଜନ ପରିବେଷଣ ହୋଇଥିଲା। ମଧ୍ୟାହ୍ନରେ ଠାକୁରଙ୍କ ଗୋଷ୍ଠୀସ୍ତବ ଓ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ଏହି ଭକ୍ତଙ୍କ ସମ୍ମିଳନୀରେ ଆଖପାଖ ଓ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଆଶ୍ରମର ବାବାଜୀ ଶ୍ରୀ ବୁଦ୍ଧଦେବ ଦାସ, ବାବାଜୀ ଶ୍ରୀ ତ୍ରିଲୋଚନ ଦାସ, ବାବାଜୀ ଶ୍ରୀ ରାଧାମୋହନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରରୂପେ ସମ୍ପାଦନ କରିଥିଲେ।

# ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦେବାକୁ ବିଧାୟକଙ୍କ ନିର୍ଦ୍ଦେଶ




ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ ।

ଗୋପ,୧୮।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ପ୍ରତି ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଆମେ ମଧ୍ୟ ସେଥିପ୍ରତି ଯତ୍ନଶୀଳ ହେବା ସହିତ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେବା ଉଚିତ୍। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଆୟୋଜିତ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆପ୍ରୋଜ ଏହାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ବିଡିଓ ଛବିରାଣୀ ସାହୁ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଗୋପ ବ୍ଲକ ବିଜେଡିର ସଭାପତି ମଧୁସୂଦନ ପାଇକରାୟ, ଡ. ସରିତା ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ କୋଷାଧ୍ୟକ୍ଷ ଶୁଶାନ୍ତ ରାଉତ, ପ୍ରୋଗ୍ରାମ ପରିଚାଳକ କୃତିବିଭା ମହାନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରର କମ୍ପାଉଣ୍ଡର ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା, ଜନ ସମ୍ପ୍ରସାରଣ ଅଧିକାରୀ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଆୟବ୍ୟୟ ହିସାବକୁ ନେଇ ବିଧାୟକ ଦାଶଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତ ତଥ୍ୟ ଉପସ୍ଥାପନ କରାଯାଇଥିବାବେଳେ ଆଗକୁ ସ୍ୱାସ୍ଥ୍ୟସେବା ଉପରେ କେତେକ ଉନ୍ନୟନମୂଳକ ଯୋଜନା ପ୍ରସ୍ତୁତ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇ ଥିଲା। ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରାରୋପଣ କରିଥିଲେ।

# ପରିକ୍ରମା ପ୍ରକଳ୍ପରେ ସମସ୍ତେ ସାମିଲ ହୁଅନ୍ତୁ: ଜିଲାପାଳ

### ଆଠ ସାହି ଆଖଡ଼ାର କର୍ମକର୍ତ୍ତାଙ୍କୁ ନେଇ କମିଟି ଗଠିତ

ପୁରୀ, ୧୮।୧୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଜାନୁୟାରୀ ୧୭ତାରିଖରେ ଏହାର ଲୋକାର୍ପଣ ହେବ। ଏହି ଉତ୍ସବରେ ସମସ୍ତେ ସାମିଲ ହେବାକୁ ଜିଲାପାଳ ସମର୍ଥ ବର୍ମା ଅନୁରୋଧ କରିଛନ୍ତି। ସୋମବାର ସର୍କିଟ ହାଉସରେ ଆଠସାହି ଆଖଡ଼ାର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ବର୍ମା କହିଥିଲେ, ପ୍ରକଳ୍ପ ଲୋକାର୍ପଣ ଜାନୁୟାରୀ ୧୭ରେ ହେଉଥିଲେ ମଧ୍ୟ ୧୨ତାରିଖରୁ ପୁରୀ ବଡ଼ଦାଣ୍ଡ ଓ ସହରର ବିଭିନ୍ନ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମହାପ୍ରଭୁଙ୍କ ଏହି କାର୍ଯ୍ୟକୁ ପ୍ରତ୍ୟେକ ବ୍ୟକ୍ତ ସେବା ଭାବେ ଗ୍ରହଣ କରି ନିଜ ଗୃହକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଗୃହ ସମ୍ମୁଖରେ ଝୋଟି ମୁରୁଜ ପକାଇବା, ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା, ଆଲୋକମାଳାରେ ସଜାଇବା ଇତ୍ୟାଦି ସହ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରିବାକୁ ଅନୁରୋଧ କରିଥିଲେ। ସେହିପରି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ କୋଠାଗୁଡ଼ିକ ଗୋଟିଏ ରଙ୍ଗର କରାଯିବା ସହ ଆଲୋକମାଳାରେ ସଜାଯିବ। ପ୍ରତ୍ୟେକ ଦେବାଳୟ ଆଲୋକମାଳାରେ ଝଲସିବ। ତେଣୁ ପୁରୀର ଐତିହ୍ୟ ଓ ଗୌରବ ଜାଗା ଆଖଡ଼ା ଏଥିରେ ସାମିଲ ହୋଇ ବିବିଧ କାର୍ଯ୍ୟକ୍ରମ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ। ଆଠ ସାହି ଆଖଡ଼ାର କର୍ମକର୍ତ୍ତା ଏଥିରେ ଯୋଗଦେଇ ମହାପ୍ରଭୁଙ୍କ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସୂଚନା ଦେଇଥିଲେ। ଏଥିପାଇଁ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି। ଏଥିରେ ସମସ୍ତ ଆଖଡ଼ାର କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟ ସାମିଲ ହୋଇ ଭବ୍ୟ କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବେ ବୋଲି ସ୍ଥିର ହେଲା। ପ୍ରାରମ୍ଭରେ ଆଠସାହି ଆଖଡ଼ାର ସଭାପତି ବାବାଜୀ ମହାପାତ୍ରଙ୍କ ବିୟୋଗରେ ଶୋକସଭା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଛତିଶା ନିଯୋଗର ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ଜିଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ସମାଜସେବୀ ଚକ୍ରଧର ମହାପାତ୍ର, ନରେନ୍ଦ୍ର କୁମାର ମହାନ୍ତି, ବିଭିନ୍ନ ବିଭାଗର ଅଧିକାରୀ, ଆଠସାହି ଆଖଡାର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷା, ସାଇବର କ୍ରାଇମ ସଚେତନତା

ଅସ୍ତରଙ୍ଗ,୧୮।୧୨(ମମତା ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପ୍ରୟାସ 'ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ତୃତୀୟ ଦିନ ସୋମବାରରେ ଶିକ୍ଷା, ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୩୫ଜଣ ଛାତ୍ରୀ ଓ ୪୦ଜଣ ଛାତ୍ରଙ୍କୁ ନେଇ ଏକ ପଟୁଆରରେ ବାହାରି ଜିଉନ୍ତି ଗ୍ରାମ ପର୍ଯ୍ୟନ୍ତ ପରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ନିକଟସ୍ଥ ଶହୀଦ ପୀଠ ପର୍ଯ୍ୟନ୍ତ ବିଭିନ୍ନ ସଚେତନତାର ନାରା ଦେଇଥିଲେ। ଯିବା ବାଟରେ ବୁଦ୍ଧିଜୀବୀ ଓ ଅଭିଭାବକମାନେ ସେମାନଙ୍କୁ ସମର୍ଥନ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଅଧିକାରୀ ବୁଦ୍ଧଦେବ ଜେନା, ପ୍ରଗତି ମହାନ୍ତି ଓ ଲକ୍ଷ୍ମୀ ନାରାୟଣ ଦୀକ୍ଷିତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଭଲ ମଣିଷ ତିଆରି କରିବ ଗୁରୁକୁଳ ସ୍କୁଲ

ସାକ୍ଷୀଗୋପାଳ,୧୮।୧୨
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଗୁରୁକୁଳ ସ୍କୁଲର ୫ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ମଞ୍ଚରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଏହାର ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ମହାପାତ୍ର, ମୁଖ୍ୟବକ୍ତା ଡ. ବୈରାଗୀ ଚରଣ ପଟ୍ଟନାୟକ ଓ ସମ୍ମାନିତ ଅତିଥି ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଗୁରୁକୁଳ ସ୍କୁଲର ବ୍ୟବସ୍ଥିତ ଶିକ୍ଷାଦାନ ସତ୍ୟବାଦୀ ଶିକ୍ଷାକ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ଉକ୍ତ ସ୍କୁଲ ସମାଜରେ ବଡ଼ ମଣିଷ ନୁହେଁ ଭଲ ମଣିଷ ସୃଷ୍ଟି ନିମନ୍ତେ ଛାତ୍ରୀଛାତ୍ର ଭବିଷ୍ୟତ ପ୍ରସ୍ତୁତ କରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ମିଶ୍ର ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ସତ୍ୟବାଦୀ ଗୁରୁକୁଳ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବକୁ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରୁଛନ୍ତି।

# 'ସ୍ମାର୍ଟଫୋନ କୁପ୍ରଭାବଠାରୁ ପିଲାଙ୍କୁ ଦୂରେଇ ରଖାଯାଉ'

### 'ବାନରସେନା' ପକ୍ଷରୁ ସାରସ୍ୱତ ସମାରୋହ

କୋଣାର୍କ,୧୮।୧୨(ଜ୍ୟୋତିରାଜ ମହାନ୍ତି)




ସମାରୋହରେ ବାନରସେନା ଶିଶୁ ଖବରକାଗଜକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ସାମ୍ପ୍ରତିକ ସମାଜରେ ପିଲାଙ୍କୁ ସ୍ମାର୍ଟଫୋନ ଠାରୁ ଦୂରେଇ ରଖିବା ଅସମ୍ଭବ। ତେବେ ସ୍ମାର୍ଟଫୋନର ସଦୁପଯୋଗ କରି ପିଲାମାନେ ବହୁ ନୂତନ ତଥ୍ୟ ବିଷୟରେ ଜ୍ଞାନ ଆହରଣ କରିପାରିବେ ବୋଲି 'ପିଲାଙ୍କ ଖବରକାଗଜ ବାନରସେନା' ପକ୍ଷରୁ ଆୟୋଜିତ ସାରସ୍ୱତ ସମାରୋହରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ମତପୋଷଣ କରିଛନ୍ତି। ସ୍ମାର୍ଟଫୋନର ବହୁଳ ବ୍ୟବହାର ପିଲାଙ୍କୁ ଅବାଟକୁ ଟାଣି ନେଉଥିବା ପ୍ରସଙ୍ଗ ଉପରେ ଆଲୋଚନା କରି ମୁଖ୍ୟବକ୍ତା ଦାଶ ବେନହୁର କହିଲେ, ଅନ୍‌ଲାଇନରେ ତୁରନ୍ତ ତଥ୍ୟଭିତ୍ତିକ ସୂଚନା ପ୍ରଦାନ ତଥା ବହୁବିଧ ଜ୍ଞାନ ଆହରଣ ଦିଗରେ ସ୍ମାର୍ଟଫୋନ୍ ସମ୍ପ୍ରତି ଏକ ବିସ୍ତୃତ ତଥା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ରୂପେ ବହୁଳ ବ୍ୟବହୃତ। ସ୍ମାର୍ଟଫୋନ୍‌ର ସଦୁପଯୋଗ କରି ଏହାର କୁପ୍ରଭାବଠାରୁ ଦୂରେଇ ରହିବା ନିମନ୍ତେ ପିଲାଙ୍କୁ ସଚେତନ କରାଯିବା ଜରୁରୀ। ମାତ୍ର ଏହାଠାରୁ ପିଲାମାନଙ୍କୁ ଦୂରରେ ରଖିବା ଅସମ୍ଭବ।

କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ମୁଖ୍ୟ ଅତିଥି ଓ ଶ୍ରୀପର୍ଣ୍ଣା ସମ୍ପାଦକ ଉମାକାନ୍ତ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। କବୟିତ୍ରୀ ସୁଜାତା ସିହ୍ନାଙ୍କ ସଂଯୋଜନାରେ ଶିଶୁକବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ୍ କ୍ଷୀରୋଦ କୁମାର ରାୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ସାହିତ୍ୟ ଆଲୋଚନାରେ ଉତ୍କଳ ପ୍ରଦୀପର ସଂକଳକ ତଥା ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ ମୁଖ୍ୟ ଅତିଥି, ଦାଶ ବେନହୁର ମୁଖ୍ୟବକ୍ତା ଏବଂ ପ୍ରାଚୀ ସାହିତ୍ୟ ସଂସଦର ସଭାପତି ଗୋପୀନାଥ କର, ଶିକ୍ଷାବିତ୍ ଡ. ସରୋଜ ହାତୀ ଓ ଲୋଟସ ରିସର୍ଟର ଆଞ୍ଚଳିକ ପ୍ରବନ୍ଧକ ଭାରତ ଭୂଷଣ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାନରସେନାର ଚଳିତ ସଂଖ୍ୟାକୁ ଅତିଥିମାନେ ପାଠକାର୍ପଣ କରିଥିଲେ। ଏହି ଖବରକାଗଜର ସଂଘର୍ଷମୟ ଇତିହାସ ସମ୍ପର୍କରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ସୂଚନା ଦେଇଥିଲେ। ସାରସ୍ୱତ ପ୍ରତିଭା ବଙ୍କିମ ଚନ୍ଦ୍ର ନାୟକ, ଶରତ କୁମାର ନାୟକ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସନ୍ତୋଷ କୁମାର ସେଠୀ, ମିନାକ୍ଷୀ ପୃଷ୍ଟି, ଡ. ରବୀନ୍ଦ୍ରନାଥ ପାଢ଼ୀ, ସଞ୍ଜୟ କୁମାର ରାଳ, ସୁମନ୍ତ କୁମାର ମହାରଣା, ସୁକାନ୍ତ କୁମାର ପଣ୍ଡା, ପ୍ରକାଶ ମଙ୍ଗରାଜ, ସାରଦା ପ୍ରସନ୍ନ ବେହେରା, ସସ୍ମିତା ଷଡ଼ଙ୍ଗୀ, ନିରଞ୍ଜନ ସାହୁ ଓ ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦିକା ସ୍ନେହଲତା ପରିଡ଼ା ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରତାପ ରାଉତ ସଭାମଞ୍ଚ ସଂଯୋଜନା କରିଥିଲେ। ରବୀନ୍ଦ୍ରନାଥ ପ୍ରଧାନ, ସୌମ୍ୟଦର୍ଶୀ ଖଟୋଇ, ନିରଞ୍ଜନ ତ୍ରିପାଠୀ ଓ ଶାଶ୍ୱତ ରଞ୍ଜନ ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା କର୍ମଶାଳା

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ତାଳବସ୍ତ ନୋଡାଲ୍ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପରିବର୍ତ୍ତନ କନ୍‌ସଲଟାନ୍ସି ଓ ଟିପିସିଓଡିଏଲ୍‌ର ମିଳିତ ସହଯୋଗରେ ବିଦ୍ୟୁତ୍ ସୁରକ୍ଷା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲିଜାରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିବର୍ତ୍ତନ ଅନୁଷ୍ଠାନର ସୁରକ୍ଷା ଅଧିକାରୀ ବରେନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ବିଦ୍ୟୁତ୍ ଲାଇନ୍‌ମ୍ୟାନ୍ ମାନସ ରଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମରିଚିଆ ଫୁଟବଲ ଟିମ୍ ଚାମ୍ପିୟନ

କଣ୍ଟାପଡା,୧୮।୧୦(ସୁରନାରାୟଣ ସାହୁ) ତଣ୍ଡିକଣାସ୍ଥିତ କୃଷକବନ୍ଧୁ କ୍ଲବ ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ଆୟୋଜିତ ୨ଦିନିଆ କୃଷକବନ୍ଧୁ କପ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗଣ୍ଡରପୁରକୁ ୪-୨ ଗୋଲରେ ହରାଇ ମରିଚିଆ ଫୁଟବଲ ଟିମ୍ ଚାମ୍ପିୟନ ହୋଇଛି। ୧ମ କ୍ୱାର୍ଟରଫାଇନାଲରେ ଗୋଲପୁର କ୍ଲବକୁ ୩-୦ରେ ହରାଇ ବହାହୀପୁର ଫୁଟବଲ ଟିମ ସେମିରେ ପ୍ରବେଶ କରିଥିବା ବେଳେ ୨ୟ କ୍ୱାର୍ଟରରେ ମଇନ୍ଦପୁରକୁ ୨-୦ ଗୋଲରେ ହରାଇ ପ୍ରତାପ ନଗରୀ, ୩ୟ କ୍ୱାର୍ଟରରେ କୁରାଙ୍ଗକୁ ୨-୦ ଗୋଲରେ ହରାଇ ଗଣ୍ଡରପୁର ଓ ୪ର୍ଥ କ୍ୱାର୍ଟରରେ ନରିଶୋ କଣ୍ଟାପଡ଼ାକୁ ୧-୦ ଗୋଲରେ ହରାଇ ମରିଚିଆ ଫୁଟବଲ ଟିମ ସେମିରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ବରାହୀପୁରକୁ ୧-୦ରେ ହରାଇ ଗଣ୍ଡରପୁର ଓ ଦ୍ୱିତୀୟ ସେମିରେ ପ୍ରତାପ ନଗରୀକୁ ୨-୦ରେ ହରାଇ ମରିଚିଆ ଫୁଟବଲ ଟିମ ଫାଇନାଲରେ ପ୍ରବେଶ କରିଥିଲା। ଉରାଢ଼ ସରପଞ୍ଚ କୁନିଭୋଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ ଯୋଗଦେଇ ବିଜୟୀ ଦଳକୁ ୪,୦୦୦ ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ୩,୦୦୦ ଟଙ୍କା ସହ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ନାରାୟଣ ସ୍ୱାଇଁ, ପ୍ରମୋଦ ରାଉତ, ଧର୍ମାନନ୍ଦ ବେହେରା, ମୂରଲୀଧର ସ୍ୱାଇଁ, ରଞ୍ଜନ ଓଝା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବର ସଭାପତି ମାଧବ ସ୍ୱାଇଁ ଓ ସମ୍ପାଦକ କାର୍ତ୍ତିକରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

### କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଙ୍ଗ

ମାହାଙ୍ଗା,୧୮।୧୨(ଯଯାତି ସିଂହ)ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତସ୍ଥିତ ଧଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଏବିଇଓ ସଂଯୁକ୍ତା ଭୋଇ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଖେଳରେ ଭାଗ ନେବା ଉଚିତ । ଜଣେ ଖେଳାଳୀ ଉତ୍ତମ ଖେଳ ପ୍ରଦର୍ଶନ କଲେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବା ସହ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ଜେନା, ପରିଚାଳନା କମିଟି ସଭାପତି ଧରଣୀଧର ନାୟକ, ସାମାଜିକ କର୍ମୀ ଗୟାଧର ସାହୁ ପ୍ରମୁଖ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପରିଚାଳନା କମିଟି ଉପସଭାପତି ପ୍ରିୟଙ୍କା ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ମିତାଞ୍ଜଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସୁକାନ୍ତ କୁମାର ବେହୁରା ଖେଳ ପରିଚାଳନା କରିଥିଲେ । ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଅସୁରେଶ୍ୱର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

■ ଆନ୍ଦୋଳନ ପାଇଁ ଚେତାବନୀ

ନିଶ୍ଚିନ୍ତକୋଇଲି, ୧୮।୧୨ (ଅଶୋକ କୁମାର ମହାପାତ୍ର)



ଅଭିଯୋଗ କରିବାକୁ ଆସିଥିବା ସ୍ଥାନୀୟ ଗ୍ରାମବାସୀ ।



ଅଧାପନ୍ତରିଆ ଅବସ୍ଥାରେ ଗୃହ ନିର୍ମାଣ କାର୍ଯ୍ୟ ।

ରାଜ୍ୟ ସରକାର ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ତଥା ଉନ୍ନତି ନିମନ୍ତେ ଲକ୍ଷାଧିକ ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଥିଯୋଗୁ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। କଟକ ଜିଲାର ସର୍ବପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅସୁରେଶ୍ୱର। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରାୟ ୧୦୫ବର୍ଷ ତଳେ ବ୍ରିଟିଶ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା। ଗ୍ରାମାଞ୍ଚଳର ଲୋକମାନଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଓଡ଼ିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର ତଥା ପ୍ରଥମ ଓଡ଼ିଆ ଖବର କାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା କର୍ମବୀର ଗୌରୀ ଶଙ୍କର ରାୟ ତାଙ୍କର ଜନ୍ମମାଟିରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିଥିଲେ। ଦୀର୍ଘବର୍ଷ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଜରାଜୀର୍ଣ୍ଣ ଓ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସତେ ଯେପରି ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ୩ବର୍ଷ ତଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପୁରାତନ ବର୍ହିଃ ବିଭାଗ ଗୃହ ପୁନରୁଦ୍ଧାର ପାଇଁ ସରକାର ଅର୍ଥ ମଞ୍ଜୁର କରିଥିଲେ। ଠିକାଦାର ଏହି ଗୃହ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁ ରଖିଛନ୍ତି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ ଗୃହରେ ଡାକ୍ତର ରୋଗୀ ସେବା କରିବା ସହ ଔଷଧ ପ୍ରେସକ୍ରିପସନ ସେହି ସ୍ଥାନରେ ଲେଖିବାକୁ ବାଧ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ଶଯ୍ୟା ନାହିଁ। ଡାକ୍ତର ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଥିଲା ବେଳେ ଜଣେ ମାତ୍ର ଆୟୁଷ ଡାକ୍ତରଙ୍କୁ ନେଇ ଏହା ଚାଲୁଥିବା ଅଭିଯୋଗ ହେଉଛି। ଆୟୁଷ ଡାକ୍ତର ମଧ ନିୟମିତ ଏହି ଡାକ୍ତରଖାନାରେ ରୁହନ୍ତି ନାହିଁ। ଜରୁରୀ କାଳୀନ ପରିସ୍ଥିତିରେ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସି ଡାକ୍ତରଙ୍କୁ ନ ପାଇ ଫେରିବାକୁ ବାଧ ହେଉଛନ୍ତି। ଡାକ୍ତର ନ ଥିବା କାରଣରୁ ଫାର୍ମାସିଷ୍ଟ ବାଧ ହୋଇ ଔଷଧ ଲେଖିଥାନ୍ତି। ଫାର୍ମାସିଷ୍ଟ ଓ ଷ୍ଟାଫ ନର୍ସ ସପ୍ତାହରେ ମାତ୍ର ୩ ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଅବଶିଷ୍ଟ ଦିନ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏପରିକି ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟାହ୍ନ ପର୍ଯ୍ୟନ୍ତ ଖୋଲାଯାଉଥିଲା ବେଳେ ମଧ୍ୟାହ୍ନ ପରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସେହିପରି ଭାବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ସରକାରୀ ଔଷଧ ମିଳୁ ନ ଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଚାରିପାଖରେ ପାଚେରି ନ ଥିବା କାରଣରୁ ବହୁ ସମୟରେ ବୁଲା ଗୋରୁ ଓ କୁକୁରଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ ସୁକରପଡ଼ା, କେଣ୍ଟାଳୋ, କଟିକଟା, ଅସୁରେଶ୍ୱର, ତରତ ସମେତ ଡେରାବିଶ ବ୍ଲକ ଅଞ୍ଚଳର କେତୋଟି ପଞ୍ଚାୟତକୁ ମିଶାଇ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଏ ନେଇ ଯୁବ ସାମାଜିକ କର୍ମୀ ଶରତ କୁମାର ସିଂଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ମାହାଙ୍ଗା ବିଧାୟକଙ୍କଠାରୁ ଆରମ୍ଭ କରି ୫-ଟି ଅଧକ୍ଷ, ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଏକାଧିକବାର ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆସନ୍ତା ଜାନୁଆରୀ ୧୫ ତାରିଖ ସୁଦ୍ଧା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାଗୁଡିକ ସମାଧାନ କରା ନ ଗଲେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅମିତ ଜେନାଙ୍କୁ ପଚାରିବାରେ ଡାକ୍ତର ପଦବୀ ଖାଲି ପଡିଛି। ନୂତନ ନିଯୁକ୍ତି ଖୁବ୍‌ଶୀଘ୍ର ହେବ। ଆୟୁଷ ଡାକ୍ତର ଅନ୍ୟ କାର୍ଯ୍ୟରେ ନିୟୋଜିତ ଥିବାରୁ ପୂର୍ଣ୍ଣ ସମୟ ଦେଇ ପାରୁନାହାନ୍ତି। ଭିତ୍ତିଭୂମିର ବିକାଶ ମାର୍ଚ୍ଚ ସୁଧା ହୋଇଯିବ ବୋଲି ସେ କହିଛନ୍ତି।

# ଜାନୁୟାରୀ ୧ରୁ ଖୁଚୁରା ବିକ୍ରେତାଙ୍କ ଧର୍ମଘଟ

ଫୁଲନଖରା,୧୮।୧୨ (ସତ୍ୟ ରଞ୍ଜନ ଦାସମହାପାତ୍ର)

ରାଜ୍ୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଖୁଚୁରା ବିକ୍ରେତାମାନେ ଗରିବ ଅସହାୟ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ପ୍ରତି ମାସରେ ଯୋଗାଇ ଦିଆଯାଉଥିବା ସାମଗ୍ରୀକୁ ସୂଚାରୁ ରୂପେ ବଣ୍ଟନ କରୁଛନ୍ତି। ମାତ୍ର ମହାମାରୀ କରୋନା ସମୟରୁ ଦୀର୍ଘ ୩୧ ମାସ ଧରି ବିକ୍ରେତାଙ୍କୁ ବଣ୍ଟନ ବାବଦକୁ କୌଣସି ପାରିଶ୍ରମିକ ଦିଆଯାଇନାହିଁ। ଫଳରେ ବିକ୍ରେତାମାନେ ନିଜସ୍ୱ ପାଣ୍ଠିରୁ ଦୋକାନ ଘର ଭଡ଼ା, ନେଟ ଖର୍ଚ୍ଚ, ସହାୟକଙ୍କ ପାରିଶ୍ରମିକ, ମାସିକ ବିଦ୍ୟୁତ ଖର୍ଚ୍ଚ ବହନ କରି ବଣ୍ଟନ ବ୍ୟବସ୍ଥାକୁ ଜାରି ରଖିଛନ୍ତି। ଏନେଇ ଖୁଚୁରା ବିକ୍ରେତା ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରତିଶ୍ରୁତି ମିଳିଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଏନେଇ ସୋମବାର କଟକ ଜିଲାର ଡିଲର୍ସ ସଂଘ ପକ୍ଷରୁ କଟକ ସଦର ଥାନା ଅଧୀନ ତେଲେଙ୍ଗା ପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ ଏକ ଖବରଦାତା ସମ୍ମିଳନୀରେ ଆୟୋଜିତ ହୋଇଥିଲା। ଏଥିରେ ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ ସପ ଡିଲର୍ସ ଫେଡେରେଶନର ଓଡ଼ିଶା ରାଜ୍ୟ ସଭାପତି ନଗେନ୍ଦ୍ର ଜେନା, ଉପସଭାପତି ଦଣ୍ଡହରି ସାମଲ, ସାଧାରଣ ସମ୍ପାଦକ ସୟଦ ଏକ୍ରାମ ହୁସେନ, କଟକ ଜିଲା ସଭାପତି ପ୍ରଦୀପ୍ତ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ୮ ଦଫା ଦାବି ସମ୍ବଳିତ ପତ୍ର ଉପସ୍ଥାପନ କରିଛନ୍ତି। ଖୁଚୁରା ବିକ୍ରେତାଙ୍କ ପାରିଶ୍ରମିକ ସହ ବକେୟା ପ୍ରଦାନ, ଅଗ୍ରିମ ପାରିଶ୍ରମିକର ବ୍ୟବସ୍ଥା, ନିଅଣ୍ଟ ସାମଗ୍ରୀର ଭରଣା ପାଇଁ ଅଧିକ ସାମଗ୍ରୀ ଦିଆଯିବା, ଅନ୍ୟୂନ ୨୫ ଲକ୍ଷ ଟଙ୍କା ବୀମା ରାଶି ସହ ବିଜୁ କଲ୍ୟାଣ କାର୍ଡ, ନବୀକରଣ ଅବଧିକୁ ୩ ବର୍ଷ କରାଯିବା ଆଦି ଦାବି କହିଛି। ଦାବି ପୂରଣ ନ ହେଲେ ଜାନୁୟାରୀ ପହିଲାରୁ ରାଜ୍ୟର ସମସ୍ତ ଖୁଚୁରା ବିକ୍ରେତା ସାମଗ୍ରୀ ବଣ୍ଟନରେ ଯୋଗ ନ ଦେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ କରିବେ ବୋଲି ସଭାପତି ଜେନା ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ରାହାଙ୍ଗୋଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ**

ଖୁଣ୍ଟୁଣୀ,୧୮।୧୨(ସଚିଦାନନ୍ଦ ପଣ୍ଡା) କଟକ ଜିଲା ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ରାହାଙ୍ଗୋଳ ଜନଜାତି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ ଯୋଗଦେଇ ପ୍ରତ୍ୟେକ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜକୁ ଜଣେ ଉତ୍ତମ ନାଗରିକ ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତ ଏହାର ସଭାପତିତ୍ୱ କରିଥିଲେ। ଉତ୍ସବରେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ହେମନ୍ତ ଜେନା, ମୁଳିଆବାଙ୍କ ସେବାଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଦାସ, ଜିଲା ମଙ୍ଗଳ ଅଧିକାରୀ ପ୍ରିୟଦର୍ଶନୀ ସିଂ, ବରିଷ୍ଠ ଶିକ୍ଷକ ନୃସିଂହ ଚରଣ ବିଶ୍ୱାଳ, ଚନ୍ଦ୍ରମଣି ଶବର, ମମତାରାଣୀ ବେହେରା ଓ ପରିଚାଳନା କମିଟି ସଭାପତି ପ୍ରମୁଖ ଯୋଗଦେଇଥିଲେ। ସମଗ୍ର ଜିଲାରେ ରାହାଙ୍ଗୋଳ ଆଶ୍ରମ ସ୍କୁଲ ଏକ ପ୍ରମୁଖ ଜନଜାତି ବିଦ୍ୟାଳୟ ଭାବେ ପ୍ରସିଦ୍ଧି ଲାଭ କରିଥିବାରୁ ଏବଂ ଏଥିରେ ବହୁ ଜିଲାରୁ ପ୍ରାୟ ୩୫୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାରୁ ଏହାକୁ ଆସନ୍ତା ଶିକ୍ଷାବର୍ଷଠାରୁ ହାଇସ୍କୁଲରେ ପରିଣତ କରିବାକୁ ଜିଲାମଙ୍ଗଳ ଅଧିକାରୀ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଅତିଥି ଜଗନ୍ନାଥଙ୍କ ପ୍ରତିମାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅଶୋକ ସାହୁ ଓ ପ୍ରକାଶ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ନୃସିଂହ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କ୍ରୀଡା କ୍ଷେତ୍ରରେ ୨୬ ଜଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ୮ ଜଣ ଏବଂ ସର୍ଗିଫୁଲରେ ୨ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ଓ ଆଦିବାସୀ ଲୋକନୃତ୍ୟ ପରିବେଷଣ କରିଥିଲେ।

### ସଡ଼କ ଦୁର୍ଘଟଣା : ବାଇକ୍ ଆରୋହୀ ମୃତ

ସାଲେପୁର,୧୮।୧୨(ଅରବିନ୍ଦ ଭୂୟାଁ): କଟକ-ସାଲେପୁର ରାସ୍ତାର ଭାତପଡ଼ା ସଅରସାହି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ସୋମବାର ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲାର ମହେଶ୍ୱର ମହନ୍ତ। ଗୁରୁତର ହେଲେ ଏହି ଜିଲା ଅନ୍ତର୍ଗତ ସୋରୋ ଥାନା ଅଞ୍ଚଳର ପ୍ରହଲ୍ଲାଦ ଜେନା। ପ୍ରହଲ୍ଲାଦ ଓ ମହେଶ୍ୱର ଭୁବନେଶ୍ୱରରେ ଏକ ଗେଷ୍ଟ ହାଉସ୍‌ରେ କାର୍ଯ୍ୟ କରନ୍ତି। ସେମାନଙ୍କ ସହ କାର୍ଯ୍ୟକରୁଥିବା କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରକାଶ ଦାସଙ୍କ ମା' ମୃତ୍ୟୁ ଘଟିବାରୁ ୩ ଜଣ ଏକ ବାଇକ୍‌ରେ କେନ୍ଦ୍ରାପଡ଼ା ଯାଇଥିଲେ। ସେଠାରେ ପ୍ରକାଶଙ୍କୁ ଛାଡ଼ି ଉଭୟେ ଫେରୁଥିବାବେଳେ ସଅରସାହି ନିକଟରେ ଏକ ଗାଡ଼ି ଧକ୍କା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରହଲ୍ଲାଦଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

# ଦର୍ଶକଙ୍କ ମନମୋହିଲା ଆଦିବାସୀ ନୃତ୍ୟ



ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି ।

**ଆଠଗଡ଼ ମହୋତ୍ସବର ତୃତୀୟ ସନ୍ଧ୍ୟା**

ଆଠଗଡ,୧୮।୧୨(ସତ୍ୟ ପ୍ରସାଦ ରଥ) ଆଠଗଡ଼ ପ୍ରଶାସନ ପକ୍ଷରୁ ୫ଦିନ ବ୍ୟାପୀ ଚାଲିଥିବା ଆଠଗଡ ମହୋତ୍ସବ-୨୦୨୩ର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଠଗଡ ମହୋତ୍ସବର ସ୍ମରଣିକା ଅଷ୍ଟାୟନ ୨ୟ ସଂସ୍କରଣ ଉନ୍ମୋଚନ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀତଥା ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଲୋକ ମଣ୍ଡଳ ମୁଖ୍ୟ ତଥା ଆଠଗଡ଼ ବ୍ଲକ ମାଧପୁରସ୍ଥିତ ଗୋପବନ୍ଧୁ ଆୟୁବିଜ୍ଞାନ ସଂସ୍ଥାଜ୍‌ର ଅଧ୍ୟକ୍ଷ ନିରଞ୍ଜନ ରଥ, ପୂର୍ବତନ ଉପଜିଲାପାଳ ତଥା ଜିଲା ସହରାଞ୍ଚଳ ବିକାଶ ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ମହୋତ୍ସବ କମିଟି ସମ୍ପାଦିକା ତଥା ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ପୂର୍ବତନ ଏନ୍‌ଏସି ଅଧକ୍ଷା ସୁଚିତ୍ରା ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ପ୍ରରିପ୍ରେକ୍ଷୀରେ ଅନୁଷ୍ଠିତ ସାଂସ୍କୃତିକ, କ୍ରୀଡ଼ା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଦେଶ,ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳର ୧୫ଟି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଆଠଗଡ ବ୍ଲକ ମାଧପୁରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦାରା ଆଦିବାସୀ ନୃତ୍ୟ କରାଯାଇଥିଲା। ଏହା ଦର୍ଶକ ମନମୋହି ଥିଲା। ପରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସଙ୍ଗୀତ ପରିବେଷଣ କରିଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ତରେଇ ଏଥିରେ ଅଧକ୍ଷତା କରିଥିବାବେଳେ ପାର୍ଥ ସାରଥି ପଟ୍ଟନାୟକ ସଂଯୋଜନା କରିଥିଲେ। ଏନ୍‌ଏସି ଉପାଧକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତା

ଟିଗିରିଆ,୧୮।୧୨(ଜାଫର ଖାଁ) ଟିଗିରିଆ ବ୍ଲକସ୍ତରୀୟ ଯୁବ କ୍ରୀଡ଼ା ପ୍ରତିଯୋଗିତା ପାଞ୍ଚଗାଁସ୍ଥିତ ମିନିଷ୍ଟାଡିୟମରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ କ୍ରିକେଟ ମ୍ୟାଚ ହୋଇଥିଲାବେଳେ ମଙ୍ଗଳବାର ଫୁଟବଲ, ବୁଧବାର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ତରଫରୁ କୁହାଯାଇଛି। ଏହି ଅବସରରେ ୨ କ୍ରିକେଟ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଜେସିସି ନିଜିଗଡ଼କୁ ମଣିନାଗେଶ୍ୱରୀ କ୍ରିକେଟ କ୍ଲବ ସୋମପଡା ୭ ଉଇକେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସେହିପରି ୨ୟ ମ୍ୟାଚରେ ମା'ଥାନପତି କ୍ଲବ ବାଲିଫୁଟ ହରାଇ ମା'ମଙ୍ଗଳା କ୍ଲବ ହାଟମାଳ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ମ୍ୟାଚ ୨୧ ତାରିଖରେ ଅନୁଷ୍ଠିତ ହେବ। ସୋମବାର ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଟିଗିରିଆ ବିଡିଓ ପ୍ରଣବ ବେହେରା, ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଜୈବିକ ପଦ୍ଧତିରେ ଚାଷକୁ ଗୁରୁତ୍ୱ

**ଗୋପୀନାଥପୁର, ମୁଗଗହୀର ଗ୍ରାମରେ କୃଷକ ସଚେତନତା କାର୍ଯ୍ୟକ୍ରମ**

ବଡ଼ମ୍ବା,୧୮।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଓ ମୁଗଗହୀର ଗ୍ରାମରେ ପୃଥକ ଭାବେ କୃଷକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥପୁର ଗ୍ରାମସ୍ଥିତ ବାନାମ୍ବରୀ କୋଠ ଘରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ରଞ୍ଜନ କୁମାର ମହାନ୍ତ ଯୋଗଦେଇ ପ୍ରାଣୀ ସମ୍ପଦର ସୁରକ୍ଷା ତଥା ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ। ସେହିପରି ମୃତ୍ତିକା ବୈଜ୍ଞାନିକ ଡ.ଦିଲୀପ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ବହୁଳ ମାତ୍ରାରେ ସାର ଓ କୀଟନାଶକ ବ୍ୟବହାର ଦ୍ୱାରା ମୃତ୍ତିକାର ଗୁଣବତ୍ତା ନଷ୍ଟ ହୋଇ ଥାଏ ବୋଲି ଚାଷୀଙ୍କୁ ବୁଝାଇଥିଲେ। ସେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ପରେ ମୁଗଗହୀର ଗ୍ରାମରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପାଣିପାଗ ବିଶେଷଜ୍ଞ ଦେବାଶିଷ ଜେନା ଯୋଗ ଦେଇ ପାଣିପାଗକୁ ଲକ୍ଷ କରି ଚାଷୀମାନେ କିପରି କୃଷିକୁ ସମୃଦ୍ଧ କରିବେ ସେ ଉପରେ ଆଲୋଚନା କରିଥିଲେ। ନାବାର୍ଡ ଦ୍ୱାରା ପରିଚାଳିତ କୃଷକ ସଚେତନତା କାର୍ଯ୍ୟକ୍ରମକୁ ଏବିଏଫ୍‌ପିସିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସାମଲ ପରିଚାଳନା କରିଥିଲେ। ଏଥିରେ କୁଳମଣି ରଣା, ଶରତ ସାହୁ, ଚୈତନ୍ୟ ମୁଦୁଲି, କୁଳମଣି ଘଡେଇ, ନେତ୍ରାନନ୍ଦ ମଲ୍ଲିକ, ସୁରେଶ ରଣା, ପୂର୍ଣ୍ଣଚନ୍ଦ୍ର ବେହେରା ଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



କୃଷକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୈଜ୍ଞାନିକ ଏବଂ ଅନ୍ୟମାନେ ।

# ଶିଶୁଆ-ମଢ଼ଙ୍ଗା ଭାୟା ଛାଣିପୁର ରାସ୍ତାର ନିର୍ମାଣ ମନ୍ଥର

■ ଅବଧି ସରିଲାଣି: ୩୦ ପ୍ରତିଶତ କାର୍ଯ୍ୟ ହୋଇଛି

■ କାର୍ଯ୍ୟାନୁଷ୍ଠାନ ଦାବି

ସାଲେପୁର,୧୮।୧୨(ଅରବିନ୍ଦ ଭୂୟାଁ)




ସାଲେପୁର ବ୍ଲକର ଶିଶୁଆଠାରୁ ମଢ଼ଙ୍ଗା ଭାୟା ଛାଣିପୁର ଏମ୍‌ଆର୍‌ଏଲ୍ ୦.୮ ୫ନଂ. କେନାଲ ବନ୍ଧ ଉପରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାମ ମନ୍ଥର ଗତିରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାର ଲମ୍ବ ୧୨ କି.ମି. ୮୫୦ମିଟର ହୋଇଥିବାବେଳେ ଅଟକଳ ମୂଲ୍ୟ ୯ କୋଟି ୬୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟକୁ ଠିକାଦାର ଡିପିଏସ୍ କନଷ୍ଟ୍ରକ୍‌ସନ ପ୍ରା.ଲି଼.କୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦେଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୧୯।୦୯।୨୨ଆରମ୍ଭ ହୋଇ ୧୮।୮।୨୩ରେ ଶେଷ ହେବାକୁ ସମୟ ଧାର୍ଯ୍ୟ ହୋଇଥିଲା। ତାହା ବର୍ତ୍ତମାନ ସୁଦ୍ଧା ସରିନାହିଁ। ପ୍ରକଳ୍ପର ୩୦ ପ୍ରତିଶତ କାର୍ଯ୍ୟ ହୋଇଛି।

ଶିଶୁଆଠାରୁ ମଢ଼ଙ୍ଗା ଭାୟା ଛାଣିପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ରାସ୍ତା ୫ ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଏହା ଅଞ୍ଚଳର ପ୍ରମୁଖ ଯାତାୟାତର ପଥ ହୋଇଥିଲାବେଳେ କାମ ମନ୍ଥର ପାଇଁ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବିକରିଛନ୍ତି। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ରାସ୍ତା ସହ ସମ୍ପୃକ୍ତ ଥିବା ବିଭାଗଗୁଡ଼ିକୁ ନେଇ ନିର୍ମାଣାଧୀନ ରାସ୍ତା ପରିଦର୍ଶନ କରି କାର୍ଯ୍ୟର ମନ୍ଥର ଗତି ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବିଭାଗର ମୁଖ୍ୟମାନଙ୍କୁ ତାଗିଦ୍ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ଟାଟା ପାୱାର ରାସ୍ତା ଉପରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଉଠାଇବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ସେହିପରି ବନ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଗଛ ଗୁଡ଼ିକ କାଟୁନାହିଁ। ରାସ୍ତାଟି ସପନପୁର, ପୁରୁଷୋତ୍ତମପୁର, ନଈଗୁଆଁ, ବଲ୍ଲଭପୁରଠାରେ ଜବରଦଖଲ ହୋଇ ରହିଛି। ସ୍ଥାନୀୟ ତହସିଲଦାରଙ୍କ ଅବହେଳାରୁ ଜମି ଚିହ୍ନଟ କି ଜବରଦଖଲ ଉଚ୍ଛେଦ ହୋଇପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗର ସାଲେପୁର ଯନ୍ତ୍ରୀମାନେ ଉପଯୁକ୍ତ ଧ୍ୟାନ ଦେଉ ନ ଥିବାରୁ ଏହି ରାସ୍ତା ନିର୍ମାଣରେ ଅନ୍ତରାୟ ସୃଷ୍ଟି କରୁଛି। ଶିଶୁଆ, ନଈଗୁଆଁ, ଛାଣିପୁର, ସିଢ଼ୋ, ରାଇସୁଙ୍ଗୁଡ଼ା ପଞ୍ଚାୟତର ଲୋକଙ୍କ ଗମନାଗମନରେ ବୃହତର ସ୍ୱାର୍ଥ ଦୃଷ୍ଟିରୁ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ବିଜେଡି ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ସୁବାସ ରାଉତରାୟଙ୍କୁ ପଚାରିବାରେ ବିଦ୍ୟୁତ୍ ଖୁଣ୍ଟ, ଗଛ ଓ ଚିହ୍ନଟ ଜମି ଅଧିଗ୍ରହଣ କରାଯିବାରେ ସମସ୍ୟା ଥିବାରୁ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଛି। ଏ ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛୁ। ତୁରନ୍ତ ଏହାର ସମାଧାନ ହୋଇ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମୋବାଇଲ, ଟଙ୍କା ଲୁଟ୍ ଘଟଣାରେ ୨ ଗିରଫ

**ଯାଁଳା,୧୮।୧୨(ବୁଲା ବାରିକ)**

ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇନେବା ଘଟଣାରେ ଇନ୍‌ଫୋସିଟି ପୋଲିସ ଦୁଇ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପିତାପଲ୍ଲୀ ଗ୍ରାମର ରମାକାନ୍ତ ସ୍ୱାଇଁ(୨୨) ଓ ପ୍ରାଣକୃଷ୍ଣ ସାହୁ(୩୭)। ଏମାନଙ୍କ ଠାରୁ ଦୁଇଟି ମୋବାଇଲ ଫୋନ ସହ ୨୫୦୦ ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ଜତ ୧୩ ତାରିଖରେ ଦିନେଶ କୁମାର ପିତାପଲ୍ଲୀ ଛକ ନିକଟରେ ଥିବା ଏକ ଦୋକାନ ସମ୍ମୁଖରେ ଶୋଇଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ସେଠାରେ ପହଞ୍ଚି ଦିନେଶଙ୍କୁ ଛୁରି ଦେଖାଇ ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ରମାକାନ୍ତଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

### ଅଗ୍ନିଶମ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

ଟାଙ୍ଗୀ ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର ବାଲିପାଟପୁର ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଦୁର୍ଘଟଣା, ପୋଖରୀ କିମ୍ବା ନଦୀରେ ବୁଡ଼ି ଯାଉଥିବା ବେଳେ ଉଦ୍ଧାର କରିବା, ଗ୍ୟାସରୁ ଲାଗିଥିବା ନିଆଁକୁ କିପରି ଆୟତ୍ତ କରିବାର କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ଅଧିକାରୀ ମୋହନ ଦଳାଇ, ମୁଖ୍ୟ ଆଗ୍ନିକ ପରମାନନ୍ଦ ଲେଙ୍କା, ଆଗ୍ନିକ ଲିଟୁ ବେହେରା, କାଳୀ ଚରଣ ପାତ୍ର, ଅମୂଲ୍ୟ ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ କୁମାରୀ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମା'କଇରୀ ବଘେଇ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ସର୍ଦ୍ଧାପୁର

**ବେଗୁନିଆ,୧୮।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମସ୍ଥିତ ଖେଳପଡିଆରେ ଚାଲିଥିବା ମା' କଇରୀ ବଘେଇ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ଦ୍ୱିତୀୟ ଲିଗ ମ୍ୟାଚ୍। ରାଉତପଡ଼ା ଓ ସର୍ଦ୍ଧାପୁର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଉତପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୨୮ ରନ ସଂଗ୍ରହ କରିଥିଲା। ଜବାବରେ ସର୍ଦ୍ଧାପୁର ଟିମ୍ ୬ ଉଇକେଟ ବିନିମୟରେ ୧୩୨ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ନିଲୁ ତୋଷ ଏବଂ ଅନିଲ ଦେବତା ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଉତପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁବାରି ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେମ ସମ୍ପର୍କକୁ ନେଇ ଜିଆରଏସ୍‌ଙ୍କୁ ହତ୍ୟା ଅଭିଯୋଗ

- ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ
- ସ୍କୁଟି, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ
- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ପରିବାର

**ଖୋର୍ଦ୍ଧା,୧୮।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ନବୀନବାଗ ସ୍ଥିତ ଏକ ଘରୋଇ ସଂସ୍ଥା ଘରୁ ରବିବାର ପୋଲିସ ଜଣେ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତକ ହେଲେ ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଅଁଳାଯୋଡି ଗ୍ରାମର ସୌମ୍ୟରଞ୍ଜନ ମାହାନା। ଅନ୍ୟପଟେ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ସୌମ୍ୟରଞ୍ଜନଙ୍କୁ ହତ୍ୟା କରାଯାଇଛି ବୋଲି ବାପା ସୁରେଶ ମାହାନା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଦଫା ୩୦୨, ୧୦୨(ବି)ରେ ଏକ ହତ୍ୟା ମାମଲା(ନଂ.୭୯୯/୨୩) ରୁଜୁ କରିଛି। ସୋମବାର ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ସ୍କୁଟି, ମୋବାଇଲ ଫୋନ, ଘର ଚାବି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସୁରେଶ ଦେଇଥିବା ଏତଲାରେ ଜଣେ ଯୁବତୀଙ୍କ ସହ ଅନ୍ୟ ୩ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ସୌମ୍ୟରଞ୍ଜନଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତଦନ୍ତ ପରେ ସ୍ପଷ୍ଟ ହେବ।

ଅଭିଯୋଗ ମୁତାବକ, କଣାସ ବ୍ଲକ ଅଞ୍ଚଳରେ ସୌମ୍ୟରଞ୍ଜନ ଜିଆର୍‌ଏସ୍ ଭାବେ କାର୍ଯ୍ୟ କରୁଥିଲେ। ସେ କୌଣସି କାରଣ ପାଇଁ ଖୋର୍ଦ୍ଧା ନବୀନାବାଗ ସ୍ଥିତ ଏକ ଘରୋଇ ସଂସ୍ଥାକୁ ନିୟମିତ ବ୍ୟବଧାନରେ ଆସୁଥିଲେ। ରବିବାର ସକାଳ ୯ଟାରେ ଜଣେ ଯୁବକ ସୌମ୍ୟରଞ୍ଜନଙ୍କୁ ଫୋନ କରି ଭୋଜି ପାଇଁ ଉକ୍ତ ସଂସ୍ଥାକୁ ଡାକିଥିଲେ। ଏହା ପରେ ସୌମ୍ୟରଞ୍ଜନ ସେଠାରେ ପହଞ୍ଚିଥିଲେ। ତେବେ ସୌମ୍ୟରଞ୍ଜନ ଉକ୍ତ ସଂସ୍ଥାର ଗୃହରେ ଆତ୍ମହତ୍ୟା କରିଥିବା ନେଇ ଖବରପାଇ ସନ୍ଧ୍ୟାରେ ପରିବାରଲୋକ ପହଞ୍ଚିଥିଲେ। ଏକ ଖୋଲା କୋଠରୀରେ ସିଲିଂ ଫ୍ୟାନରୁ ଏକ ଟେବୁଲ କ୍ଲଥରେ ସୌମ୍ୟରଞ୍ଜନଙ୍କ ବେକ ବନ୍ଧା ହୋଇଥିବା ପରିବାରଲୋକ ଦେଖିବାକୁ ପାଇଥିଲେ। ଯୋଜନାବଦ୍ଧ ଭାବେ



ସୌମ୍ୟରଞ୍ଜନ ମାହାନା (ଫାଇଲ ଫଟୋ)।

ଏକାଧିକ ବ୍ୟକ୍ତି ମିଳିମିଶି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ସୁରେଶ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ଅଭିଯୋଗ ଆଣିବା ସହ ଏଥିରେ ଜଣେ ଯୁବତୀ ଓ ଦୁଇଜଣ ଯୁବକଙ୍କ ନାମ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ମୃତକଙ୍କ ମାମୁ ସବ୍ୟସାଚୀ ମଙ୍ଗରାଜ କହିଛନ୍ତି, ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ। ହତ୍ୟା କରିବା ପରେ ଫ୍ୟାନରେ ଝୁଲାଇ ଆତ୍ମହତ୍ୟାର ରୂପ ଦିଆଯାଇଛି। ଏଥିରେ ଏକାଧିକଙ୍କ ହାତ ରହିଛି। ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯାଉ। ମୃତକଙ୍କ ଭଉଣୀ କହିଛନ୍ତି, ଗତ କିଛି ବର୍ଷ ହେବ ଜଣେ ଯୁବତୀଙ୍କ ସହ ଭାଇଙ୍କ ସମ୍ପର୍କ ଥିଲା। ତେବେ କୌଣସି କାରଣରୁ ସେମାନଙ୍କର ସମ୍ପର୍କ ଛିନ୍ନ ହୋଇଥିଲା। ଯୁବତୀ ଜଣଙ୍କ ସହଯୋଗୀଙ୍କୁ ଲଗାଇ ହତ୍ୟା କରିଛନ୍ତି। ସେହିପରି ମୃତକଙ୍କ ଭାଇ ରତିକାନ୍ତ କହିଛନ୍ତି, ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

## ୫୨ କେଜି ଗଞ୍ଜେଇ ସହ କାର୍ ଜବତ



ଗିରଫ ଅଭିଯୁକ୍ତମାନେ ଏବଂ ଜବତ ହୋଇଥିବା ଗଞ୍ଜେଇ।

**ଜଣେ ମହିଳାଙ୍କ ସମେତ ୬ ଗିରଫ**

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଟାଙ୍ଗୀ ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡ଼ାର ଉତ୍ତମ ସାହୁ, ନାରାୟଣ ସାହୁ, ଶଙ୍କର ପ୍ରଧାନ, ଖଲ୍ଲିକୋଟ ଥାନା ଅଞ୍ଚଳର ଅଜୟ ସାହୁ, ବ୍ରହ୍ମପୁର ଗୋସାଣୀ ନୂଆଗାଁର ଅନୀତା ପଣ୍ଡା, ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲା ଗ୍ରାମର ପିଙ୍କୁ ପ୍ରଧାନ। ଏମାନଙ୍କ ନିକଟରୁ ୫୨ କେଜି ୬୦୦ ଗ୍ରାମ ଗଞ୍ଜେଇ, କାର୍(ଓଡି ୦୨ ସିଇ୨୩୧୬), ୭ଟି ମୋବାଇଲ ଫୋନ ଓ ୩୫୦୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୮୪୫/୨୩)ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି। ସୂଚନା ମୁତାବକ, ୧୬ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକଠାରେ ଟାଙ୍ଗୀ ପୋଲିସ ପକ୍ଷରୁ ଯାନବାହନ ଚେକିଂ କରାଯାଉଥିଲା। ସନ୍ଦେହଜନକଭାବେ ଏକ କାରକୁ ଅଟକାଇ ପୋଲିସ ଯାଞ୍ଚ କରିବା ବେଳେ ୨୫ କେଜି ୨୦୦ ଗ୍ରାମ ଓ ୨୭ କେଜି ୪୦୦ ଗ୍ରାମ ଓଜନର ଗଞ୍ଜେଇ ଥିବା ଦୁଇଟି ପଲିଥିନ ଜବତ ହୋଇଥିଲା। ଏହା ପରେ ପୋଲିସ ଉକ୍ତ କାରରେ ଥିବା ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ଜବତ ଗଞ୍ଜେଇ ଭୁବନେଶ୍ୱରରେ ବିକ୍ରି ହେବାକୁ ଯାଉଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ଜନଶୁଣାଣି ଶିବିରରେ ୧୩୭ ଅଭିଯୋଗ





ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଏବଂ ଅନ୍ୟ ଅଧିକାରୀ।

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୩୭ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୧୨୮ଟି ବ୍ୟକ୍ତିଗତ ରହିଥିଲା। ତନ୍ମଧ୍ୟରୁ ୫ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି, ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମର୍ମୁ, ବିଡିଓ ରେସମା ଟେଟେ, ତହସିଲଦାର ସୋନାଲି ପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

ଚାନ୍ଦପୁର ମହର୍ଷି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଟାଙ୍ଗୀ ସାହିତ୍ୟ ଘରର ସଭାପତି ବିଜୟ କୁମାର ରାଉତ ଯୋଗଦେଇ କ୍ରୀଡାରେ ପରାଜୟ ନ ଥାଏ, ପରାଜୟର ପ୍ରତି ପଦକ୍ଷେପ ବିଜୟୀ ପାଇଁ ରାସ୍ତା ଦେଖାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନବ କିଶୋର ଦଳାଇ ଯୋଗଦେଇ କ୍ରୀଡାର ଉପାଦେୟତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଚେୟାରମ୍ୟାନ ଶ୍ରୀନିବାସ ସାହୁ, ପରିଚାଳନା କମିଟି ସଭାପତି ଜଳଧର ମହାରଣା, ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ସ୍ୱାଇଁ, ନୀଳକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ସୁନୀତା ସିଂ, ଦୀପାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା

**ବୋଲଗଡ଼,୧୮।୧୨(ଦେବବ୍ରତ ହୋତା)**

ରାଜ୍ୟ ସରକାରଙ୍କ ଦାରା ସ୍ୱଳ୍ପ ଆୟକାରୀ ବର୍ଗଙ୍କୁ ସ୍ଥାୟୀ ବାସଗୃହ ନିର୍ମାଣ ଯୋଜନା ଅନୁଯାୟୀ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏନେଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବୋଲଗଡ଼ ଶାଖା ଆନୁକୂଲ୍ୟରେ ସୋମବାର ଡାବରଧୁଆ ଗ୍ରାମର ଗରିବ ଅସହାୟ ଚାଷୀ ସୁରଥ କୁମାର ବାଦିଙ୍କୁ ମୋ ଘର ଯୋଜନାରେ ନୂତନ ଘର ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟ, ବୋଲଗଡ ଶାଖା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଷ୍ଣୁ ପ୍ରଧାନଙ୍କ ସହଯୋଗରେ ନୂତନ ଘର କରିବା ପାଇଁ ପ୍ରଥମ କିସ୍ତିରେ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଋଣ ବଣ୍ଟନ କାର୍ଯ୍ୟକ୍ରମରେ ବୋଲଗଡ ଶାଖା ସମବାୟ ବ୍ୟାଙ୍କର ସୁପରଭାଇଜର ପ୍ରଭାକର ନାୟକ ସହଯୋଗ କରିଥିଲେ । ପୂର୍ବରୁ ଏହି ବ୍ଲକ ଅଞ୍ଚଳର ୬ ଜଣଙ୍କୁ ବୋଲଗଡ ଶାଖା କେନ୍ଦ୍ର ସମବାୟ ବ୍ୟାଙ୍କରୁ ମୋ ଘର ଯୋଜନାରେ ନୂତନ ଗୃହ ନିର୍ମାଣ ପାଇଁ ସହାୟତା କରାଯାଇଛି।

## ଆଥ୍‌ଲେଟ ପ୍ରତିଯୋଗିତା ଆରମ୍ଭ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବେଗୁନିଆ,୧୮।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ଖେଳପଡିଆ ପରିସରରେ ସୋମବାର ଆଥ୍‌ଲେଟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ନୂଆ-ଓ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ପରିଚାଳନା ସମିତିର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଧୁ ଭୂଷଣ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କ୍ରୀଡ଼ା ବିଭାଗ ମୁଖ୍ୟ ସତ୍ୟଜିତ୍ ଦାସ ଆୟୋଜିତ ପ୍ରତିଯୋଗିତାର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ପଙ୍କଜ କର ଓ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ଅତିଥିଭାବେ ଉପସ୍ଥିତ ଥିଲେ। ଦୌଡ ପ୍ରତିଯୋଗିତା, ଲମ୍ଫ ଡିଆଁ ଓ ଡିସକସ ଥ୍ରୋ ଆଦି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଖେଳ ପ୍ରଶିକ୍ଷକ ସୂର୍ଯ୍ୟମଣି ମାଝୀ, ଅଧ୍ୟାପକ ନବ କିଶୋର ବିଶୋଇ, ବିରଞ୍ଚି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ ଜୟ କୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଙ୍କୁ ବିଦ୍ୟାଳୟ କର୍ମଚାରୀଙ୍କ ଅସଦାଚରଣ ଅଭିଯୋଗ

**କାରଣ ଦର୍ଶାଅ ନୋଟିସ ପାଇଁ ଡିଇଓଙ୍କ ନିର୍ଦ୍ଦେଶ**

**ଟାଙ୍ଗୀ,୧୮।୧୨(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟଙ୍ଗୀ ବ୍ଲକ ଅଞ୍ଚଳସ୍ଥିତ ଏକ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ସମ୍ପୃକ୍ତ କର୍ମଚାରୀ ଜଣକ ଛୁଟିରେ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଚାଲିଥିବା ବେଳେ କିଛିଦିନ ପୂର୍ବରୁ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ତାଙ୍କୁ ଅସଦାଚରଣ କରିଥିବା ନେଇ ଛାତ୍ରୀ ଜଣକ କହିଥିଲେ। ସେଠାରେ ଉପସ୍ଥିତ ଶିକ୍ଷୟିତ୍ରୀମାନେ ଅସଦାଚରଣ କଥା ଶୁଣିଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଇନଥିଲେ। ପରେ ଏହି ଘଟଣା ବାହାରେ ପ୍ରଘଟ ହେବା ପରେ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରମାନେ ସତ୍ୟତା ଜାଣିବାକୁ ପ୍ରଧାନ ଶିକ୍ଷକଙ୍କୁ ଭେଟିଥିଲେ। ଘଟଣା ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜାଣିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଓ ଡିଇଓ ବିଶ୍ୱନାଥ ତରାଇଙ୍କୁ ଜଣାଇଥିଲେ। ଏନେଇ ପରିଚାଳନା କମିଟି ସଦସ୍ୟଙ୍କ ସହିତ ପ୍ରଧାନ ଶିକ୍ଷକଙ୍କ ବୈଠକ ମଧ୍ୟ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ନିଷ୍ପତ୍ତି ଓ ସବ୍ କମିଟିର ନିଷ୍ପତ୍ତିକୁ ଲିଖିତଭାବେ ପ୍ରଧାନ ଶିକ୍ଷକ ଡିଇଓଙ୍କ ପାଖକୁ ପଠାଇଥିବା ଜଣାପଡିଛି। ସୋମବାର ଡିଇଓ ତରାଇ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାହୁ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଏନେଇ ଡିଇଓ ତରାଇ କହିଛନ୍ତି, ସମ୍ପୃକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଉକ୍ତ ବିଦ୍ୟାଳୟରେ ଅନ୍ୟ ଏକ ଘଟଣାରେ ଜଣେ ଶିକ୍ଷକଙ୍କ ସ୍ତ୍ରୀ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ଜଣେ ଛାତ୍ରୀଙ୍କୁ ବିଭିନ୍ନ ଧମକ ଦେଇଥିବା ଜଣାପଡିଛି।

## ତ୍ରୟୋଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ହାଟବସ୍ତ୍ର ବିଜୟୀ



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ବୋଲଗଡ଼,୧୮।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ତ୍ରୟୋଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ହାଟବସ୍ତ୍ରର ମା'ଯୋଗମାୟା କ୍ରିକେଟ କ୍ଲବ ଓ ରାମପଡ଼ାର ମା'ରାମଚଣ୍ଡୀ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ହାଟବସ୍ତ୍ର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ରାମପଡ଼ା ଟିମ୍ ୧୨.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଭାଗବାନ ମଙ୍ଗରାଜ ଓ ଶେଷଦେବ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ସାମାଜିକକର୍ମୀ ଭବାନୀ ଶଙ୍କର ଜଗଦ୍ଦେବ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାପାତ୍ର, ଆଇନଜୀବୀ ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ନିରଞ୍ଜନ ନାୟକ, ରାଜ କୁମାର ବଳିୟାରସିଂହ, ସୁଶାନ୍ତ ପ୍ରଧାନ, ବିକାଶ ବଳିୟାରସିଂହ, ରାଜା ମାନସିଂ, ପ୍ରଶାନ୍ତ ମଙ୍ଗରାଜ, ଶିଶିର ବସ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଭୈରବୀ କ୍ରିକେଟ କ୍ଲବ କାଶୀପୁର ଚାମ୍ପିୟନ

**ନିରାକାରପୁର,୧୮।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ସାହିଠାରେ ଅମରଜ୍ୟୋତି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଦୁଇଦିନିଆ ଫ୍ଲଡଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ୮ଓଭର ବିଶିଷ୍ଟ ହୋଇଥିବା ବେଳେ ୧୬ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଅମର ଜୋତି କ୍ରିକେଟ କ୍ଲବ ନିରାକାରପୁର ଓ ଭୈରବୀ କ୍ରିକେଟ କ୍ଲବ କାଶୀପୁର ମଧ୍ୟରେ ହୋଇଥିଲା। କାଶୀପୁର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ଉଇକେଟ ବିନିମୟରେ ୭୭ରନ ସଂଗ୍ରହ କରିଥିଲା। ଜବାବରେ ନିରାକାରପୁର ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ କାଶୀପୁର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସଞ୍ଜୟ ପ୍ରଧାନ, ଅମରେନ୍ଦ୍ର ବାରିକ, ମନୋରଞ୍ଜନ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ମୁଖ୍ୟବକ୍ତା ଯୁବ ସଙ୍ଗଠକ କିଶୋର ବରାଳ, ସମ୍ମାନିତ ଅତିଥି ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ୧୨ନଂ. ଜୋନର ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ସାମାଜିକ କର୍ମୀ ସୁକେଶ ସେନାପତି, ଦିଲ୍ଲୀପ ପ୍ରଧାନ, ଶ୍ରୀକାନ୍ତ ବାରିକ, ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ମ୍ୟାଚରେ ବ୍ୟବସାୟୀ ସୁଶାନ୍ତ କୁମାର ସେନାପତି ଅତିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ସହ ଅର୍ଥ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସୁମନ୍ତ ପ୍ରଧାନ ଓ ରାଜେଶ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ରଞ୍ଜନ ପ୍ରଧାନ, ଶ୍ୟାମ ବେହେରା, ସଂଗ୍ରାମ ପ୍ରଧାନ, ରଶ୍ମି ରଞ୍ଜନ ସେଠୀ, ହରପ୍ରସାଦ ମହାପାତ୍ର, ଲିଙ୍ଗରାଜ ପ୍ରଧାନ, ଶକ୍ତି ପ୍ରସାଦ ସାହୁଙ୍କ ସମେତ ଅମରଜ୍ୟୋତି କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ମଙ୍ଗଳା କ୍ଲବ ଫାଇନାଲରେ

**ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ଯାଁଳା,୧୮।୧୨(ବୁଲା ବାରିକ)**

ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୨୮ତମ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସୋମବାର ମଙ୍ଗଳା କ୍ଲବ କଟକ ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମଙ୍ଗଳା କ୍ଲବ ପକ୍ଷରୁ ମ୍ୟାଚ୍‌ର ୮ମିନିଟରେ ଭାଗୀରଥି ପ୍ରତିହାରୀ ଓ ୩୪ ମିନିଟରେ ସନାତନ ଲୋହାର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି କିଶୋର କ୍ଲବ ପକ୍ଷରୁ ମ୍ୟାଚର ୧୭ ଓ ୪୫ ମିନିଟରେ ପାପା ମାଝି ଏବଂ ବେଞ୍ଜାମିନ ମୁର୍ମୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ମଙ୍ଗଳା କ୍ଲବ ୭-୫ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଅତିଥିଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ଉପନିର୍ଦ୍ଦେଶକ କ୍ରୀଡ଼ା ଅଶୋକ କୁମାର ମହାନ୍ତି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିବ ଶଙ୍କର ପଣ୍ଡା, ସୁଶାନ୍ତ କୁମାର ମିଶ୍ର, ଶିବ ସାମନ୍ତରାୟ ଓ ଶିବ ଦେହୁରି ମ୍ୟାଚ୍ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସନାତନ ଲୋହାରଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୦ ତାରିଖ(ବୁଧବାର)ରେ ମଙ୍ଗଳା କ୍ଲବ ଓ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ ବୋଲି ଶିବଶକ୍ତି କ୍ଲବ ପକ୍ଷରୁ କୁହାଯାଇଛି।



# ଦୁର୍ନୀତି ନେଇ ପୁରୀ ସଦର ବ୍ଲକ୍ ଘେରିଲା ଭାଜପା

ପୁରୀ, ୧୮।୧୨(ଅଜିତ୍ ମହାନ୍ତି)

ଦୁର୍ନୀତିର ଗନ୍ତାଘର ପାଲଟିଛି ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟ। କନିଷ୍ଠଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ଲିପ୍ତ। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ଏଭଳି ସାଂଘାତିକ ଅଭିଯୋଗ ଆଣି ଭାଜପା ପୁରୀ ଜିଲା ଶାଖା ପକ୍ଷରୁ ସୋମବାର ସଦର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା କର୍ମୀମାନେ ଗୁଣ୍ଡିଚା ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ପାଇଁ ଉଦ୍ୟମ କରିବାରୁ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ କିଛି ସମୟ ପାଇଁ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବରିଷ୍ଠ ଭାଜପା ନେତୃବୃନ୍ଦଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଭାଜପା ନେତୃବୃନ୍ଦ ଅଭିଯୋଗ କରିଥିଲେ ଯେ, ପୁରୀ ବ୍ଲକ୍ ଅଫିସ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଡିଓମାନେ ସବୁଠୁ ଅଧିକ ଦୁର୍ନୀତି କରୁଛନ୍ତି। ବିନା ଟେଣ୍ଡରରେ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର କାର୍ଯ୍ୟାଦେଶ ବିଜେଡି କର୍ମୀମାନଙ୍କୁ ବଣ୍ଟାଯାଉଛି। ଆବାସ ଯୋଜନାରେ ହେରଫେର କରି ବିଜେଡି ସରପଞ୍ଚ ଓ ସମିତି ସଭ୍ୟମାନେ ଗରିବଙ୍କୁ ଲୁଟୁଛନ୍ତି। ଶୌଚାଳୟ ଅନୁଦାନ ଓ ଭତ୍ତା ଟଙ୍କା ହରିଲୁଟ୍ ହେଉଛି। ବିଦ୍ୟାଳୟ ରୂପାନ୍ତରଣ ନାମରେ ନିମ୍ନମାନର କାମ ହେଉଛି। ରାଜ୍ୟ ସରକାର ଏଥିପ୍ରତି ଆଖିବୁଜି ଦେଇଛନ୍ତି। ଏହି ଆନ୍ଦୋଳନରେ ରାଜ୍ୟ ପ୍ରବକ୍ତା ରମାରଞ୍ଜନ ବଳିଆରସିଂ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାଢ଼ୀ, ମଣ୍ଡଳ ସଭାପତି ମନୋରଞ୍ଜନ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର ପରିଡ଼ା, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ପ୍ରସନ୍ନ ପଲେଇ, ଅଧିକାରୀ ନାୟକ, ବ୍ରହ୍ମଗିରିର ଯୁବନେତ୍ରୀ ଉପାସନା ମହାପାତ୍ର, ମଧୁ ସିଂହାରୀଙ୍କ ସମେତ ଭାଜପା ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ସାମିଲ ଥିଲେ।


ଭାଜପା କର୍ମୀମାନେ ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟରେ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ।

- ବ୍ଲକ୍ କାର୍ଯ୍ୟାଳୟରେ ଧସେଇ ପଶିବାକୁ କର୍ମୀଙ୍କ ଉଦ୍ୟମ
- ପୋଲିସ ସହ ଧସ୍ତାଧସ୍ତି

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ଅସ୍ତରଙ୍ଗ,୧୮।୧୨(ପ୍ରଦୀପ୍ତ ଦୀକ୍ଷିତ): ପୁରୀ ଜିଲା ନିମାପଡ଼ା ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଅବକାରୀ ବିଭାଗ ଚଢ଼ାଉ କରି ୨ ମଦ ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମନୋରଞ୍ଜନ ସେନାପତି ଓ ଝୁଲଣି କାଣ୍ଡି। ଏନେଇ ୧୪୫/୨୩ ଓ ୧୪୬/୨୩ ୨ଟି ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସୂଚନା ମୁତାବକ, ଚୋରା ମଦ ବିକ୍ରି ହେଉଥିବା ଖବରପାଇ ନିମାପଡ଼ା ଅବକାରୀ ବିଭାଗ ଅସ୍ତରଙ୍ଗ ବ୍ଲକ ନଇଗୁଆଁ ଗ୍ରାମପଞ୍ଚାୟତ ଅଧୀନ ଓସ୍ତପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସକାଳ ସମୟରେ ୭ଟା ସ୍ଥାନରେ ଚଢ଼ାଉ କରିଥିଲା। ମନୋରଞ୍ଜନଙ୍କଠାରୁ ୫ ଲିଟର ଦେଶୀ ମଦ, ଝୁଲଣିଙ୍କଠାରୁ ୪ଲି ୬୦୦ମିଲି. ଲିଟର ମଦ ଜବତ କରିଥିଲା। ଚଢ଼ାଉରେ ଭାରପ୍ରାପ୍ତ ଅଧିକାରୀ ବେହେରାଙ୍କ ସମେତ ଏଏସ୍ଆଇ ଜିତେନ୍ଦ୍ର ବେହେରା, ତପନ ପ୍ରଧାନ, ଶରତ ସାହୁ, ସ୍ୱାଗତିକା ଗଡ଼େଇ ସାମିଲ ଥିଲେ।

### ଚୋରି ସାମଗ୍ରୀ ଜବତ: ୩ ଗିରଫ

ପିପିଲି,୧୮।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ଭବାନୀପୁର ବଣିଆ ସାହିର ଜଣଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭବାନୀପୁରର ମଙ୍ଗରାଜ ବେହେରା, ପାଟଣାସାହିର ଦିପକ ବେହେରା, ଆଶ୍ରମ ପାଟଣାର ପ୍ରକାଶ ବେହେରା। ଏନେଇ ପୋଲିସ ୫୪୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଫ୍ୟାନ୍, ପାଣି ପମ୍ପ, ପ୍ରେସରକୁକର ବାସନକୁସନ, ପୋଷାକ, ସୁନା ଅଳଙ୍କାର, ସିସିଟିଭି ହାର୍ଡଡିକ୍ସ ପୋଲିସ ଜବତ କରିଛି। ଗ୍ରାମର ପ୍ରଫୁଲ୍ଲ ମିଶ୍ର ଘରେ ତାଲା ପକାଇ କୌଣସି କାମରେ କଟକସ୍ଥିତ ପୁରୁଣା ଘରକୁ ଯାଇଥିଲେ। ତାଙ୍କଘରୁ ଚୋରି ହୋଇଥିବା ଖବରପାଇ ସେ ଥାନାରେ ଅଭିଯୋଗ କରିଥିଲେ।

### ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ

ପିପିଲି,୧୮।୧୨(ଦୁର୍ଗା ମାଧବ ମିଶ୍ର)

ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ୬ଷ୍ଠ ମାସିକ ସମ୍ମିଳନୀ ସୋମବାର ଶିଉଳା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଚିନ୍ତାମଣି ଓଝା ଏହାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, କବିତା କୁମାରୀ ତ୍ରିପାଠୀ, ମଧୁଛନ୍ଦା ମିଶ୍ର, ଜୟନ୍ତୀ ଦାସ, ସନ୍ଧ୍ୟାରାଣୀ ନାୟକ, ସୀତା ନାୟକ, ଲକ୍ଷ୍ମୀଧର ପ୍ରଧାନ, ଶକ୍ତି ପ୍ରସନ୍ନ ମହାନ୍ତି, ଜୟଲକ୍ଷ୍ମୀ ସ୍ୱାଇଁ, କନକଲତା ପରିଡ଼ା ପ୍ରମୁଖ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀର ଶିକ୍ଷକ ଯୋଗଦେଇଥିଲେ। ମୁଖ୍ୟତଃ ପଠନର ବିଭିନ୍ନ କୌଶଳ, ମାନକ ମାପ, ପ୍ରାକ ବୃତ୍ତିଗତ ଶିକ୍ଷା, ମନିଟରିଂ ଅଫ୍ ଭେନ୍ୟୁ ଆଦି ଆଲୋଚନା ହୋଇ ବିଦ୍ୟାଳୟରେ କାର୍ଯ୍ୟକ୍ରମ କରେଇବାକୁ ନିଷ୍ପତି ହୋଥିଲା। ରାଜ୍ୟ ଓସେପା ଏଫ୍ଏଲ୍ଏନ୍ ପିଏମ୍ୟୁ ପ୍ରୋଜେକ୍ଟ ମ୍ୟାନେଜର ରାଜ୍ ନୱାଜ ଏଥିରେ ଯୋଗଦେଇ ମନିଟରିଂ ସହ ଶିକ୍ଷା ଉପାଦେୟ ପ୍ରସ୍ତାବମାନ ରଖିଥିଲେ।

# ଜାଲ୍ ସାର୍ଟିଫିକେଟରେ ଚାକିରି: ୫ ଶିକ୍ଷକ ବହିଷ୍କୃତ

ପୁରୀ,୧୮।୧୨(ଅଜିତ୍ ମହାନ୍ତି): ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ପୁରୀ ଜିଲାର ୫ ଶିକ୍ଷକଙ୍କୁ ଜିଲା ଶିକ୍ଷା ଅଧିକାରୀ ବହିଷ୍କୃତ କରିଛନ୍ତି। ବହିଷ୍କୃତ ହୋଇଥିବା ୫ଶିକ୍ଷକଙ୍କ ମଧ୍ୟରୁ ଜଣେ କଣାସ ବ୍ଲକର ହୋଇଥିବା ବେଳେ ଅନ୍ୟ ୪ଜଣ କୃଷ୍ଣପ୍ରସାଦ ଅଞ୍ଚଳର ବୋଲି ସୂଚନା ମିଳିଛି। ଏନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ ସୂଚନା ଦେଇ କହିଛନ୍ତି, ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲା। ତେଣୁ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା। ବିଭିନ୍ନ ଯାଞ୍ଚ କରିବା ସହ ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯାଇ ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ତଦନ୍ତ କରାଯାଇଥିଲା। ତଦନ୍ତ ପରେ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରମାଣପତ୍ର ଜାଲ୍ ଥିବା ଜଣାପଡିଥିଲା। ଫଳରେ ସମ୍ପୃକ୍ତ ୫ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ବହିଷ୍କୃତ ହୋଇଥିବା ୫ଜଣ ଶିକ୍ଷକ ହେଲେ କଣାସ ବ୍ଲକ ଜମାଲଗୋଡା ୟୁପି ସ୍କୁଲର ରବୀନ୍ଦ୍ର କୁମାର ପଲେଇ। କୃଷ୍ଣପ୍ରସାଦ ବ୍ଲକ୍ ଖିରିସାହି ପିୟୁପିଏସ୍ ସ୍କୁଲର ସତ୍ୟସୁନ୍ଦର ବିଶ୍ୱାଳ, ବିରିପଦର ପ୍ରାଇମେରି ସ୍କୁଲର ସୁରେଶ ଚନ୍ଦ୍ର ପଲେଇ, ଓରା ପ୍ରାଇମେରି ସ୍କୁଲର ସୌଦାମିନୀ ପ୍ରଧାନ ଏବଂ ଚାରିଛକ ୟୁଜିଓପି ସ୍କୁଲର ନନ୍ଦ କିଶୋର ସେଠୀ। ପୂର୍ବରୁ ଏଭଳି ଅଭିଯୋଗରେ ୪ଜଣ ବହିଷ୍କୃତ ହୋଇଥିଲେ। ଗତ ଦେଢ଼ବର୍ଷ ଭିତରେ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିବା ଅଭିଯୋଗରେ ଜିଲା ଶିକ୍ଷାଧିକାରୀ ୯ଜଣଙ୍କୁ ବହିଷ୍କୃତ କରିଥିବା ଘୋଷ କହିଛନ୍ତି। ଅପରପକ୍ଷରେ ଅନ୍ୟ କେତେଜଣ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିଛି। ତାହାର ତଦନ୍ତ କରାଯାଉଛି। ଯଦି ତଦନ୍ତରେ କିଏ ଅଭିଯୁକ୍ତ ଥିବା ଜଣାପଡେ ତେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷ କହିଛନ୍ତି।

# ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହେଲେ ପୂଜା



ପିପିଲି,୧୮।୧୨(ଦୁର୍ଗାମାଧବ ମିଶ୍ର)

ପୁରୀସ୍ଥିତ ସଂସ୍କୃତି ଭବନ ପରିସରରେ ରବିବାର ଆୟୋଜିତ ଇଣ୍ଡିଆନ୍ ଗ୍ଲୋରୀ ଆୱାର୍ଡରେ ପିପିଲିର ଝିଅ ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି। ଏଥିରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ୩୦ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ପିପିଲିର ପୂଜାରାଣୀ ନାୟକଙ୍କୁ ମଡେଲିଂ କ୍ଷେତ୍ରରେ 'ଇଣ୍ଡିଆନ ଗ୍ଲୋରୀ ଆୱାର୍ଡ଼ ୨୦୨୩'ରେ ସମ୍ମାନିତ କରାଯାଇଛି। ପୂଜାରାଣୀ ପେସାରେ ଜଣେ ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀ। ସେ ପାଠ ପଢୁଥିବାବେଳେ ମଡେଲିଂ କରିବା ତାଙ୍କର ନିଶା ଥିଲା। ସେ ବ୍ରହ୍ମପୁରସ୍ଥିତ ଆୟୁର୍ବେଦିକ ମହାବିଦ୍ୟାଳୟରେ ପଢିବା ସହିତ ବିଭିନ୍ନ ମଡେଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ସାଫଳତା ଆଣିଛନ୍ତି। ମାତ୍ର ରବିବାରର ସମ୍ମାନଟି ତାଙ୍କୁ ଅଧିକ ଉତ୍ସାହିତ କରିଥିବା ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା କ୍ରୀଡାବିତ୍ ଦୂତୀ ଚାନ୍ଦ, ପ୍ରଭାକର ମହାରଣା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପତି, ଭାରତ ମସଲା ମୁଖ୍ୟ ଏବଂ ସାହିତ୍ୟିକ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପୂଜାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଥାଉକି, କାର୍ଯ୍ୟକ୍ରମରେ ପୂଜା ଓଡ଼ିଶା ସଂସ୍କୃତିର ବିଭିନ୍ନ ପ୍ରକାର କଳାକୃତି ସହିତ ପିପିଲିର ଚାନ୍ଦୁଆରେ ତିଆରି ପୋଷାକ ପରିଧାନ କରି ସମସ୍ତଙ୍କ ମନ ମୋହିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ସାମନ୍ତସିଂହାରଙ୍କ ଜୟନ୍ତୀ


ପଦ୍ମଚରଣ ସାମନ୍ତସିଂହାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ନିମାପଡ଼ା,୧୮।୧୨(ବିଚିତ୍ରାନନ୍ଦ ସାହୁ):

ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ମହାନ ଜନନାୟକ, ପ୍ରବୀଣ ରାଜନିତିଜ୍ଞ, ପୂର୍ବତନ ଏମ୍ପି ସ୍ୱର୍ଗତ ପଦ୍ମଚରଣ ସାମନ୍ତସିଂହାରଙ୍କ ୧୦୭ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ସ୍ୱର୍ଗତ ସାମନ୍ତସିଂହାରଙ୍କ ଜନ୍ମମାଟି ନିମାପଡ଼ା ବ୍ଲକ ଅଧୀନ ମଣିଜଙ୍ଗପାଟଣା ଗ୍ରାମସ୍ଥିତ ମଣଇଜଙ୍ଗ ବିଦ୍ୟାଳୟରେ ପଦ୍ମଚରଣ ସାମନ୍ତସିଂହାର ସ୍ମୃତି କମିଟି ପକ୍ଷରୁ ଏହି ଜୟନ୍ତୀ ପାଳିତ ହୋଇଥିଲା। ଅତିଥି ଭାବେ ଶିକ୍ଷାବିତ୍ ବୀରବର ପରିଡ଼ା, ଲିଙ୍ଗରାଜ ରାୟ, ନିଳାଦ୍ରୀ ନାଥ ମଙ୍ଗରାଜ, ଗଙ୍ଗାଧର ପରିଡ଼ା, ବିଜୟ ପଣ୍ଡା, ନିମାପଡ଼ାର ଯୁବ ସଂଗଠନର ଆବାହକ ଆଦର୍ଶ ଦାଶ, ସଂଯୋଜନ ସମୀର ରଞ୍ଜନ ରାଉତରାୟ, ସତ୍ୟବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ ନିମାପଡ଼ାର ବିକାଶରେ ସ୍ୱର୍ଗତ ସାମନ୍ତସିଂହାରଙ୍କ ଭୂମିକା ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜିର ଯୁବ ଛାତ୍ର ସମାଦ ସ୍ୱର୍ଗତ ସାମନ୍ତସିଂହାରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତିରେ ଅତିଥି ଓ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ସମାରୋହରେ ବହୁ ଶିଭାବିତ୍, ରାଜନେତା, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ପ୍ରେମସମ୍ପର୍କକୁ ନେଇ ଜିଆରଏସ୍ଙ୍କୁ ହତ୍ୟା ଅଭିଯୋଗ

ଖୋର୍ଦ୍ଧା,୧୮।୧୨(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ନବୀନବାଗ ସ୍ଥିତ ଏକ ଘରୋଇ ସଂସ୍ଥା ଘରୁ ରବିବାର ପୋଲିସ ଜଣେ ଗ୍ରାମ ରୋଜଗାର ସେବକ(ଜିଆର୍ଏସ୍) ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତକ ହେଲେ ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଅଁଳାଯୋଡି ଗ୍ରାମର ସୌମ୍ୟରଞ୍ଜନ ମାହାନା। ଅନ୍ୟପଟେ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ସୌମ୍ୟରଞ୍ଜନଙ୍କୁ ହତ୍ୟା କରାଯାଇଛି ବୋଲି ବାପା ସୁରେଶ ମାହାନା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଦଫା ୩୦୨, ୧୦୨(ବି)ରେ ଏକ ହତ୍ୟା ମାମଲା(ନଂ.୭୯୯/୨୩) ରୁଜୁ କରିଛି। ସୋମବାର ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାସ୍ଥଳ ଅନୁଧାନ କରିବା ସହ ସ୍କୁଟି, ମୋବାଇଲ ଫୋନ, ଘର ଚାବି ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସୁରେଶ ଦେଇଥିବା ଏତଲାରେ ଜଣେ ଯୁବତୀଙ୍କ ସହ ଅନ୍ୟ ୩ଜଣଙ୍କ ନାମ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସଦର ଏସ୍ଡିପିଓ ଦିଲୀପ ଦାସ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ସୌମ୍ୟରଞ୍ଜନଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତଦନ୍ତ ପରେ ସ୍ପଷ୍ଟ ହେବ।

- ପୋଲିସ, ସାଇଣ୍ଟିଫିକ୍ ଟିମ୍ର ତଦନ୍ତ ଆରମ୍ଭ
- ସ୍କୁଟି, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ
- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ପରିବାର

# ବଚସାରୁ ଗଣ୍ଡଗୋଳ: ୬ ଆହତ

ଅଭିଯୁକ୍ତଙ୍କୁ ଗିରଫ ନେଇ ଥାନା ଘେରାଉ

କଣାସ,୧୮।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଗଡିଶାଗୋଦା ଥାନା ପରିସରଭୁକ୍ତ ବାଦୁରାବର ଗ୍ରାମରେ ଟ୍ରାକ୍ଟର ଓ ଅଟୋ ଧକ୍କାକୁ ନେଇ ସାମାନ୍ୟ ବଚସାରୁ ମାଡ଼ପିଟ ଲାଗି ୬ ଜଣ ଆହାତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଜାଗୁଲାଇପଦର ଗ୍ରାମର ଦେବରାଜ ବେହେରା ଗଡିଶାଗୋଦା ଥାନାରେ ଏତଲା ଦେବା ସହ ଜାଗୁଲାଇପଦର ଗ୍ରାମବାସୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଳମ୍ବିତ ରାତି ଯାଏ ଥାନା ଘେରାଉ କରିଥିଲେ। ଏନେଇ ପୋଲିସ ୨୫୪/୨୩ରେ ଏକ ମାମଲା ରୁଜୁ କରିବାରୁ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ଗଡିଶାଗୋଦା ଥାନା ଆଇଆଇସିଙ୍କ ବଦଳି ହୋଇଯାଇଥିବାରୁ ଏସ୍ଡିପିଓ ରବି ନାରାୟଣ ଭଞ୍ଜ ସୋମବାର ଘଟଣାସ୍ଥଳରେ ପହଁଚି ତଦନ୍ତ କରି ଫେରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ସୂଚନା ମୁତାବକ, ରବିବାର ଜାଗୁଲାଇପଦର ଗ୍ରାମର କେତେକ ମତ୍ସ୍ୟଜୀବୀ ଏକ ଅଟୋରେ ଭୁଦ୍ଦଣ୍ଡପୁର ଯାଉଥିଲେ। ବାଦୁରାବର ଗ୍ରାମର ଦୀପକ ପ୍ରଧାନଙ୍କ ଟ୍ରାକ୍ଟର ସେମାନଙ୍କ ଅଟୋ ସହ ଧକ୍କା ହେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗ୍ରାମର କିଛି ବ୍ୟକ୍ତି ଉକ୍ତ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ କିଛି ମତ୍ସ୍ୟଜୀବୀ ଆହାତ ହୋଇଥିଲେ।

### ମଦ ଚାଲାଣକାରୀ ଗିରଫ

ପିପିଲି,୧୮।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ପୋଲିସର ପାଟ୍ରୋଲିଂ ସମୟରେ ପୂର୍ବାଶାସନ କେନାଲ ବନ୍ଧରେ ଜଣେ ମଦ ଚାଲାଣକାରୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଡେଲାଙ୍ଗ କଣ୍ୟାଣପୁରର ବିଚିତ୍ରାନନ୍ଦ ପ୍ରଧାନ। ଏନେଇ ପୋଲିସ ୫୫୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଚିତ୍ରାନନ୍ଦଙ୍କଠାରୁ ପୋଲିସ ୬ ଲିଟର ମଦ ଜବତ କରିଛି।

# ୨୭ରେ ୫–ଟି ଅଧ୍ୟକ୍ଷଙ୍କ ଗୋପ ଗସ୍ତ



ଗୋପ,୧୮।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଆସନ୍ତା ୨୭ ତାରିଖରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୋପ ଗସ୍ତରେ ଆସିବେ। ଏନେଇ ସୋମବାର ସନ୍ଧ୍ୟାରେ ଗୋପ ବିଜେଡି କାର୍ଯ୍ୟାଳୟଠାରେ କେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ ବିଜେଡିର ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ବରିଷ୍ଠ ନେତା ସୁକାନ୍ତ ମହାନ୍ତି, ବଣିଆସାହି ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, ଗଣେଶ୍ୱରପୁର ପଞ୍ଚାୟତର ଯୁବ ନେତୃତ୍ୱ କରୁଣାକର ସାହୁ, ଉଭାର ସରପଞ୍ଚ ଜଗବନ୍ଧୁ ବରାଳ, ମନଦୀପ ପାଇକରାୟ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପାଣ୍ଡିଆନ ପୂର୍ବାହ୍ନ ୧୧ଟାରେ ଗୋପରେ ପହଞ୍ଚିବା ପରେ ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପଡ଼ିଆକୁ ଯିବେ। କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହେବେ। ପୂର୍ବରୁ ପାଣ୍ଡିଆନ ନିମାପଡ଼ା ଯାଇ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରି ସରକାରୀ ଯୋଜନାରେ ଅର୍ଥ ମଞ୍ଜୁର କରିଥଇଲେ। ଉନ୍ନୟନମୂଳକ କାର୍ଯ୍ୟ ଅଧିକାଂଶ ଶେଷ ହୋଇଥିବାବେଳେ ଆଉ କିଛି ଚାଲୁ ରହିଛି। ଗୋପ–ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଆଉ କେଉଁ ସମସ୍ୟା ରହିଛି ଓ ସରକାରୀ ଅର୍ଥ କିପରି ବିନିଯୋଗ ହୋଇଛି ସେ ସମ୍ପର୍କରେ ମଧ୍ୟ ସଂକ୍ଷିପ୍ତ ଆଲୋଚନା ହେବ। ବିଶେଷକରି ବିରୋଧୀ ଦଳ ୨୪ ନିର୍ବାଚନକୁ ନେଇ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଉଠୁଥିବାରୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପାଣ୍ଡିଆନ ଆସୁଥିବା ଜଣାପଡ଼ିଛି।

# ମୁଦୁଲି ସାହିରେ କୁମ୍ଭକାରଙ୍କ ଲକ୍ଷ୍ମୀ ନାରାୟଣ ପୂଜା

ଚାରିଛକ,(ଶିଶିର ସ୍ୱାଇଁ)/ନିମାପଡ଼(ରଞ୍ଜନ ପଟ୍ଟନାୟକ),୧୮।୧୨

ଚାରିଛକ ନୟାହାଟ ଅଞ୍ଚଳର ମୁଦୁଲି ସାହିରେ କୁମ୍ଭକାର ପରିବାର କୁରାଳ ପଞ୍ଚମୀ ପର୍ବ ପାଳନ କରୁଛନ୍ତି। ସେମାନେ ନୂଆବସ୍ତ୍ର ଧାରଣ କରି ଚକ୍ର, ଭାଟି ସହିତ ଲକ୍ଷ୍ମୀ ନାରାୟଣଙ୍କ ପୂଜାରେ ମଗ୍ନ ଅଛନ୍ତି। ଏହି ପର୍ବ ୫ ଦିନ ଧରି ଚାଲିବ। ନିମାପଡ଼ା ନାରୀନେତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରିବା ସହ ଗ୍ରାମର ଲୋକଙ୍କ ସମସ୍ୟା ବୁଲି ବୁଝିଥିଲେ। ତାଙ୍କ ସହିତ ଚାରିଛକମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ଜ୍ୟୋତିରଞ୍ଜନ ପାତ୍ର ଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରିଥିଲେ। ନୀତିନିୟମ ଅନୁସାରେ, ସକାଳୁ ମାଟି ଗଢ଼ା ସଜ ବସାଇ କଳସ ରଖି ବିଭିନ୍ନ ପ୍ରକାର ଫୁଲରେ ସଜାଇ ପୂଜା କରୁଛନ୍ତି। ଘଣ୍ଟ ପଖୋଜ ବଜାଇ ନାମ କୀର୍ତ୍ତନ କରି ସ୍ୱତନ୍ତ୍ର ପ୍ରସେଶନରେ ଗ୍ରାମ କୋଠ ପୋଖରୀରୁ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ଗ୍ରାମର ସର୍ବେଶ୍ୱର ମୁଦୁଲି ବସିଥିଲେ। ଗ୍ରାମର ଗୁଣନିଧି ମୁଦୁଲି, ସୁରେନ୍ଦ୍ର ମୁଦୁଲି, ମହାଦେବ ମୁଦୁଲି, ମନୋଜ ମୁଦୁଲି, ଗୋବିନ୍ଦ ମୁଦୁଲି, ଅଜୟ ମୁଦୁଲି, ମୂର୍ତ୍ତି କାରିଗର ଶିଳ୍ପୀ ସୁକାନ୍ତ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ପୁରୋହିତ ଭାବେ ପ୍ରମୋଦ ମିଶ୍ର ପୂଜା କର୍ମ କରିଥିଲେ। ପୂଜାର ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀ କହିଥିଲେ।

ବଡ଼ବଜାର ମୁଦୁଲିସାହି ଭଗବତୀ ଯୁବକ ସଂଘ ପକ୍ଷରୁ ମାର୍ଗଶିର ପଞ୍ଚମୀ ତିଥି ରବିବାରଠାରୁ କୁମ୍ଭକାରଙ୍କ ବଡ଼ପର୍ବ କୁରାଳ ପଞ୍ଚମୀ ଓଡଣ ଷଷ୍ଠୀ ପୂଜା ଆରମ୍ଭ ହୋଇଛି। କୁମ୍ଭକାର ପରିବାର ଏହି ପର୍ବ ସମୟରେ କାର୍ଯ୍ୟରୁ ନିବୃତ୍ତ ରହିବେ। କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ନୂତନ ବସ୍ତ୍ର ପରିଧାନ କରିବା ସହ ବ୍ୟବହାର କରୁଥିବା ସାମଗ୍ରୀ ଚକ୍ର, ହାଣ୍ଡିଗଡା ସରଞ୍ଜାମ ପିଣ୍ଡପାଟଣାକୁ ଶାଳ ଘରେ ଇଷ୍ଟଦେବଙ୍କ ନିକଟରେ ପୂଜା କରିଛନ୍ତି। ଏହି ୫ ଦିନ ଧରି ସଞ୍ଜୁଡି ଭୋଗ କରାଯାଏ। ଏହି ଅବସରରେ ଲକ୍ଷ୍ମୀନାରାୟଣଙ୍କ ମାଟି ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି ବୋଲି ବଡ଼ବଜାର ମୁଦୁଲି ସାହି ଭଗବତୀ ଯୁବକ ସଂଘ ସଭାପତି ଗଣେଶ ଚନ୍ଦ୍ର ମୁଦୁଲି ପ୍ରକାଶ କରିଛନ୍ତି।



# ଦୁର୍ଘଟଣା ପରେ ଦାଉସାଧୁଛି ପୋଲିସ ପ୍ରଶାସନ

ନିମାପଡା,୧୮।୧୨ (ରଞ୍ଜନ ପଟ୍ଟନାୟକ)

ଗତ ୧୨ ତାରିଖରେ ନିମାପଡ଼ା କୁଶଭଦ୍ରା ନଦୀ ବ୍ରିଜି ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣେ ଯୁବକ ମୃତ୍ୟୁ ବରଣ କରିବା ଘଟଣାକୁ ନେଇ ପ୍ରଶାସନର ପାରିବା ପଣିଆକୁ ନେଇ ସ୍ରଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହି ଘଟଣା ପାଇଁ ସାଧରଣରେ ଉଠା ପରିବା ବେସାୟୀଙ୍କୁ ଦାୟି କରାଯାଇଥିଲା । ପୌରପ୍ରଶାସନ ହଜାର ହଜାର ଟଙ୍କା ଟିକସ ଆଦାୟ କରୁଥିଲେ ମଧ୍ୟ ଉଠା ଦୋକାନୀଙ୍କ ଥଇଥାନ ନିମନ୍ତେ ପଦେକ୍ଷେପ ନେଉନାହିଁ। ଫଳରେ ଟ୍ରାଫିକ ସମସ୍ୟା ଉତ୍କଟ ହୋଇପଡୁଛି। ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ମାନ ଘଟିଚାଲିଛି । ୧୨ ତାରିଖ ଦୁର୍ଘଟଣା ପରେ ସାଧାରଣରେ ସମାଲୋଚନା ଶିକାର ହୋଇଥିଲା ପୋଲିସ । ପୁଲିସ ପ୍ରଶାସନର ନିଦ ହଜିଯାଇଥିଲା। ପର୍ଯ୍ୟଟକ ଏବଂ ସାଧାରଣ ନାଗରିଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପୁଲିସ ଓ ପୌରପ୍ରଶାସନ ଏବେ ଆକ୍ସନ ମୁଡ଼ରେ । ଦୁଟଘାଟଣା ପରେ ମୁଖ୍ୟରାସ୍ତାର ଉପରେ ରହିଥିବା ଅସ୍ଥାୟୀ ତୋରଣକୁ ହଟାଇ ଦିଆଯାଇଛି । ଉଠା ପରିବା ବେସାୟୀଙ୍କ ଉପରେ ଦାଉ ସାଧିଛି ପ୍ରଶାସନ। ନିମାପଡା – କୋଣାର୍କ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଗୁଜୁରାଣ ମେଣ୍ଟାଇବା ପାଇଁ ପସରା ଖୋଲି ବେସାୟ କରୁଥିବା ଉଠା ପରିବା ବେସାୟୀଙ୍କୁ ନଦୀ ବନ୍ଧକୁ ସ୍ଥାନାନ୍ତରିତ କରିଛି । ନଦୀ ବନ୍ଧ ଦେଇ ଦୈନିକ ଶହଶହ ଟ୍ରାକ୍ଟର ଯାତାୟତ କରିଥାଏ । ଗମନାଗମନରେ ଅସୁବିଧା ହେବାରୁ ସେମାନେ ଏବେ ବେସାୟୀଙ୍କ ଉପରେ ଜୁଲମ କରୁଛନ୍ତି । ତୁରନ୍ତ ସ୍ଥାୟୀ ସମାଧାନ ଦାବିରେ ଆଜି ସକାଳ ୧୦ ଘଟିକା ସମୟରେ ବେସାୟିମାନେ ନିମାପଡା ଏନ ଏ ସି କାର୍ଯ୍ୟାଳକୁ ଘେରାଉ କରିଥିଲେ । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ବେସାୟୀ ପବିତ୍ର ମୋହନ ସାହୁ, କୈଳାଶ ବେହେରା,ଗୋପାଳ ସାହୁ କହିଛନ୍ତି । ଏବେ ନିମାପଡ଼ା ମୁଖ୍ୟ ରାସ୍ତା ପ୍ରଶସ୍ତି କରଣ ଚାଲୁଛି । ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି। ୨ମାସ ପରେ ଥଇଥାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିର୍ବାହୀଅଧିକାରୀ ସରୋଜ ଶତପଥି ମତପ୍ରକାଶ କରିଛନ୍ତି ।



ଏନଏସି କାର୍ଯ୍ୟାଳୟ ଘେରାଉ କରିଛନ୍ତି ପରିବା ବ୍ୟବସାୟୀ ।

# ଭୁଆଶୁଣୀକୁ ଭୁଲିଗଲେ

ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

**ପ୍ରକ୍ରିୟାକରଣ କେବେ**

■ ସ୍ଥାନୀୟ ବାସିନ୍ଦାଙ୍କ ଦୁଃଖ ବଢ଼ାଇଛି ଆବର୍ଜନା ଗଦା

■ ଚାରିଆଡ଼େ ପଡ଼ିରହିଛି ଗୋରୁ, ଅନ୍ୟ ପ୍ରାଣୀଙ୍କ କଙ୍କାଳ

ଦୀର୍ଘ ୧୫ ବର୍ଷର ସଂଘର୍ଷ ପରେ ଦାରୁଠେଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭୁଆଶୁଣୀ ଡମ୍ପିଂୟାର୍ଡରେ ଅଳିଆ ପକା ବନ୍ଦ ହେବା ସହ ସ୍ଥାନୀୟ ବାସିନ୍ଦାଙ୍କର ବିଜୟ ହୋଇଥିଲା। ଏଥିପାଇଁ କାରାଗାର ଆନ୍ଦୋଳନ ସହିତ କୋର୍ଟ କଚେରି ଏବଂ ଶେଷରେ ଏନ୍‌ଜିଟିର ମଧ୍ୟ ଆଶ୍ରୟ ନିଆଯାଇଥିଲା। ତେବେ ସ୍ଥାନୀୟବାସିନ୍ଦାଙ୍କ ତୀବ୍ର ବିରୋଧ ପରେ ଗତ ମେ' ମାସରୁ ବିଏମ୍‌ସି ସେଠାରେ ଆବର୍ଜନା ପକାଇବା ବନ୍ଦ କରିଛି ସତ, ମାତ୍ର ସ୍ଥାନୀୟ ବାସିନ୍ଦାଙ୍କୁ ଦୁଃଖ କିନ୍ତୁ ସରିନାହିଁ। କାରଣ ଏବେବି ଅଳିଆ ପାହାଡ଼ ସେମିତି ଖୋଲାରେ ଗଦା ହୋଇଛି। ଅନେକ ଜୀବଜନ୍ତୁ ବିଶେଷକରି ଗାଈଗୋରୁ, କୁକୁର ଖାଦ୍ୟ ଅନ୍ୱେଷଣରେ ଆସି ଏଠାରେ ଆବର୍ଜନାକୁ ଖ୍ୱାନ୍‌ଭିନ୍ କରୁଛନ୍ତି। ଫଳରେ ଡମ୍ପିଂୟାର୍ଡ ଦେଇ ଗ୍ରାମକୁ ଯାଇଥିବା ରାସ୍ତା କଡ଼ରେ ଆବର୍ଜନା ପଡ଼ିରହୁଛି। ଏହାବାଦ୍ ବର୍ଷ ବର୍ଷ ଧରି ପଡି ରହିଥିବା ଏହି ଆବର୍ଜନା ଏବଂ ଏଠାରେ ପଡିଥିବା ପଲିଥିନ୍ ଖାଇ ମରୁଛନ୍ତି। ସ୍ଥିତି ଏପରି ଯେ, କୁଢ଼ କୁଢ଼ ଗାଈଗୋରୁଙ୍କ ଶବ ହାଡ଼ କଙ୍କାଳ ସେଠାରେ ଗଦା ହୋଇଛି। ପାଚେରି ଭୁଷୁଡ଼ି ପଡ଼ି ନିକଟରେ ଥିବା ଜଳାଶୟରେ ଆବର୍ଜନା ପଡୁଛି। ସେହି ଜଳାଶୟର ପାଣି ନନ୍ଦନକାନନ କାଞ୍ଜିଆ ହ୍ରଦ ସହିତ ସଂଲଗ୍ନ ଥିବାରୁ ଅନେକ ଜୀବଜନ୍ତୁ ଏହି ଅପରିଷ୍କାର ପାଣି ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି। ସେହିପରି ଆବର୍ଜନା ଗନ୍ଧ ଏବେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସମସ୍ୟା ପାଲଟିଛି। ମାତ୍ର ପ୍ରତିଶ୍ରୁତି ଅନୁଯାୟୀ ଭୁଆଶୁଣୀରେ ଆବର୍ଜନା ପକାଇବା ବନ୍ଦ କରି ବିଏମ୍‌ସି ବାହାସ୍ଫୋଟ ମାରୁଛି। ଏଠାରେ ବାୟୋ ମାଇନିଂ ସ୍ଥାପନ କରାଯାଉଥିବାବେଳେ ଗଦା ହୋଇ ରହିଥିବା ଟନ୍ ଟନ୍ ଆବର୍ଜନାର କିପରି ପ୍ରକ୍ରିୟାକରଣ କରାଯିବ ସେ କଥା ବିଏମ୍‌ସି କର୍ତ୍ତୃପକ୍ଷ ଭୁଲି ଯାଇଛନ୍ତି। ଫଳରେ ଏବେ ବି କୁଢ଼ କୁଢ଼ ଆବର୍ଜନାର ପାହାଡ଼ ଭିତରେ ଦାରୁଠେଙ୍ଗ ଏବଂ ଆଖପାଖ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି।



ଭୁଆଶୁଣୀ ଡମ୍ପିଂୟାର୍ଡ ନିକଟରେ ମରିପଡିଥିବା ଏକ ଗୋରୁ।



ବନ୍ଦ ରହିଥିବା ଭୁଆଶୁଣୀ ଡମ୍ପିଂୟାର୍ଡ ଆବର୍ଜନା ଓ ପଚା ପାଣି ରାସ୍ତାରେ ମାଡ଼ିଛି।

### ବର୍ଷେ ହେବ ଶୁଣୁଛୁ, ମାତ୍ର କାମ ହେଉନି



"ସରକାର ପୂରା ସ୍ଥାଣୁ ପାଲଟି ଯାଇଛନ୍ତି। ଏଠାରୁ ଅଳିଆ ଉଠିବ ବୋଲି ବର୍ଷେ ହେବ ଆମେ ଶୁଣୁଛୁ ମାତ୍ର କିଛି ବି କାମ ହେଉନି। ପୂରା ପରିବେଶ ଖରାପ ହେଇଗଲାଣି। ଆବର୍ଜନାରେ ଦୁର୍ଗନ୍ଧ ହଟାଇବା ପାଇଁ କେମିକାଲ ସ୍ପ୍ରେ ମଧ୍ୟ କରାଯାଉନାହିଁ। ଗାଁରେ, ଘରେ ଘରେ କାଶ ଚର୍ମରୋଗ ବ୍ୟାପିଗଲାଣି। ଏଠାରେ ପ୍ଲାଣ୍ଟ ବସିବ, ଆଉ ଆବର୍ଜନା ହଟିବ ସେ ବିଶ୍ୱାସ ମନରୁ ଧୀରେଧୀରେ ଲିଭିଯାଉଛି। ତେଣୁ ଗ୍ରାମବାସୀ ପୁନର୍ବାର କୋର୍ଟକୁ ଜଣାଇବା ସହ ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥିର କରିଛୁ।

**ପ୍ରଶାନ୍ତ ରାଉତରାୟ,**
**ପୂର୍ବତନ ସରପଞ୍ଚ, ଦାରୁଠେଙ୍ଗ**

### ଜଳାଶୟ ସଂକ୍ରମିତ, ଯାଉଛି ଜୀବନ

"ଚିଡିଆଖାନାରେ କାଞ୍ଜିଆହ୍ରଦା ପାଣି ବ୍ୟବହାର କରି ୧୫ ବର୍ଷରେ ୪୦ପ୍ରତିଶତ ଜୀବଜନ୍ତୁ ଅଜଣା ରୋଗରେ ମରିଗଲେଣି। ବର୍ଷ ବର୍ଷ ଧରି ଆବର୍ଜନା ପଡ଼ିରହିବାରୁ ଜଳସ୍ତରକୁ ଦୂଷିତ କରିସାରିଲାଣି। ସବୁଜ ବଳୟ ଭିତରେ ଥିବା ଏହି ପରିବେଶକୁ ବିଏମ୍‌ସି ଆବର୍ଜନା ଦ୍ୱାରା ଧ୍ୱଂସ କରିଛି। ଖରାଦିନେ ଏଠାରେ ନିଆଁ ଲଗାଯାଉଥିବାରୁ ସ୍ଥାନୀୟ ବାସିନ୍ଦା ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ୧୫ ବର୍ଷ ହେଲା ଦୁର୍ଗନ୍ଧରେ ଆମେ ଜୀବନ ଅତିବାହିତ କରୁଥିଲେ ବିଏମ୍‌ସି କି ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁନି।



**ସଚିନ୍ ମହାପାତ୍ର,**
**ଦାରୁଠେଙ୍ଗବାସୀ ତଥା ସାମାଜିକକର୍ମୀ**

### ସ୍ଥାନୀୟ ଅଞ୍ଚଳରେ ରୋଗ ବ୍ୟାପୁଛି

"ଆବର୍ଜନା ପକା ବନ୍ଦ ହୋଇଥିଲେ ବି କିଛି ଫାଇଦା ନାହିଁ। ଆବର୍ଜନା ପାଇଁ ଜଳସ୍ତର ଦୂଷିତ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ରୋଗ ସଂକ୍ରମଣ ହେଉଛି। ଦୂଷିତ ଜଳ ପିଇ ଗାଁରେ ଅନେକ ଲୋକ ରୋଗାକ୍ରାନ୍ତ ହେବା ସହ ମୃତ୍ୟୁବରଣ କରିଛନ୍ତି। ମଶା, ମାଛି ଘରେ ବସାଇ ଦେଉନାହାନ୍ତି। ବିଏମ୍‌ସି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ



**ରାକେଶ ପଟ୍ଟନାୟକ,**
**ଦାରୁଠେଙ୍ଗ ବାସିନ୍ଦା**

### ଏବେ କାମ ଆରମ୍ଭ ହେଉଛି

"ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆବର୍ଜନା ପକାଇବା ବନ୍ଦ ରହିଛି। ମାତ୍ର ଯେଉଁ ଅନୁପାତରେ ଆବର୍ଜନା ପ୍ରକ୍ରିୟାକରଣ ହେବା କଥା ତାହା ଆରମ୍ଭ ହୋଇନାହିଁ। ଧୀରେ ଧୀରେ ଏବେ କାମ ଆରମ୍ଭ ହେଉଛି। ତେବେ ଆବର୍ଜନା ପାଇଁ ଗ୍ରାମବାସୀ ବହୁ ହଇରାଣ ହେଉଛନ୍ତି।



**ତପନ ଚକ୍ରବର୍ତ୍ତୀ,**
**ସରପଞ୍ଚ, ଦାରୁଠେଙ୍ଗବାସୀ**

# ଆଜିଠାରୁ ୨୦ ୱାର୍ଡରୁ ଉଠିବନି ଅଳିଆ

ଭୁବନେଶ୍ୱର,୧୮।୧୨(ବନ୍ଦନା ସେଠୀ)

**ସଫେଇ ସଂସ୍ଥା**
**ଆୱାରଲ୍ୟାଣ୍ଡର ମନମୁଖି କାର୍ଯ୍ୟକଳାପକୁ ବିରୋଧ**

ସଫେଇ ସଂସ୍ଥା ଆୱାରଲ୍ୟାଣ୍ଡର ମନମୁଖି କାର୍ଯ୍ୟକଳାପକୁ ବିରୋଧ କରି ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସଫେଇ କର୍ମଚାରୀ। ଫଳରେ ସହରର ୨୦ଟି ୱାର୍ଡରୁ ଅଳିଆ ଉଠା ହୋଇପାରିନାହିଁ। ସମ୍ପୃକ୍ତ ସଂସ୍ଥା ଅଧୀନରେ ୱାର୍ଡ ନଂ. ୨୭, ୨୮, ୨୯, ୩୦, ୩୪, ୩୫, ୩୬, ୪୧, ୪୬, ୫୨, ୫୩ ଭଳି ମୋଟ୍ ୨୦ଟି ୱାର୍ଡ ରହିଥିବାବେଳେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଅନ୍ୟ ସଫେଇ ସଂସ୍ଥାଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ବିଭିନ୍ନ ସୁବିଧା ଯଥା ପିପିଇ କିଟ୍, ଡ୍ରେସ୍, ଇପିଏଫ୍, ଇଏସ୍‌ଆଇ ଦେଉଛନ୍ତି ମାତ୍ର ଆୱାରଲ୍ୟାଣ୍ଡ ତାହା ପ୍ରଦାନ କରୁନାହିଁ। ଏପରିକି ଗତ ଅଗଷ୍ଟ ମାସରୁ ଇପିଏଫ୍ କଟୁନାହିଁ କି ଅପ୍‌ଡେଟ୍ ହେଉନାହିଁ। ଏନେଇ ବାରମ୍ବାର ସଂସ୍ଥାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କିଛି ଫଳ ହେଉନାହିଁ। ତେଣୁ ବାଧହୋଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ରହିବ ବୋଲି ଭୁବନେଶ୍ୱର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ମଜଦୁର ସଂଘ ଉପସଭାପତି ସୁଶାନ୍ତ ଦଳେଇ ସୂଚନା ଦେଇଛନ୍ତି। ସେହିପରି ସମ୍ପୃକ୍ତ ସଂସ୍ଥା ୫୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଚାକିରୀରୁ ବାହାର କରିଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଅପରପକ୍ଷେ ମହିଳା ସଫେଇ କର୍ମୀମାନେ ସାଙ୍ଗରେ ବ୍ୟାଗ୍ ନେବେ। ସଫେଇ କରି ତୁରନ୍ତ ଆବର୍ଜନାକୁ ସେହି ବ୍ୟାଗ୍‌ରେ ରଖିବାକୁ ବାଧ କରାଯାଉଛି। ଯାହାକି କର୍ମଚାରୀଙ୍କ ପାଇଁ ସମ୍ଭବ ହେଉନାହିଁ। ଅନ୍ୟ ସଂସ୍ଥାମାନେ ସେଭଳି କିଛି କରୁ ନ ଥିବାବେଳେ ଆୱାରଲ୍ୟାଣ୍ଡ କାହିଁକି କର୍ମଚାରୀଙ୍କୁ ହଇରାଣ କରୁଛି ବୋଲି ସଂଘର ସଭାପତି ସହଦେବ ନାୟକ ପ୍ରଶ୍ନ କରିଛନ୍ତି। ତେବେ ସଫେଇ ସଂସ୍ଥା, କର୍ମଚାରୀ ଏବଂ ବିଏମ୍‌ସି ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବାରମ୍ବାର ଏଭଳି ଆନ୍ଦୋଳନ, ବିରୋଧ ହେଉଥିବା ମତ ପ୍ରକାଶ ପାଇଛି।



ସାଂସ୍କୃତିକୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ସୋମବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଓଡ଼ିଶୀ ମହୋତ୍ସବରେ ଜଣେ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଜାନୁୟାରୀ ପହିଲାରୁ 'ମୋ ଓଡ଼ିଶା ପାଲା ପ୍ରତିଯୋଗିତା'

ଭୁବନେଶ୍ୱର,୧୮।୧୨(ଅନୁରାଧା ମହାରଣା)

ଜାନୁୟାରୀ ପ୍ରଥମ ସପ୍ତାହରେ 'ମୋ ଓଡ଼ିଶା ପାଲା ପ୍ରତିଯୋଗିତା' ଅନୁଷ୍ଠିତ ହେବ। ନ୍ୟାଶନାଲ ଅନରାରୀ ଆୱାର୍ଡସ୍ କାଉନସିଲ ଅଧୀନସ୍ଥ ରାଜ୍ୟ ସିଲେକ୍ସନ୍ ବୋର୍ଡ ପକ୍ଷରୁ ସୋମବାର ସ୍ଥାନୀୟ ବୁଦ୍ଧମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜାନୁୟାରୀ ଶେଷସୁଦ୍ଧା ପ୍ରତିଯୋଗିତା ଶେଷକରି ଦକ୍ଷତା ଅନୁସାରେ ବିଜୟୀ ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଗାୟକ ସମ୍ରାଟ, ଗାୟକ ରତ୍ନ ଓ ଗାୟକ ଶିରୋମଣି ଉପାଧିରେ ସମ୍ମାନିତ କରାଯିବା ସହ ଇଣ୍ଡିଆନ ଟ୍ୟାଲେଣ୍ଟ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବାକୁ ଆଶା ରଖିଛି ବୋର୍ଡ। ଏଥିପାଇଁ ଇଚ୍ଛୁକ ଗାୟକ ମଙ୍ଗଳବାରଠାରୁ ଉଭୟ ଅନଲାଇନ୍ ଓ ଅଫଲାଇନରେ ଆବେଦନ କରିପାରିବେ। ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ଚାଲିବ। ଦିନକୁ ଦିନ ଅନାଦୃତ ହୋଇପଡୁଥିବା ପାରମ୍ପରିକ ପାଲାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ବୋର୍ଡ ଅଧ୍ୟକ୍ଷ ମନୋରଞ୍ଜନ ସାହୁ ଓ ସମ୍ପାଦକ ଜୟକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ସରକାରୀ ପ୍ରୋତ୍ସାହନ ତଥା ନିୟମିତ ଅନୁଦାନ ପାଇଁ ସମସ୍ତ ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବୋର୍ଡ ଉପଦେଷ୍ଟା ସିଦ୍ଧାନ୍ତଦର୍ଶୀ ମଦନ ମୋହନ ଜେନା, ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଓ ପ୍ରଫେସର କୁମରବର ଦାଶ, ଗାୟକ ବସନ୍ତ ରାଉତ, ଗାୟକ ସୁଦର୍ଶନ ମହାପାତ୍ର, ଗାୟକ ଯୁଧିଷ୍ଠିର ପରିଡ଼ା, ଗାୟକ ଲକ୍ଷ୍ମୀଧର ଦାଶ ପ୍ରମୁଖ ଯୋଗ ଦେଇଥିଲେ।



ମୁକ୍ତି ନାଟ୍ୟ ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସୋମବାର ପରିବେଷିତ ନାଟକ 'ପୂର୍ଣ୍ଣ ପୁରୁଷ'ର ଏକ ଦୃଶ୍ୟ।

# ସହରବାସୀଙ୍କ ସହଯୋଗ ଲୋଡ଼ିଲେ ମେୟର

ଭୁବନେଶ୍ୱର,୧୮।୧୨ (ବନ୍ଦନା ସେଠୀ)

**ଟିଟିଏସ୍ ସମସ୍ୟା**

**ଆବର୍ଜନାକୁ ନେଇ ରାଜନୀତି ନ କରିବାକୁ ଅପିଲ୍**



ଗାଡ଼କଣସ୍ଥିତ ଅଳିଆଗଦା (ଟିଟିଏସ୍)ରୁ ବାହାରୁଥିବା ଦୁର୍ଗନ୍ଧକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ ଲୋକଙ୍କ ସହଯୋଗ ଲୋଡିଛନ୍ତି ମେୟର ସୁଲୋଚନା ଦାସ। ଗୋଟେ ପଟେ ଜିଲା ଭାଜପା ଏହାକୁ ମୁଦ୍ଦା କରି ୨୨ଦିନ ହେବ ସତ୍ୟାଗ୍ରହ ଜାରି ରଖିଥିବାବେଳେ ମେୟର ଏହାକୁ କଟାକ୍ଷ କରିଛନ୍ତି। ଲୋକଙ୍କ ପାଖକୁ ଆସିବା ପାଇଁ ଭାଜପା ପାଖରେ କୌଣସି ମୁଦ୍ଦା ନ ଥିବାରୁ ଟିଟିଏସକୁ ମୁଦ୍ଦା କରିଛି ବୋଲି ସେ କହିଛନ୍ତି। ଏଥିସହ ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ମଧ୍ୟ ଟାର୍ଗେଟ କରି ଭାଜପାକୁ କଟାକ୍ଷ କରିଛନ୍ତି। ଅପରାଜିତା ପୂର୍ବରୁ ଭୁବନେଶ୍ୱର କମିଶନର ଥିଲେ, ଏବଂ ତାଙ୍କର କିଛି ନେତା କର୍ପୋରେଟର ଥିଲେ। ଯେଉଁମାନେ ସହରର ଅଳିଆ ସମସ୍ୟା ସହ ଭଲଭାବେ ଅବଗତ ଅଛନ୍ତି। ତାଙ୍କ ସମୟରେ ଖାଲି ଅଳିଆ ପକାଯାଉଥିଲା ମାତ୍ର ଏହାର ପ୍ରକ୍ରିୟାକରଣ କରି ଲୋକଙ୍କ ହିତରେ ଲଗାଯାଉ ନ ଥିଲା, ଯାହା ଆମେ କରୁଛୁ ଆଉ ଏଥିପାଇଁ ସମୟ ଲାଗିବ। ତେଣୁ ସଂସଦୀୟ କ୍ଷେତ୍ରରେ ଏମ୍‌ପି ଓ ଭାଜପା କର୍ମକର୍ତ୍ତା ସବୁ ଜାଣି ମଧ୍ୟ ଏହାକୁ ନେଇ ରାଜନୀତି କରିବା ଆଦୌ ଗ୍ରହଣୀୟ ନୁହେଁ। ଭାଜପା ଏଭଳି ଭିତ୍ତିହୀନ ମୁଦ୍ଦାକୁ ନେଇ ରାଜନୀତି ନ କରି ସତ୍ୟାଗ୍ରହରୁ ହଟିବା ପାଇଁ ସେ ଅନୁରୋଧ କରିଛନ୍ତି। ବିଏମସି ଅଞ୍ଚଳରେ ପ୍ରତିଦିନ ୧ହଜାର ମେଟ୍ରିକ ଟନ୍ ଅଳିଆ ବାହାରୁଥିବାରୁ ଏ ଅଳିଆକୁ ନେଇ ବିଏମସି କୁଆଡେ ଯିବ ବୋଲି ମେୟର ପ୍ରଶ୍ନ କରିଛନ୍ତି। ଦାରୁଠେଙ୍ଗରେ ଏନଜିଟିର ନିଷ୍ପତ୍ତି ପରେ ଅଳିଆ ପକା ବନ୍ଦ ହେବାପରେ ଟିଟିଏସରେ ମାତ୍ରାଧିକ ଅଳିଆ ଗଦା ହୋଇଯାଇଛି। ଏବେ ୩ଟି ସିଫ୍ଟରେ ଟେରେକ୍ସ ଏବଂ ଟର୍ମେଲ ମେସିନ ଚଳାଇ କାମ କରାଯାଉଛି। ପ୍ରାୟ ୨ମାସରେ କାମ ଶେଷ ହେବାପରେ ସେଠାରେ ଆଉ ଅଳିଆ ପକାଯିବ ନାହିଁ। ଆବଶ୍ୟକ ପଡିଲେ ଟିଟିଏସ୍ ଥିବା ଖାଲୁଆ ସ୍ଥାନକୁ ଭର୍ତ୍ତି କରାଯିବ କିମ୍ବା କୃଷି କ୍ଷେତ୍ରରେ ଲାଗିବ। ଏବେ ଟିଟିଏସରୁ ୱେଷ୍ଟ ପ୍ଲାଷ୍ଟିକ ଓ କପଡା ପ୍ରତିଦିନ ୫ଟି ଗାଡିରେ ରାଜଗାଙ୍ଗପୁର ସିମେଣ୍ଟ ଫ୍ୟାକ୍ଟ୍ରିକୁ ଯାଉଛି। ପ୍ରକ୍ରିୟାକରଣ ପାଇଁ ଗନ୍ଧ ହେଉଛି ଏବଂ ଏଥିପାଇଁ କେମିକାଲ ପକା ଯାଉଛି। ଏଥିପ୍ରତି ଭୟ ନ କରି ବିଏମ୍‌ସିକୁ ବର୍ଜ୍ୟ ପ୍ରକ୍ରିୟାକରଣରେ ସହରବାସୀ ସହଯୋଗ କରିବାକୁ ମେୟର ଅପିଲ କରିଛନ୍ତି।

# ମିସେସ୍ ଏସିଆ ୱାର୍ଲ୍ଡ ହେଲେ ରାୟଗଡ଼ା ଝିଅ



ରାୟଗଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅ ବିୟୁଟି କଣ୍ଟେଷ୍ଟରେ ଭାଗନେଇ ମିସେସ୍ ଏସିଆ ୱାର୍ଲ୍ଡ ଆୱାର୍ଡ଼ ଗ୍ରହଣ କରିଥିଲେ। ସେ ହେଲେ କଲ୍ୟାଣସିଂପୁରର ସନ୍ଧ୍ୟା ଦଳାଇ। ଗତ ଅକ୍ଟୋବରରେ ଥାଇଲାଣ୍ଡରେ ଆୟୋଜିତ ବିୟୁଟି କଣ୍ଟେଷ୍ଟରେ ଭାଗ ନେଇଥିବା ବିଭିନ୍ନ ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ସନ୍ଧ୍ୟା ମିସେସ୍ ଏସିଆ ୱାର୍ଲ୍ଡ ମୁକୁଟ ପିନ୍ଧିଥିଲେ। ସନ୍ଧ୍ୟା ଗଞ୍ଜାମ ଜିଲାରେ ବିବାହ କରିଛନ୍ତି। ସେ ବନାରସ ବୁଲି ଯାଇଥିବା ବେଳେ ସେଠାରେ କେତେକଙ୍କ ସହ ଆଲୋଚନା ସମୟରେ ବିୟୁଟି କଣ୍ଟେଷ୍ଟରେ ଭାଗ ନେବା ପାଇଁ ଅନୁପ୍ରାଣିତ ହୋଇଥିଲେ। ମିସ୍ ଇଣ୍ଡିଆ ଫର ଏଭର୍ ଷ୍ଟାର ଇଣ୍ଡିଆ ଏବଂ ୨୦୨୧ରେ ବ୍ଲିସ୍‌ଫୁଲ ଇଣ୍ଡିଆ ବେଷ୍ଟ ମଡ଼େଲରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨୦୨୨ ପୋଷ୍ଟାଲ ଷ୍ଟାମ୍ପରେ ତାଙ୍କର ଫଟୋ ସ୍ଥାନ ପାଇଥିଲା।

ଦିନ କେଇଟା ପରେ ବିଦାୟ ନେବ ୨୦୨୩। ବିଦାୟୀ ବର୍ଷର କେତେକ ଚର୍ଚ୍ଚିତ ଘଟଣା ଏବେବି ଜନମାନସରୁ ଲିଭି ନାହିଁ। ସେ ମାଓବାଦୀଙ୍କ ବର୍ବର କାଣ୍ଡ ହେଉ କିମ୍ବା ମାଲକାନଗିରି ହନ୍ତାଳଗୁଡା ଘାଟିରେ ଟିପ୍ପର ଦୁର୍ଘଟଣାରେ ୬ଜଣଙ୍କ ପ୍ରାଣ ହାନି ହେଉ। ସେହିପରି ମୋନିକା ସମାଦ୍ଦାର ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା କିମ୍ବା ବହୁଚର୍ଚ୍ଚିତ ପୁଷ୍ପା-୨ ଚଳଚ୍ଚିତ୍ର ପଲୁରୁରେ ଶୁଟିଂ ହେଉ। ନନ୍ଦପୁରରେ ଆନ୍ଧ୍ରର ଅନୁପ୍ରବେଶ କିମ୍ବା ଜୟପୁର ଶେଷରାଣୀଙ୍କ ପରଲୋକ, ନବରଙ୍ଗପୁର ରାଇଘରରେ ପ୍ରେମିକାଙ୍କୁ ୩୧ ଖଣ୍ଡ, ରାୟଗଡାରେ କଲଭର୍ଟ ଭୁଶୁଡି ୫ ମୃତ ଓ ମିସେସ୍ ଏସିଆ ଆଦି ବହୁ ଘଟଣା ବହୁଳ ଥିଲା ଦକ୍ଷିଣ ଓଡ଼ିଶାର ୪ ଜିଲା। କେତେକ ସ୍ମୃତି ଓ ଅନୁଭୂତିକୁ ନେଇ ଏ ପ୍ରତିବେଦନ।

# ଟଲିଉଡ୍‌ରେ ମୋନିକା

ମାଲକାନଗିରିର ଯୁବତୀ ନିଜର ଆତ୍ମବିଶ୍ୱାସ ଓ ପ୍ରତିଭା ଯୋଗୁ ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା ଭାବେ ଟଲିଉଡ୍‌ରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ସେ ହେଲେ କାଲିମେଳା ବ୍ଲକ ଏମ୍‌ଭି ୭୫ ଗ୍ରାମର ମୋନିକା ସମାଦ୍ଦାର। ମୋନିକା ଏକ ଘରୋଇ କଲେଜରେ +୨ ପାଠ ଶେଷ କରି ବଡ଼ଭାଇଙ୍କ ସହ ହାଇଦ୍ରାବାଦରେ ରହି ନୃତ୍ୟ ଶିକ୍ଷା କରୁଥିଲେ। ସେଠାରେ ନୃତ୍ୟ ଶିକ୍ଷା କରିବା ପରେ କେତେକ ଛୋଟ ଛୋଟ ସିରିଏଲରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ତାଙ୍କୁ ଏକ ତେଲୁଗୁ ଚଳଚ୍ଚିତ୍ରରେ ନାୟିକା ହେବା ପାଇଁ ସୁଯୋଗ ମିଳିଛି। ମୋନିକା ଶ୍ରୀନିବାସ କ୍ରିଏସନ୍ ଦ୍ୱାରା ନିର୍ମିତ ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା ଭୂମିକାରେ ଅଭିନୟ ଅବତୀର୍ଣ୍ଣ ହୋଇଛନ୍ତି।





## ପରଲୋକରେ ଜୟପୁର ରାଜବଂଶର ଶେଷ ରାଣୀ

ବର୍ଷ ଆରମ୍ଭରୁ ନୂଆବର୍ଷ ୨୦୨୩ ଆଣିଥିଲା ଦୁଃଖ ଖବର। ଜୟପୁର ରାଜ ପରିବାରର ଶେଷରାଣୀ ରମା କୁମାରୀ ଦେବୀଙ୍କର ମୋତି ମହଲରେ ୯୨ ବର୍ଷ ବୟସରେ ପରଲୋକ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ଦୀର୍ଘଦିନ ଧରି ପୀଡ଼ିତ ଥିଲେ। ରମା କୁମାରୀ ଦେବୀ ଜୟପୁର ରାଜପ୍ରାସାଦର ଶେଷ ରାଜା ରାମକୃଷ୍ଣ ଦେଓଙ୍କ ସ୍ତ୍ରୀ ଥିଲେ।



## ଉପଜିଲାପାଳଙ୍କ ଘରୁ ୭୭ଲକ୍ଷ ଜବତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନବରଙ୍ଗପୁର ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ଘରେ ଜୁନ୍ ୨୩ରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ରାଉତଙ୍କ ନବରଙ୍ଗପୁର ସରକାରୀ ବାସଭବନ, କାର୍ଯ୍ୟାଳୟ ଓ କ୍ଲଷ୍ଟର ହାଉସ କ୍ୱାର୍ଟର୍ସ ସହ ଭଦ୍ରକସ୍ଥିତ ବାସଭବନ, ଭୁବନେଶ୍ୱର କାନନବିହାର ଘରେ ମଧ୍ୟ ଚଢ଼ାଉ କରିଥିଲା। ନବରଙ୍ଗପୁର କ୍ଲଷ୍ଟର ହାଉସ୍ କ୍ୱାର୍ଟର୍ସରୁ ଦୁଇଟି ପେଟିରେ ୭୭ଲକ୍ଷ ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ପରେ ତାଙ୍କୁ ନିଲମ୍ବନ କରାଯାଇଛି।



## ପାଣିକୁ ଆୟୁଧ କରି ଆନ୍ଧ୍ରର ଅନୁପ୍ରବେଶ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପରେ ନନ୍ଦପୁର ବ୍ଲକ ଉପରେ ଆନ୍ଧ୍ର ଦୃଷ୍ଟି ପକାଇବା ଚଳିତବର୍ଷ ଚର୍ଚ୍ଚାର ବିଷୟ ଥିଲା। ପାଣିକୁ ଆୟୁଧକରି ଆନ୍ଧ୍ର ନନ୍ଦପୁର ବ୍ଲକରେ ଅନୁପ୍ରବେଶ ଉଦ୍ୟମ କରିଥିଲା। ବ୍ଲକର ଗୋଲୁର ପଞ୍ଚାୟତ ରାଇପାହାଡ଼ ଓ ପାଟ୍ଟଲୁଙ୍ଗ ପଞ୍ଚାୟତର ଜୟନ୍ତୀଗିରି, ସୁଡୁବ, ଅଣ୍ଡରଗୁଡ଼ା ଓ ତୋଟାଗୁଡ଼ା ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ବିଭିନ୍ନ ସଂସ୍ଥା ଜରିଆରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରି ଘରେ ଘରେ ପାଣି ପହଞ୍ଚାଇବାକୁ ଉଦ୍ୟମ କରି କରିଥିଲା।




## ବିଶ୍ୱ ବିଜେତା ଭଉଣୀଭାଇ

ବିଶ୍ୱ କ୍ରସ୍‌ବୋ ଶୁଟିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି ରାୟଗଡ଼ାର ଭଉଣୀଭାଇ। ଗତ ଅକ୍ଟୋବରରେ ଉତ୍ତରପ୍ରଦେଶ ଆଗ୍ରାରେ ଅନୁଷ୍ଠିତ ବିଶ୍ୱ କ୍ରସ୍‌ବୋ ଚାମ୍ପିୟନଶିପ୍‌ରେ ଭାରତୀୟ ଟିମ୍‌ରେ ଭଉଣୀ ଏ.ନେହା ପଟ୍ଟନାୟକ ଓମେନ୍ସ ଓପନ୍ ଫ୍ରିଷ୍ଟାଇଲ କାଟାଗୋରିରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିପରି ତାଙ୍କ ଭାଇ ଏ. ଲୋହିତ ମେନ୍ସ ଓପନ୍ ଷ୍ଟାଣ୍ଡାର୍ଡ କାଟାଗୋରିରେ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ।

## ଭାରତ ପାଇଁ ଖେଳିବେ ରୁଦ୍ର

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟ ଅଧିକାରୀଗୁଡ଼ା ଗ୍ରାମର ରୁଦ୍ରପ୍ରତାପ ବିଶ୍ୱାସ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ଏଥିସହ ମାର୍ଚ୍ଚ ୯ରୁ ୧୬ ପର୍ଯ୍ୟନ୍ତ ଥାଇଲାଣ୍ଡର ଫୁକେଟରେ ହେବାକୁ ଥିବା ଅନ୍ତର୍ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଖେଳିବାକୁ ସେ ମନୋନୀତ ହୋଇଥିଲେ।



## ପ୍ରେମିକାଙ୍କୁ ୩୧ ଖଣ୍ଡ



ବର୍ଷ ଶେଷ ବେଳକୁ ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ବାଗବେଢ଼ା ଗ୍ରାମର ତିଲା ଗଣ୍ଡଙ୍କ ମୃତଦେହ ମାଟିତଳୁ ମିଳିଥିଲା। ଯୁବତୀଙ୍କୁ ତାଙ୍କ ବିବାହିତ ପ୍ରେମିକ ନିଜ ସ୍ତ୍ରୀଙ୍କ ସହ ମିଶି ହତ୍ୟା କରିଥିଲେ। ସେମାନେ ଯୁବତୀଙ୍କ ମୃତଦେହକୁ ୩୧ଖଣ୍ଡ କରି କାଟି ମାଟି ତଳେ ପୋତି ଦେଇଥିଲେ। ରାଇଘର ପୋଲିସ ମାଟିତଳୁ ମୃତଦେହ ଜବତ କରିବା ସହ ତିଲାଙ୍କ ପ୍ରେମିକ ତଥା ମୁରୁମଡିହି ଗ୍ରାମର ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ସିଆଙ୍କୁ ଗିରଫ କରିଥିଲା।




## ଟିପ୍ପର ନେଲା ୬ ଶ୍ରମିକଙ୍କ ଜୀବନ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ଏକ ସିମେଣ୍ଟ ବୋଝେଇ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇ ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ହୋଇଥିଲେ। ମୃତକମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ମୋତିଗାଁର ସୁନାଧର ଭତ୍ରା, ପୂର୍ଣ୍ଣ ଭତ୍ରା,ଜୀବର୍ଦ୍ଧନ ଭତ୍ରା, ସୁନାଧର ଭତ୍ରା, ପୁଲସିଙ୍ଗ ଭତ୍ରା ଓ ଦୁର୍ଯ୍ୟୋଧନ ଭତ୍ରା। ସ୍ୱାଭିମାନ ଅଞ୍ଚଳରେ ପ୍ରମୋଦ ସ୍ୱାଇଁ ନାମକ ଜଣେ ଠିକାଦାର ପୋଲ କାମ ପାଇଁ ଏକ ଟିପ୍ପର ସିମେଣ୍ଟ ଓ ରଡ଼ ବୋଝେଇ କରି ହନ୍ତାଳଗୁଡ଼ା ଘାଟି ଦେଇ ଯାଉଥିବା ବେଳେ ଘାଟିରେ ଭାରସାମ୍ୟ ହରାଇ ଟିପ୍ପର ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## କେବିସି ଜୁନିୟରରେ ଶାଶ୍ୱତ

'କୌନ୍ ବନେଗା କରୋଡପତି' (କେବିସି) ଜୁନିୟର ହଟ୍‌ସିଟ୍‌ରେ ବସିବାର ସୁଯୋଗ ପାଇଥିଲେ ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ଶାଶ୍ୱତ ପଟ୍ଟନାୟକ। ସେ ଏହି ଶୋ' ରୁ ୧୩ଲକ୍ଷ ୪୦ ହଜାର ଟଙ୍କା ଜିତିଥିଲେ। ବିନା ଲାଇଫ ଲାଇନ୍‌ରେ ୬ ଲକ୍ଷ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଜିତିଥିଲେ। ଶାଶ୍ୱତଙ୍କର ୬ଟି ଭାଷାରେ ଦକ୍ଷତା ଥିବା ଜାଣି ଶୋ'ର ହୋଷ୍ଟ ତଥା ସୁପରଷ୍ଟାର ଅମିତାଭ ବଚ୍ଚନ ଖୁସି ବ୍ୟକ୍ତ କରିଥିଲେ। ଏଥିରେ ଭାଗନେବାରେ ଶାଶ୍ୱତ ନବରଙ୍ଗପୁରରୁ ପ୍ରଥମ।

## କଲ୍‌ଭର୍ଟ ପାଇଁ ଗଲା ୫ ଜୀବନ

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଉପରସାଜା ଗ୍ରାମରେ ଜୁଲାଇ ୩୧ରେ ଏକ ନିର୍ମାଣାଧୀନ କଲଭର୍ଟ ଭୁଶୁଡ଼ିବାରୁ ୫ ଜଣଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ବାପପୁଅ ହୋଇଥିବା ବେଳେ ଅନ୍ୟ ୩ ଶିଶୁଙ୍କର ମୃତ୍ୟୁ ଥିଲେ। ଘଟଣାରେ ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ୩ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା।

## ଆଇଆଇସିଙ୍କଠାରୁ ମିଳିଲା ୩୭ ଲକ୍ଷ

କୋରାପୁଟ ଜିଲା ବୈପାରିଗୁଡ଼ା ଆଇଆଇସି ସୁଶାନ୍ତ ଶତପଥୀ ୨ଲକ୍ଷ ୭୦ ହଜାର ଟଙ୍କା ଧରି ବସ୍ ଯୋଗେ କେନ୍ଦ୍ରାପଡ଼ା ଜିଲାସ୍ଥିତ ନିଜ ଘରକୁ ଯାଉଥିବା ବେଳେ ତାଙ୍କୁ ଟାଙ୍ଗୁଆ ନିକଟରୁ ଜୟପୁର ଭିଜିଲାନ୍ସ ବିଭାଗ ଧରିଥିଲା। ପରେ ଭିଜିଲାନ୍ସ ଟିମ୍ ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଏବଂ ବୈପାରୁଗୁଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ୩ ଲକ୍ଷ ଟଙ୍କା ଜବତ କରିଥିଲା। ପରଦିନ ଆଇଆଇସିଙ୍କ କଟକ ବକ୍ସିବଜାରସ୍ଥିତ ବାସଭବନରୁ ଆଉ ୨୯.୭୭ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଫଳରେ ତାଙ୍କଠାରୁ ଭିଜାଲାନ୍ସ ଜବତ କରିଥିବା ଟଙ୍କାର ପରିମାଣ ୩୭ ଲକ୍ଷ ୨୭ରେ ପହଞ୍ଚିଥିଲା। ପରେ ଏନେଇ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।



## ପୁଷ୍ପା-୨ର ଶୁଟିଂ

ବହୁଚର୍ଚ୍ଚିତ ଚଳଚ୍ଚିତ୍ର ପୁଷ୍ପା-୨ ମାଲକାନଗିରି ଜିଲା କାଲିମେଳା ବ୍ଲକ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପଲୁରୁ ଅଞ୍ଚଳରେ ଶୁଟିଂ ଆରମ୍ଭ ହୋଇଥିଲା। ଏଥିପାଇଁ ଟିମ୍ ପକ୍ଷରୁ ନକଲି ଚନ୍ଦନକାଠ, ଗଛ ଓ ଷ୍ଟେଜ୍ ଆଦି ବିଭିନ୍ନ ସାମଗ୍ରୀ ଆସିଥିଲା। ପୋଲିସ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ସାଉଥ୍ ସୁପରଷ୍ଟାର ଆଲୁ ଅର୍ଜୁନ ଏବଂ ନାୟିକା ରଶ୍ମିକାଙ୍କ ସହ୍ ସାଇ ପଲ୍ଲବୀ, ସୁନୀଲ, ଅନସୂୟା, ସାହାଦ୍ ଅସିମ, ଜଗଦୀଶ ପ୍ରସାଦ ଓ ଅଜୟ ଘୋଷଙ୍କ ଭଳି କଳାକାର ଅଭିନୟ କରିଛନ୍ତି।

# ନେକ୍ସଟ-ଜେନ୍ ଟେକ୍ ବ୍ୟବସାୟ ଉପରେ ଭିଆଇଏଲ୍‌ର ଦୃଷ୍ଟିନିବଦ୍ଧ

ଭୁବନେଶ୍ୱର,୧୮।୧୨ (ଅଭୟ ଦାଶ)



ପରିକଳ୍ପନାଠାରୁ ନେଇ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ଟର୍ନକି ସମାଧାନ ଏବଂ ପ୍ରକଳ୍ପଗୁଡ଼ିକ ସକାଶେ ପରାମର୍ଶଭିତ୍ତିକ ସେବା ଯୋଗାଇ ଦେଉଥିବା ଅହମଦାବାଦଭିତ୍ତିକ ଭିଭାଣ୍ଟା ଇଣ୍ଡଷ୍ଟ୍ରିଜ ଲିମିଟେଡ (ଭିଆଇଏଲ) ବିଏସଇ-୫୪୧୭୩୫-ନେକ୍ସଟ-ଜେନ ଟେକ୍ ବ୍ୟବସାୟ ଉପରେ ଦୃଷ୍ଟିନିବଦ୍ଧ ସହିତ ତାହାର କାର୍ଯ୍ୟକାରିତାରେ ରୂପାନ୍ତରଣ ଆଣିବା ପାଇଁ ଲକ୍ଷ୍ୟ ରଖିଛି। କମ୍ପାନୀ ଡ୍ରୋନ, ସୂଚନା ପ୍ରଯୁକ୍ତି, ଏଆଇ ଏବଂ ରୋବୋଟିକ୍ସ, ବିଦ୍ୟୁତ ଯାନବାହନ ନିମନ୍ତେ ଚାର୍ଜିଂ ଷ୍ଟେଶନ ସମେତ ନୂତନ ପ୍ରଭାଗଗୁଡ଼ିକରେ ପ୍ରବେଶ କରୁଛି। କମ୍ପାନୀ ଇତି ମଧ୍ୟରେ ଡ୍ରୋନ ଏବଂ ଇଭି ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିସାରିଛି ଏବଂ ଆଗାମୀ ଦିନରେ ଏହାକୁ ବୃହତ୍ ଭାବେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି। ୨୦୨୩ ସେପ୍ଟେମ୍ବରରେ କମ୍ପାନୀ ଭିଭାଣ୍ଟା ଡ୍ରୋନ ରିସର୍ଚ୍ଚ ସେଣ୍ଟର ତାଞ୍ଜାନିଆ ଲିମିଟେଡ (ଭିଡିଆରସିଟିଏଲ)ସହିତ ନୀତିଗତ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଥିଲା। ଭିଆଇଏଲ ଡ୍ରୋନ ନିମନ୍ତେ ଆସେମ୍ବ୍ଲି ଲାଇନ ସ୍ଥାପନ ଏବଂ ଆର ଆଣ୍ଡ ଡି ନିମନ୍ତେ ଭିଡିଆରସିଟିଏଲରେ ୫୦% ଅଂଶ ଅଧିଗ୍ରହଣ କରିବ। କମ୍ପାନୀ ଆଫ୍ରିକା ମହାଦେଶରୁ ମୋଟା ଅଙ୍କର ବ୍ୟବସାୟ ସୁଯୋଗ ପାଇବା ଆଶା ରଖୁଛି ଏବଂ ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଉଛି। ପୁନଶ୍ଚ ୨୦୨୩ ଏପ୍ରିଲରେ କମ୍ପାନୀ ଇଲେକ୍ଟ୍ରିକ ଭେଇକଲ ଅର୍ଗାନାଇଜେଶନାଲ ସେଣ୍ଟର ନର୍ଥ ଆମେରିକା କର୍ପୋରେଶନ (ଇଭିଓସିଏନ୍ଏ)ଠାରୁ ଇଭି ଚାର୍ଜିଂ ଏବଂ ଉତ୍ପାଦନ ୟୁନିଟ ସ୍ଥାପନ କରିବା ସକାଶେ ୫ନିୟୁତ ଆମେରିକୀୟ ଡଲାରର କାର୍ଯ୍ୟାଦେଶ ପ୍ରାପ୍ତ ହୋଇଥିଲା। କମ୍ପାନୀ ୧୮ରୁ ୨୪ମାସ ମଧ୍ୟରେ କାରଖାନା ସ୍ଥାପନ କରିବା ଏବଂ କାର୍ଯ୍ୟାଦେଶ ଗ୍ରହଣ କରିବା ତାରିଖର ୬ରୁ ୧୨ ମାସ ମଧ୍ୟରେ ଆବଶ୍ୟକ ସଫ୍ଟୱେର ବ୍ୟବସ୍ଥା କରିବାକୁ ଆଶା କରୁଛି। ଏହି କାର୍ଯ୍ୟାଦେଶ ବିଦ୍ୟୁତ ଯାନବାହନ ପ୍ରଯୁକ୍ତିର ବ୍ୟବସାୟକରଣ ନିମନ୍ତେ ଉଦ୍ଦିଷ୍ଟ, ଯେଉଁଥିରେ ପ୍ରଯୁକ୍ତିର ବୈଧିକରଣ ଏବଂ ଏହିଭଳି ପ୍ରଯୁକ୍ତିଗୁଡ଼ିକର ବ୍ୟବସାୟିକ ସ୍ଥାୟିତ୍ୱକୁ ପ୍ରଦର୍ଶନ ଦ୍ୱାରା ଭେଇକଲ-ଟୁ-ଗ୍ରୀଡ, ଭେଇକଲ-ଟୁ-ବିଲଡିଂ ଏବଂ ଭେଇକଲ-ଟୁ-ଲୋଡ ସାମର୍ଥ୍ୟ ସାମିଲ ରହିଛି। କମ୍ପାନୀ ଏହି ପ୍ରକଳ୍ପ ସ୍ଥାପନ କରିବା ପରେ ପ୍ରାୟ ୧୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ବିକ୍ରିରେ ପହଞ୍ଚିବାକୁ ଆଶା ରଖିଛି।

୨୦୨୩ ଫେବୃୟାରୀ ୧୩ରେ ଅନୁଷ୍ଠିତ କମ୍ପାନୀର ସ୍ୱତନ୍ତ୍ର ସାଧାରଣ ବୈଠକରେ କମ୍ପାନୀର ସଦସ୍ୟଗଣ ମେମୋରାଣ୍ଡମ ଅଫ ଆସୋସିଏଶନର ଅବଜେକ୍ଟସ ଧାରାରେ ସଂଶୋଧନକୁ ଅନୁମୋଦନ କରିଥିଲେ ଏବଂ କମ୍ପାନୀକୁ କୃଷି ଓ ପ୍ରାଣୀ ଖାଦ୍ୟ, ଇଣ୍ଡଷ୍ଟ୍ରିଆଲ ଅଟୋମେଶନ, ଇଣ୍ଡଷ୍ଟ୍ରିଆଲ ରୋବୋଟିକ୍ସ ସିଷ୍ଟମସ ଓ ଡ୍ରୋନ, ବିଦ୍ୟୁତ ଯାନଗୁଡ଼ିକ ନିମନ୍ତେ ଚାର୍ଜିଂ ଷ୍ଟେଶନ ଆଦି ବହୁବିଧ ବ୍ୟବସାୟରେ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରିଥିଲେ।

## ଖସିଲା ଶେୟାର ବଜାରର କାରବାର

ଭୁବନେଶ୍ୱର, ୧୮।୧୨

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରି କି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୬୯ (୧୬୮.୬୬) ପଏଣ୍ଟ ଖସି ୭୧,୩୧୫(୭୧,୩୧୫.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୮ (୩୮.୦୦) ପଏଣ୍ଟ ହ୍ରାସ ଘଟି ୨୧,୪୧୯ (୨୧,୪୧୮.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ୩ଡି କଂକ୍ରିଟ ପ୍ରିଣ୍ଟିଂ ମେଶିନର ଶୁଭାରମ୍ଭ



ଭୁବନେଶ୍ୱର, ୧୮।୧୨

ଭାରତର ପ୍ରମୁଖ କଂକ୍ରିଟ ଉପାଦାନ (ଇକ୍ୟୁପ୍‌ମେଣ୍ଟସ) ନିର୍ମାଣକାରୀ ଆଜାକ ଇଞ୍ଜିନିୟରିଂର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ '୩ଡି କଂକ୍ରିଟ ପ୍ରିଣ୍ଟିଂ ମେଶିନ'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ସଂସ୍ଥାର ନୂତନ ଉତ୍ପାଦ '୩ଡି କଂକ୍ରିଟ ପ୍ରିଣ୍ଟିଂ ଟେକ୍ନୋଲୋଜି'କୁ ମଧ୍ୟ ଉନ୍ମୋଚିତ କରାଯାଇଛି। ଏ ସମ୍ପର୍କରେ ଆଜାକ ଇଞ୍ଜିନିୟରିଂର ସିଇଓ ତଥା ଏମ୍‌ଡି ଶୁଭବ୍ରତ ସାହା କହିଛନ୍ତି, ଆମେ କମ୍ପାନୀର ନୂତନ ଉତ୍ପାଦ ଓ ମେଶିନକୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରି କି କମ୍ପାନୀ ଦ୍ୱାରା ବିକଶିତ ଏହି ନୂତନ ମେଶିନ ବିଶ୍ୱସ୍ତରୀୟ ଦକ୍ଷତା ଓ ଗୁଣବତ୍ତା ପ୍ରଦାନ ସହ ବ୍ୟବସାୟ ବୃଦ୍ଧିରେ ବ୍ୟାପକ ସହାୟକ ହେବ। ସେହିଭଳି କମ ଖର୍ଚ୍ଚ ଓ ଅଧିକ ଫଳ ପ୍ରଦାନ ସହିତ ଉଭୟ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରାଇବାରେ ଉକ୍ତ ମେଶିନ ବେଶ୍ ଉପଯୋଗୀ ଓ କାର୍ଯ୍ୟକାରୀ ହୋଇପାରିବ।

## ସିଜିୟୁରେ ଏସ୍‌ଆଇଏଚ୍‌ର ଗ୍ରାଣ୍ଡ ଫାଇନାଲ

ଭୁବନେଶ୍ୱର,୧୮।୧୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ପରିସରରେ ସ୍ମାର୍ଟ ଇଣ୍ଡିଆ ହାକାଥନ (ଏସଆଇଏଚ)ର ଗ୍ରାଣ୍ଡ ଫାଇନାଲ ରାଉଣ୍ଡ ୨୦୨୩ ଡିସେମ୍ବର ୧୯ରୁ ଅନୁଷ୍ଠିତ ହେବାକୁ ଯାଉଛି। ବିଶେଷ କରି ଶିକ୍ଷା ମନ୍ତ୍ରଣାଳୟର ଇନୋଭେଶନ୍ ସେଲ୍, ଏଆଇସିଟିଇ ଏବଂ ଆଇ ୪ସି ଦ୍ୱାରା ମିଳିତ ଭାବେ ୪୭ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଓ ଇନ୍‌କ୍ୟୁବେଟରକୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ନୋଡାଲ୍ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ଉକ୍ତ ନୋଡାଲ୍ କେନ୍ଦ୍ରଗୁଡ଼ିକରେ ସମଗ୍ର ପ୍ରକ୍ରିୟାକୁ ପରିଚାଳନା ଏବଂ ଅଧ୍ୟକ୍ଷତା କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟର ଇନୋଭେଶନ୍ ସେଲ୍ ଦ୍ୱାରା ଅଧିକାରୀ ନିଯୁକ୍ତି ହୋଇଛନ୍ତି। ସେହିଭଳି ଚଳିତବର୍ଷ ଭୁବନେଶ୍ୱରର ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି କ୍ୟାମ୍ପସକୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ସଫ୍ଟୱେର୍ ସଂସ୍କରଣକୁ ପରିଚାଳିତ କରିବା ପାଇଁ ଏକ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟର ୪ ସମସ୍ୟାର ସମାଧାନ କରିବା ପାଇଁ ମୋଟ ୨୧ ଦଳରୁ ପ୍ରାୟ ୧୨୬ ପ୍ରତିଯୋଗୀ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ପ୍ରତ୍ୟେକ ସମସ୍ୟା ଷ୍ଟେଟମେଣ୍ଟରେ ବିଜୟୀ ଦଳକୁ ୧ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବାର ଆୟୋଜନ କରାଯାଇଛି।

## ମିଳିମିଶି କାମ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୮।୧୨




ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ୍ (ଏଆଇପିଏନ୍‌ବିଓଏ)ର ଭୁବନେଶ୍ୱର ସର୍କଲ ପକ୍ଷରୁ ଆୟୋଜିତ ସଂଘର ବାର୍ଷିକ ସାଧାରଣ ସଭା ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସର୍କଲ ଅନ୍ତର୍ଗତ ବିଭିନ୍ନ ଶାଖାରୁ ୫ଶହରୁ ଅଧିକ ଅଧିକାରୀଙ୍କ ସମେତ ରାଜ୍ୟର ଅନ୍ୟାନ୍ୟ ସର୍କଲରୁ ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ସର୍କଲ ସେକ୍ରେଟାରୀ ତଥା ରାଜ୍ୟ ସହ ସାଧାରଣ ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ଉକ୍ତ ବୈଠକ ଆୟୋଜିତ ହୋଇଥିଲା। ଏଆଇପିଏନ୍‌ବିଓଏର ସେଣ୍ଟ୍ରାଲ ବଡି ସଭାପତି ଶ୍ରୀକୁମାର କେ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲାବେଳେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଏ.ଉଦୟ ଭାସ୍କର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସର୍କଲ ସେକ୍ରେଟାରୀ ବୈଲୋଚନ ସାହୁ, ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ଅଧିକାରୀମାନଙ୍କ ବିଭିନ୍ନ ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ ରେଡ୍ଡୀ ମ୍ୟାନେଜମେଣ୍ଟ ଓ ଆସୋସିଏଶନ ପରସ୍ପର ପରିପୂରକ ଅଟନ୍ତି ଏବଂ ବ୍ୟାଙ୍କ ତଥା ଅଧିକାରୀମାନଙ୍କ ସୁବିଧା ପାଇଁ ଉଭୟ ମିଳିମିଶି କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀକୁମାର ଅଫିସର୍ସ କମ୍ୟୁନିଟିର ବିଭିନ୍ନ ଅସୁବିଧା ଉପରେ ଆଲୋକପାତ କରିବା ସହ ଉପସ୍ଥିତ ସଦସ୍ୟମାନଙ୍କୁ ଏକଜୁଟ୍ ହୋଇ ରହିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ବିଭିନ୍ନ ସର୍କଲର ମୁଖ୍ୟମାନଙ୍କ ସହିତ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଭୁବନେଶ୍ୱର ସର୍କଲର ସଭାପତି ପ୍ରଫୁଲ୍ଲ କୁମାର ଦଳେଇ ଉକ୍ତ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ବିଶ୍ୱଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୬ ଆଙ୍କର ନିବେଶକଙ୍କଠାରୁ ପ୍ରାୟ ୨୮୫ କୋଟି ସଂଗ୍ରହ

ଭୁବନେଶ୍ୱର, ୧୮।୧୨

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (ଏମ୍ଏମ୍ଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ପୂର୍ବରୁ କମ୍ପାନୀ ମୋଟ ୨୬ ଆଙ୍କର ନିବେଶକଙ୍କଠାରୁ ପ୍ରାୟ ୨୮୫ କୋଟି ଟଙ୍କା ସଂଗ୍ରହ କରିଛି। ଏପରି କି କମ୍ପାନୀ ମୋଟ ୯୭,୯୩,୮୧୨ ଇକ୍ୱିଟି ଶେୟାର ଜାରି କରି ମୋଟ ୨୮୪.୯୯ କୋଟି ଟଙ୍କା ହାସଲ କରିଛି। କମ୍ପାନୀ ଇକ୍ୱିଟି ଶେୟାର ପିଛା ୨୯୧ଟଙ୍କାରେ ଶେୟାର ଜାରି କରିଛି। ଉଲ୍ଲେଖଯୋଗ୍ୟ, ଏମ୍ଏମ୍ଏଲ୍‌ର ଆଇପିଓ-୨୦୨୩ ଡିସେମ୍ବର ୧୮ ଖୋଲିଥିବାବେଳେ ୨୦୨୩ ଡିସେମ୍ବର ୨୦ରେ ବନ୍ଦ ହେବ। ଏପରି କି ନିବେଶକମାନେ ସର୍ବନିମ୍ନ ୫୧ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଓ ପରେ ୫୧ଟି ଲେଖାଏ ଶେୟାରର ଗୁଣିତକ ଭାବେ ଯୋଡ଼ିପାରିବେ।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି** ନିମ୍ନ ଅନୁଯାୟୀ ଅଟେ: **(୧) ୪୬-ଇଏଲ-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୧୨।୨୦୨୩;** ଚକ୍ରଧରପୁର ଡିଭିଜନରେ ଟାଟାନଗର ଓ ରାଉରକେଲାଠାରେ କୋଚିଂ ମେଣ୍ଟେନାନ୍ସ ଡିପୋଠାରେ ୦୩ ବର୍ଷ ଅବଧି ପାଇଁ ଏଲ୍‌ଏଚ୍‌ବି ଟାଇପ ଏୟାର-କଣ୍ଡିସନ୍‌ଡ କୋଚ୍ (ହାଇବ୍ରିଡ୍ କୋଚ୍ ସମେତ)ରେ ରୁଫ୍ ମାଉଣ୍ଟେଡ୍ ପ୍ୟାକେଜ୍ ୟୁନିଟ୍ (ଆର୍‌ଏମ୍‌ପିୟୁ)ର କମ୍ପୋନେଣ୍ଟ/ଇକ୍ୱିପମେଣ୍ଟ ନିମନ୍ତେ ସଂଶୋଧନମୂଳକ ରକ୍ଷଣାବେକ୍ଷଣ ଠିକା (ସିଏମ୍‌ସି)। ଟ.୧,୪୩,୦୫,୦୯୧.୫୨; ଟ.୨,୨୧,୫୦୦/- । **(୨) ୪୭-ଇଏଲ-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୧୨।୨୦୨୩;** ୦୩ ବର୍ଷ ପାଇଁ ଚକ୍ରଧରପୁର ଡିଭିଜନରେ ଟାଟାନଗର ଓ ରାଉରକେଲାଠାରେ କୋଚିଂ ମେଣ୍ଟେନାନ୍ସ ଡିପୋଠାରେ ରୁଫ୍ ମାଉଣ୍ଟେଡ୍ ଏସି ପ୍ୟାକେଜ୍ ୟୁନିଟ୍ ଟାଇପ୍ ସେଲ୍‌ଫ ଜେନେରେଟିଂ ଏସି କୋଚ୍‌ରେ କଣ୍ଟ୍ରୋଲ ପ୍ୟାନେଲ ସହିତ ରୁଫ୍ ମାଉଣ୍ଟେଡ୍ ଏସି ପ୍ୟାକେଜ୍ ୟୁନିଟ୍‌ର ରକ୍ଷଣାବେକ୍ଷଣ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । ଟ.୨,୪୧,୨୬,୫୮୦.୯୪; ଟ.୨,୭୦,୬୦୦/- । **(୩) ୪୮-ଇଏଲ-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୧୪।୧୨।୨୦୨୩;** ଦୁଇବର୍ଷ ପାଇଁ ଚକ୍ରଧରପୁର ଡିଭିଜନର ବିଭିନ୍ନ ସ୍ଥାନରେ ବ୍ୟାଟେରି ସମେତ ବିଭିନ୍ନ କ୍ଷମତାର ୟୁପିଏସ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । ଟ.୨୮,୪୭,୧୬୭.୫୦; ଟ.୫୭,୦୦୦/- । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୧।୨୦୨୪ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-929)**

ରାଜ୍ୟ ଖବର

# ରାଉରକେଲାରେ ଝାଡ଼ାବାନ୍ତି: ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି

ରାଉରକେଲା,୧୮।୧୨ (ସଙ୍ଗୀତା ଜେନା)

ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇପଡ଼ିଛି। ଝାଡ଼ାବାନ୍ତିରେ ପୂର୍ବରୁ ୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ଏହି ତାଲିକାରେ ଆଉ ୨ଜଣଙ୍କ ନାଁ ଯୋଡି ହୋଇଛି। ଫଳରେ ଝାଡ଼ାବାନ୍ତି ମୃତକଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ମୃତକ ହେଲେ ନୟାବଜାର ଅଞ୍ଚଳର ସରୋଜିନୀ ଖଣ୍ଡାୟତ ଓ କିଷାନଟୋଲାର ବିଜୟ କିଷାନ। ସରୋଜିନୀ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଚିକିତ୍ସିତ ହେଉଥିଲେ। ସୋମବାର ସକାଳେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଆର୍‌ଜିଏଚ୍‌ରେ ବର୍ତ୍ତମାନ ସୁଦ୍ଧା ୧୨ଶିଶୁଙ୍କ ସମେତ ୧୪୨ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଝାଡ଼ାବାନ୍ତି ରୋଗୀଙ୍କ ପାଇଁ ଅଧିକ ଶଯ୍ୟା ବ୍ୟବସ୍ଥା କରାଯାଇଛି। ସୁନ୍ଦରଗଡ଼ ଓ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦଳ ଆସି ଚିକିତ୍ସା କରୁଛି। ସେମାନଙ୍କୁ ଡାକ୍ତର, ବିଶେଷଜ୍ଞ, ପାରାମେଡିକାଲ ଷ୍ଟାଫ୍ ଓ ନର୍ସିଂ ଷ୍ଟାଫ୍ ଚିକିତ୍ସାରେ ସହଯୋଗ କରୁଛନ୍ତି। ଗତ ୧୧ତାରିଖରୁ ଆଜିଯାଏ ମୋଟ ୩୪୨ ଜଣ ରୋଗୀ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। କିଛି ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଭୁବନେଶ୍ୱରରୁ ପର୍ଯ୍ୟାପ୍ତ ଔଷଧ ଯୋଗାଣ କରାଯାଉଛି ବୋଲି ଆର୍‌ଜିଏଚ୍ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁଧାରାଣୀ ପ୍ରଧାନ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ସ୍ଥାନୀୟ ପ୍ରଶାସନ ଝାଡ଼ାବାନ୍ତି ବ୍ୟାପିବାର କାରଣ



ରେଲଓ୍ୱେ କଲୋନି କାଳୀ ମନ୍ଦିର ନିକଟରେ ପାଇପ୍ ଫାଟି ପାଣି ବାହାରୁଛି।

ଖୋଜି ପାଇପାରିନାହିଁ। ପାନୀୟଜଳ ସଂକ୍ରମଣ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେବା ପରେ ଗତ ୧୫ ତାରିଖରୁ ଜିଲା ପ୍ରଶାସନ ଓ ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ଯୁଗ୍ମ ପରିଚାଳନାରେ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡର ପ୍ରାୟ ୩୭ଟି ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇଛି। ମୋଟ୍ ୨୦ଟି ଟିମ୍ ଯାଞ୍ଚ କରୁଛି। ଏହାବ୍ୟତୀତ ବିଭିନ୍ନ ବସ୍ତି ଅଞ୍ଚଳରେ ପାନପୋଷ ସବ୍‌କଲେକ୍ଟର ବିଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଭ୍ରାମ୍ୟମାଣ ଟେଷ୍ଟିଂ ଭ୍ୟାନରେ ତୁରନ୍ତ ଜଳନମୁନା ଯାଞ୍ଚ କରି ରିପୋର୍ଟ ସଂଗ୍ରହ କରାଯାଉଛି। ସୋମବାର ସୁଦ୍ଧା ଜଳର ଗୁଣବତ୍ତା ୦.୨-୨.୦ ପିପିଏମ୍ ମଧ୍ୟରେ ସ୍ଥିର ରହିଛି। ଏଥିରେ ଜଳବାହିତ ରୋଗ ଆଶଙ୍କା ବହୁତ କମ୍ ବୋଲି ଭୁବନେଶ୍ୱର ୱାଟ୍‌କୋର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସରୋଜ ଚନ୍ଦ୍ର ମିଶ୍ର କହିଛନ୍ତି। ସେହିପରି ବିଭିନ୍ନ ୱାର୍ଡରେ ଥିବା ନଳକୂପରେ କ୍ଲୋରିନ୍ ଟ୍ରିଟ୍‌ମେଣ୍ଟ କରାଯାଉଛି। ସମ୍ଭବତଃ ପ୍ରଦୂଷିତ ଖାଦ୍ୟ ଯୋଗୁ ଏପରି ପରିସ୍ଥିତି ହୋଇଥିବ ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ସହରରେ ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ନିମ୍ନମାନର ଖାଦ୍ୟ ବିକ୍ରି ଉପରେ ଅଙ୍କୁଶ ଲାଗିପାରିନାହିଁ। ଖାଦ୍ୟ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ସେହିପରି ସହରରେ ପାନୀୟ ଜଳର ଗୁଣବତ୍ତା ଉପରେ ଭାଜପା ପ୍ରଶ୍ନ ଉଠାଇଛି।

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
T.No. TPWODL/AB/O/SU/ 046 Date : 18.12.2023
RC for supply of Polycarbonate LT Distribution Box
The time period is hereby extended for Submission of Tender Participation Fee and Authorization Letter through e-mail till 22nd Dec. 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

**जिला परिषद् का कार्यालय, सरायकेला–खरसावाँ**
Emailid-ceozilaparishadsaraikela@gmail.com
पत्रांक–............/जि0परि0, सरायकेला, **–: शुद्धि पत्र :–** दिनांक–..................
इस कार्यालय के ज्ञापांक–194/जि0परि0, सरायकेला, दिनांक–04.12.2023 के द्वारा आमंत्रित अति अल्पकालीन ई–निविदा सं0–04/2023–24 जिसका PR No.-313077 District (23-24):D है, को अपरिहार्य कारणों से निम्न प्रकार संशोधित किया जाता है :–

| क्र0सं0 | संशोधित विवरण एवं तिथि |
|---|---|
| 2. | निविदा प्रकाशित करने की तिथि के स्थान पर बेबसाईट पर निविदा प्रकाशन की संशोधित तिथि 22.12.2023 पढ़ा जाए। |
| 3. | निविदा online प्राप्त करने की संशोधित तिथि – 22.12.2023 से 29.12.2023 समय 5:00 PM तक पढ़ा जाए। |
| 4. | क्र0–04 एवं 05 को विलुप्त समझा जाए। |
| 6. | निविदा खोलने की संशोधित तिथि – 02.01.2024 अपराह्न 2:00 बजे पढ़ा जाए। |
| 7. | निविदा शुल्क एवं अग्रधन की राशि ई–भुगतान के माध्यम से ही प्राप्त किया जायेगा। ई–भुगतान जिस खाते से किया जायेगा, उसी खाते में अग्रधन की राशि वापस होगी। अगर वह खाता बंद कर दिया जाता है तो उसकी सारी जबावदेही निविदादाता की होगी। |

अन्य शर्त्त पूर्ववत् रहेंगी। PR313719 (District)23-24*D जिला अभियंता,जिला परिषद,सरायकेला–खरसावाँ

# ଦେହରେ ଗଞ୍ଜେଇ ଚାଲାଣ

■ ସେଲୋ ଟେପ୍ ଗୁଡ଼ାଇ କରୁଥିଲେ ଚାଲାଣ
■ ୨୮କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ନନ୍ଦପୁର/କୋରାପୁଟ, ୧୮।୧୨ (ଶଙ୍କର ପୂଜାରୀ/ଅମିତାଭ ବେହେରା)



ଦେହରେ ସେଲୋଟେପ୍ ମାରି ଗଞ୍ଜେଇ ଚାଲାଣ କରୁଥିବା ଦୁଲହନ।

ଗଞ୍ଜେଇ ଚାଲାଣରେ ଚାଲାଣକାରୀମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉପାୟ ଆପଣାଇଥାନ୍ତି। ପୋଲିସ ଦୃଷ୍ଟି ଏଡାଇବାକୁ ଯାଇ କେବେ ବୁଣ୍ଡା, ଧାନ ବସ୍ତା ଭିତରେ ଗଞ୍ଜେଇ ଚାଲାଣ କରନ୍ତି ତ କେବେ ନୂଆ ଗୋଦରେଜ୍ ଆଲମାରି କିଣି ତା' ଭିତରେ ଗଞ୍ଜେଇ ରଖି ଚାଲାଣ କରିଥାନ୍ତି। ତେବେ ଏହି ସବୁ ତରିକାଠାରୁ ସେମାନେ ଏବେ ଏକ ଭିନ୍ନ କୌଶଳ ବାଛିଛନ୍ତି। ଗଞ୍ଜେଇ ଚାଲାଣକାରୀ ନିଜ ଦେହରେ ସେଲୋଟେପ୍‌ରେ ଗଞ୍ଜେଇ ଗୁଡାଇ ଚାଲାଣ କରିବାର ନୂଆ ତରିକା ପଦାକୁ ଆସିଛି। ଚାଲାଣକାରୀଙ୍କ ଏହି କୌଶଳକୁ ପୋଲିସ ଧରିପାରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ସେ ହେଲେ ଦୁଲହନ ଖାନ (୨୪)।

ଖବରରୁ ଜଣାପଡ଼ିଛି, ପଶ୍ଚିମବଙ୍ଗ ପୂର୍ବବର୍ଦ୍ଧମାନ ଜିଲା, ମଣ୍ଡଳପାରା ଗ୍ରାମର ବାବର ଅଲି ଖାନଙ୍କ ପୁଅ ଦୁଲହନ ନିଜ ଦେହରେ ୮ କିଲୋ ଗଞ୍ଜେଇ ପ୍ଲାଷ୍ଟିକ ସେଲୋ ଟେପରେ ଗୁଡ଼ାଇ ଏବଂ ବ୍ୟାଗରେ ୨୦କିଲୋ ଗଞ୍ଜେଇ ଧରି ଚାଲାଣ କରୁଥିଲେ। ଏ ସମ୍ପର୍କରେ ପାଡୁଆ ପୋଲିସ ସୂଚନା ପାଇ ଦଳେଇପୁଟ ଗ୍ରାମ ନିକଟରେ ଥାନାଧିକାରୀ ଅଶୋକ ବିଷୋୟୀ ଓ ଏସ୍‌ଆଇ ଦୀପକ ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ଜଗି ରହି ତାଙ୍କୁ ଧରିଥିଲେ। ତାଙ୍କଠାରୁ ମୋଟ ୨୮ କେଜି ଗଞ୍ଜେଇ ଜବତ ହୋଇଛି। କେସ୍ ନଂ. ୧୫୯/୨୩ରେ ମାମଲା ରୁଜୁ କରାଯାଇ ଏହାର ତଦନ୍ତ କରାଯାଉଛି। ଦୁଲହନଙ୍କଠାରୁ ମୋଟ ୨୮ କେଜି ଗଞ୍ଜେଇ ଜବତ ହୋଇଛି। ପଚରାଉଚରା ବେଳେ ନନ୍ଦପୁର ବ୍ଲକ ଅଞ୍ଚଳରୁ ଗଞ୍ଜେଇ ଆଣି ସେ ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଗିରଫ ପରେ ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

## ମହିଳାଙ୍କୁ ପିଜୁଳି ଗଛରେ ବାନ୍ଧି ଆକ୍ରମଣ

କୁଜଙ୍ଗ,୧୮।୧୨(ମନୋଜ ପ୍ରଧାନ)

**ଶାଶୁ ଘର ଲୋକଙ୍କ ଅମାନବୀୟକାଣ୍ଡ**

■ ୪ ଜଣଙ୍କ ନାମରେ ଥାନାରେ ମାମଲା

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ପିଜୁଳି ଗଛରେ ବାନ୍ଧି ସଂଘବଦ୍ଧଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ଥାନାରେ ୪ ଜଣଙ୍କ ନାମରେ ମାମଲା (ନଂ. ୫୬୧/୨୩) ରୁଜୁ ହୋଇଛି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ଅରୁ ସେଠୀ ରେଳବାଇ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ସେ ଯାହା କିଛି ରୋଜଗାର କରନ୍ତି ସେ ସବୁକୁ ନିଶା ସେବନରେ ଖର୍ଚ୍ଚ କରିଦିଅନ୍ତି । ଏଭଳି ଘଟଣା ନିୟମିତ ଚାଲୁଥିବାରୁ ସମ୍ପୃକ୍ତା ମହିଳା ଜଣକ ଝିଅ (୭) ଓ ପୁଅ(୫)କୁ ପ୍ରତିପୋଷଣ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରବିବାର ସକାଳେ ସମ୍ପୃକ୍ତା ମହିଳା ଏହାକୁ ବିରୋଧ କରିବାରୁ ସ୍ୱାମୀ ଅରୁ, ଶ୍ୱଶୁର ଅଶୋକ ସେଠୀ, ଶାଶୁ କବିତା ସେଠୀ ଓ ସାନ ଶ୍ୱଶୁର ତଥା ବଗଦିଆ ପଞ୍ଚାୟତ ସମିତି ସଭ୍ୟ ପବିତ୍ର ସେଠୀ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ଚୁଟିକୁ ଟାଣି ତଳେ ପକାଇ ଘୋଷାଡି ରକ୍ତାକ୍ତ କରି ଦେଇଥିଲେ। ପରେ ସେଠାରେ ଥିବା ଏକ ପିଜୁଳି ଗଛରେ ସମ୍ପୃକ୍ତା ମହିଳାଙ୍କ ୨ ହାତକୁ ବାନ୍ଧି ମାଡ଼ ମାରିଥିଲେ। ସ୍ୱାମୀ ଅରୁ ଓ ସାନ ଶ୍ୱଶୁର ପବିତ୍ର ଲୁହା ରଡ୍ ଓ କଟୁରି ସାହାଯ୍ୟରେ ତାଙ୍କୁ ଆକ୍ରମଣ କଲାବେଳେ ମହିଳା ଜଣକ ଚିତ୍କାର କରିବାରୁ ପଡ଼ୋଶୀମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
No.O-1938:
**e-Procurement Notice No.ONLINE-BGH-14 of 2023-24**

| | | | |
|---|---|---|---|
| 1 | Name of the Work | : | Construction of Rest Shed at R.W.Subdivision, Sohela for the year 2023-24 |
| 2 | EMD | : | @ 1% of the estimated cost |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender Online for bidding From | Availability of Tender Online for bidding To | Last Date & Time of Seeking Tender Clarification | Date & Time of Opening of tender in R.W.Division, Bargarh: Technical Bid | Date & Time of Opening of tender in R.W.Division, Bargarh: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bargarh | ONLINE-BGH-14 OF 2023-24 | 30.12.2023 at 11.00 AM | 09.01.2024 upto 5.00 P.M. | 09.12.2024 upto 4.00 PM | 10.01.2024 at 11.00 AM | 12.01.2024 at 11.00 AM |

Further details can be seen from the website **www.tendersorissa.gov.in.**
OIPR-25062/11/0014/2324 Sd./- Executive Engineer, R.W.Division, Bargarh

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At:Ambapua, PO:Engineering School, Near Income Tax Office, Berhampur-760011
(E-mail: serwbpr2004@yahoo.com, Tel/Fax:-0680-2404287)
No.O-1944:
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/84-2023-24/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/84-2023-24/BPR | Road works including 05 years Post Construction maintenance under MMSY-TRIP & Road works under special Assistant to States Capital Investment (SACI) for the year 2023-24 | 04 Nos. | From Rs.422.26 lakhs to Rs.787.13 lakhs | "A" Class & "Special" Class as applicable | 09(Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of tender online for bidding From | Availability of tender online for bidding To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/84-2023-24/BPR | 20.12.2023 at 10.00 AM | 03.01.2024 upto 5.30 PM |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
Sd./- P.K. Jena
Chief Construction Engineer, R.W.Circle, Berhampur
OIPR-25071/11/0092/2324

# ଅଳ୍ପ ଖର୍ଚ୍ଚରେ ଘର ଦିଶିବ ସୁନ୍ଦର

ଘର ସଜାଇବାକୁ କିଏ ବା ପସନ୍ଦ ନ କରେ । ବିଶେଷକରି ମହିଳାମାନେ ଏଥିପାଇଁ ବେଶ୍ ଯତ୍ନଶୀଳ। ହେଲେ କେବେ କେବେ ଘର ସଜାଇବା ଲାଗି ବିଭିନ୍ନ ସାମଗ୍ରୀ କିଣିବାରେ ଆବଶ୍ୟକରୁ ଅଧିକ ଖର୍ଚ୍ଚ ହୋଇଯାଏ । ହେଲେ ଯଦି ଆପଣ ଏ ଦିଗରେ ଖର୍ଚ୍ଚ କମ୍ କରିବା ସହ ଘରକୁ ସୁନ୍ଦର ଲୁକ୍ ଦେବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କିଛି ଟିପ୍ସ...



◂ ୱାଲ୍ ହ୍ୟାଙ୍ଗିଙ୍ଗ୍ ହେଉଛି ଘର ସଜାଇବାର ସବୁଠୁ ସହଜ ଉପାୟ। ଭଲ ୱାଲ୍ ହ୍ୟାଙ୍ଗିଙ୍ଗ୍ ଖୁବ୍ ଦାମୀ ହୋଇଥାଏ। ତେଣୁ ସମସ୍ତଙ୍କ ପକ୍ଷେ ଏହାକୁ କିଣିବା ସମ୍ଭବ ନୁହେଁ। ଆପଣ ଚାହିଁଲେ କୌଣସି ଦାମୀ ପେଣ୍ଟିଂ ପରିବର୍ତ୍ତେ ଘରେ ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର୍, କ୍ୟାଲେଣ୍ଡର ଆଦି କାଟି ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇପାରିବେ।

◂ ଡ୍ରଇଂରୁମ୍‌କୁ ସୁନ୍ଦର କରିବା ଲାଗି କେବଳ ଦାମୀ ସୋଫା, ଟି ପଏ ଆବଶ୍ୟକ ନୁହେଁ ବରଂ ପୁରୁଣା ସୋଫାରେ ସୁନ୍ଦର ରଙ୍ଗର କଭର ପକାଇଲେ ତାହା ଆକର୍ଷଣୀୟ ଲାଗିବ।

◂ ସେହିପରି ନିଜର ପୁରୁଣା କୌଣସି ସୁନ୍ଦର ଶାଢ଼ି କିମ୍ବା ଏମ୍ବ୍ରଏଡୋରି, ବୁଣା ହୋଇଥିବା କପଡ଼ାକୁ ବଡ଼ ଓ ଲମ୍ବା କାର୍ଡବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇପାରିବେ। ବିଶେଷ କରି ଡ୍ରଇଂ ରୁମ୍, ବଡ଼ ହଲ୍ କିମ୍ବା ବାରଣ୍ଡାରେ ଏହାକୁ ଲଗାଇଲେ ରୟାଲ୍ ଲୁକ୍ ମିଳିଥାଏ।

◂ ସେହିପରି ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ କୌଣସି ସୁନ୍ଦର ଶାଢ଼ିକୁ କାଟି ଡୋର୍ ଏବଂ ୱିଣ୍ଡୋ ସ୍କ୍ରିନ୍ କରିପାରିବେ। ଶାଢ଼ିର ରଙ୍ଗ କାନ୍ଥ ରଙ୍ଗ ସହ କଣ୍ଟ୍ରାଷ୍ଟ ହୋଇଥିଲେ ଅଧିକ ସୁନ୍ଦର ଲାଗିବ। ଏହାଦ୍ୱାରା କମ୍ ଖର୍ଚ୍ଚରେ ଆପଣଙ୍କ ଘର ଖୁବ୍ ସୁନ୍ଦର ଲାଗିପାରିବ।

◂ ଆର୍ଟ କିମ୍ବା କ୍ରାଫ୍ଟ ୱାର୍କରେ ରୁଚି ଥିଲେ କମ୍ ବଜେଟରେ ବିଭିନ୍ନ ପୁରୁଣା ଡବା, ଆଇସ୍‌କ୍ରିମ୍ କାଠି, କାଚ ବୋତଲ ଆଦିକୁ ଡିଜାଇନ କରି ସୁନ୍ଦର ସୁନ୍ଦର ଫ୍ଲାୱାର ଭେସ୍ ପ୍ରସ୍ତୁତ କରି ଡ୍ରଇଂ ରୁମ୍‌ରେ ସଜାଇପାରିବେ।

◂ କମ୍ ବଜେଟରେ ଘର ସଜାଇବାକୁ ଚାହୁଁଥିଲେ ଇନ୍‌ଡୋର ପ୍ଲାଣ୍ଟ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ। ତେଣୁ ମନିପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଇନ୍‌ଡୋର ପ୍ଲାଣ୍ଟ ଲଗାନ୍ତୁ, ଘର ସୁନ୍ଦର ଦିଶିବା ସହ ମାନସିକ ଶାନ୍ତି ମଧ୍ୟ ମିଳିବ।

# ପିଲା ଆଉ ଷ୍ଟ୍ରିଟ୍‌ଫୁଡ୍

ମା'ବାପାଙ୍କ ସହ ବାହାରକୁ ବୁଲିବାକୁ ଗଲେ ପିଲାଙ୍କର ପ୍ରଥମ ଆକର୍ଷଣ ଥାଏ ଷ୍ଟ୍ରିଟ୍‌ଫୁଡ୍ । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବହୁସଂଖ୍ୟକ ଫୁଡ୍‌ଷ୍ଟଲ୍‌ରେ ଉପଲବ୍ଧ ଖାଦ୍ୟଗୁଡ଼ିକର ଆକର୍ଷଣୀୟ ପ୍ରସ୍ତୁତି ଏବଂ ସାଜସଜ୍ଜା ସାଙ୍ଗକୁ ମନମୁଗ୍ଧକର ସୁଗନ୍ଧ ପିଲାଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ହେଲେ ଏଭଳି ଖାଦ୍ୟ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ । ତେଣୁ ସଚେତନତା ଦୃଷ୍ଟିରୁ ଫାଷ୍ଟଫୁଡ୍ ଏବଂ ଜଙ୍କ୍‌ଫୁଡ୍ ପରିବର୍ତ୍ତେ ପିଲାଙ୍କୁ ଏଭଳି କିଛି ଷ୍ଟ୍ରିଟ୍‌ଫୁଡ୍ ଦେଇପାରିବେ ଯାହା ସ୍ୱାସ୍ଥ୍ୟକର...



ଦିନ ହେଉ କି ରାତି ଛୋଟବଡ ସହରର ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାର ଫୁଡ୍‌ଷ୍ଟଲ୍‌ର ସମ୍ଭାର, ଯାହାକୁ ଖାଇବା ଲାଗି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ଭିଡ ଜମୁଛି। ହେଲେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ହେଁ ଏଭଳି ଫାଷ୍ଟଫୁଡ୍ ଓ ତେଲ ମସଲାଯୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଭଳି ଖାଦ୍ୟ ଅଧିକ ଖାଇବା ଦ୍ୱାରା ବିଭିନ୍ନ ରୋଗର କାରଣ ସାଜୁଛି। ଏଭଳି ଖାଦ୍ୟ ସାଙ୍ଗକୁ କୋଲ୍ଡଡ୍ରିଙ୍କ୍‌ସ ଆହୁରି ବିପଦପୂର୍ଣ୍ଣ। ଏସବୁକୁ ଆଖିଆଗରେ ରଖି ବର୍ତ୍ତମାନ ଅଧିକାଂଶ ଅଭିଭାବକ ପିଲାଙ୍କୁ ଘରେ ସ୍ୱାସ୍ଥ୍ୟକର ଭାବେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଖୁଆଉଛନ୍ତି। ତଥାପି ବାହାରକୁ ପିଲାଙ୍କୁ ନେଇ ଯାଉଥିଲେ ସେମାନଙ୍କ ଡିମାଣ୍ଡ ପୁରଣ ନିମନ୍ତେ ଏହି ଖାଦ୍ୟ ପରିବର୍ତ୍ତେ ଅନ୍ୟ ଫ୍ରୁଟ୍ ଚାଟ୍, କର୍ନ ସାଲାଡ୍ ଭଳି କେତେକ ଷ୍ଟ୍ରିଟ୍‌ଫୁଡ୍ ଖାଇବାକୁ ଦେଉଛନ୍ତି। ବଢୁଥିବା ଡିମାଣ୍ଡକୁ ଆଖିଆଗରେ ରଖି ମାର୍କେଟରେ ମଧ୍ୟ ଏଭଳି ସ୍ୱାସ୍ଥ୍ୟକର ଖାଦ୍ୟ ଅଧିକ ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁଛି...





**ସାଲାଡ୍:** ବର୍ତ୍ତମାନ ମାର୍କେଟରେ ବିଭିନ୍ନ ପ୍ରକାର ସାଲାଡ୍ ଷ୍ଟଲ ଦେଖିବାକୁ ମିଳୁଛି। ଯେଉଁଥିରେ ଫ୍ରୁଟ୍ ସାଲାଡ୍, କର୍ନ ସାଲାଡ୍ ଆଦି ମିଳୁଛି। ଫଳ କାଟି ପ୍ରସ୍ତୁତ ହେଉଥିବା ସାଲାଡ୍ ବା ଚାଟ୍ ବର୍ତ୍ତମାନ ଅଧିକାଂଶଙ୍କର ପସନ୍ଦର ଖାଦ୍ୟ ପାଲଟିଛି। ଏଥିରେ ତେଲ, ମସଲା, ରାଗ କିମ୍ବା ଅନ୍ୟ କୌଣସି ହାନିକାରକ ଉପାଦାନ ଶରୀରକୁ ଯାଉନାହିଁ। ବିଭିନ୍ନ ପ୍ରକାର ଫଳରୁ ଭିନ୍ନ ଭିନ୍ନ ଭିଟାମିନ୍, ପୋଟାସିଅମ୍, କ୍ୟାଲ୍‌ସିୟମ୍ ଭଳି ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନ୍ୟ ପୋଷକ ତତ୍ତ୍ୱ ମିଳିଥାଏ, ଯାହାକି ସୁସ୍ଥ ଏବଂ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ଏହା ବେଶ୍ ସ୍ୱାଦିଷ୍ଟ ମଧ୍ୟ। ହେଲେ ମନେରଖନ୍ତୁ ଏଭଳି ଖାଦ୍ୟ ପିଲାଙ୍କୁ ଦେଉଥିଲା ଦୋକାନି ଫଳଗୁଡିକୁ ଭଲଭାବେ ଧୋଇଛନ୍ତି କି ନାହିଁ, ଘୋଡାଇ ରଖିଛନ୍ତି କି ନାହିଁ ଦେଖନ୍ତୁ।

**ସିଝା ଅଣ୍ଡା:** ନନ୍‌ଭେଜ୍ ସ୍ନାକ୍ସ ପସନ୍ଦ କରୁଥିବା ଅଧିକାଂଶ ପିଲାଙ୍କୁ ଚାଓମିନ୍, ରୋଲ ଆଦି ବଦଳରେ ସିଝା ଅଣ୍ଡା ଖାଇବାକୁ ଦେଇପାରିବେ। କାରଣ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଳ୍ପ ଖର୍ଚ୍ଚରେ ହାଇ କ୍ୱାଲିଟି ପ୍ରୋଟିନ୍, ଭିଟାମିନ୍ କେ, ବି୧୨, ଡି ଆଦି ସହ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିପାରୁଛି।

**ସ୍ପ୍ରାଉଟ୍ ଚାଟ୍:** ବର୍ତ୍ତମାନ ମାର୍କେଟ୍‌ରେ ଏହି ସ୍ପ୍ରାଉଟ୍ ଚାଟ୍‌ର ଡିମାଣ୍ଡ ଖୁବ୍ ବେଶି । ଏଥିରେ ଗଜାମୁଗ, ବୁଟ ସାଙ୍ଗକୁ କଟା କାକୁଡି, ଗାଜର, ବିଟ୍, ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ବାଦାମ, ଲେମ୍ବୁ ଆଦିର ପରଫେକ୍ଟ କମ୍ବିନେଶନ୍ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ବି ସେତିକି ଟେଷ୍ଟି। ତା'ଛଡା ଏଥିରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ସାଙ୍ଗକୁ ଲୋ ଫ୍ୟାଟ୍ ଏବଂ ହାଇ ଡାଏଟାରି ଫାଇବର୍ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ। ଅନ୍ୟ ତେଲମସଲାଯୁକ୍ତ ଷ୍ଟ୍ରିଟ୍‌ଫୁଡ୍ ଖାଇବା ଅପେକ୍ଷା ଦିନକୁ ଥରେ ଏହି ଚାଟ୍ ଖାଇବା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ।

**ମକା:** ଅନେକ ପିଲା ମକା ଖାଇବାକୁ ଭଲ ପାଆନ୍ତି। ତେଣୁ ପିଲା ଷ୍ଟ୍ରିଟ୍‌ଫୁଡ୍ ଖାଇବାକୁ ଯିଦ୍ କରୁଥିଲେ ମକା ପୋଡ଼ା, ସିଝା ହେଉ କିମ୍ବା ସ୍ୱିଟ୍ କର୍ନ ଖାଇବାକୁ ଦେଇପାରିବେ। ଏଥିରେ କ୍ୟାଲୋରି ଏବଂ ଫ୍ୟାଟ୍ ଖୁବ୍ କମ୍ ଥିବା ବେଳେ ଫାଇବର ଏବଂ ବିଟା କ୍ୟାରୋଟିନ୍, ଆଲ୍‌ଫା କ୍ୟାରୋଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଭରି ରହିଛି। ଏହା ଶରୀରକୁ ସୁସ୍ଥ ରଖିଥାଏ।

**ଛେନା:** ବର୍ତ୍ତମାନ ମାର୍କେଟ୍‌ରେ ଛେନା ଦୋକାନ ମଧ୍ୟ ପୂର୍ବାପେକ୍ଷା ଅଧିକ ଦେଖିବାକୁ ମିଳୁଛି। ଛେନା ସହ ରାବିଡିର ଟେଷ୍ଟି କମ୍ବିନେଶନ୍‌କୁ ପିଲାମାନେ ମଧ୍ୟ ଭଲ ପାଉଛନ୍ତି। ଏହା ଅନ୍ୟ ଖାଦ୍ୟଗୁଡିକ ତୁଳନାରେ ଅଧିକ ପୁଷ୍ଟିକର ମଧ୍ୟ।

**ହେଲ୍ଥିଡ୍ରିଙ୍କ୍‌ସ:** କୋଲ୍ଡଡ୍ରିଙ୍କ୍‌ସ ଓ ଆଇସ୍‌କ୍ରିମ୍ ଛୋଟପିଲାଙ୍କର ସବୁଠୁ ପ୍ରିୟ। ହେଲେ ଏହା ସେମାନଙ୍କ ସ୍ୱାସ୍ଥ୍ୟପାଇଁ ଉପକାରୀ ନୁହେଁ। ତେଣୁ ଏହା ପରିବର୍ତ୍ତେ ଫ୍ରୁଟ୍‌ଜୁସ୍, ପଇଡ଼ପାଣି ଆଦି ପିଇବାକୁ ଦେବା ଭଲ। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟସଚେତନ ଅଭିଭାବକଙ୍କ ବର୍ଦ୍ଧିତ ଆଗ୍ରହକୁ ଦେଖି ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ହର୍ବାଲ୍ ଜୁସ୍ ଷ୍ଟଲ୍ ବି ବଢିବାରେ ଲାଗିଛି।

– ପୌର୍ଣ୍ଣମାସୀ





## ଜଙ୍କ୍‌ଫୁଡ୍ ପିଲାଙ୍କ ପାଇଁ ହାନିକାରକ

ଘର ଖାଦ୍ୟ ଅପେକ୍ଷା ବାହାର ଦୋକାନ ବଜାର ଖାଦ୍ୟ, ରାସ୍ତାକଡରେ ମିଳୁଥିବା ଖାଦ୍ୟ ଖାଇବା ପିଲାମାନଙ୍କର ଭାରି ପସନ୍ଦ। ଭଳିକି ଭଳି ସୁନ୍ଦର ଭାବେ ପ୍ରସ୍ତୁତ ଏହି ଖାଦ୍ୟ ଦେଖି ପିଲାମାନେ ଲୋଭ ସମ୍ବରଣ କରିପାରନ୍ତି ନାହିଁ। ବିଭିନ୍ନ ଛଣାଛଣି ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ, ଫ୍ରୋଜେନ୍ ଏବଂ ପ୍ୟାକେଜ୍‌ଡ୍ ଫୁଡ୍, କୋଲ୍ଡଡ୍ରିଙ୍କ୍ସରେ ଅତ୍ୟଧିକ ଚର୍ବି, ଲୁଣ, ତେଲ, ମସଲା ଏବଂ ଶର୍କରା ରହିଥାଏ। ତା'ଛଡା ଏଭଳି ଅନେକ ଖାଦ୍ୟରେ ଆର୍ଟିଫିସିଆଲ କଲର ଓ ପ୍ରିଜର୍ଭେଟିଭ୍ ମଧ୍ୟ ମିଶାଯାଇଥାଏ। ପ୍ରାୟ ୯୩ ପ୍ରତିଶତ ପିଲା ଏଭଳି ଖାଦ୍ୟ ପସନ୍ଦ କରିଥାନ୍ତି। ଏଭଳି ଜଙ୍କ୍‌ଫୁଡ୍‌ରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ଭଳି ପୋଷକତତ୍ତ୍ୱର ପରିମାଣ ନଗଣ୍ୟ ଥିବାବେଳେ କ୍ୟାଲୋରୀ ମାତ୍ରା ଖୁବ୍ ଅଧିକ। ଏଭଳି ଖାଦ୍ୟ ସର୍ବଦା ଗ୍ରହଣ କରିବା ଦ୍ୱାରା କମ୍ ବୟସରୁ ମେଦବହୁଳତା, ଆଲର୍ଜି, ଭୋକ କମିଯିବା, ବାନ୍ତି, ବଦହଜମି, ଚିଡିଚିଡା ଲାଗିବା, ସ୍ମରଣଶକ୍ତି କମିଯିବି, ଦନ୍ତକ୍ଷୟ, କିଡ୍‌ନୀ ଏବଂ ଲିଭର ସମସ୍ୟା, ହାଇପରଟେନ୍‌ସନ, ଡାଇବେଟିସ୍ ଆଦି ରୋଗ ଦେଖା ଦେଇଥାଏ। କେବଳ ଏତିକି ନୁହେଁ ଏଭଳି ଖାଦ୍ୟ ଖାଇବା ଯୋଗୁ ରକ୍ତରେ ଚର୍ବି ଜମା ହୋଇ ବ୍ୟାଡ୍ କୋଲେଷ୍ଟେରଲ୍ ମାତ୍ରା ବୃଦ୍ଧି ପାଇବା ସହ ହୃଦ୍‌ରୋଗ ଭଳି ସମସ୍ୟା ଦେଖା ଦେବାର ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ। ତେଣୁ ପିଲାଙ୍କୁ ସେମାନଙ୍କ ମନପସନ୍ଦର ଖାଦ୍ୟ ଯଥା ସମ୍ଭବ ଘରେ ପ୍ରସ୍ତୁତ କରି ଖାଇବାକୁ ଦିଅନ୍ତୁ। ବାହାରକୁ ଯିବା ବେଳେ ପିଲା ଜିଦ୍ କରୁଥିଲେ ସ୍ୱାସ୍ଥ୍ୟକର ଖାଦ୍ୟ ହିଁ ଦିଅନ୍ତୁ।

*– ଡା. ନରେଶ ଆଚାର୍ଯ୍ୟ, ଶିଶୁରୋଗ ବିଶେଷଜ୍ଞ, ପୋଖରୀପୁଟ, ଭୁବନେଶ୍ୱର*

# ଫିଟ୍ ରଖେ ଏକ୍ସରସାଇଜ୍

**ବର୍ତ୍ତମାନ ଅନେକ ମହିଳାଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂର କରିବା ଲାଗି ପ୍ରତିଦିନ ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ....**

- ସମସ୍ତ କାମ ବାଦ୍ ନିଜ ପାଇଁ କିଛି ସମୟ ବାହାର କରନ୍ତୁ। ଆରମ୍ଭ ଦିନଗୁଡିକରେ ଘରେ ସମସ୍ତଙ୍କର ଟ୍ରେଡ୍‌ମିଲ୍ ନ ଥାଏ। ତେଣୁ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତା କଡ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। କିଛିଦିନ ଅଭ୍ୟାସ ହେବା ପରେ ଅଧିକ ଚାଲନ୍ତୁ।



- ମନଇଚ୍ଛା କୌଣସି ଏକ୍ସରସାଇଜ୍ ନ କରି ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ। ୟୁଟ୍ୟୁବ୍‌ରେ ଆସୁଥିବା ଫିଟ୍‌ନେସ୍ ଏକ୍ସପର୍ଟଙ୍କ ଭିଡିଓ ଦେଖି ମଧ୍ୟ ଏକ୍ସରସାଇଜ କରିପାରିବେ।
- ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରୁଥିଲେ ପତଳା ହେବା ନିଶାରେ ଏକାସଙ୍ଗେ ବହୁତ ଏକ୍ସରସାଇଜ୍ କରନ୍ତୁ ନାହିଁ। ଏହାଦ୍ୱାରା ଦେହ ଦରଜ ଭଳି ସମସ୍ୟା ଦେଖାଦେଇପାରେ।
- ପ୍ରତିଦିନ ଅତି କମ୍‌ରେ ୨୦-୪୫ ମିନିଟ୍ ଏକ୍ସରସାଇଜ କରନ୍ତୁ। ଅଧିକ ସମୟ ଚାଲିବାରେ ଦିଅନ୍ତୁ। ଆପାର୍ଟମେଣ୍ଟରେ ରହୁଥିଲେ ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ, ଶରୀର ଫିଟ୍ ରହିବ।
- କିଛି ସମୟ ଯୋଗ ଏବଂ ପ୍ରାଣାୟମ ଆଦିକୁ ସାମିଲ କଲେ ଅଧିକ ଉପକୃତ ହୋଇପାରିବେ।
- ଆପଣ ଚାହିଁଲେ ୟୁଟ୍ୟୁବ୍ ଦେଖି ଏରୋବିକ୍ସ କିମ୍ବା ଜୁମ୍ବା ଭଳି ଡ୍ୟାନ୍ସ ଏକ୍ସରସାଇଜ୍ ବି କରିପାରିବେ।

ସୌନ୍ଦର୍ଯ୍ୟ

# ଶୀତରେ ସନ୍‌ସ୍କ୍ରିନ୍

ଶୀତଦିନେ ପାଗ ଥଣ୍ଡା ଥିବା ଏବଂ ପ୍ରାୟ ସମୟରେ ସୂର୍ଯ୍ୟକିରଣ ପ୍ରଖର ନ ଥିବା ଭାବି ଅନେକେ ସନ୍‌ସ୍କ୍ରିନ୍ ଲଗାନ୍ତି ନାହିଁ । ହେଲେ ଆପଣ ଜାଣନ୍ତି କି ତ୍ୱଚାର ସୁରକ୍ଷା ନିମନ୍ତେ ଏଦିନେ ବି ଏହାକୁ ବ୍ୟବହାର କରିବା ନିହାତି ଆବଶ୍ୟକ ...





▸▸ଶୀତଦିନେ ବି ସନବର୍ନ, ସନ୍‌ଟ୍ୟାନ୍ ଆଦି ସମସ୍ୟା ଉପୁଜିଥାଏ। ଯାହାକୁ ଆଦୌ ଅଣଦେଖା କରିବା ଠିକ୍ ନୁହେଁ। ନଚେତ୍ ଏହା ପରବର୍ତ୍ତୀ ସମୟରେ ବଡ ବଡ କଳାଦାଗରେ ପରିଣତ ହେବ, ଯାହାକୁ କମ୍ କରିବା ଖୁବ୍ କଷ୍ଟ। ତେଣୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ।

▸▸ସୂର୍ଯ୍ୟକିରଣରେ ଥିବା ହାନିକାରକ ରଶ୍ମି ସଂସ୍ପର୍ଶରେ ଆସିଲେ ତ୍ୱଚାର କୋଲାଜେନ୍, ଇଲାଷ୍ଟିନ୍ ଏବଂ ପ୍ରାକୃତିକ ମଶ୍ଚର ନଷ୍ଟ ହୋଇଯାଏ। ଯାହାଦ୍ୱାରା ସମୟ ପୂର୍ବରୁ ଅର୍ଥାତ୍ ମାତ୍ର ୨୫-୩୦ ବର୍ଷରୁ ଏଜ୍ ଲାଇନ୍, ରିଙ୍କଲ୍ ମାର୍କ, ଫାଇନ୍ ଲାଇନ୍, ଡାର୍କ ସ୍ପଟ୍ ଆଦି ଦେଖାଯାଏ। ଏଭଳି ସମସ୍ୟାଠୁ ଦୂରେଇ ରହିବା ଲାଗି ସନ୍‌ସ୍କ୍ରିନ୍ ଲଗାଇବା ନିହାତି ଆବଶ୍ୟକ।

▸▸ବର୍ତ୍ତମାନ ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣରେ ଥିବା ହାନିକାରକ ରଶ୍ମି ପ୍ରଭାବରେ ସ୍କିନ୍ କ୍ୟାନ୍ସର ସମସ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ହେଲେ ପ୍ରତିଦିନ ଏସ୍‌ପିଏଫ୍ ୩୦ କିମ୍ବା ଏହାଠୁ ଊର୍ଦ୍ଧ୍ୱ ସନ୍‌ସ୍କ୍ରିନ୍ ଲଗାନ୍ତୁ। କୁହୁଡି କିମ୍ବା କୋହଲା ପାଗ ହୋଇଥିଲେ ସୁଦ୍ଧା ତ୍ୱଚାର ସୁରକ୍ଷା ପାଇଁ ଏହାକୁ ଲଗାଇବାକୁ ଭୁଲନ୍ତୁ ନାହିଁ।

▸▸ଅଧିକ ସମୟ ଖରାରେ ରହିବାକୁ ପଡୁଥିଲେ ୩-୪ ଘଣ୍ଟାରେ ପୁଣିଥରେ ସନ୍‌ସ୍କ୍ରିନ୍ ଲଗାନ୍ତୁ। ସ୍ୱିମିଂ କରିବା ପୂର୍ବରୁ ଏବଂ ପରେ ବି ଲଗାଇବାକୁ ଭୁଲନ୍ତୁ ନାହିଁ।

ଖାଦ୍ୟରୁଚି

# ମଶ୍ରୁମ ମଞ୍ଚୁରିଆନ୍

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ ମଶ୍ରୁମ୍, ୪ ବଡ ଚାମଚ କର୍ନଫ୍ଲୋର୍, ୨ ବଡ ଚାମଚ ମଇଦା, ୧ ଚାମଚ ଅଦାପେଷ୍ଟ, ୧ ଚାମଚ ରସୁଣ ପେଷ୍ଟ, ଗୋଟିଏ କଞ୍ଚାଲଙ୍କା ଛୋଟ ଛୋଟ କଟା ହୋଇଥିବା, ଗୋଟିଏ ମଧ୍ୟମ ଆକାରର ପିଆଜ ଛୋଟ ଛୋଟ କଟା ହୋଇଥିବା, ଏକ ବଡ ଚାମଚ ଛୋଟ ଛୋଟ କଟା ହୋଇଥିବା ପିଆଜଷଣ୍ଢ, ୨ ଚାମଚ ସୋୟା ସସ୍, ଅଧା ଚାମଚ ଚିଲି ସସ୍, ୨ ବଡ ଚାମଚ ଟମାଟୋ ସସ୍, ତେଲ, ଲୁଣ, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଶ୍ରୁମ୍‌କୁ ଧୋଇ ଫାଳ କରି କାଟି ଦିଅନ୍ତୁ। ଏକ ପାତ୍ରରେ ମଇଦା, କର୍ନ ଫ୍ଲୋର୍, ଅଧା ଚାମଚ ଲେଖାଏ ଅଦା ଏବଂ ରସୁଣ ପେଷ୍ଟ, ଅଧା ଚାମଚ ସୋୟା ସସ୍, ଲୁଣ ସ୍ୱାଦାନୁସାରେ, ଅଳ୍ପ ପାଣି ଗୋଳାଇ ବହଳିଆ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ସେଥିରେ ମଶ୍ରୁମ୍ ପକାଇ ଗୋଳନ୍ତୁ। କଡେଇରେ ତେଲ ଗରମ କରି ମଶ୍ରୁମ୍ ଅଳ୍ପ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଆଉ ଏକ କଡେଇରେ ୨ ଚାମଚ ତେଲ ଗରମ କରନ୍ତୁ। ସେଥିରେ ଅଦା ରସୁଣ ପେଷ୍ଟ, କଟା ପିଆଜ, କଞ୍ଚାଲଙ୍କା ପକାଇ ବ୍ରାଉନ୍ କଲର ହେବା ଯାଏ ଭାଜନ୍ତୁ। ସେଥିରେ କଟା ପିଆଜ ଷଣ୍ଢ ପକାଇ ଅଳ୍ପ ଭାଜିବା ପରେ ଟମାଟେ, ଚିଲି ଏବଂ ସୋୟା ସସ୍, ଛଣା ହୋଇଥିବା ମଶ୍ରୁମ୍, ଆବଶ୍ୟକ ମାତ୍ରାରେ ଲୁଣ ପକାଇ ଗୋଳାନ୍ତୁ। ୧-୨ ମିନିଟ୍ ମଧ୍ୟମ ଆଞ୍ଚରେ ରଖିବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ମଶ୍ରୁମ୍ ମଞ୍ଚୁରିଆନ୍।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସତ୍ୟ ପ୍ରକାଶ
ପରିବାରବର୍ଗ


ସୌମ୍ୟରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ଆର୍ଥିକ ପ୍ରୋତ୍ସାହନ ପାଇଥିବା ଓଡ଼ିଶାର କୃତୀ କ୍ରୀଡ଼ାବିତଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।

# ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ 'ଓଡ଼ିଶା ଜଗରନଟ୍ସ' ମୁଖ୍ୟ ପ୍ରଯୋଜକ

ଭୁବନେଶ୍ୱର, ୧୮।୧୨ (ତପନ ସ୍ୱାଇଁ)

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ(ଏଏମ୍/ଏନ୍ଏସ୍ ଇଣ୍ଡିଆ) ଅଲ୍‌ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣ ପାଇଁ ରାଜ୍ୟ ଫ୍ରାଞ୍ଚାଇଜ୍ ଓଡ଼ିଶା ଜଗରନଟ୍ସର ମୁଖ୍ୟ ପ୍ରଯୋଜକ ହୋଇଛି। ଏ ସମ୍ପର୍କରେ ଓଡ଼ିଶା ସ୍ପୋର୍ଟ୍ସ ଡେଭଲପମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ(ଓଏସ୍‌ଡିପିସି) ସହିତ ଏଏମ୍/ଏନ୍ଏସ୍ ଇଣ୍ଡିଆ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଏବଂ ଆଡ୍‌ମିନିଷ୍ଟ୍ରେଶନ ବିଭାଗର ଉପନିର୍ଦ୍ଦେଶକ କେଇଜି କୁବୋଟା ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ତଥା ଓଏସ୍‌ଡିପିସିର ନିର୍ଦ୍ଦେଶକ ରଞ୍ଜିତ ପରିଡାଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଲିଗ୍‌ର ପ୍ରଥମ ସଂସ୍କରଣ ୨୦୨୨ ମଧ୍ୟ ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶାର ଜଗରନଟ୍ସ ଦଳର ମୁଖ୍ୟ ପ୍ରଯୋଜକ ଥିଲା ଏବଂ ଏହି ଦଳ ପ୍ରଥମ ଟାଇଟଲ ଜିତିଥିଲା। କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅଲ୍‌ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଚଳିତ ମାସ ୨୪ରୁ ଆରମ୍ଭ ହେବ।

ଖୋ ଖୋର ଆଧୁନିକୀକରଣ ଏବଂ ଏହି କ୍ରୀଡ଼ାକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ୨୦୨୨ରେ ଅଲ୍‌ଟିମେଟ ଖୋ ଖୋ ଆରମ୍ଭ କରାଯାଇଥିଲା। ଖୋ ଖୋକୁ ଏକ ପ୍ରାଚୀନ ଖେଳ ଭାବରେ ପ୍ରୋତ୍ସାହିତ କରିବା ଏବଂ




ପେସାଗତ ବୃତ୍ତି ପାଇଁ ଏହାର ସର୍ବୋତ୍ତମ ଖେଳାଳିଙ୍କୁ ସୁଯୋଗ ଦେବା ଏହି ଲିଗ୍‌ର ଲକ୍ଷ୍ୟ। ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଭଳି ଦେଶରେ ତଥା ଦକ୍ଷିଣ ଏସିଆରେ ପୁନର୍ବାର ଆରମ୍ଭ ହେବା ପରେ ଖୋ ଖୋ ବୃତ୍ତିଗତ ଲିଗ୍‌ର ପରିଚୟ ପାଇଛି। ରାଜ୍ୟରେ ଖୋ ଖୋ ପ୍ରତିଭା ପ୍ରତିପୋଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ନଭେମ୍ବର ୯, ୨୦୨୩ରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋର ଏକ ଉଚ୍ଚ-ପ୍ରଦର୍ଶନ କେନ୍ଦ୍ର (ହାଇପରଫର୍ମାନ୍ସ ସେଣ୍ଟର) ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହିତ ଏକ ବୁଝାମଣାପତ୍ର(ଏମଓୟୁ) ସ୍ୱାକ୍ଷର କରିଥିଲା। ଏ ସମ୍ପର୍କରେ କେଇଜି କୁବୋଟା କହିଛନ୍ତି ଯେ, ଆମ ଯୁବକମାନଙ୍କର ବିକାଶ ଏବଂ ଏକ ଉନ୍ନତ ବିଶ୍ୱ ସୃଷ୍ଟି କରିବା ପାଇଁ କ୍ରୀଡ଼ା ଉପରେ ଏଏମ୍/ଏନଏସ୍ ଇଣ୍ଡିଆ ଦୃଢ଼ ବିଶ୍ୱାସ କରେ। ହକି, ଜିମ୍ନାଷ୍ଟିକ୍, ଖୋଖୋ ଭଳି ଅନେକ କ୍ରୀଡା ଅଭିଯାନରେ ଓଡ଼ିଶା ସରକାରଙ୍କ ସହିତ ଭାଗୀଦାରି କରି ଆମେ ଗର୍ବିତ। ୨୦୨୨ ଭଳି ଏଥର ମଧ୍ୟ ଓଡ଼ିଶା ଜଗରନଟ୍ସ ଦଳ ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି। ଦ୍ୱିତୀୟ ସଂସ୍କରଣରେ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ସମର୍ଥନ ଜାରି ରଖିଛୁ ଏବଂ ଓଡ଼ିଶା ଜଗରନଟ୍ସକୁ ଶୁଭେଚ୍ଛା ଜଣାଉଛୁ।


## ଜନ୍ମଦିନ ଶୁଭେଚ୍ଛା



ସତ୍ୟ ପ୍ରକାଶ ପାତ୍ର (ସୋମ୍)
୪୨ମଉଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋର ଜୀବନ ସୁଖମୟ, ନୀରୋଗ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ବୋଉ, ଅଜା, ଆଇ, ପାପା, ମାମା, ଲିପୁପାପା, ମାନିମାମା, ଛୁଆପାପା ଓ ତୋର ସାନ ଭଉଣୀ ଓ ଭାଇ ମାମୁନି ଓ ପାପୁନି।
ଧ-୨୦୫୨


# ସୌମ୍ୟଙ୍କ କ୍ରମାଗତ ବିଜୟ

**ଭୁବନେଶ୍ୱର, ୧୮।୧୨ (ତପନ ସ୍ୱାଇଁ):** ମାଲେସିଆରେ ଚାଲିଥିବା ୧୫ଶ ପେନାଙ୍ଗ ହେରିଟେଜ୍ ସିଟି ଇଣ୍ଟରନ୍ୟାଶନାଲ ଚେସ୍ ଓପନ-୨୦୨୩ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିବା ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଭଲ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ଯାକ ରାଉଣ୍ଡରେ ବିଜୟୀ ହୋଇ ସେ ୨ ପଏଣ୍ଟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ସୌମ୍ୟ ଧଳାଗୋଟିରେ ଖେଳିଥିଲେ ଏବଂ ମାଲେସିଆର ଜୁଲକିପ୍‌ଲି ଇସକନ୍ଦର ହାଇକଲଙ୍କୁ ପରାସ୍ତ କରିଥିଲେ। ଏହାପରେ କଳା ଗୋଟିରେ ଦ୍ୱିତୀୟ ରାଉଣ୍ଡ ଖେଳି ସେ ଅଷ୍ଟ୍ରେଲିଆର ଜୋଏଲ ଲିଅଙ୍ଗଙ୍କୁ ହରାଇ ଦେଇଥିଲେ। ୨ ରାଉଣ୍ଡ ଶେଷରେ ସୌମ୍ୟଙ୍କ ସମେତ ମୋଟ ୧୭ ଖେଳାଳି ପୂରା ୨ ପଏଣ୍ଟ ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୯୮ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥିରେ ଭାରତର ୪ ଖେଳାଳି ସାମିଲ ଅଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ୨୨ ତାରିଖରେ ଶେଷ ହେବ।


ସୌମ୍ୟ ରଞ୍ଜନ ମିଶ୍ର

# ଓଡ଼ିଶା ଆଥ୍‌ଲେଟଙ୍କୁ ଆର୍ଥିକ ପ୍ରୋତ୍ସାହନ

## ୭ ବିଭାଗର କ୍ରୀଡ଼ାବିତ୍‌ଙ୍କୁ ୨୪,୧୫,୫୦୦ ଟଙ୍କା ପ୍ରଦାନ

ଭୁବନେଶ୍ୱର, ୧୮।୧୨ (ତପନ ସ୍ୱାଇଁ)

ନିକଟ ଅତୀତରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ଆଥଲେଟ୍‌ଙ୍କୁ ସୋମବାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ୧୧ ପଦକ ଜିତିଥିବା ଆଥଲେଟ୍‌ଙ୍କୁ ମିଶାଇ ୭ ବିଭିନ୍ନ ବିଭାଗର କୃତୀ କ୍ରୀଡ଼ାବିତ୍‌ଙ୍କୁ ୨୪,୧୫,୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ଆଥଲେଟ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତା ପାଇଁ ଓଡ଼ିଶା ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି।

ଖେଲୋ ଇଣ୍ଡିଆ ପାରା ଗେମ୍ସରେ ପାରା ଆଥଲେଟ୍ ଜୟନ୍ତି ବେହେରା ୩ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ତାଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପଙ୍କଜ ଭୁଏ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପାଇଥିବାରୁ ୧ ଲକ୍ଷ ୭୫ ହଜାର ଟଙ୍କା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁଚିତ୍ରା ପରିଡ଼ା ୧ ଲକ୍ଷ, ମଙ୍ଗତ ହେମ୍ବ୍ରମ ଓ ଅର୍ଜୁନ ଭଦ୍ରା ୫୦,୦୦୦ ଲେଖାଏ, ଗଦାଧର ସାହୁ ୧ ଲକ୍ଷ ଓ ଚନ୍ଦନ କୁମାର ବେହେରା ଓ ଦୀପ ରଞ୍ଜନ ବିଷୋୟୀ ୫୦,୦୦୦ ଟଙ୍କା ଲେଖାଏ ପାଇଛନ୍ତି। ୱାର୍ଲ୍ଡ ବଡି ବିଲ୍ଡିଂ ଆଣ୍ଡ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିବା ନାରାୟଣ ବାରିକଙ୍କୁ ୭ ଲକ୍ଷ ଟଙ୍କା ଏବଂ ବ୍ରୋଞ୍ଜ ବିଜୟୀ ଅମିତ କୁମାର ଭୂୟାଁଙ୍କୁ ୩ ଲକ୍ଷ ଟଙ୍କା ଦିଆ ଯାଇଛି। ସ୍ପେଶାଲ ଅଲିମ୍ପିକ୍ସ ଭାରତ ଆଥଲେଟ୍ ସିପ୍ରା ପ୍ରିୟଦର୍ଶିନୀଙ୍କୁ ୪୦,୦୦୦ ଟଙ୍କା ମିଳିଛି। ରଗ୍‌ବୀ ଖେଳାଳି ମାମାଲି ସିଂ ଓ ରିତୁ ମାଝିଙ୍କୁ ୪୧,୫୦୦ ଟଙ୍କା ଲେଖାଏ ଏବଂ ଚରଣ ହେମ୍ବ୍ରମ ଓ ଧରନନ୍ଦ ବିଶ୍ୱାଳଙ୍କୁ ୫୦୦୦ ଲେଖାଏ ପ୍ରଦାନ କରାଯାଇଛି। ସେହିପରି ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରଗତି ପରିଡ଼ାଙ୍କୁ ୧୩,୫୦୦ ଓ ୮,୫୦୦ ଏବଂ ବିସାଖା ଟପ୍ପୋ ଓ ବାପୁନ ରାଉତଙ୍କୁ ଯଥାକ୍ରମେ ୧୩,୫୦୦ ଓ ୧୦,୦୦୦ ଟଙ୍କା ଦିଆ ଯାଇଛି। ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ପ୍ରଜ୍ଞା ପାରମିତା ସାହୁ ଓ ଅନିମେଶ କୁଜୁରଙ୍କୁ ୬୦,୦୦୦ ଲେଖାଏ ଏବଂ ଲାଲୁ ପ୍ରସାଦ ଭୋଇ, ଡି.ଏମ. ଜୟରାମ, ଆର୍ଯ୍ୟନ ଏକ୍କା ଓ ଅମିୟ ମଲିକଙ୍କୁ ୨୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଫୁଟବଲର ଏ. ଡିବ ପ୍ରସାଦ ଓ ରାଜା ହରିଜନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ପୁରସ୍କାର ଆକାରରେ ଦିଆ ଯାଇଛି।

## ଏକାମ୍ର କପ୍ କ୍ରିକେଟ ଆରମ୍ଭ

# ଉଦ୍‌ଘାଟନୀ ମ୍ୟାଚରେ ବ୍ଲାକ୍ କ୍ୟାପ୍ ବିଜୟୀ


ବିଜ୍ଞାନ ଓ କାରିଗରି କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ପୁରୁଣା ଭୁବନେଶ୍ୱର, ୧୮।୧୨ (ଡି.ଏନ୍.ଏ)

ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କେଶୁରା କ୍ରିକେଟ ପଡ଼ିଆରେ ସୋମବାର ଏକାମ୍ର କପ୍ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଜ୍ଞାନ ଓ କାରିଗରି କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ମ୍ୟାଚ ଭୁବନେଶ୍ୱରର ବ୍ଲାକ କ୍ୟାପ୍ ଟିମ୍ ଏବଂ କଟକର ହାପି ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍‌ରେ ହାର ପ୍ରଥମେ ବ୍ୟାଟିଂ କରିଥିବା ବ୍ଲାକ କ୍ୟାପ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୪୩ ରନ କରିଥିଲା। ଜବାବରେ ହାପି ଇଲେଭେନ ସମସ୍ତ ଉଇକେଟ ହରାଇ ୭୯ ରନ କରି ପରାଜିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଚାମ୍ପିୟନ ଦଳକୁ ୫୦,୦୦୦ ଟଙ୍କା ଓ ଟ୍ରଫି ଏବଂ ରନର ଅପ୍‌କୁ ୩୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଫାଇନାଲ ମ୍ୟାଚ ୨୪ ତାରିଖରେ ଖେଳାଯିବ। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବିକ୍ରମ କେଶରୀ ସେଠୀ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, କ୍ୟାପ୍‌ଡିଲ ପ୍ରତିଷ୍ଠାତା ଶକ୍ତି ମିଶ୍ର, ପିଜେ କଲୋନୀ ଅଧ୍ୟକ୍ଷ ପ୍ରତାପ ଜେନା, ଜ୍ଞାନ ରଞ୍ଜନ ଜେନା, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949




## REAL ESTATE

### SALE

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ଫ୍ଲାଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.-300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176




Ashirvaad Salon and SPA get good massage for your health tha best therapy. 7077181074. D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999



## BUSINESS

କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 18.12.23 I, Mihir Kumar Garabadu, S/o- Biranchi Narayan Garabadu, Plot No.-1966, West Bindusagar, Old Town, P.S. Shree Lingaraj, Bhubaneswar- 751002, Dist.- Khurda, Odisha declare that, I have changed my Son's name from Vedansh Garabadu to Baibhav Aditya Garabadu. Henceforth my son shall be known as Baibhav Aditya Garabadu for all purposes.
Sd./- Mihir Kumar Garabadu
D-2051

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ପୁରୀ ମୁକାମ ପରିବାର ଅଦାଲତ, ପୁରୀ ସି.ପି. ନଂ୧୪୪ର ସନ ୨୦୨୩ ମସିହା
ଅଶୋକ କୁମାର ପାଢ଼ୀ, ବ୩୧ର୍ଷ, ପି: ଗଗନ ବିହାରୀ ପାଢ଼ୀ, ସା: ନିମାପଡ଼ା, ଥା: ନିମାପଡ଼ା, ଜି: ପୁରୀ ....ଦରଖାସ୍ତକାରୀ
ବନାମ
ରାଜେଶ୍ୱରୀ ଦାଶ, ବ୩୦ର୍ଷ, ସ୍ୱା: ଅଶୋକ କୁମାର ପାଢ଼ୀ, ପି: ସମରେନ୍ଦ୍ର ଦାଶ, ସା: ଦେଉଳିସାହି, ଶ୍ରୀରାମଜୀ ଭବନ, ୱାର୍ଡ ନମ୍ବର-୮, ଥା: ବାରିପଦା, ଜି: ମୟୂରଭଞ୍ଜ। ....ଅପରପକ୍ଷ
ନୋଟିସ
ଏତଦ୍ୱାରା ତୁମ୍ଭେ ରାଜେଶ୍ୱରୀ ଦାଶ, ସ୍ୱା: ଅଶୋକ କୁମାର ପାଢ଼ୀ, ହା/ସା: ପି- ସମରେନ୍ଦ୍ର ଦାଶ, ସା: ଦେଉଳିସାହି, ଶ୍ରୀରାମଜୀ ଭବନ, ୱାର୍ଡ ନମ୍ବର: ୮, ଥା: ବାରିପଦା, ଜି: ପୁରୀଙ୍କୁ ଜଣାଇ ଦିଆଯାଉଅଛି କି, ଆପଣଙ୍କ ବିରୁଦ୍ଧରେ ଦରଖାସ୍ତକାରୀ, ମାନ୍ୟବର ପୁରୀ ମୁକାମ ପରିବାର ଅଦାଲତଙ୍କ ନିକଟେ ବିବାହ ବିଚ୍ଛେଦ ଦାବିରେ ମୋକଦ୍ଦମା ଆଗତ କରିଅଛନ୍ତି। ଆପଣ ବିଧିବଦ୍ଧ କୋର୍ଟ ନୋଟିସ ବାରମ୍ବାର ଅଗ୍ରାହ୍ୟ କରୁଥିବାରୁ ଉକ୍ତ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆସନ୍ତା ତା ୧୮।୦୧।୨୪ରିଖ ଦିବା ଘ ୧୦.୩୦ ମିନିଟ୍ ସମୟରେ ଅତ୍ର ଅଦାଲତରେ ଉପସ୍ଥିତ ହୋଇ ଆପଣଙ୍କ ପକ୍ଷ ରଖିବେ ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।
ଅଦ୍ୟ ଅଦାଲତଙ୍କ ସହିମୋହର କ୍ରମେ ତା୧୬।୧୨।୨୩ରିଖେ ଦିଆଗଲା
ଜଜ୍, ପରିବାର ଅଦାଲତ, ପୁରୀଙ୍କ ସ୍ୱାକ୍ଷର
ଧ-୨୦୪୯

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଙ୍କଜ କୁମାର କର
MA, M.Phil, M.Ed, LLB
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ : ୨୧.୦୨.୧୯୫୨
ତିରୋଧାନ : ୧୦.୧୨.୨୦୨୧
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ-ବିଦ୍ୟୁତପ୍ରଭା କର, ପୁତ୍ର-ଶିଶିର କୁମାର କର, କନ୍ୟା-ମଞ୍ଜୁଶ୍ରୀ ପାଣି, ନାତି-ପୂର୍ଣ୍ଣାୟନ, ବନ୍ଧୁ ଓ କର ପରିବାରବର୍ଗ।
ଧ-୨୦୫୦

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ୱସ୍ତିକା ମହାପାତ୍ର
ଆବିର୍ଭାବ: ୧୬।୧୧।୧୯୯୧
ତିରୋଧାନ: ୦୮।୧୨।୨୦୨୩
ପବିତ୍ର ଧର୍ମମାସ କାର୍ତ୍ତିକରେ, ଅଁଳା/ଅକ୍ଷୟ ନବମୀ, ସଂକ୍ରାନ୍ତିରେ ଭୂମିଷ୍ଠ ହୋଇଥିଲୁ ଏବଂ ଭଗବାନଙ୍କ ମାସ ମାର୍ଗଶିର ଏକାଦଶୀ ତିଥିରେ ସ୍ୱର୍ଗାରୋହଣ କଲୁ। ତୋର କର୍ତ୍ତବ୍ୟ, ତ୍ୟାଗ, ସ୍ନେହ, ସେବା ଏବଂ ଶାନ୍ତ ବ୍ୟକ୍ତିତ୍ୱ ଆମ ପାଖରେ ଅବିସ୍ମରଣୀୟ ହୋଇକି ରହିବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇ ବାବାଙ୍କ ନିକଟରେ ପ୍ରାର୍ଥନା।
ତୋର ଶୋକସନ୍ତପ୍ତ
ସପରିବାର ଏବଂ ସାଙ୍ଗସାଥୀ।
ଧ-୨୦୪୧

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୬୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ମାଛ ଗାଡ଼ିରେ ଚାଲାଣ ହେଉଥିଲା**

ଭୁବନେଶ୍ୱର,୧୮।୧୨ (ସୂର୍ଯ୍ୟକାନ୍ତ ବେହେରା)

ମାଛ ବୁହା ବୋଲେରୋ ପିକ୍‌ଅପ୍‌ରେ ବାଲେଶ୍ୱରରୁ ବେଆଇନ ଭାବେ ଚାଲାଣ ହେଉଛି ବ୍ରାଉନସୁଗାର। ଖୋର୍ଦ୍ଧାକୁ ଚୋରା ଚାଲାଣ ବେଳେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ଭୁବନେଶ୍ୱର ସିଆର୍‌ପି ଛକ ଫ୍ଲାଏ ଓଭର ଉପରୁ ୬୬ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ସହ ୨ ନିଶାବେପାରୀଙ୍କୁ ଧରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ସେକ୍ ସଦିରୁଦ୍ଦିନ (୨୯) ଓ ଆଜମେର ଖାନ (୩୫)। ଉଭୟଙ୍କଠାରୁ ୬୬୦ ଗ୍ରାମ ବ୍ରାଉନସୁଗାର, ନିଶା କାରବାରରେ ବ୍ୟବହୃତ ଗାଡି ଓ ମୋବାଇଲ ଫୋନ୍ ଜବତ ହୋଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କଏଦୀଙ୍କୁ ପ୍ରଶିକ୍ଷଣ ଦେବାରେ ପଛୁଆ

**ଜେଲ ଉତ୍ପାଦିତ ସାମଗ୍ରୀ ବିକ୍ରି ୫୬.୪୫% ହ୍ରାସ**

ଭୁବନେଶ୍ୱର,୧୮।୧୨ (ସତ୍ୟଜିତ୍ ରାଉତ)

ଜେଲଗୁଡ଼ିକରେ କଏଦୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଉଛି। କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ଜେଲ ନିର୍ଦ୍ଦେଶାଳୟ ବିକ୍ରି କରି ମିଳୁଥିବା ଅର୍ଥରୁ ସେମାନଙ୍କ ପାରିଶ୍ରମିକ ଓ ମଙ୍ଗଳ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ଜେଲରୁ ମୁକୁଳିବା ପରେ କଏଦୀମାନେ ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଏକ ସ୍ୱଚ୍ଛଳ ତଥା ଉତ୍ସାହିତ ଜୀବନ ସହ ବଞ୍ଚିପାରିବେ ସେଥିପାଇଁ ଜେଲ୍ ସଂସ୍କାରରେ ଏହି ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡିଛି। ଏପରିକି ଜେଲଗୁଡ଼ିକରୁ ଉତ୍ପାଦିତ ସାମଗ୍ରୀର ବିକ୍ରି ଆଶ୍ଚର୍ଯ୍ୟଜନକ ଭାବେ କମିବାରେ ଲାଗିଛି। ୨୦୨୧ ତୁଳନାରେ ୨୦୨୨ରେ ୫୬.୪୫ ପ୍ରତିଶତ ହ୍ରାସ ପାଇଛି। କଏଦୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ମିଳୁ ନ ଥିବା, ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ଭଲ ନ ଥିବାରୁ ଗ୍ରାହକଙ୍କ ଦ୍ୱାରା ଗ୍ରହଣୀୟ ହେଉ ନ ଥିବା କିମ୍ବା ଏହାର ମାର୍କେଟିଂ ଠିକ୍ ଭାବେ ହେଉ ନ ଥିବା ଆଶଙ୍କା କରାଯାଉଛି।

୨୦୨୨ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଜେଲଗୁଡ଼ିକରେ କଏଦୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି କ୍ଷେତ୍ରରେ ଓଡ଼ିଶା ଦେଶରେ ୨୦ ନମ୍ବର ସ୍ଥାନରେ ରହିଛି। ଏହି ବର୍ଷରେ ରାଜ୍ୟ ଜେଲ ନିର୍ଦ୍ଦେଶାଳୟ ମାତ୍ର ୮୧ ଲକ୍ଷ ଟଙ୍କାର କାରବାର କରିଛି। ୨୦୨୧ରେ ଓଡ଼ିଶା ୧ କୋଟି ୮୬ ଲକ୍ଷ ଟଙ୍କାରେ ଜେଲ୍ ଉତ୍ପାଦିତ ସାମଗ୍ରୀ ବିକ୍ରି କରି ତାଲିକାର ୧୭ ନମ୍ବର ସ୍ଥାନରେ ରହିଥିବାବେଳେ ୨୦୨୨ରେ ଆହୁରି ତଳକୁ ଖସିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ତାମିଲନାଡୁ ସର୍ବାଧିକ ୫୩ କୋଟି ୩୭ ଲକ୍ଷ ଟଙ୍କାର କାରବାର କରି ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟରେ ଗୁଜରାଟ (୩୬.୮୮ କୋଟି), ତୃତୀୟରେ ତେଲେଙ୍ଗାନା (୩୪ କୋଟି), ଚତୁର୍ଥରେ ଦିଲ୍ଲୀ (୨୮.୩୬ କୋଟି) ଏବଂ ପଞ୍ଚମରେ ମହାରାଷ୍ଟ୍ର (୧୯.୯୦ କୋଟି) ରହିଛି। ୨୦୨୧ରେ ମଧ୍ୟ ତାମିଲନାଡୁ ୬୫.୧୭ କୋଟି ସହ ପ୍ରଥମ ସ୍ଥାନରେ ରହିଥିଲା। ଏହାତଳକୁ ଦ୍ୱିତୀୟରେ ତେଲଙ୍ଗାନା (୪୧.୬୧ କୋଟି) ଓ ତୃତୀୟରେ ଦିଲ୍ଲୀ (୧୯.୩୨) ରହିଥିଲା।

ରାଜ୍ୟ ଜେଲ ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ଜେଲ ଅନ୍ତେବାସୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ନିର୍ଦ୍ଦେଶାଳୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ଜେଲଗୁଡ଼ିରେ କଏଦୀମାନଙ୍କୁ ମହମବତୀ, ଫିନାଇଲ, ହଳଦୀକୁଣ୍ଡ, ମୁଢ଼ି ମୁଆଁ, ଅଟା, ବିସ୍କୁଟ୍, ବେସନ, ବିଭିନ୍ନ ପ୍ରକାର ଶୌଖିନ ଜିନିଷ, ପନିପରିବା ଓ ମାଛଚାଷ ଆଦିରେ ପ୍ରଶିକ୍ଷଣ ଦିଆଯାଉଛି। ଛତୁଚାଷ, ବିଭିନ୍ନ ଦୀପ, କପଡ଼ାରୁ ବସ୍ତ୍ର ତିଆରି ଆଦିରେ ଶିକ୍ଷା ଦିଆଯାଉଛି। ମାତ୍ର ଆଶ୍ଚର୍ଯ୍ୟର କଥା ହେଉଛି, ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧ରେ ୯୧୧ଜଣ କଏଦୀଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ୨୦୨୨ରେ ମାତ୍ର ୫୭୪ଜଣ ପ୍ରଶିକ୍ଷଣ ନେଇଛନ୍ତି। ତେବେ

ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଜେଲ ଏକ ସୁଧାର ଗୃହ। କିନ୍ତୁ ସରକାରଙ୍କ ଠାରୁ ଆରମ୍ଭ କରି ଜେଲ ନିର୍ଦ୍ଦେଶାଳୟର ଅଧିକାରୀ ଓ ତଳ କର୍ମଚାରୀ ପର୍ଯ୍ୟନ୍ତ ଜେଲ ସମ୍ପର୍କରେ ନୀତି ଏବଂ ଆଭିମୁଖ୍ୟ ସ୍ପଷ୍ଟ ରହୁନାହିଁ। ଫଳରେ ଜେଲରେ ଧନ୍ଦାମୂଳକ ପ୍ରଶିକ୍ଷଣ କମୁଥିବାରୁ ଉତ୍ପାଦନ ମଧ୍ୟ କମୁଛି। ଏହି ଦିଗରେ ଯୋଜନା କାର୍ଯ୍ୟକାରୀ କରିବାକୁ ଜେଲ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତା ଅଭାବ ରହୁଛି। ଉତ୍ପାଦିତ ସାମଗ୍ରୀର ବିକ୍ରି କମୁଥିବାରୁ ଜେଲ ସୁଧାର କାର୍ଯ୍ୟକ୍ରମ ଠିକ୍ ଭାବେ ଚାଲୁନାହିଁ ବୋଲି ଜଣାପଡୁଛି। ଏଥିପାଇଁ ମଧ୍ୟ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କର ଆନ୍ତରିକତା ରହୁନାହିଁ। ଜାମୁଝରି ମୁକ୍ତାଶ୍ରମ ଜେଲରେ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ସେଠାରେ ୧୨୫ ଜଣ ଅନ୍ତେବାସୀ ରହିବାର କ୍ଷମତା ଥିବାବେଳେ ମାତ୍ର ୨୫/୨୬ ଜଣ ରହୁଛନ୍ତି। ସେଠାରେ ଅଧିକ ଭିତ୍ତିଭୂମି ଥିବାବେଳେ ତାହାକୁ କାର୍ଯ୍ୟରେ ଲଗାଯାଉନାହିଁ। ଏପରିକି ଆୟ ହ୍ରାସ କମିବା କ୍ଷେତ୍ରରେ ଦୁର୍ନୀତି ମଧ୍ୟ ଏକ କାରଣ ହୋଇପାରେ ବୋଲି ସେ କହିଛନ୍ତି। ଏନେଇ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ଛାତ୍ରୀଙ୍କୁ ପ୍ରେମକରି ବନ୍ଧାହେଲେ ଶିକ୍ଷକ

ଶେରଗଡ,୧୮।୧୨ (ସୂର୍ଯ୍ୟନାରାୟଣ ଦାଶ)

ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ କରିବା ଅଭିଯୋଗରେ ସୋମବାର ଗଞ୍ଜାମ ଜିଲା ଶେରଗଡ ବ୍ଲକ ବି. ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଗ୍ରାମବାସୀ ଖୁଣ୍ଟରେ ବାନ୍ଧି ପୋଲିସ ଜିମା ଦେଇଥିଲେ। ଗିରଫ ହୋଇଛନ୍ତି। ନାବାଳିକା ଛାତ୍ରୀଙ୍କ ବାପାଙ୍କ ଏତଲା କ୍ରମେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ କଳା ଶିକ୍ଷକ ନିଳାମ୍ବର ଦାସ।

ପ୍ରକାଶ ଯେ, ଶିକ୍ଷକ ଜଣଙ୍କ ନାବାଳିକା ଛାତ୍ରୀଙ୍କୁ ଭଲ ପାଉଥିଲେ। ଏହା ଜାଣିବା ପରେ ତାଙ୍କୁ ତାଗିଦ୍ କରିବାକୁ ଗ୍ରାମର କେତେଜଣ ଲୋକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କହିଥିଲେ। କିନ୍ତୁ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଗତ ଶନିବାର ନାବାଳିକା ଜଣକ ବିଦ୍ୟାଳୟ ଯାଇଥିଲେ ମଧ୍ୟ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ସମ୍ପୃକ୍ତ ଶିକ୍ଷକଙ୍କ ଘରୁ ଝିଅକୁ ପାଇଥିଲେ। ସୋମବାର ଗ୍ରାମବାସୀଙ୍କ ସହ ଛାତ୍ରୀଙ୍କ ପରିବାର ଲୋକେ ବିଦ୍ୟାଳୟ ମୁଖ୍ୟ ଗେଟ୍‌ରେ ତାଲା ପକାଇ ବାହାରେ ଜଗି ରହିଥିଲେ। ପୂର୍ବାହ୍ନ ୧୦ଟାରେ ଶିକ୍ଷକ ନିଳାମ୍ବର ବିଦ୍ୟାଳୟରେ ପହଞ୍ଚିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଜୋର ଜବରଦସ୍ତି ଖୁଣ୍ଟରେ ବାନ୍ଧି ଦେଇଥିଲେ। ପୋଲିସ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ଶେରଗଡ଼ ପୋଲିସ ନଂ.୬୦୯/୨୩ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଚଳନ୍ତା ଟ୍ରେନ୍‌ରୁ ପଡ଼ି ପୋଲିସ କର୍ମଚାରୀଙ୍କ ମୃତ୍ୟୁ

ରାୟଗଡ଼ା,୧୮।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନ ନିକଟରୁ ରବିବାର ରାତିରେ ଜଣେ ପୋଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ରାୟଗଡା ସହର ଗାନ୍ଧୀ ନଗରରେ ରହୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ବି. ହରିଶଙ୍କର ରାଓ (୫୮)। ସେ ରାୟଗଡ଼ା ଜିଲା ପୋଲିସ ମୁଖ୍ୟାଳୟରେ ଏଫ୍‌ଓ ପୋଷ୍ଟରେ କାର୍ଯ୍ୟରତ ଥିଲେ। ସେ ଚଳନ୍ତା ଟ୍ରେନରୁ ଓହ୍ଲାଇବା ସମୟରେ ତଳେ ପଡ଼ି ପ୍ରାଣ ହରାଇଥିବା କୁହାଯାଉଛି। ହରିଶଙ୍କର ରବିବାର ସକାଳୁ କୌଣସି କାମରେ ଶ୍ରୀକାକୁଲମ ଯାଇଥିଲେ। ସେଠାରୁ ଫେରିବା ପାଇଁ ପୁରୀଠାରୁ ଓଖା ଭାୟା ରାୟଗଡ଼ା ଦେଇ ଯାଉଥିବା ଟ୍ରେନ୍‌ରେ ଚଢ଼ିଥିଲେ। ଟ୍ରେନଟି ରୁଟ୍ ପରିବର୍ତ୍ତନ କରି ରାୟଗଡ଼ା ଦେଇଯାଉଥିବାବେଳେ ରାୟଗଡ଼ାରେ ତାହାର ରହଣି ନ ଥିବା ଜାଣିବା ପରେ ସେ ରାୟଗଡ଼ା ଷ୍ଟେଶନଠାରେ ଚଳନ୍ତା ଟ୍ରେନ୍‌ରୁ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଯବାନ-ମାଓବାଦୀ ଗୁଳିବିନିମୟ

ମାଲକାନଗିରି,୧୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାର ମାଓବାଦୀଙ୍କଗଡ କୁହାଯାଉଥିବା କୋରମା ଜଙ୍ଗଲରେ ସୁରକ୍ଷାବାହିନୀ ଯବାନ ଓ ମାଓବାଦୀ ମଧ୍ୟରେ ସୋମବାର ଗୁଳି ବିନିମୟ ହୋଇଛି। ସୁରକ୍ଷାବାହିନୀ ଏକ ମାଓବାଦୀ କ୍ୟାମ୍ପକୁ ଧ୍ୱଂସ କରି ଦେଇଛନ୍ତି। କୋରମା ଜଙ୍ଗଲ ମଧ୍ୟରେ ମାଓବାଦୀ ସଙ୍ଗଠନର ଗଙ୍ଗାଲୁର ଏରିଆ କମିଟି ସଚିବ ଦିନେଶ ମୋଡିୟମ ଗଙ୍ଗାଲୁର, ଏସଓଏସ ଦୁଲା କାରାମ, ଗଙ୍ଗାଲୁର ଏରିଆ ଆରପିସି କମଲୁ ପୁନେମଙ୍କ ସମେତ ୨୦ ଜଣ ସଶସ୍ତ୍ର ମାଓବାଦୀ ଉପସ୍ଥିତ ଥିବା ସୂଚନା ପାଇ ଡିଆରଜି, ବସ୍ତର ଫାଇଟରସ ଯବାନ, ଏସଟିଏଫ ଓ କୋବ୍ରା ଯବାନଙ୍କୁ ନେଇ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ସମୟରେ ଯବାନ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ସମୟରେ ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ ହୋଇଛି।

# ୧୦ ମାଓବାଦୀ ଗିରଫ

ମାଲକାନଗିରି,୧୮।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବେଖପାଲର ଜଙ୍ଗଲରେ ବିଏସ୍‌ଏଫ୍ ଯବାନ ସର୍ଚ୍ଚ ଅପରେଶନ କରିବା ସମୟରେ ୧୦ ଜଣ ମାଓବାଦୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ମାଓବାଦୀମାନେ ଭାନ୍‌ସୀ ଆସଫାଲ୍ଟ ପ୍ଲାଣ୍ଟରେ ୧୪ଟି ଗାଡି ପୋଡିବା ଘଟଣାରେ ସମ୍ପୃକ୍ତ ଥିଲେ। ସେମାନେ ବେଖପାଲର ଜଙ୍ଗଲରେ ଲୁଚି ରହିଥିବା ଖବରପାଇ ଡିଆରଜି, ବସ୍ତାର ଫାଇଟର୍ସ ଓ ସିଆରପିଏଫର ଯବାନମାନେ ସୋମବାର ସକାଳେ ସର୍ଚ୍ଚ ଅପରେଶନ କରିଥିଲେ। ମାଓବାଦୀଙ୍କୁ ଗିରଫ କରିଥିଲେ।

# କଂସା, ପିତ୍ତଳ ପାତ୍ରରେ ଗ୍ରାହକଙ୍କୁ ପରଷାଯିବ ଓଡ଼ିଆ ଖାଦ୍ୟ

**ସମ୍ବଲପୁର ରାଣୀବଖରୀରେ ଆରମ୍ଭ ହେଲା ଓଡ଼ିଆ ବ୍ୟଞ୍ଜନର ପସରା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ**

ସମ୍ବଲପୁର,୧୮।୧୨ (ପ୍ରମୋଦ ବହିଦାର)

ସମ୍ବଲପୁର ରାଣୀବଖରୀରେ ସୋମବାରଠାରୁ ଆରମ୍ଭ ହୋଇଛି ଖାଣ୍ଟି ଓଡ଼ିଆ ବ୍ୟଞ୍ଜନ ପରଷୁଥିବା ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ'। ସମ୍ବଲପୁରବାସୀଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶେଷକରି ରାଜ୍ୟ ବାହାରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ପାରମ୍ପରିକ ଓଡ଼ିଆ ଓ ସ୍ଥାନୀୟ ବ୍ୟଞ୍ଜନର ସ୍ୱାଦ ସହ ପରିଚିତ କରାଇବା ପାଇଁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି) ପକ୍ଷରୁ ଏହା ଲୋକାର୍ପିତ ହୋଇଛି। ସନ୍ଧ୍ୟାରେ ରାଣୀବଖରୀରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଜିଲାପାଳ ଅନନ୍ୟା ଦାସ ପାଠ କରିଥିଲେ। ମନ୍ତ୍ରୀ ପାତ୍ର ସମ୍ବଲପୁରଠାରେ 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟର ଶୁଭାରମ୍ଭ ପାଇଁ ଜାରି ରହିଥିବା ପ୍ରୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ଆଜି ସଫଳ ହୋଇଛି ବୋଲି କହିଥିଲେ। ସେ କହିଲେ ଯେ, ପ୍ରାକୃତିକ ସମ୍ଭାରରେ ଭରପୂର ଓଡ଼ିଶାରେ ପର୍ଯ୍ୟଟନର ଦ୍ରୁତ ବିକାଶ ପାଇଁ ରାଜ୍ୟ ସରକାର ଚଳିତବର୍ଷ ୬ ଶହ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଆଗାମୀ ବର୍ଷ ଏହା ୮ ଶହ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଏ। ତେବେ ସମ୍ବଲପୁରରେ ଏହି ରେଷ୍ଟୁରାଣ୍ଟର ଶୁଭାରମ୍ଭ ହେବା ପରେ ଏଠାରେ ପର୍ଯ୍ୟଟନର ଅନ୍ୟଏକ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରଦୀପ କୁମାର ସାହୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ଉପସ୍ଥିତ ଥିଲେ। ଶେଷରେ ଓଟିଡିସି ମହାପ୍ରବନ୍ଧକ ଲଲାଟେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ରେଷ୍ଟୁରାଣ୍ଟରେ ଭୋଜନ ପାଇଁ ୯ଟି ଶୀତତାପ ନିୟନ୍ତ୍ରିତ ବିଳାସପୂର୍ଣ୍ଣ କକ୍ଷ ରହିଛି। କେତେକ ଭୋଜନ କକ୍ଷ ଦୁଇଟି ଟେବୁଲ ଓ ୬ଟି ଆସନବିଶିଷ୍ଟ ହୋଇଥିବା ବେଳେ ଅନ୍ୟ କେତେକ କକ୍ଷରେ କେବଳ ଗୋଟିଏ ଟେବୁଲ ଓ ୪ଟି ଆସନ ରହିଛି। ସମସ୍ତ ଭୋଜନ କକ୍ଷକୁ ସ୍ୱତନ୍ତ୍ର ଓ ପାରମ୍ପରିକ ଆଲୋକରେ ସଜ୍ଜିତ କରାଯାଇଛି। କୋଠରିଗୁଡ଼ିକୁ ପ୍ରବେଶ ପାଇଁ ପୁରାତନ ରାଜପ୍ରାସାଦ ଢାଞ୍ଚାର ଦ୍ୱାର ରହିଛି। ଯାହା ଏକ ରାଜପ୍ରାସାଦର ଆଭ୍ୟନ୍ତରୀଣ ଦୃଶ୍ୟର ଭ୍ରମ ସୃଷ୍ଟି କରୁଛି। ଏହାସହିତ ଏଠାରେ ପରଷା ଯିବାକୁଥିବା ଖାଣ୍ଟି ଓଡ଼ିଆ ଓ ସ୍ଥାନୀୟ ପାରମ୍ପରିକ ବ୍ୟଞ୍ଜନ ପର୍ଯ୍ୟଟକ ଏବଂ ଗ୍ରାହକଙ୍କ ପାଇଁ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ପାରମ୍ପରିକ କଂସା ଓ ପିତ୍ତଳ ପାତ୍ରରେ ପରଷାଯିବ ବୋଲି ଏହାର ତତ୍ତ୍ୱାବଧାରକ ଶିବ ପ୍ରସାଦ ପାଣିଗ୍ରାହୀ ଓ ସମ୍ବଲପୁର ପର୍ଯ୍ୟଟନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ହେମନ୍ତ କୁମାର ପ୍ରଧାନ କହିଛନ୍ତି।



ରାଣୀବଖରୀରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ' ଲୋକାର୍ପିତ କରୁଛନ୍ତି।

# ଆଇଡିବିଆଇ ବ୍ୟାଙ୍କରେ କୋଟିଏ ଟଙ୍କାର ହେରଫେର

**ନବରଙ୍ଗପୁର ବ୍ରାଞ୍ଚ ମ୍ୟାନେଜରଙ୍କୁ ଅଟକ ରଖି ପୋଲିସର ପଚରାଉଚରା**

ନବରଙ୍ଗପୁର,୧୮।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରସ୍ଥିତ ଆଇଡିବିଆଇ ବ୍ୟାଙ୍କରେ ଏକ କୋଟି ଟଙ୍କାର ଆର୍ଥିକ ହେରଫେର ନେଇ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପରେ ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ (ଡିଜିଏମ୍) ସ୍ୱରୂପ ଦତ୍ତ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ କରି ବ୍ରାଞ୍ଚ ମ୍ୟାନେଜର ଅଞ୍ଜନ କୁମାର ଶତପଥୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଅଭିଯୋଗକୁ ଭିତ୍ତି କରି ନବରଙ୍ଗପୁର ପୋଲିସ କେସ୍ ନମ୍ବର ୫୨୩/୨୩ ରେ ଏକ ମାମଲା ରୁଜୁ କରିଛି।

ନବରଙ୍ଗପୁର ଆଇଡିବିଆଇ ବ୍ରାଞ୍ଚ ମ୍ୟାନେଜର ଅଞ୍ଜନ କୁମାର ଶତପଥୀ ଚଳିତ ମାସ ୧ ଓ ୨ ତାରିଖରେ ବ୍ୟାଙ୍କରେ କାରବାର ହୋଇଥିବା ଟଙ୍କାରୁ ୧ କୋଟି ନେଇ ଏସବିଆଇର କରେନ୍ସିଚେଷ୍ଟରେ ଜମା କରିବାର ଥିଲା। ସେ ଟଙ୍କା କିନ୍ତୁ ଜମା ହୋଇ ନ ଥିବା ଜଣାପଡ଼ିଛି। ୧୫ ତାରିଖରେ ଏକ କୋଟି ଟଙ୍କାର ନିଅଣ୍ଟ ଥିବା ଜଣାପଡିଥିଲା, ଯାହାକୁ ନେଇ ବ୍ୟାଙ୍କ କର୍ମଚାରୀ ଡିଜିଏମ୍ ସ୍ୱରୂପ ଦତ୍ତଙ୍କୁ ଜଣାଇଥିଲେ। ଏହାପରେ ଡିଜିଏମ୍ ନବରଙ୍ଗପୁରସ୍ଥିତ ଆଇଡିବିଆଇ ବ୍ୟାଙ୍କକୁ ଆସି ତଦନ୍ତ କରିବା ପରେ ଥାନାରେ ଏତଲା ଦେଇଛନ୍ତି। ନବରଙ୍ଗପୁର ପୋଲିସ ବ୍ୟାଙ୍କକୁ ଯାଇ ତଦନ୍ତ କରିବା ସହ ମ୍ୟାନେଜରଙ୍କୁ ଅଟକରଖି ପଚରାଉଚରା କରୁଛି। ସୋମବାର ବ୍ୟାଙ୍କ କାରବାର କିଛି ସମୟ ପାଇଁ ବନ୍ଦ ଥିଲା। ବ୍ୟାଙ୍କ ବନ୍ଦ କରାଯିବା ନେଇ ଗ୍ରାହକଙ୍କ ନିମନ୍ତେ କୌଣସି ପୂର୍ବ ସୂଚନା କିମ୍ବା ନୋଟିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି କରାଯାଇନଥିଲା। ଗ୍ରାହକମାନେ ବ୍ୟାଙ୍କକୁ ଆସି ନିରାଶ ହୋଇ ଫେରିଥିଲେ। ବ୍ୟାଙ୍କ ସମ୍ମୁଖରେ ପୋଲିସ ଗାଡ଼ି ରହିଥିବା ବେଳେ ପୋଲିସ ବ୍ରାଞ୍ଚ ଭିତରେ ତଦନ୍ତ କରୁଥିବା ସୂଚନା ମିଳିଛି। ଏ ନେଇ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ରଭତରାଙ୍କୁ ପଚାରିବାରୁ ଆଇଡିବିଆଇ ବ୍ୟାଙ୍କରେ ଟଙ୍କା ହେର୍‌ଫେର୍ ନେଇ ଅଭିଯୋଗ ଆସିଛି। ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଛି ବୋଲି ସେ କହିଛନ୍ତି।

# ୧ କେଜି ୮ ଗ୍ରାମ ବ୍ରାଉନସୁଗାର ଜବତ

କେନ୍ଦୁଝର,୧୮।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ସୀମାନ୍ତ ଏନ୍‌ଏଚ୍ ନଂ. ୨୦ ବାଇପାସରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସଟିଏଫ୍) ସୋମବାର ପ୍ରାୟ ୧ କେଜି ୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଚାଲାଣରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟାଉନ ଥାନା ଅଞ୍ଚଳର ବୋଲି ଜଣାପଡିଛି। ଏ ନେଇ ଏସ୍‌ଟିଏଫ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଉକ୍ତ ଯୁବକ ସଦର ବ୍ଲକ୍ ଶଙ୍କରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଧଳାଜହର କିଣି ଥିବା ବେଳେ ଏହା ଜଲେଶ୍ୱର ଅଞ୍ଚଳରୁ ଜିଲାକୁ ଆସୁଥିବା ସୂଚନା ମିଳିଛି।

# କୁକୁଡ଼ାଖିଆକୁ କେନ୍ଦ୍ରକରି ଡବଲ ମର୍ଡର

**■ ଟାଙ୍ଗିଆରେ ହାଣି ୨ ଜଣଙ୍କୁ ହତ୍ୟା**

**■ ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ**

ଟେନ୍‌ସା,୧୮।୧୨ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଅମାରୁଦ୍ଧି ଗ୍ରାମରେ ଶନିବାର ଡବଲ ମର୍ଡର ହୋଇଛି। କୁକୁଡ଼ା ଖାଇବାକୁ କେନ୍ଦ୍ରକରି ୨ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ସାଧୁ ଚରଣ ବୁରୱେଲି(୨୪) ଓ ଜଙ୍କ ସୁଣ୍ଡି(୪୫)। ହତ୍ୟାପରେ ଅଭିଯୁକ୍ତ ୨ ମୃତଦେହକୁ ଗାଁ ନିକଟ ନାଳରେ ଲୁଚାଇ ରଖିଥିଲେ। ଧରିପଡିବା ଭୟରେ ଅଭିଯୁକ୍ତ ଜୁରା ମଣ୍ଡା (୩୫) ସୋମବାର କେ. ବଲାଙ୍ଗ ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣାଟି ପଦାକୁ ଆସିଥିଲା। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକେ ରବିବାର ଥାନାରେ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା ରୁଜୁ କରି ସେମାନଙ୍କୁ ଖୋଜାଖୋଜି କରୁଥିଲା। ସୂଚନା ଅନୁସାରେ, ଶନିବାର ଏକ ମଲା କୁକୁଡ଼ା ଅଭିଯୁକ୍ତ ଜୁରା ଖାଇବା ପରେ ସେହି ଗ୍ରାମର ୨ ଯୁବକ ତାଙ୍କ ସହିତ ଝଗଡା କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପୂର୍ବ ଯୋଜନା ମୁତାବକ ସେହିଦିନ ରାତିରେ ଜୁରାକୁ ମାରିବାକୁ ୪ ଜଣ ଅସ୍ତ୍ର ଧରି ଆସିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଜୁରା ଘରେ ଥିବା ଟାଙ୍ଗିଆ ଧରି ୨ ଜଣଙ୍କୁ ହତ୍ୟା କରିଥିଲା। ପୋଲିସ ହାତରେ ଧରାପଡିଯିବା ଭୟରେ ମୃତଦେହକୁ ନିକଟସ୍ଥ ନାଳ ନିକଟରେ ଫୋପାଡି ଦେଇଥିଲା। ସୋମବାର ଅଭିଯୁକ୍ତ ନିଜେ କେ. ବଲାଙ୍ଗ ଥାନାରେ ଆତ୍ମସମର୍ପଣ କରିବା ସହ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ଟି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ କେସ୍ ନଂ. ୧୦୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜୁରାଙ୍କୁ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଅଭିଯୁକ୍ତଙ୍କୁ କେନ୍ଦୁଝରରୁ ଧରିଲା ପୋଲିସ

**ଶାରଳା ମନ୍ଦିର ହୁଣ୍ଡିରୁ ଚୋରି ଘଟଣା**

ତିର୍ତ୍ତୋଲ,୧୮।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା କନକପୁରସ୍ଥିତ ପ୍ରସିଦ୍ଧ ଶାରଳା ମନ୍ଦିର ବେଢ଼ା ପରିସରରେ ଥିବା ହୁଣ୍ଡି କାଟି ଚୋରି ଘଟଣାର ଅଭିଯୁକ୍ତ କେନ୍ଦୁଝରରୁ ଧରାପଡ଼ିଛନ୍ତି। ଏହାପରେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଜିଲାର ସଦର ଥାନା ଅଧୀନ କେରି ଗ୍ରାମର ରୁଷି ମହାନ୍ତ। ତାଙ୍କ ନିକଟରୁ ନଗଦ ୧ଲକ୍ଷ ୬୪ ହଜାର ଟଙ୍କା ସମେତ ୨ ମୋବାଇଲ, ୧ କ୍ୟାରି ବ୍ୟାଗ, ୧ ଏୟାର ବ୍ୟାଗ, ହୁଣ୍ଡି କାଟିବାରେ ବ୍ୟବହୃତ କଟର, କମ୍ବଳ, ଟଙ୍କା ସବୁ ବାନ୍ଧି ନେଇଥିବା ଏକ ଶାଢ଼ି, ୨ଟି ରେଞ୍ଚି, ତାର ଜବତ କରାଯାଇଛି। ଅବଶିଷ୍ଟ ଟଙ୍କା ବାଟରୁ ପାଇଥିବା ଲୋକଙ୍କ ଠାରୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ସମୁଦାୟ ୧ ଲକ୍ଷ ୮୫ ହଜାର ୧୯୬ ଟଙ୍କା ପୋଲିସ ଜବତ କରିଛି।

ପୋଲିସ ସୂଚନା ମୁତାବକ, ଗତ ୧୪ ତାରିଖ ରାତିରେ ଅଭିଯୁକ୍ତ ଜଣକ ମନ୍ଦିର ବେଢ଼ାରେ ଥିବା ହୁଣ୍ଡିକୁ କଟର ସାହାଯ୍ୟରେ କାଟି ଟଙ୍କା ନେଇ ପଳାଇଯାଇଥିଲେ। ଯିବା ବାଟରେ କିଛି ଟଙ୍କା ଗଳି ପଡ଼ିଥିଲା। ଏହାକୁ ସ୍ଥାନୀୟ ଲୋକେ ପାଇ ପୋଲିସରେ ହସ୍ତାନ୍ତର କରିଥିଲେ। ଏହା ପରେ ଅଭିଯୁକ୍ତ ନିଜ ଗାଁକୁ ପଳାଇ ଯାଇଥିଲେ। ସେ ବ୍ୟବହାର କରିଥିବା ମୋବାଇଲକୁ ଟ୍ରାକିଂ କରି ପୋଲିସ କେନ୍ଦୁଝର ଯାଇଥିଲା। ଘରେ ତାଙ୍କୁ ନ ପାଇ କରଞ୍ଜିଆଠାରେ ଥିବା ଏକ ହୋଟେଲରେ ଚଢ଼ାଉ କରି ରୁଷିଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ସେ ଏକମାତ୍ର ଅଭିଯୁକ୍ତ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଆୟୋଜିତ ପ୍ରେସ୍ ମିଟ୍‌ରେ ଅତିରିକ୍ତ ଏସ୍‌ପି ଜୟନ୍ତ ମହାପାତ୍ର, ଥାନା ଆଇଆଇସି ଅଭିମନ୍ୟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅଭିଯୁକ୍ତଙ୍କଠାରୁ ଜବତ ଟଙ୍କା ଓ ମୋବାଇଲ ।

# ଧାମରାରେ ଅଟକ, ଯୋଡ଼ାରେ ଖୋଳତାଡ଼

**ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ ରପ୍ତାନି**

ଯୋଡ଼ା, ୧୮।୧୨ (ମାନସ ମହାନ୍ତି)

ଭଦ୍ରକ ଜିଲା ଧାମରା ବନ୍ଦରରେ ଏସ୍‌ଟିଏଫ(ସ୍ପେଶାଲ ଟାସ୍କଫୋର୍ସ) ଦ୍ୱାରା ୧୪ଟି ଲୁହାପଥର ବୋଝେଇ ଟ୍ରକ୍ ଅଟକ ରଖାଯାଇଛି। ମାନ ହେରଫେର ଅଭିଯୋଗରେ ନିରୂପଣ ପାଇଁ ସମସ୍ତ ଟ୍ରକରୁ ନମୁନା ସଂଗ୍ରହ କରି ବାରିପଦା ଡେପୁଟି ଡାଇରେକ୍ଟର କେମିକାଲ ଅନାଲିସିସକୁ ପଠାଯାଇଛି। ଏହାର ଲିଙ୍କ୍ ଯୋଡ଼ା ଖଣି ମଣ୍ଡଳସ୍ଥିତ ଜଲହରୀ ଖଣିରେ ଜଣାପଡ଼ିବା ପରେ ଖଣି ବିଭାଗରେ ତତ୍ପରତା ପ୍ରକାଶ ପାଇଛି। ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ପବିତ୍ର ସାହୁଙ୍କ ନେତୃତ୍ୱରେ ଷ୍ଟେଟ୍‌ଲେଭଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ, ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର ଖଣି ସ୍କ୍ୱାଡ, ଜଲହରି ଲୌହ ଖଣିରେ ପରିବହନ ହେଉଥିବା ଷ୍ଟକ୍ ଯାଞ୍ଚ କରୁଛନ୍ତି। ଖଣିରୁ ପରିବହନ ହେଉଥିବା ଲୁହାପଥରର ଗ୍ରେଡ୍ ନିମ୍ନମାନର ପରିବହନ ଅନୁମୋଦନ ପାଇଥିବା ବେଳେ ବନ୍ଦରରେ ଅଟକ ଟ୍ରକ୍ ଗୁଡ଼ିକରେ ଉଚ୍ଚମାନର ଲୁହାପଥର ବୋଝେଇ ହୋଇଥିବା ସନ୍ଦେହ କରି ଏସଟିଏଫ୍ ଅଟକ ରଖିଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ରାଜସ୍ୱ କ୍ଷତିର ଆଶଙ୍କା ଥିବାରୁ ଏହାର ଠିକ ମାନ ନିରୂପଣ ପାଇଁ ବାରିପଦା କେମିକାଲ ଅନାଲିସିସକୁ ପଠାଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉ କି, ୨୦୨୦ରେ ଉକ୍ତ ଖଣି ସର୍ବୋଚ୍ଚ ୧୨୬.୨୩ ପ୍ରତିଶତ ପ୍ରିମିୟମ ନିଲାମ ଡାକି ଖଣି ପାଇଥିଲା। ଲୋ ଗ୍ରେଡ୍‌ର ଅନୁମୋଦନରେ କିପରି ହାଇଗ୍ରେଡ୍ ଲୁହାପଥର ପରିବହନ କରାଗଲା ଏହାର ତଦନ୍ତ ଖଣି ବିଭାଗ କରୁଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ବେଙ୍ଗଲ-ୟୁପି ମ୍ୟାଚ ଡ୍ର

ପୁଣେ, ୧୮।୧୨ (ପି.ଟି.)

ପ୍ରୋ-କବାଡ଼ି ଲିଗ୍ ସିଜନ ୧୦ରେ ସୋମବାର ବେଙ୍ଗଲ ୱାରିୟର୍ସ ଓ ୟୁପି ଯୋଦ୍ଧାସ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ୩୭-୩୭ରେ ଟାଇ ଭାବେ ଶେଷ ହୋଇଛି। କୌତୂହଳର କଥା ଚଳିତବର୍ଷ ଏପର୍ଯ୍ୟନ୍ତ ଟାଇରେ ଶେଷ ହୋଇଥିବା ଏହା ଦ୍ୱିତୀୟ ମ୍ୟାଚ। ଉଭୟ ମ୍ୟାଚରେ ୱାରିୟର୍ସ ଦଳ ରହିଥିଲା। ମ୍ୟାଚଟି ଏପରି ସଂଘର୍ଷପୂର୍ଣ୍ଣ ଥିଲା ଯେ, ପ୍ରଥମାର୍ଦ୍ଧ ଖେଳରେ କୌଣସି ଦଳ ଅଲଆଉଟ କରିବାରେ ସଫଳ ହୋଇ ନ ଥିଲେ। ସୋମବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ପୁନେରୀ ପଲ୍‌ଟନ ୩୦-୨୩ରେ ଦବଙ୍ଗ ଦିଲ୍ଲୀକୁ ପରାସ୍ତ କରିଛି। ପଏଣ୍ଟ ଟେବୁଲରେ ପୁନେରୀ ପଲ୍‌ଟନ ଏପର୍ଯ୍ୟନ୍ତ ଖେଳିଥିବା ୫ଟି ମ୍ୟାଚରୁ ୪ ବିଜୟ ଓ ଗୋଟିଏ ପରାଜୟ ସହ ୨୧ ପଏଣ୍ଟ ଅର୍ଜନ କରି ଶୀର୍ଷରେ ରହିଛି। ବେଙ୍ଗଲ ୱାରିୟର୍ସ ୬ଟି ମ୍ୟାଚରୁ ୩ ବିଜୟ ୧ ପରାଜୟ ଓ ୨ ଡ୍ର ସହ ୨୧ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।

# ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ

କଟକ,୧୮।୧୨( ସୁପ୍ରିୟା ପ୍ରିୟଦର୍ଶିନୀ )

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ସିନିୟର ମହିଳା ଏକଦିବସୀୟ ଟ୍ରଫି ପାଇଁ ୧୬ ଜଣିଆ ମହିଳା ଦଳ ଘୋଷଣା କରାଯାଇଛି । ମାଧୁରୀ ମେହେଟାଙ୍କୁ ଦଳର ଅଧିନାୟିକା କରାଯାଇଛି। ଦଳରେ ସରିତା ନାୟକ, ପୁନମ ବେହେରା, ସଙ୍ଗୀତା ଖାଡ଼ିଆ, ପ୍ରଜ୍ଞା ପାରମିତା ମହାନ୍ତି, ଶିଳ୍ପା ସ୍ୱାଇଁ, ଅଞ୍ଜଳି ସିଂ, ସୁଶ୍ରୀ ଦିବ୍ୟଦର୍ଶିନି, ମୋନାଲିସା ରାଉତ, ରିମା ଲକ୍ଷ୍ମୀ ଏକ୍କା, ସୁଜାତା ମଲ୍ଲିକ, ରାମେଶ୍ୱରୀ ନାୟକ, ରୋଶନାରା ପରୱିନ, ଲକ୍ଷ୍ମୀପ୍ରିୟା ନାୟକ ଓ ପ୍ରିୟଙ୍କା ସାହୁ ପ୍ରମୁଖ ସ୍ଥାନ ପାଇଛନ୍ତି। ଜାନୁୟାରୀ ୪ରୁ ଓଡ଼ିଶାର ଅଭିଯାନ ଆରମ୍ଭ ହେବ। ଓଡ଼ିଶାର ସମସ୍ତ ମ୍ୟାଚ୍ ପୁଡୁଚେରୀରେ ଖେଳାଯିବ। ୭ଟି ମ୍ୟାଚ୍ ମଧ୍ୟରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଆସାମକୁ ଭେଟିବ। ଏହାପରେ ମଣିପୁର, ରେଲୱେ, ତାମିଲନାଡୁ, ସୌରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଚଣ୍ଡିଗଡକୁ ଭେଟିବ। ମହିଳା ଦଳରେ ୭ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡ ବାଏ ରଖାଯାଇଛି। ପୂର୍ବରୁ ଏହି ଦଳ ଗଠନ କରିବା ପାଇଁ ଓସିଏ ବହୁ କସରତ କରିଛି । ତେଣୁ ଆସନ୍ତା ସିଜନରେ ଓଡ଼ିଶା ଦଳ ବେଶ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିବ ବୋଲି ସୋମବାର ଓସିଏ ସମ୍ମୀଳନି କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହିଳା ଚୟନ କମିଟି ଅଧକ୍ଷା ରଶ୍ମିତା ମହାନ୍ତି ସୂଚନା ଦେଇଛନ୍ତି । ଏହି ଅବସରରେ ମୁଖ୍ୟ କୋଚ୍ ରୁମେଲୀ ଧର ଉପସ୍ଥିତ ଥିଲେ।


ରୁମେଲୀ ଧର ଓ ରଶ୍ମିତା ମହାନ୍ତି।

# ଅରୁଣ, ଶୁଭଶ୍ରୀଙ୍କ କୃତିତ୍ୱ

**ଭୁବନେଶ୍ୱର, ୧୮।୧୨ (ତପନ ସ୍ୱାଇଁ):** ଚଳିତ ମାସ ୧୨ ଓ ୧୩ ତାରିଖ ଦୁଇଦିନ ଧରି ଚେନ୍ନାଇସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସ୍ପୋର୍ଟ୍ସ ପରଫର୍ମାନ୍ସ ଲେଭଲ୍-୧ କୋର୍ସ ହୋଇଯାଇଛି। ଏଥିରେ ଓଡିଶାର ଦୁଇଜଣ ବାସ୍କେଟବଲ କୋଚ ଅରୁଣ ମିଶ୍ର ଓ ଶୁଭଶ୍ରୀ ଯୋଗ ଦେଇ କୃତୀତ୍ୱର ସହ ଉତ୍ତିର୍ଣ୍ଣ ହୋଇଛନ୍ତି। ଅରୁଣ ସମ୍ପ୍ରତି ଏକ ନମ୍ବର ସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ଖେଳ ଶିକ୍ଷକ ଥିବା ବେଳେ ଶୁଭଶ୍ରୀ କୋଲକାତାର ଏକ ସ୍କୁଲରେ କାର୍ଯ୍ୟରତ। ଅରୁଣ ଏହା ପୂର୍ବରୁ ପଟିଆଲାସ୍ଥିତ ଏନଆଇଏସ ବାସ୍କେଟବଲ କୋଚିଂ କୋର୍ସ ଓ ଅନ୍ତର୍ଜାତୀୟ ଲେଭଲ-୧ କୋର୍ସ କରିଛନ୍ତି।

# ଶତବୀର ସିଂ ରିୟାରଙ୍କୁ ଗୁରୁଦାୟିତ୍ୱ

ମାଲକାନଗିରି, ୧୮।୧୨

(ଦୁର୍ଯ୍ୟୋଧନ ପାତ୍ର)



ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେଉଥିବା କ୍ରିକେଟ୍ ସିରିଜରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରିକେଟ ଦଳର ମ୍ୟାନେଜର ରୂପେ ମାଲକାନଗିରି ଜିଲାର ଶତବୀର ସିଂ ରିୟାର ଦାୟିତ୍ୱ ପାଇଛନ୍ତି। ଏହା ଜିଲା ପାଇଁ ଗୌରବ ଆଣିଦେଇଛି । ରିୟାରଙ୍କ ଭିଜା ହୋଇ ପାରୁ ନ ଥିବାରୁ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଅନୁଷ୍ଠିତ ହୋଇଥିବା ମ୍ୟାଚଗୁଡିକରେ ସେ ଭାଗ ନେଇ ପାରି ନ ଥିଲେ। ଏବେ ଏହି ସମସ୍ୟା ନ ଥିବାରୁ ସେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଗସ୍ତ କରିବେ। ଗୋଟିଏ ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚରେ ସେ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବେ ବୋଲି ରିୟାର ପ୍ରକାଶ କରିଛନ୍ତି।

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଦାଢା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ସୋମନାଥ ସମସ୍ତଙ୍କୁ ସୁଦୟା କରିଥା'ନ୍ତୁ ଏତିକି ପ୍ରାର୍ଥନା ।
ଅଶୋକ କୁମାର ଜେନା (କାଳିଆ)
ପଦାସାହି, ସହସମ୍ପାଦକ-ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦାଢା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଜନକ ମାଝୀ
ସମ୍ପାଦକ-ବିଜୁ ଜନତା ଦଳ ଭୁବନେଶ୍ୱର ଜୋନ
ସଭାପତି-ଦାଢା ସେବା ସମବାୟ ସମିତି ଓ ପଞ୍ଚସଖା ସାମାଜିକ ସଂଗଠନ

ଅଭିନନ୍ଦନ
ଅଗ୍ରଣୀ ତଥା ନିର୍ଭୀକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଜି.ଏଫ୍. ଖାନ୍
ନିରାପତ୍ତା ବନାଞ୍ଚଳ (ରେଞ୍ଜର), ନନ୍ଦନକାନନ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରଘୁନାଥପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଜୟନ୍ତ କୁମାର ମାଝୀ (ବବୁଲ)
ଯୁବ ନେତା

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ପାଠକପାଠିକା, ସାମ୍ବାଦିକ ଓ ପଟିଆଗଡର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ନୀଳକଣ୍ଠ ସମସ୍ତଙ୍କୁ କୃପାଦୃଷ୍ଟିରେ ରଖିଥାନ୍ତୁ ଏତିକି ପ୍ରାର୍ଥନା ।
ପ୍ରଶାନ୍ତ ପାତ୍ର (ପଟିଆଗଡ)
ସହସମ୍ପାଦକ ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ମେଣ୍ଢାଶାଳ ସେବା ସମବାୟ ସମିତି ଉପରେ ନିର୍ଭରଶୀଳ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ଆସନ୍ତୁ ସମସ୍ତେ ମିଶି ଆମ ସମିତିକୁ ଆହୁରି ଆଗେଇନେବା ।
ମହେନ୍ଦ୍ର କୁମାର ପ୍ରଧାନ
ସମାଜସେବୀ
ସଭାପତି, ମେଣ୍ଢାଶାଳ ସେବା ସମବାୟ ସମିତି

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ୫ ପଞ୍ଚାୟତ ସମେତ ବାବା ସୋମନାଥ ସେନାର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା । ବାବା ସମସ୍ତଙ୍କୁ ସୁଖଶାନ୍ତି ପ୍ରଦାନ କରନ୍ତୁ, ତତ୍‌ସହିତ ଧରିତ୍ରୀର ଉନ୍ନତିପଥରେ ସହାୟକ ହୋଇ ଚାଲିଥାନ୍ତୁ, ବାବାଙ୍କ ଚରଣରେ ଏତିକି କାମନା ।
ଅମିୟ କୁମାର ଜେନା (ଲୁଲିଆ)
ଉପ-ସଭାପତି, ବାବା ସୋମନାଥ ସେନା ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅମୂଲ୍ୟ କୁମାର ମହାରଣା
ଯୁବ ଉଦ୍ୟୋଗପତି, ଦାଢାପାଟଣା, ବାରଙ୍ଗ
ବରିଷ୍ଠ ସଦସ୍ୟ ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ରଘୁନାଥପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ସୋମନାଥ ସମସ୍ତଙ୍କୁ ଖୁସିରେ ରଖନ୍ତୁ ।
କମଳାକାନ୍ତ ସାସ୍ମଲ (ମାଣିକ)
ରଘୁନାଥପୁର
ସଦସ୍ୟ-ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ରଘୁନାଥପୁର ଗ୍ରାମପଞ୍ଚାୟତ ଓ ବଣିକ ସଂଘର ବ୍ୟବସାୟୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅନିରୁଦ୍ଧ ରାଉତ (ଠୁକୁରା)
ରଘୁନାଥପୁର, ଉପସଭାପତି ଲକ୍ଷ୍ମୀଦେବୀ ବଣିକ ସଂଘ, ନନ୍ଦନକାନନ ବସଷ୍ଟାଣ୍ଡ

ଅଭିନନ୍ଦନ
ଧରିତ୍ରୀର ୫୦ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ରଘୁନାଥପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଭୁ ସୋମନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏହାହିଁ ମୋର କାମନା ।
ଝୁନା ରାଉତ (ଝୁନା)
ପୂର୍ବତନ ସମିତିସଭ୍ୟା ରଘୁନାଥପୁର ଗ୍ରାମପଞ୍ଚାୟତ
ସଭାନେତ୍ରୀ ନାରୀ ଜାଗରଣ ମଞ୍ଚ, ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ୫ ପଞ୍ଚାୟତର ସମସ୍ତ ଜନସାଧାରଣ ଓ ମା' ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ସୋମନାଥ ସମସ୍ତଙ୍କୁ ସୁଦୟା କରନ୍ତୁ ଏହାହିଁ ମୋର କାମନା ।
ସଞ୍ଜୁକ୍ତା ପଢିହାରୀ (ନାରୀନେତ୍ରୀ)
ସଭାପତି- ଗ୍ରାମୀଣ ମଣ୍ଡଳ ମହିଳା ମୋର୍ଚ୍ଚା

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମସ୍ତ ପାଠକପାଠିକା, ଶୁଭେଚ୍ଛୁମାନଙ୍କ ସହ କଲ୍ୟାଣପୁର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ସୋମନାଥ ସମସ୍ତଙ୍କୁ ସୁଦୟା କରନ୍ତୁ ଏତିକି ପ୍ରାର୍ଥନା ।
ମଙ୍ଗରାଜ ହାତୀ
ସମ୍ପାଦକ- ସାଇନିଂଷ୍ଟାର କ୍ଲବ, ଗଣ୍ଡରପୁର

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ମୋର ସମସ୍ତ ସହପାଠୀମାନଙ୍କୁ ଶୁଭେଚ୍ଛା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଣାମ ।
ସାଇ ଶ୍ରିୟାଂଶୁ ରାଉତ
ରଘୁନାଥପୁର ଡିଏଭି ପବ୍ଲିକ ସ୍କୁଲ ଚନ୍ଦ୍ରଶେଖରପୁର

ଅଭିନନ୍ଦନ
ଲୋକପ୍ରିୟ, ନିରପେକ୍ଷ ଓ ନିର୍ଭୀକ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାରଙ୍ଗ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ମଣ୍ଟୁ ମାଝୀ (ଯୁବନେତା)
ପୂର୍ବତନ ବାରଙ୍ଗ ବ୍ଲକ କଂଗ୍ରେସ ସଭାପତି ବାରଙ୍ଗ

ଅଭିନନ୍ଦନ
ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ରଘୁନାଥପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ପ୍ରଭୁ ସୋମନାଥ ସମସ୍ତଙ୍କୁ ଖୁସିରେ ରଖନ୍ତୁ ।
ମଣ୍ଟୁ ରାଉତ (ରଘୁନାଥପୁର)
ସଦସ୍ୟ-ବାବା ସୋମନାଥ ସେନା ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଦାଢ଼ା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଅସିତ କୁମାର ସାସ୍ମଲ
ବରିଷ୍ଠ ସଦସ୍ୟ- ବାବା ସୋମନାଥ ସେନା ଓ ପଞ୍ଚସଖା ସାମାଜିକ ସଙ୍ଗଠନ

ଅଭିନନ୍ଦନ
ଲୋକପ୍ରିୟ ତଥା ନିର୍ଭୀକ ଖବରକାଗଜ ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ମେଣ୍ଢାଶାଳ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ମୋତେ ୫ ବର୍ଷ ପାଇଁ ଆପଣଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
କୌଶଲ୍ୟା ବଳିଆରସିଂହ
ନାରୀନେତ୍ରୀ, ସରପଞ୍ଚ ମେଣ୍ଢାଶାଳ ଗ୍ରାମପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ପଟିଆଗଡ଼ ସହ ୩ନଂ ୱାର୍ଡର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ୫ ବର୍ଷ ପାଇଁ ଆପଣଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ ।
ଲକ୍ଷ୍ମୀପ୍ରିୟା ପରିଡ଼ା
କର୍ପୋରେଟର ୱାର୍ଡ ନଂ.-୩

ଅଭିନନ୍ଦନ
ନିରପେକ୍ଷ ଓ ନିର୍ଭୀକ ଖବରକାଗଜ ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ପାଠକପାଠିକା, ଅଭିଭାବକ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟକୁ ଭଲପାଉଥିବା ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ।
ପ୍ରଦୀପ କୁମାର ପାଣି
ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟ,
ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର, କାନନବିହାର
ଶ୍ରୀ ଇଣ୍ଟରନ୍ୟାସନାଲ ସ୍କୁଲ, କାନନବିହାର
ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର
ସଭାପତି,
ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର, କାନନବିହାର
ଶ୍ରୀ ଇଣ୍ଟରନ୍ୟାସନାଲ ସ୍କୁଲ, କାନନବିହାର

ଅଭିନନ୍ଦନ
ନିର୍ଭୀକ ତଥା ନିରପେକ୍ଷ ଖବରକାଗଜ ଧରିତ୍ରୀର ୫୦ତମ ଜନ୍ମବାର୍ଷିକୀ ଅବସରରେ ରଘୁନାଥପୁର ପଞ୍ଚାୟତବାସୀ ଓ ବଣିକ ସଂଘର ବ୍ୟବସାୟୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ସନ୍ତୋଷ କୁମାର ରାଉତ
ଯୁବନେତା, ରଘୁନାଥପୁର
ସଭାପତି-ଲକ୍ଷ୍ମୀଦେବୀ ବଣିକ ସଂଘ, ନନ୍ଦନକାନନ ବସଷ୍ଟାଣ୍ଡ

With best compliments from:-
maithan ISPAT LIMITED
Works: Kalinganagar Industrial Complex, At: Dasmania, Dist.: Jajpur - 755026

# ସିରିଜ କବ୍‌ଜା ଲକ୍ଷ୍ୟରେ ଭାରତ

ଜିକେବ୍ରା, ୧୮।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ମଙ୍ଗଳବାର ଘରୋଇ ଦଳ ବିପକ୍ଷରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ପ୍ରଥମ ମ୍ୟାଚ ୮ ଉଇକେଟରେ ଜିତିଥିବାରୁ ଦ୍ୱିତୀୟ ମ୍ୟାଚ ଜିତି ସିରିଜ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ଏହି ମ୍ୟାଚରେ ରଜତ ପଟିଦାର କିମ୍ବା ରିଙ୍କୁ ସିଂଙ୍କୁ ପଦାର୍ପଣ ସୁଯୋଗ ମିଳିପାରେ। ପ୍ରଥମ ମ୍ୟାଚରେ ଦୁଇ ଯୁବ ଖେଳାଳି ଅର୍ଶଦୀପ ସିଂ ଓ ଆଭେସ ଖାନ୍ ନିଖୁଣ ବୋଲିଂ କରିଥିଲେ, ଯାହାଫଳରେ ଭାରତ ଏକତରଫା ଭାବେ ମ୍ୟାଚ ଜିତି ନେଇଥିଲା। ଭାରତ ଆହୁରି ମଧ୍ୟ ଏହାର ଏକମାତ୍ର ରିଜର୍ଭ ଖେଳାଳି ଶ୍ରେୟସ ଆୟରଙ୍କୁ ସୁଯୋଗ ଦେଇପାରେ। କାରଣ ରବିବାର ଗେମ୍ ପରେ ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ଟେଷ୍ଟ ମ୍ୟାଚ 'ବକ୍ସିଂ ଡେ'ଠାରୁ ଆରମ୍ଭ ହେବ। ଏଥିଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଶ୍ରେୟସ ସ୍ଥାନ ପାଇଛନ୍ତି। ରିଙ୍କୁ ସିଂ ଇତିମଧ୍ୟରେ ତାଙ୍କର ଅନେକ ପ୍ରଶଂସକ ସୃଷ୍ଟି କରିସାରିଲେଣି। ସେମାନେ ବାମହାତୀ ବ୍ୟାଟରଙ୍କଠାରୁ ଆହୁରି ଅଧିକ ଆଶା କରୁଛନ୍ତି। ଉପମହାଦେଶ ତୁଳନାରେ ଦକ୍ଷିଣ ଆଫ୍ରିକା ପିଚ୍‌ଗୁଡ଼ିକ ବଲ୍ ଅଧିକ ବାଉନ୍ସ କରୁଛି। ରିଙ୍କୁଙ୍କ ଟେକ୍‌ନିକ୍ ଏଥିରେ ଭଲ କାମ କରୁଛି। ଅନ୍ୟପକ୍ଷରେ ପଟିଦାର ଏକ ବର୍ଷ ହେଲା ସଂଘର୍ଷ କରିଆସୁଛନ୍ତି। ଚଳିତ ବର୍ଷ ପ୍ରଥମ ଭାଗରେ ତାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି। ସୁସ୍ଥ ହେବା ପରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ରିଙ୍କୁ ୬ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଫିନିଶର ଦାୟିତ୍ୱ ତୁଲାଇପାରନ୍ତି। ୩୦ ବର୍ଷୀୟ ପଟିଦାର ତାଙ୍କ ରାଜ୍ୟ ଦଳ ମଧ୍ୟପ୍ରଦେଶ ତରଫରୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିଆସୁଛନ୍ତି। ରିଙ୍କୁଙ୍କୁ ଯଦି ୬ ନମ୍ବର ସ୍ଥାନରେ ଖେଳାଯାଏ ତେବେ ସଞ୍ଜୁ ସାମସନ ବାଦ୍‌ପଡ଼ିବେ। ସାମସନ ଅଧିନାୟକ କେ.ଏଲ. ରାହୁଲଙ୍କ ପଛକୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ବ୍ୟାଟିଂ କରୁଛନ୍ତି। ସେ ଆହୁରି ମଧ୍ୟ ଉଇକେଟକିପିଂ କରିପାରନ୍ତି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଦଳରୁ ବାହାର କରିବା ସହଜ ମନେହେଉ ନାହିଁ। ତେବେ ରିଙ୍କୁଙ୍କ ଲିଷ୍ଟ-ଏ' ରେକର୍ଡ (୫୦ ପାଖାପାଖି ଆଭରେଜ) ଯୋଗୁ ତାଙ୍କୁ ଦଳରେ ସ୍ଥାନ ଦେବା ଲାଗି ଟିମ୍ ମ୍ୟାନେଜେଣ୍ଟ ବାଧ୍ୟ ହୋଇପାରନ୍ତି। ଯଦି ଉଭୟ ରିଙ୍କୁ ଓ ପଟିଦାରଙ୍କୁ ଦଳରେ ସ୍ଥାନ ମିଳେ ତେବେ ତିଳକ ବର୍ମା ଦଳରୁ ବାଦ୍ ପଡ଼ିପାରନ୍ତି। କାରଣ ପ୍ରଥମ ଦିନିକିଆରେ ସେ କେବଳ ଦୁଇଟି ବଲ୍ ସାମ୍ନା କରିପାରିଛନ୍ତି। ଏହି ମ୍ୟାଚରେ କିନ୍ତୁ ବାମହାତୀ ଯୁବ ଓପନର ବି. ସାଇ ସୁଦର୍ଶନ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରି ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। କ୍ୱିଣ୍ଟନ ଡି' କକ୍‌ଙ୍କ ପରେ ତାଙ୍କ ସ୍ଥାନ କିଏ ପୂରଣ କରିବ ସେ ନେଇ ଚିନ୍ତାରେ ଅଛି ଦକ୍ଷିଣ ଆଫ୍ରିକା କ୍ରିକେଟ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୪ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍**

## ମୁମ୍ବାଇ ଟିମ୍‌ର ମାଲିକ ହେଲେ ଅମିତାଭ ବଚ୍ଚନ

ମୁମ୍ବାଇ, ୧୮।୧୨(ପି.ଟି.)

ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ସହିତ ସେ ସମ୍ପୃକ୍ତ ଥିବା କଥା କହିଛନ୍ତି ମେଗା ଫିଲ୍ମ ଷ୍ଟାର ଅମିତାଭ ବଚ୍ଚନ। ମୁମ୍ବାଇ ଟିମ୍‌ର ସେ ମାଲିକ ହୋଇଥିବା କହିଛନ୍ତି। ଆଇଏସ୍‌ପିଏଲ୍ ହେଉଛି ଭାରତର ପ୍ରଥମ ଟେନିସ ବଲ୍ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ। ଏହା ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥାଏ। ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ମୁମ୍ବାଇରେ ମାର୍ଚ୍ଚ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଏକ ଷ୍ଟାଡିୟମ ଭିତରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଦଳ ଯଥା ହାଇଦ୍ରାବାଦ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା ଓ ଶ୍ରୀନଗର ଭାଗ ନେବେ। ୮୧ ବର୍ଷୀୟ ବଚ୍ଚନ କହିଛନ୍ତି, ସେ ପ୍ରଥମ ଥର ଏକ ଲିଗ୍ ସହିତ ସମ୍ପୃକ୍ତ ହୋଇଛନ୍ତି। ନିକଟରେ ଅକ୍ଷୟ କୁମାର ଓ ହ୍ରିତିକ ରୋଶନ ଯଥାକ୍ରମେ ଶ୍ରୀନଗର ଓ ବେଙ୍ଗାଲୁରୁ ଟିମ୍‌ର ମାଲିକ ହୋଇଥିବା ବିଷୟ ଘୋଷଣା କରିଥିଲେ।

# ଚାହିଦାରେ ରାଚିନ, ଷ୍ଟାର୍କ, ଶାର୍ଦ୍ଦୁଳ

**ଆଜି ଆଇପିଏଲ୍ ମିନି ଅକ୍ସନ**

■ ୩୩୩ ଖେଳାଳି ଶର୍ଟଲିଷ୍ଟ
(୨୧୪ ଭାରତୀୟ ଓ ୧୧୯ ବିଦେଶୀ)

ଦୁବାଇ, ୧୮।୧୨

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମିନି ଅକ୍ସନ (ଖେଳାଳି ନିଲାମ) ପ୍ରକ୍ରିୟା ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଲିଗ୍ ଇତିହାସରେ ଏଥର ପ୍ରଥମଥର ପାଇଁ ଅକ୍ସନ ପ୍ରକ୍ରିୟା ବିଦେଶରେ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ର ଅନୁସାରେ ଅକ୍ସନ ପାଇଁ ମୋଟ ୧୧୬୬ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩୩୩ ଖେଳାଳିଙ୍କ ନାମ ଶର୍ଟଲିଷ୍ଟ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧୪ ଭାରତୀୟ ଓ ୧୧୯ ବିଦେଶୀ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧୬ କ୍ୟାପେଡ୍, ୨୧୫ ଅନ୍‌କ୍ୟାପେଡ ଓ ୨ ଆସୋସିଏଟ ଦେଶର ଖେଳାଳି। ୧୦ ଫ୍ରାଞ୍ଚାଇଜ୍ ଦଳ ନିକଟରେ ୭୭ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ଏହା ମଧ୍ୟରେ ୩୦ ବିଦେଶୀ ଖେଳାଳିଙ୍କ ପାଇଁ ରିଜର୍ଭ ରହିଛି। ମିନିଅକ୍ସନ ଅନେକ ସମୟରେ ଆଶ୍ଚର୍ଯ୍ୟ ଚକିତ କରିବା ଭଳି ହୋଇଥାଏ। କାରଣ ଅଳ୍ପ ଜଣାଶୁଣା ଖେଳାଳି ମଧ୍ୟ ହାଇ ଡିମାଣ୍ଡରେ ରହିଥାନ୍ତି। ବିଶେଷକରି କ୍ୱାଲିଟି ଭାରତୀୟ ଖେଳାଳି ଚାହିଦାରେ ରହିଥାନ୍ତି। ବିଭିନ୍ନ ଦଳର ଅକ୍ସନ କୌଶଳକୁ ନେଇ ଏହି ଉପସ୍ଥାପନା...



ରାଚିନ ରବୀନ୍ଦ୍ର

**ଚେନ୍ନାଇ ସୁପର କିଙ୍ଗ୍ସ**
**ବଳକା ଅର୍ଥ: ୩୧.୪ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ମନୀଷ ପାଣ୍ଡେ, ଜୋଶ୍ ହାଜେଲଉଡ୍‌ଙ୍କ ପରି ଖେଳାଳିଙ୍କ ପାଇଁ ଆଗ୍ରହ ଦେଖାଇପାରେ।

**ଦିଲ୍ଲୀ କ୍ୟାପିଟାଲ୍ସ**
**ବଳକା ଅର୍ଥ: ୨୮.୯୫ କୋଟି**
ଦିଲ୍ଲୀ କ୍ୟାପିଟାଲ୍ସ ପ୍ରିୟାଂଶ ଆର୍ଯ୍ୟ, ହର୍ଷଲ ପଟେଲ, ଶାର୍ଦ୍ଦୂଳ ଠାକୁର, ଜୋଶ୍ ଇଂଲିଶ୍ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ଦଳକୁ ଆଣିବାକୁ ଚେଷ୍ଟା କରିପାରେ।

**ଗୁଜରାଟ ଟାଇଟନ୍ସ**
**ବଳକା ଅର୍ଥ: ୩୮.୧୫ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ରାଚିନ ରବୀନ୍ଦ୍ର, ହାରିଲ ମିଚେଲ ଓ ଅଜମତୁଲ୍ଲା ଓମାରଜାଇଙ୍କ ପାଇଁ ଖେଳାଳିଙ୍କୁ କିଣିବାକୁ ଚେଷ୍ଟା କରିପାରେ।

**କୋଲକାତା ନାଇଟ ରାଇଡର୍ସ**
**ବଳକା ଅର୍ଥ: ୩୨.୭୦ କୋଟି**
କୋଲକାତା ଦଳ ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ, ରାଚିନ ରବୀନ୍ଦ୍ର, ହର୍ଷଲ ପଟେଲଙ୍କ ଉପରେ ନଜର ରଖିବା ସମ୍ଭାବନା ରହିଛି।

**ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ**
**ବଳକା ଅର୍ଥ: ୧୩.୧୫ କୋଟି**
ସୁପର ଜାଏଣ୍ଟ୍ସ ଗେରାଲ୍ଡ କୋଜି, ଦିଲସାନ ମଦୁଶଙ୍କା, ଆଶୁତୋଷ ଶର୍ମାଙ୍କ ପରି ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ମୁମ୍ବାଇ ଇଣ୍ଡିଆନ୍ସ**
**ବଳକା ଅର୍ଥ: ୧୭.୭୫ କୋଟି**
ହସରଙ୍ଗାଙ୍କ ସମେତ ମନଭ ସୁଥର, ଆଶୁତୋଷ ଶର୍ମା ଓ ଦର୍ଶନ ମିସାଲଙ୍କ ଉପରେ ଏହି ଦଳର ନଜର ରହିବ।

**ସନ୍‌ରାଇଜର୍ସ ହାଇଦ୍ରାବାଦ**
**ବଳକା ଅର୍ଥ: ୩୪ କୋଟି**
ଏହି ଦଳରେ ଅଧିକ ଭାରତୀୟ ଖେଳାଳି ନ ଥିବାରୁ ଶାର୍ଦ୍ଦୂଳ ଓ ହର୍ଷଲ ଚାହିଦାରେ ରହିବେ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
**ବଳକା ଅର୍ଥ: ୨୩.୨୫ କୋଟି**
ମିଚେଲ ଷ୍ଟାର୍କ, ପ୍ୟାଟ୍ କମିନ୍ସ, ମନଭ ସୁଥରଙ୍କ ପରି ଖେଳାଳିଙ୍କ ପ୍ରତି ଏହି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ପଞ୍ଜାବ କିଙ୍ଗ୍ସ**
**ବଳକା ଅର୍ଥ: ୨୯.୧୦ କୋଟି**
ଶାର୍ଦ୍ଦୂଳ ଓ ହର୍ଷଲଙ୍କ ସମେତ ରାଚିନ ରବୀନ୍ଦ୍ରଙ୍କ ଉପରେ ପଞ୍ଜାବ କିଙ୍ଗ୍ସ ନଜର ରଖିବା ସମ୍ଭାବନା ଅଧିକ ରହିବ।

**ରାଜସ୍ଥାନ ରୟାଲ୍ସ**
**ବଳକା ଅର୍ଥ: ୧୪.୫୦ କୋଟି**
ସମୀର ରିଜ୍‌ଭି, ସ୍ୱସ୍ତିକ ଚିକ୍କାରା, ଆଶୁତୋଷ ଶର୍ମା, ଅଭିମନ୍ୟୁ ସିଂ, ସୌରଭ ଚୌହାନଙ୍କ ପରି ଘରୋଇ ଖେଳାଳି ଏହି ଦଳର ଚାହିଦାରେ ରହିବା ସମ୍ଭାବନା ରହିଛି।

## ନବୀନ ଉଲ ହକ୍ ୨୦ ମାସ ବାସନ୍ଦ

ଦୁବାଇ, ୧୮।୧୨ (ପି.ଟି.)

ଆଫଗାନିସ୍ତାନ ପେସ୍ ବୋଲର ନବୀନ ଉଲ ହକ୍‌ଙ୍କୁ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ (ଆଇଏଲ୍-ଟି୨୦)ରୁ ୨୦ ମାସ ପାଇଁ ବାସନ୍ଦ କରାଯାଇଛି। ଶାରଜା ୱାରିୟର୍ସ ସହିତ ସେ କରିଥିବା ପ୍ଲେୟର ଏଗ୍ରିମେଣ୍ଟର ଖିଲାପ କରିଛନ୍ତି। ନବୀନ ଟୁର୍ନାମେଣ୍ଟର ଓପନିଂ ସିଜନ ପାଇଁ ୱାରିୟର୍ସ ସହିତ ଚୁକ୍ତି କରିଥିଲେ। ତାଙ୍କ ଚୁକ୍ତି ମିଆଦ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ମାତ୍ର ସେ ସିଜନ-୨ ପାଇଁ ରିଟେନଶସ ନୋଟିସରେ ସ୍ୱାକ୍ଷର କରିବାକୁ ମନା କରି ଦେଇଥିଲେ। ଏହି ବିବାଦରେ ହସ୍ତକ୍ଷେପ କରିବା ଲାଗି ଶାରଜା ୱାରିୟର୍ସ ଆଇଏଲଟି୨୦କୁ ନିବେଦନ କରିଥିଲା। ଜଣେ ସ୍ୱାଧୀନ ତୃତୀୟ ପକ୍ଷଙ୍କ ଦ୍ୱାରା ଏହି ବିବାଦର ସମାଧାନ ଚାହୁଁଥିଲା। କିନ୍ତୁ ମଧ୍ୟସ୍ଥତା ବିଫଳ ହୋଇଥିଲା। ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡେଭିଡ ହ୍ୱାଇଟଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଉଭୟ ପକ୍ଷଠାରୁ ପୃଥକ ପୃଥକ ଭାବେ ସେମାନଙ୍କ କଥା ଶୁଣିଥିଲା। ପ୍ରମାଣକୁ ପରୀକ୍ଷା କରି ଚୂଡ଼ାନ୍ତ ରାୟ ପ୍ରଦାନ କରିଥିଲା। ନବୀନଙ୍କୁ ୨୦ ମାସ ବାସନ୍ଦ କରିଥିଲା।

# ଗ୍ରୁପ୍ 'ଡି'ରେ ଓଡ଼ିଶା ଏଫ୍‌ସି

**କଳିଙ୍ଗ ସୁପର କପ୍ ଫୁଟ୍‌ବଲ**

ଭୁବନେଶ୍ୱର, ୧୮।୧୨
(ତପନ ସ୍ୱାଇଁ)

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ତଦନୁସାରେ ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏଫ୍‌ସି ଗୋଆ, ବେଙ୍ଗାଲୁରୁ ଏଫ୍‌ସି ଏବଂ ଆଇ-ଲିଗ୍ କ୍ୱାଲିଫାୟର ବିଜେତା ଦଳ ଏହି ଗ୍ରୁପ୍‌ରେ ଖେଳିବେ। କଳିଙ୍ଗ ସୁପରକପ୍ ନାମରେ ନାମିତ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ୨୦୨୪ ଜାନୁୟାରୀ ୯ରୁ ୨୮ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେବ। ମୋଟ ୪ଟି ଗ୍ରୁପ୍‌ରେ ୧୬ ଦଳକୁ ନେଇ ପ୍ରତିଯୋଗିତା ହେବ। ପ୍ରତି ଗ୍ରୁପ୍‌ରେ ଆଇଏସ୍‌ଏଲର ୩ ଓ ଆଇ-ଲିଗ୍‌ର ଗୋଟିଏ ଦଳ ଖେଳିବ। ପ୍ରତି ଗ୍ରୁପ୍‌ର ବିଜେତା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଗ୍ରୁପ୍ 'ଏ'ରେ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ, ହାଇଦ୍ରାବାଦ ଏଫ୍‌ସି, ଆଇ ଲିଗ୍-୧, ଗ୍ରୁପ୍ 'ବି'ରେ କେରଳ ବ୍ଲାଷ୍ଟର୍ସ, ନର୍ଥ ଇଷ୍ଟ ୟୁନାଇଟେଡ, ଜାମସେଦପୁର ଏଫ୍‌ସି, ଆଇ ଲିଗ୍-୨ ଏବଂ ଗ୍ରୁପ୍ 'ସି'ରେ ମୁମ୍ବାଇ ସିଟି ଏଫ୍‌ସି, ଚେନ୍ନାଇନ୍ , ପଞ୍ଜାବ ଏଫ୍‌ସି ଏବଂ ଆଇ ଲିଗ୍-୩ ଦଳ ସାମିଲ ରହିବ। କଳିଙ୍ଗ କପ୍ ଚାମ୍ପିୟନ ଦଳ ଏଏଫ୍‌ସି ୨୦୨୪-୨୫ ସିଜନର ଏସିଏଲ୍ ୨ ପ୍ରିଲିମିନାରି ଷ୍ଟେଜ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ପ୍ରତି କ୍ଲବକୁ ସର୍ବାଧିକ ୬ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ ପାଇଁ ଅନୁମତି ମିଳିଛି।


ଗଣ୍ଠି ବ୍ୟଥା ପାଇଁ ନୂଆ ନୂଆ ପ୍ରୟୋଗ କରିବା ଛାଡ଼ନ୍ତୁ
ସବୁଠାରୁ ବିଶ୍ୱସନୀୟ ଡା.ଅର୍ଥୋ ତେଲକୁ ଆପଣାନ୍ତୁ

Dr. Juneja's
ଡା.ଅର୍ଥୋ®
Ayurvedic Oil, Capsules, Spray & Ointment

ଆପଣ ଜାଣନ୍ତି କି? ଭଲ ପରିଣାମ ପାଇଁ ଡା.ଅର୍ଥୋ ତେଲକୁ ଜାନୁ ବସ୍ତି ଥେରାପିରେ ବ୍ୟବହାର କରିବାର ଉପାୟ

ଜାନୁ ବସ୍ତି ଥେରାପି କ'ଣ

ଏମିତି ତ ଆଣ୍ଠୁ ବ୍ୟଥାର ଉପଚାର ପାଇଁ ଅନେକ ପ୍ରକାର ଔଷଧ, ଥେରାପି ଏବଂ ସର୍ଜରିର ବିକଳ୍ପ ରହିଛି କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜାନୁ ବସ୍ତି ଥେରାପି, ଯାହାକି ବିଶେଷ ରୂପେ ଆଣ୍ଠୁରେ ହେଉଥିବା ବ୍ୟଥାର ସମସ୍ୟାକୁ ଠିକ୍ କରିବାରେ ସହାୟତା କରିଥାଏ ।

ଜାନୁ ବସ୍ତି ଥେରାପି କେମିତି କରାଯିବା ଉଚିତ

ଏହି ଥେରାପି କରିବା ପାଇଁ ରୋଗୀଙ୍କୁ ସିଧା କରି ଶୁଆଇ ଦିଆଯାଏ । ତା'ପରେ ବେସନ ବା ଚଣା ଅଟାକୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ସହିତ ଚକଟି ଦିଅନ୍ତୁ, ଆଣ୍ଠୁ ଚାରିପଟେ ଚକଟା ଅଟାର ମୋଟା ପ୍ରାଚୀର ତିଆରି କରନ୍ତୁ । ଏହା ପରେ ଡା.ଅର୍ଥୋ ଆୟୁର୍ବେଦ ତେଲକୁ ସେଥିରେ ଯଥେଷ୍ଟ ମାତ୍ରାରେ ଭରିଦିଅନ୍ତୁ । ରୋଗୀ ସ୍ଥିର ରହିବେ ଏବଂ 15ରୁ 20 ମିନିଟ୍ ଯାଏଁ ଡା.ଅର୍ଥୋ ତେଲ ସେହିଭଳି ଭରି ହୋଇ ରହିବାକୁ ଦିଅନ୍ତୁ । ଭଲ ପରିଣାମ ପାଇଁ ଏହି ତେଲକୁ ପୁନର୍ବାର ପ୍ରୟୋଗ କରନ୍ତୁ ନାହିଁ ବରଂ ନୂଆ ତେଲ ବ୍ୟବହାର କରନ୍ତୁ ।

ଜାନୁ ବସ୍ତି ଥେରାପି କେମିତି କାମ କରିଥାଏ

ଆୟୁର୍ବେଦରେ ତେଲକୁ ବାତ ଦୋଷ ଶାନ୍ତ କରିବା ନିମନ୍ତେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପାଦାନ ବିବେଚନା କରାଯାଇଥାଏ । ଏହା ବାତ ଦୋଷ କାରଣରୁ ସୃଷ୍ଟି ହେଉଥିବା ଗଣ୍ଠି ସମ୍ବନ୍ଧୀୟ କଷ୍ଟକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହି ପଦ୍ଧତିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲକୁ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଠୁ ଉପରେ ସ୍ଥିର କରି ରଖାଯାଇଥାଏ ଏବଂ ଏହାଦ୍ୱାରା ଏହି ତେଲ ଆଣ୍ଠୁର ତନ୍ତୁରେ ପ୍ରବେଶ କରି ଗତିଶୀଳତାକୁ ବଢ଼ାଇବାରେ ସହାୟତା କରିଥାଏ । ବାରମ୍ବାର ଏହାକୁ କରାଗଲେ ଗଣ୍ଠିର ତନ୍ତୁକୁ ଶକ୍ତି ମିଳିଥାଏ । ଏହି ପ୍ରକ୍ରିୟା ପ୍ରତି ସପ୍ତାହରେ ଏକରୁ ଦୁଇଥର କରାଯାଇପାରିବ ।

Clinically Tested*
*For efficacy and safety.






24x7 Helpline: 78769 77777 | www.drorthooil.com | Available at all medical & general stores









Honda SENSING* – Advanced Driver Assistance System (ADAS) | 26.03 cm (10.25") Advanced HD Touchscreen Display Audio | Ultra Spacious Cabin with Luxurious Brown & Black Two-Tone Colour Interior | Refined Petrol Engine - 1.5 L i-VTEC DOHC with VTC (Available in CVT & MT) | LaneWatch™ Camera | Honda Connect with 5 Year Complimentary Subscription~ | Large Cargo Space (458 L) and High Ground Clearance (220 mm^)

Experience the Boldly Stylish and Comfortable SUV at your nearest Honda showroom.

SEAT BELTS FOR ALL SAFETY FOR ALL | Honda Auto Terrace | Honda ProCARE CUSTOMER SERVICE | 10 YEAR ANYTIME WARRANTY | Scan now to Book or Buy Honda From Home

Terms and conditions applicable. #Ex-Showroom price. Images and depictions shown above are computer generated/enhanced for illustrative and representational purpose only. Actual colour, feature and any other specification as shown may not be part of standard fitment and may differ from actual product. Appearance of black shade on glass of vehicle is due to lighting effect. All colours, features and specifications are grade specific and subject to change without prior notice. Please check and experience the availability of variants, colours and features at the authorized dealerships. ~Honda Connect application works on smartphones: Android 7.0 & above; iOS 11.0 & above. All services and features of Honda Connect are subject to network availability, facility/ transmission limitations as per government regulation and permissions in specific regions/ locations. Honda Connect comes with free subscription for 1st 5 years from the date of purchase. 10 year Anytime Warranty is extendable up to the maximum age of 10 years/120000 kilometers by renewing every year and is applicable from the date of purchase of car. *Honda SENSING is Honda's exclusive Advanced Driver Assistance System (ADAS). Honda SENSING cannot substitute human acumen and vigilance while driving Honda Cars India Limited urges drivers to follow traffic rules which are meant to keep them safe on roads. ^Honda Internal Data. Measured between front & rear tyres in 1G condition at kerb (unladen) weight. For more information, please visit our authorized dealership or www.hondacarindia.com. For corporate sales enquiry please write to corporatesales@hondacarindia.com

Highway Honda
Showroom: Cantonment Road Cuttack,
PH: 8657589226

Highway Honda
Showroom: NH-5, Plot No. 209,
Mirzapur Pani Koili, Distt., Jajpur, PH: 8657588901


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସିରିଜ କବ୍‌ଜା ଲକ୍ଷ୍ୟରେ ଭାରତ

ଜିକ୍ବେରା, ୧୮।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ଭାରତୀୟ କ୍ରିକେଟ ଦଳ ମଙ୍ଗଳବାର ଘରୋଇ ଦଳ ବିପକ୍ଷରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବ। ପ୍ରଥମ ମ୍ୟାଚ ୮ ଉଇକେଟରେ ଜିତିଥିବାରୁ ଦ୍ୱିତୀୟ ମ୍ୟାଚ ଜିତି ସିରିଜ ଆଗୁଆ କବ୍‌ଜା କରିନେବାକୁ ଚାହିଁବ। ଏହି ମ୍ୟାଚରେ ରଜତ ପଟିଦାର କିମ୍ବା ରିଙ୍କୁ ସିଂଙ୍କୁ ପଦାର୍ପଣ ସୁଯୋଗ ମିଳିପାରେ। ପ୍ରଥମ ମ୍ୟାଚରେ ଦୁଇ ଯୁବ ଖେଳାଳି ଅର୍ଶଦୀପ ସିଂ ଓ ଆଭେସ ଖାନ୍ ନିଖୁଣ ବୋଲିଂ କରିଥିଲେ, ଯାହାଫଳରେ ଭାରତ ଏକତରଫା ଭାବେ ମ୍ୟାଚ ଜିତି ନେଇଥିଲା। ଭାରତ ଆହୁରି ମଧ୍ୟ ଏହାର ଏକମାତ୍ର ରିଜର୍ଭ ଖେଳାଳି ଶ୍ରେୟସ ଆୟରଙ୍କୁ ସୁଯୋଗ ଦେଇପାରେ। କାରଣ ରବିବାର ଗେମ୍ ପରେ ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ଟେଷ୍ଟ ମ୍ୟାଚ 'ବକ୍ସିଂ ଡେ'ଠାରୁ ଆରମ୍ଭ ହେବ। ଏଥିଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଶ୍ରେୟସ ସ୍ଥାନ ପାଇଛନ୍ତି। ରିଙ୍କୁ ସିଂ ଇତିମଧ୍ୟରେ ତାଙ୍କର ଅନେକ ପ୍ରଶଂସକ ସୃଷ୍ଟି କରିସାରିଲେଣି। ସେମାନେ ବାମହାତୀ ବ୍ୟାଟରଙ୍କଠାରୁ ଆହୁରି ଅଧିକ ଆଶା କରୁଛନ୍ତି। ଉପମହାଦେଶ ତୁଳନାରେ ଦକ୍ଷିଣ ଆଫ୍ରିକା ପିଚ୍‌ଗୁଡ଼ିକ ବଲ୍ ଅଧିକ ବାଉନ୍ସ କରୁଛି। ରିଙ୍କୁଙ୍କ ଟେକ୍‌ନିକ୍ ଏଥିରେ ଭଲ କାମ କରୁଛି। ଅନ୍ୟପକ୍ଷରେ ପଟିଦାର ଏକ ବର୍ଷ ହେଲା ସଂଘର୍ଷ କରିଆସୁଛନ୍ତି। ଚଳିତ ବର୍ଷ ପ୍ରଥମ ଭାଗରେ ତାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି। ସୁସ୍ଥ ହେବା ପରେ ତାଙ୍କୁ ଦଳରେ ସ୍ଥାନ ମିଳିଛି। ରିଙ୍କୁ ୬ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଫିନିଶର ଦାୟିତ୍ୱ ତୁଲାଇପାରନ୍ତି। ୩୦ ବର୍ଷୀୟ ପଟିଦାର ତାଙ୍କ ରାଜ୍ୟ ଦଳ ମଧ୍ୟପ୍ରଦେଶ ତରଫରୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିଆସୁଛନ୍ତି। ରିଙ୍କୁଙ୍କୁ ଯଦି ୬ ନମ୍ବର ସ୍ଥାନରେ ଖେଳାଯାଏ ତେବେ ସଞ୍ଜୁ ସାମସନ ବାଦ୍‌ପଡ଼ିବେ। ସାମସନ ଅଧିନାୟକ କେ.ଏଲ. ରାହୁଲଙ୍କ ପଛକୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ବ୍ୟାଟିଂ କରୁଛନ୍ତି। ସେ ଆହୁରି ମଧ୍ୟ ଉଇକେଟକିପିଂ କରିପାରନ୍ତି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଦଳରୁ ବାହାର କରିବା ସହଜ ମନେହେଉ ନାହିଁ। ତେବେ ରିଙ୍କୁଙ୍କ ଲିଷ୍ଟ-ଏ' ରେକର୍ଡ (୫୦ ପାଖାପାଖି ଆଭରେଜ) ଯୋଗୁ ତାଙ୍କୁ ଦଳରେ ସ୍ଥାନ ଦେବା ଲାଗି ଟିମ୍ ମ୍ୟାନେଜେଣ୍ଟ ବାଧ ହୋଇପାରନ୍ତି। ଯଦି ଉଭୟ ରିଙ୍କୁ ଓ ପଟିଦାରଙ୍କୁ ଦଳରେ ସ୍ଥାନ ମିଳେ ତେବେ ତିଳକ ବର୍ମା ଦଳରୁ ବାଦ୍ ପଡ଼ିପାରନ୍ତି। କାରଣ ପ୍ରଥମ ଦିନିକିଆରେ ସେ କେବଳ ଦୁଇଟି ବଲ୍ ସାମ୍ନା କରିପାରିଛନ୍ତି। ଏହି ମ୍ୟାଚରେ କିନ୍ତୁ ବାମହାତୀ ଯୁବ ଓପନର ବି. ସାଇ ସୁଦର୍ଶନ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରି ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। କ୍ୱିଣ୍ଟନ ଡି' କକ୍‌ଙ୍କ ପରେ ତାଙ୍କ ସ୍ଥାନ କିଏ ପୂରଣ କରିବ ସେ ନେଇ ଚିନ୍ତାରେ ଅଛି ଦକ୍ଷିଣ ଆଫ୍ରିକା କ୍ରିକେଟ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୪ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍**

## ମୁମ୍ବାଇ ଟିମ୍‌ର ମାଲିକ ହେଲେ ଅମିତାଭ ବଚ୍ଚନ

ମୁମ୍ବାଇ, ୧୮।୧୨(ପି.ଟି.)

ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ସହିତ ସେ ସମ୍ପୃକ୍ତ ଥିବା କଥା କହିଛନ୍ତି ମେଗା ଫିଲ୍ମ ଷ୍ଟାର ଅମିତାଭ ବଚ୍ଚନ। ମୁମ୍ବାଇ ଟିମ୍‌ର ସେ ମାଲିକ ହୋଇଥିବା କହିଛନ୍ତି। ଆଇଏସ୍‌ପିଏଲ୍ ହେଉଛି ଭାରତର ପ୍ରଥମ ଟେନିସ ବଲ୍ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ। ଏହା ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥାଏ। ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ମୁମ୍ବାଇରେ ମାର୍ଚ୍ଚ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଏକ ଷ୍ଟାଡିୟମ ଭିତରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଦଳ ଯଥା ହାଇଦ୍ରାବାଦ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା ଓ ଶ୍ରୀନଗର ଭାଗ ନେବେ। ୮୧ ବର୍ଷୀୟ ବଚ୍ଚନ କହିଛନ୍ତି, ସେ ପ୍ରଥମ ଥର ଏକ ଲିଗ୍ ସହିତ ସମ୍ପୃକ୍ତ ହୋଇଛନ୍ତି। ନିକଟରେ ଅକ୍ଷୟ କୁମାର ଓ ହ୍ରିତିକ ରୋଶନ ଯଥାକ୍ରମେ ଶ୍ରୀନଗର ଓ ବେଙ୍ଗାଲୁରୁ ଟିମ୍‌ର ମାଲିକ ହୋଇଥିବା ବିଷୟ ଘୋଷଣା କରିଥିଲେ।

# ଚାହିଦାରେ ରାଚିନ, ଷ୍ଟାର୍କ, ଶାର୍ଦ୍ଦୂଳ

**ଆଜି ଆଇପିଏଲ୍ ମିନି ଅକ୍ସନ**

**■ ୩୩୩ ଖେଳାଳି ଶର୍ଟଲିଷ୍ଟ (୨୧୪ ଭାରତୀୟ ଓ ୧୧୯ ବିଦେଶୀ)**

ଦୁବାଇ, ୧୮।୧୨

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମିନି ଅକ୍ସନ (ଖେଳାଳି ନିଲାମ) ପ୍ରକ୍ରିୟା ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ଲିଗ୍ ଇତିହାସରେ ଏଥର ପ୍ରଥମଥର ପାଇଁ ଅକ୍ସନ ପ୍ରକ୍ରିୟା ବିଦେଶରେ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ର ଅନୁସାରେ ଅକ୍ସନ ପାଇଁ ମୋଟ ୧୧୬୬ ଖେଳାଳିଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩୩୩ ଖେଳାଳିଙ୍କ ନାମ ଶର୍ଟଲିଷ୍ଟ କରାଯାଇଛି। ଏମାନଙ୍କ ମଧ୍ୟରେ ୨୧୪ ଭାରତୀୟ ଓ ୧୧୯ ବିଦେଶୀ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧୬ କ୍ୟାପେଡ୍, ୨୧୫ ଅନ୍‌କ୍ୟାପେଡ ଓ ୨ ଆସୋସିଏଟ ଦେଶର ଖେଳାଳି। ୧୦ ଫ୍ରାଞ୍ଚାଇଜ୍ ଦଳ ନିକଟରେ ୭୭ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ଏହା ମଧ୍ୟରେ ୩୦ ବିଦେଶୀ ଖେଳାଳିଙ୍କ ପାଇଁ ରିଜର୍ଭ ରହିଛି। ମିନିଅକ୍ସନ ଅନେକ ସମୟରେ ଆଶ୍ଚର୍ଯ୍ୟ ଚକିତ କରିବା ଭଳି ହୋଇଥାଏ। କାରଣ ଅଳ୍ପ ଜଣାଶୁଣା ଖେଳାଳି ମଧ୍ୟ ହାଇ ଡିମାଣ୍ଡରେ ରହିଥାନ୍ତି। ବିଶେଷକରି କ୍ୱାଲିଟି ଭାରତୀୟ ଖେଳାଳି ଚାହିଦାରେ ରହିଥାନ୍ତି। ବିଭିନ୍ନ ଦଳର ଅକ୍ସନ କୌଶଳକୁ ନେଇ ଏହି ଉପସ୍ଥାପନା...



ରାଚିନ ରବୀନ୍ଦ୍ର

**ଚେନ୍ନାଇ ସୁପର କିଙ୍ଗ୍ସ**
**ବଳକା ଅର୍ଥ: ୩୧.୪ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ମନୀଷ ପାଣ୍ଡେ, ଜୋଶ୍ ହାଜେଲଉଡ୍‌ଙ୍କ ପରି ଖେଳାଳିଙ୍କ ପାଇଁ ଆଗ୍ରହ ଦେଖାଇପାରେ।

**ଦିଲ୍ଲୀ କ୍ୟାପିଟାଲ୍ସ**
**ବଳକା ଅର୍ଥ: ୨୮.୯୫ କୋଟି**
ଦିଲ୍ଲୀ କ୍ୟାପିଟାଲ୍ସ ପ୍ରିୟାଂଶ ଆର୍ଯ୍ୟ, ହର୍ଶଲ ପଟେଲ, ଶାର୍ଦ୍ଦୂଳ ଠାକୁର, ଜୋଶ୍ ଇଂଲିଶ୍ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ଦଳକୁ ଆଣିବାକୁ ଚେଷ୍ଟା କରିପାରେ।

**ଗୁଜରାଟ ଟାଇଟନ୍ସ**
**ବଳକା ଅର୍ଥ: ୩୮.୧୫ କୋଟି**
ଏହି ଦଳ ଶାର୍ଦ୍ଦୂଳ ଠାକୁର, ରାଚିନ ରବୀନ୍ଦ୍ର, ହାରିଲ ମିଚେଲ ଓ ଅଜମତୁଲ୍ଲା ଓମାରଜାଇଙ୍କ ପାଇଁ ଖେଳାଳିଙ୍କୁ କିଣିବାକୁ ଚେଷ୍ଟା କରିପାରେ।

**କୋଲକାତା ନାଇଟ ରାଇଡର୍ସ**
**ବଳକା ଅର୍ଥ: ୩୨.୭୦ କୋଟି**
କୋଲକାତା ଦଳ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ରାଚିନ ରବୀନ୍ଦ୍ର, ହର୍ଶଲ ପଟେଲଙ୍କ ଉପରେ ନଜର ରଖିବା ସମ୍ଭାବନା ରହିଛି।

**ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ**
**ବଳକା ଅର୍ଥ: ୧୩.୧୫ କୋଟି**
ସୁପର ଜାଏଣ୍ଟ୍ସ ଗେରାଲ୍ଡ କୋଜି, ଦିଲସାନ ମଦୁଶଙ୍କା, ଆଶୁତୋଷ ଶର୍ମାଙ୍କ ପରି ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ମୁମ୍ବାଇ ଇଣ୍ଡିଆନ୍ସ**
**ବଳକା ଅର୍ଥ: ୧୭.୭୫ କୋଟି**
ହସରଙ୍ଗାଙ୍କ ସମେତ ମନଭ ସୁଥର, ଆଶୁତୋଷ ଶର୍ମା ଓ ଦର୍ଶନ ମିସାଲଙ୍କ ଉପରେ ଏହି ଦଳର ନଜର ରହିବ।

**ସନ୍‌ରାଇଜର୍ସ ହାଇଦ୍ରାବାଦ**
**ବଳକା ଅର୍ଥ: ୩୪ କୋଟି**
ଏହି ଦଳରେ ଅଧିକ ଭାରତୀୟ ଖେଳାଳି ନ ଥିବାରୁ ଶାର୍ଦ୍ଦୂଳ ଓ ହର୍ଶଲ ଚାହିଦାରେ ରହିବେ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
**ବଳକା ଅର୍ଥ: ୨୩.୨୫ କୋଟି**
ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ମନଭ ସୁଥରଙ୍କ ପରି ଖେଳାଳିଙ୍କ ପ୍ରତି ଏହି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇବା ସମ୍ଭାବନା ରହିଛି।

**ପଞ୍ଜାବ କିଙ୍ଗ୍ସ**
**ବଳକା ଅର୍ଥ: ୨୯.୧୦ କୋଟି**
ଶାର୍ଦ୍ଦୂଳ ଓ ହର୍ଶଲଙ୍କ ସମେତ ରାଚିନ ରବୀନ୍ଦ୍ରଙ୍କ ଉପରେ ପଞ୍ଜାବ କିଙ୍ଗ୍ସ ନଜର ରଖିବା ସମ୍ଭାବନା ଅଧିକ ରହିବ।

**ରାଜସ୍ଥାନ ରୟାଲ୍ସ**
**ବଳକା ଅର୍ଥ: ୧୪.୫୦ କୋଟି**
ସମୀର ରିଜ୍‌ଭି, ସ୍ୱସ୍ତିକ ଚିକ୍କାରା, ଆଶୁତୋଷ ଶର୍ମା, ଅଭିମନ୍ୟୁ ସିଂ, ସୌରଭ ଚୌହାନଙ୍କ ପରି ଘରୋଇ ଖେଳାଳି ଏହି ଦଳର ଚାହିଦାରେ ରହିବା ସମ୍ଭାବନା ରହିଛି।

## ନବୀନ ଉଲ ହକ୍ ୨୦ ମାସ ବାସନ୍ଦ

ଦୁବାଇ, ୧୮।୧୨ (ପି.ଟି.)

ଆଫଗାନିସ୍ତାନ ପେସ୍ ବୋଲର ନବୀନ ଉଲ ହକ୍‌ଙ୍କୁ ଇଣ୍ଟରନ୍ୟାଶନାଲ ଲିଗ୍ ଟି୨୦ (ଆଇଏଲ୍-ଟି୨୦)ରୁ ୨୦ ମାସ ପାଇଁ ବାସନ୍ଦ କରାଯାଇଛି। ଶାରଜା ୱାରିୟର୍ସ ସହିତ ସେ କରିଥିବା ପ୍ଲେୟର ଏଗ୍ରିମେଣ୍ଟର ଖିଲାପ କରିଛନ୍ତି। ନବୀନ ଟୁର୍ନାମେଣ୍ଟର ଓପନିଂ ସିଜନ ପାଇଁ ୱାରିୟର୍ସ ସହିତ ଚୁକ୍ତି କରିଥିଲେ। ତାଙ୍କ ଚୁକ୍ତି ମିଆଦ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ମାତ୍ର ସେ ସିଜନ-୨ ପାଇଁ ରିଟେନଶସ ନୋଟିସ୍‌ରେ ସ୍ୱାକ୍ଷର କରିବାକୁ ମନା କରି ଦେଇଥିଲେ। ଏହି ବିବାଦରେ ହସ୍ତକ୍ଷେପ କରିବା ଲାଗି ଶାରଜା ୱାରିୟର୍ସ ଆଇଏଲଟି୨୦କୁ ନିବେଦନ କରିଥିଲା। ଜଣେ ସ୍ୱାଧୀନ ତୃତୀୟ ପକ୍ଷଙ୍କ ଦ୍ୱାରା ଏହି ବିବାଦର ସମାଧାନ ଚାହୁଁଥିଲା। କିନ୍ତୁ ମଧ୍ୟସ୍ଥତା ବିଫଳ ହୋଇଥିଲା। ଲିଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡେଭିଡ ହ୍ୱାଇଟଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଉଭୟ ପକ୍ଷଠାରୁ ପୃଥକ ପୃଥକ ଭାବେ ସେମାନଙ୍କ କଥା ଶୁଣିଥିଲା। ପ୍ରମାଣକୁ ପରୀକ୍ଷା କରି ଚୂଡ଼ାନ୍ତ ରାୟ ପ୍ରଦାନ କରିଥିଲା। ନବୀନଙ୍କୁ ୨୦ ମାସ ବାସନ୍ଦ କରିଥିଲା।

# ଗ୍ରୁପ୍ 'ଡି'ରେ ଓଡ଼ିଶା ଏଫ୍‌ସି

**କଳିଙ୍ଗ ସୁପର କପ୍ ଫୁଟ୍‌ବଲ**

ଭୁବନେଶ୍ୱର, ୧୮।୧୨
(ତପନ ସ୍ୱାଇଁ)

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ତଦନୁସାରେ ଗତଥରର ଚାମ୍ପିୟନ ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏଫ୍‌ସି ଗୋଆ, ବେଙ୍ଗାଲୁରୁ ଏଫ୍‌ସି ଏବଂ ଆଇ-ଲିଗ୍ କ୍ୱାଲିଫାୟର ବିଜେତା ଦଳ ଏହି ଗ୍ରୁପ୍‌ରେ ଖେଳିବେ। କଳିଙ୍ଗ ସୁପରକପ୍ ନାମରେ ନାମିତ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ୨୦୨୪ ଜାନୁୟାରୀ ୯ରୁ ୨୮ ପର୍ଯ୍ୟନ୍ତ ଓଡ଼ିଶାରେ ଅନୁଷ୍ଠିତ ହେବ। ମୋଟ ୪ଟି ଗ୍ରୁପ୍‌ରେ ୧୬ ଦଳକୁ ନେଇ ପ୍ରତିଯୋଗିତା ହେବ। ପ୍ରତି ଗ୍ରୁପ୍‌ରେ ଆଇଏସ୍‌ଏଲର ୩ ଓ ଆଇ-ଲିଗ୍‌ର ଗୋଟିଏ ଦଳ ଖେଳିବ। ପ୍ରତି ଗ୍ରୁପ୍‌ର ବିଜେତା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଗ୍ରୁପ୍ 'ଏ'ରେ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ, ହାଇଦ୍ରାବାଦ ଏଫ୍‌ସି, ଆଇ ଲିଗ୍-୧, ଗ୍ରୁପ୍ 'ବି'ରେ କେରଳ ବ୍ଲାଷ୍ଟର୍ସ, ନର୍ଥ ଇଷ୍ଟ ୟୁନାଇଟେଡ, ଜାମସେଦପୁର ଏଫ୍‌ସି, ଆଇ ଲିଗ୍-୨ ଏବଂ ଗ୍ରୁପ୍ 'ସି'ରେ ମୁମ୍ବାଇ ସିଟି ଏଫ୍‌ସି, ଚେନ୍ନାଇନ୍ , ପଞ୍ଜାବ ଏଫ୍‌ସି ଏବଂ ଆଇ ଲିଗ୍-୩ ଦଳ ସାମିଲ ରହିବ। କଳିଙ୍ଗ କପ୍ ଚାମ୍ପିୟନ ଦଳ ଏଏଫ୍‌ସି ୨୦୨୪-୨୫ ସିଜନର ଏସିଏଲ୍ ୨ ପ୍ରିଲିମିନାରି ଷ୍ଟେଜ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ପ୍ରତି କ୍ଲବକୁ ସର୍ବାଧିକ ୬ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ ପାଇଁ ଅନୁମତି ମିଳିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ